# ସଉଡ଼ିକା

ଲେଖକ—ଶ୍ରୀ ରାମପ୍ରସାଦ ସିଂହ

ପ୍ରଥମ ମୁଦ୍ରଣ
୧୯୪୭

ପ୍ରକାଶକ
ଶାରଦ୍ଧା ପ୍ରେସ
କଟକ

ଦେଢ଼ ଟଙ୍କା

# ଉତ୍ସର୍ଗ

ଉତ୍କଳର ସାରସ୍ୱତ-ମନ୍ଦିରର ଏକାଗ୍ର ଓ ଏକନିଷ୍ଠ ସାଧକ

**ଶ୍ରୀଯୁକ୍ତ ବାଳକୃଷ୍ଣ କର ମହାଶୟ**

ପୂଜନୀୟେଷୁ,

ନଟଣୀ ସହକର୍ମୀରୂପେ ୧୨ ବର୍ଷବ୍ୟାପୀ ଆପଣଙ୍କର ସାନ୍ନିଧ୍ୟ ଲାଭକରି ନିଜକୁ କୃତାର୍ଥ ମନେ କରୁଛି । ଦିନ ଯେତିକି ଯେତିକି ଯାଉଛି , ଅପଣଙ୍କ ଉଦାରତା, ମହାନୁଭବତା, ସହାନୁଭୂତିର ସେତିକି ପରିଚୟ ଲାଭ କରୁଛି; ଆପଣଙ୍କର ସାଧକ-ସୁଲଭ ବ୍ୟକ୍ତିତ୍ୱ ପ୍ରତି ମୋର ଭକ୍ତି ଓ ସମ୍ମାନ ସେତିକି ବୃଦ୍ଧି ପାଉଛି ।

ମୋର ସେହି ଭକ୍ତି ଓ ସମ୍ମାନର ସାମାନ୍ୟ ପ୍ରତୀକ ରୂପେ '**ମଣିଶାଳ**' କୃତି ଅପଣଙ୍କ ଉଦ୍ଦେଶ୍ୟରେ ଉତ୍ସୃଷ୍ଟ କଲି ।

ରଘୁନାଥନଗର
୨୨।୧୦।୫୪

ସ୍ନେହନମ୍ରମାନ୍ୟଭ
ଗୁରୁପ୍ରସାଦ

# ଏକ

—'ହୁଇସ୍କି, ବ୍ରାଣ୍ଡି, ରମ୍—କଣ ?'

—'କିଛି ନାହିଁ !'

—'ବିଲ୍‌କୁଲ୍ ଶୂନ୍, ଏକଦମ୍ ଶେଷ ! ତେବେ ଉପାୟ ?'

—'ଉପାୟ ? ଅଚଳ ଅବସ୍ଥା !'

—'ବୁଝେଇ ! ଅଚଳ ଅବସ୍ଥାରୁ ତୁଇ ଆଉନ୍ସ ଗିଳ ଦେଲେ ଆଖିରେ ଗୋଲାପୀ ଆଭା ଆସିବ ନାହିଁ, ମନଟାରେ ମଧ୍ୟ ଏହ୍ରିତ ସ୍ଫୂର୍ତ୍ତି ଜାଗିବ ନାହିଁ, ଏକଥାଟା ତ ବୁଝିବା ସହଜ ?'

—'ଅସଲ ଏଇଠି ଯେ, ଏଡ଼େ ବଡ଼ ସହରରେ ଏ ମାଲ୍ ବେମାଲୁମ୍ ।'

—'ଅରେ ଷ୍ଟେସନ ଅଡ୍ଡେ ଯାଇଥିଲୁ । ସେଠି କିଛୁ…'

—'ମିଲିଟେରୀଙ୍କ ପାଇଁ ସୁରକ୍ଷିତ—ରିକାର୍ଡ୍ । ସାଇକଲ୍ ଖଣ୍ଡ ଧରି ସମ୍ଭବ ଅସମ୍ଭବ କୌଣସି ସ୍ଥାନ ଖୋଜିବାରେ ବାକି ରଖି ନାହିଁ । ହତାଶ ! ନିରାଶ !'

—'ମିଲିଟେରୀଙ୍କ ପାଇଁ ସ୍ଥାନ ସଂରକ୍ଷିତ, ମଣିଷ ସୁରକ୍ଷିତ, ଜିନିଷ ସୁରକ୍ଷିତ—ଶେଷରେ ଜୀବନକୁ ଯେଉଁ ଜିନିଷଟି ରଙ୍ଗରେ ରଙ୍ଗୀନ କରିଦିଏ ସେ ଜିନିଷ ମଧ୍ୟ ସୁରକ୍ଷିତ । ଫ୍ରାନ୍ସ ଗଲା—ତା ସାଙ୍ଗେ ସାଙ୍ଗେ ସେରି, ବର୍ଗଣ୍ଡି, ସାମ୍ପେନ୍ ଗଲା; ଭୂମଧ୍ୟସାଗର କୂଳରେ ବନ୍ଦା ପଡ଼ିଲା—ହ୍ୱାଇଟହର୍ସ, ଓଲ୍ଡ୍‌ସ୍ମଗ୍ଲର୍, ପିଲ୍‌ସନାର ଏ ସବୁ ସମୁଦ୍ର ଆରପାରିରେ ଅଟକି ଗଲା । ସୌମୀ, ଡାକମ୍ୟସ୍ ଓ କାଲଭାସ ଅଣ୍ଡର ସହିତ ଲୋପ ପାଇଛି । ବର୍ତ୍ତମାନ—? ହୁ, ବଣ୍ଟି,

ପର୍ଶାର୍ ବେଶୀ ମାଲ୍ ? ଠିକ୍ ମନେ ପଡ଼ୁଲ୍ । ଘୋଟାଏ ଦାମ ଦର, ସାଲ୍‌ବେଲଟା ତେଲ ଚଉଡ଼ଳଅକୁ ଫଉଲ ଖାଁ ପାଖକୁ ପଠା—କୁଇଟା ଏବନମ୍ବର ବେଶୀ ମାଲ୍ ।”

ଭୁବନ ଚୈତନ୍ୟକୁ ଖବର ଦେବାପାଇଁ ତଳ ମହଲକୁ ଓହ୍ଲାଇ ଗଲ୍; ସୁବୋଧ ଖଟ ଉପରେ ପଡ଼ ପଡ଼ ‘ହ୍ୱା ଉଅଲ୍ଡ଼ ଅର୍ଡର’ ବହି ଖଣ୍ଡିକ ଦେଖୁରେ ମନୋନିବେଶ କଲ୍ ।

ସୁବୋଧ ମନେ ମନେ ଠିକ୍ କରି ନେଇଛି, ସେ ତା ଜୀବନଟାକୁ ଅକାରଣେ ପାଇଛି, ଅକାରଣେ ଉଡ଼ାଇଦେବ । ଜୀବନଟା ବୃଥା ନୁହେଁ, ଗୋଟାଏ ଅତି ମହାନ୍ ଉଦ୍ଦେଶ୍ୟ ସାଧନ ନିମିତ୍ତ ମନୁଷ୍ୟର ଜନ୍ମ—ଏପରି କଥା ଶୁଣିଲେ ସେ ହସି ହସି କହେ, ହୋଇପାଏ; କହେ, ବୁଲିଶିଟର କୁଣ୍ଡଳୀକୃତ ଧୂଆଁ ଭିତରୁ ଏ ସବୁ ତତ୍ତ୍ୱର ଜନ୍ମ । ନିଜ ପାଇଁ ନିଜେ ବ୍ୟବହାର ଶକ୍ତି ଯେଉଁମାନଙ୍କର ନାହିଁ, ଅଜୀବନ ନାବାଳକ ଅବସ୍ଥାରେ ରହିବା ପାଇଁ ଯେଉଁମାନେ ବଦ୍ଧପରିକର, ସେଇମାନେ ହିଁ କେବଳ ଏ ସବୁ କଥାରେ ବିଶ୍ୱାସ କରିବେ । କେହି କେବେ ଖୋଜି ଲୋଡ଼ି ନିଜ ଜୀବନକୁ ପାଏ ନାହିଁ, ଜୀବନ ସାଧ୍ୟ-ସାଧନାର ଧନ ନୁହେଁ; ଯେପରି ଅକାରଣରେ ତାହା ଆସେ, ସେହି-ପରି ଅକାରଣରେ ଦିନେ କୁଆଡ଼େ ଉଭେଇ ଯାଏ । ଜୀବନର ସାର୍ଥକତା ଥାଏ କେବଳ ଅବାଧ ଉପଭୋଗରେ । ଜୀବନକୁ ସେ ଯେତେ ଉପଭୋଗ କରିଛି, ଜୀବନଠାରୁ ସେ ଯେତେ କାରଣ ଅକାରଣ କରି ପାରିଛି, ନିଜକୁ ସେ ସେତେ ସୁଖୀ କରି ପାରିଛି । ସେଥିପାଇଁ ସେ ଠିକ୍ କରିଛି, ଜୀବନଟାକୁ ସେ ଗୀତ ଗାଇ ଶେଷ କରି ଦେବ । ସେ କହେ; ‘ନିଃସହାୟ ଶିଶୁର କ୍ରନ୍ଦନ ଭିତରେ ଯାହାର ଆରମ୍ଭ, ବଂଶୀ-ସ୍ୱନର ଅମୀୟ ଲହରୀ ଭିତରେ ତାର ଶେଷ ହେବା ଉଚିତ ।’

ଏହି ବହୁମୂଲ୍ୟ ତତ୍ତ୍ୱ କେଉଁ ଏକ ସୁପ୍ରଭାତରେ ତାହାର ଧାରଣା ଭିତରେ ରୂପ ଗ୍ରହଣ କଲା, ସେ ଖବର କୌଣସି ଦିନ ସୁବୋଧ ଲୋଡ଼ି ନାହିଁ ନିଜ ପାଖରୁ ବା ଅନ୍ୟ କେହି ତା ପାଖରୁ

ଖୋଜି ନାହାନ୍ତି; କିନ୍ତୁ ଏହାର ଫଳ ଅତି କରୁଣ ଭାବରେ ତା ଜୀବନର ସମୁଦାୟ ସ୍ତରରେ ଆତ୍ମପ୍ରକାଶ କରିଥିଲା । ସେ ଆନନ୍ଦ ପାଇବାର ଯେତେ ସୁବିଧା ଖୋଜିଛି, ସେତେ ସୁବିଧା ତା ସମ୍ମୁଖରେ ଆସି ପହଞ୍ଚିଯାଇଛି । ସେ ଦେଖିଛି, ମନୁଷ୍ୟ ଯେଉଁଥିରେ ଆନନ୍ଦ ଖୋଜେ, ଯେଉଁ ସବୁ ବିଷୟରେ ଆନନ୍ଦ ଅଛି ଭାବେ, ସେ ସବୁଥିରେ ଆନନ୍ଦ ଥାଏ ନାହିଁ—ଥାଏ ଆନନ୍ଦର ଗୋଟାଏ ମୋହ; ସେହି ମୋହକୁ ଧରି ଆନନ୍ଦ ଉପଭୋଗ କରିବାର କସରତ୍ କରିବାକୁ ପଡ଼େ, ଇତରବସ୍ତୁ ନିଜ ପାଖରେ କୈଫିୟତ୍ ଦେବାକୁ ପଡ଼େ ଯେ, ହଁ ସେ ଆନନ୍ଦ ଉପଭୋଗ କରୁଛି । ଏହା ତ ଆନନ୍ଦ ନୁହେଁ—ଏହା ଆନନ୍ଦର ବିକଟ ବିଡ଼ମ୍ବନା, ଆନନ୍ଦ ପ୍ରତି ଏହା ବିକୃତ ବ୍ୟଙ୍ଗ । ଯେଉଁଥିରେ ପ୍ରାଣ ଛଏଁ ଛଏଁ ମାତି ଉଠେ, ଶରୀରର ପ୍ରତି ଅଣୁ ଛଏ ଛଏଁ ନାଚି ଉଠେ, ରକ୍ତସ୍ରୋତର ପ୍ରତି କଣିକାରେ ଆନନ୍ଦର ଢେଉ ଉଠେ, ମନର ପ୍ରତ୍ୟେକ କଣ ବନ୍ୟାର ପ୍ଲାବନ ପରି କଣାଏ କଣାଏ ପୁଷ୍ଟ ହୋଇ ଉଠେ, ତାହା ହିଁ ଆନନ୍ଦ—ପ୍ରକୃତ ଆନନ୍ଦ । ଯେଉଁ ଆନନ୍ଦ ଉପଭୋଗ ପରେ ମୁହଁରେ ଗୋଟାଏ ବିକୃତ ବିସ୍ୱାଦ, ମନରେ ଗୋଟାଏ ଗ୍ଲାନିର ତିକ୍ତତା, ସ୍ମୃତିରେ ଗୋଟାଏ ଅସଞ୍ଜତ କାଳିମାର ଦାଗ ପଡିଯାଏ, ତାହା ତ ଆନନ୍ଦ ନୁହେଁ, ତାହାକୁ ତ ଆନନ୍ଦ ବୋଲି କୁହା-ଯାଇ ପାରିବ ନାହିଁ । ପ୍ରଦୋଷର ଚିର-ଜାଗ୍ରତ ମନ ଅନୁଭୂତିର ବାସ୍ତବତା ଭିତରେ ଯେଉଁ ଦିନୁ ଏ କଥାଟି ଆବିଷ୍କାର କଲା, ସେହି ଦିନୁ ସେ ଜୀବନର ଧରାବନ୍ଧା ପନ୍ଥା ଛାଡିଦେଇଛି । ସେ ବୁଝିଛି, ଯେଉଁ ବାଟ ଶତ-ସହସ୍ର ଲୋକର ପାଦର ମଡ଼ାରେ ମସୃଣ ହୋଇଯାଇଛି, ସେ ବାଟ ସୁଗମ ହୋଇପାରେ, ସେ ବାଟରେ ଚାଲିବା ସହଜ ହୋଇ ପାରେ, ସେ ବାଟ ସିଧା-ସଳଖ ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇ ଦେବ ସତ; କିନ୍ତୁ ସେ ବାଟରେ ଚାଲିବାର ନୂତନତା ନାହିଁ, ସେଥିରେ ନୂଆ ବାଟ କାଟିବାର ବିପଦ ନାହିଁ, —ନୂତନତାର ଆନନ୍ଦ ନାହିଁ । ସେ ବାଟରେ ଗଲେ ଅନିଶ୍ଚିତତା ସହିତ ପଦେ ପଦେ ଲଢ଼େଇ କରିବାକୁ ପଡ଼େ ନାହିଁ—ସେଥିପାଇଁ

ସେଥିରେ ବିଜୟର ଆନନ୍ଦ ମଧ୍ୟ ଥାଏ ନାହିଁ । ବରଂ ସହଜ ତୃପ୍ତି-ଟିଏ ଯେ ନ ରହେ, ସେ କହେ ନାହିଁ, ବହିବାର ଆନନ୍ଦ ସେ କୌଣସି ଦିନ ଉପଭୋଗ କରେ ନାହିଁ ; ବହୁମୂନା ବୋଝ ମୁଣ୍ଡରେ ବହି ବୁଲିବା ପରି ସେ ସାରାଜୀବନ ବୋଝଟାକୁ ମୁଣ୍ଡାଇ ବୁଲୁଥିବେ ଦେଉଛି ଦିନ କଟାଇ ଦିଏ ମାତ୍ର । ତାର ଜୀବନ ଖଟୁଲି ଉପରେ ଯତ୍ନରେ ସାଇତା ହୋଇଥିବା, ନିତି ଫୁଲ-ଚନ୍ଦନରେ ପୂଜା ପାଉଥିବା ଶାଳଗ୍ରାମ ପରି; ସେଥିରେ ନଦୀ ସ୍ରୋତରେ ଗଡ଼ି ବୁଲୁଥିବା ବାଲିଗରଡ଼ାର ନୂତନତା ନାହିଁ, ଚଞ୍ଚଳତା ନାହିଁ । ଶାଳଗ୍ରାମକୁ ବନ୍ଦୀବତ କରାଯାଏ—ପବିତ୍ର ମନେ କରାଯାଏ; ସେଇଠାରେ ହିଁ ତାର ଶେଷ ସମାଧି; ଅଥଚ ବାଲିଗରଡ଼ା—ତାକୁ ସ୍ରୋତରେ ବହି ନିଆଯାଏ; କିନ୍ତୁ ସେ ନିତ୍ୟ ନୂତନ ସ୍ରୋତର ବେଗ ସହିତ ଗତି କରି, ନିତି ନୂତନ ରାଜ୍ୟର ଦୃଶ୍ୟବୈଚିତ୍ର୍ୟ-ପୂର୍ଣ୍ଣ ବାଲୁକା ପଥର ମସୃଣତା ଅନୁଭବ କରି, ନିତି ନୂତନ ବେଶ ଗ୍ରହଣ କରି ବୁଲିଥାଏ ଆଗକୁ—ଆହୁରି ଆଗକୁ । ଅସୀମ ସମୁଦ୍ରର ଅନ୍ଧକାରମୟ ତଳଦେଶରେ ତାର ସ୍ଥାନ ହେବ କି ତରଙ୍ଗ ବିକ୍ଷିପ୍ତ ହୋଇ ବେଳାଭୂମିର ବାଲୁକା-ରାଶିରେ ଅଜ୍ଞାତ ପରିତ୍ୟକ୍ତ ଅବସ୍ଥାରେ ତାହା ପଡ଼ିରହିବ, ସେ ଚିନ୍ତା ତ ତାର ଥାଏ ନାହିଁ । ଶାଳଗ୍ରାମ ଶିଳାର ଶେଷ ଇତିହାସ ହିଁ ସେହି ଶାଳଗ୍ରାମ ଶିଳା—ଠିକ୍ ଯେପରି ମିଶର ଦେଶର ଡଓପ୍ ପିରାମିଡ଼ର ଇତିହାସ ସେହି ପିରାମିଡ଼ ବା ଆମ ଦେଶର ଭୁବନେଶ୍ୱର ମନ୍ଦିରର ଶେଷ ଇତିହାସ ସେହି ମନ୍ଦିର । ଏସବୁଡ଼ିକର ଅସ୍ତିତ୍ୱ ଥିଲେହିଁ ଏମାନଙ୍କର ସମ୍ଭାବନାର ଶେଷ ସମାଧି ହୋଇ ଯାଇଛି; କିନ୍ତୁ ଜଙ୍ଗଲର ଗହଳି ବଣବୁଦା ଭିତରେ, କେଉଁଠି ବା ମାଟି ତଳେ ଯେଉଁ ପଥରଖଣ୍ଡ ଖଣ୍ଡ ଖଣ୍ଡ ହୋଇ ପଡ଼ିଛି ବା ଲୁଚି ରହିଛି—ତାର ଖବର କିଏ ରଖେ ?—କିନ୍ତୁ ତାହାର ଭିତରେ ତ ଲୁଚି ରହିଛି ଅସୀମ ସମ୍ଭାବନା, ଅନାଗତ ଇତିହାସର ଅସରନ୍ତି କାହାଣୀ । କିଏ ଜାଣେ ସେଥିରେ ତାଜମହଲଠାରୁ ଶତଗୁଣ ସୁନ୍ଦର, କୋଣାର୍କଠାରୁ ସହସ୍ରଗୁଣ ଗରିମାମୟ, ପିରାମିଡ଼ଠାରୁ ବହୁ ଗୁଣ ବିରାଟ ସୌଧ ଗଠିତ ନ ହେବ ?

ଏହି ସବୁ ବର୍ଣ୍ଣନ-ଚକ୍ଷୁ ଅବସ୍ଥାର ଭିତର ପ୍ରଦୋଷ ଏପରି ଭାବରେ ତାର ଜୀବନ ଗଢ଼ିଛି, ଯାହା ତୁମ ଆମ ସହିତ କୌଣସି କ୍ରମେ ଖାପ ଖାଇବ ନାହିଁ । ସେ ମଦ ପିଏ, ସୀତାର ବଜାଏ, କବିତା ଲେଖେ—ଆଉ ମନୁଷ୍ୟର ଦୁଃଖ ତାକୁ ବିଚଳିତ କରି ପକାଏ; ଗରିବଟାଏ ହେଉ, ବାଟର ଭିକାରିଟାଏ ହେଉ, ତା ଉପରେ ଅନ୍ୟାୟ ବା ଅତ୍ୟାଚାର ଦେଖିଲେ ସେ ଉତ୍କ୍ଷିପ୍ତ ହୋଇଉଠେ ।

ସେ କହେ, 'ମୋର ପୂର୍ବପୁରୁଷମାନେ—ସାଧୁ ବା ଅସାଧୁ କେଉଁ ଉପାୟରେ ମୁଁ ଜାଣିଣେ ନା—ଏମ ସମ୍ପତ୍ତିର ମୂଳଦୁଆ ଗଢ଼ି ଯାଇଥିଲେ । ମୋର ଗୋସେଇଁ ବାପ ଯେଉଁ ଉପାୟରେ ତାକୁ ବଢ଼ାଇଲେ, ତାକୁ ତ ମୁଁ କୌଣସିକ୍ରମେ ଶ୍ରେୟସ୍କର ପନ୍ଥା ବୋଲି ସ୍ୱୀକାର କରି ପାରିବି ନାହିଁ । ତାଙ୍କ ପରେ ବାପାଙ୍କ ଅମଲରେ ତାହା ଆଶାତୀତ ଭାବରେ ବଢ଼ିଗଲା । ବାପା କହୁଥିଲେ, ସେ ମୋ ପାଇଁ ଏ ସବୁ ସଞ୍ଚିତ କରି ରଖି ଯାଉଛନ୍ତି । ଯେଉଁଦିନ ହଠାତ୍ ସେ ଆଖି ବୁଜିଦେଲେ, ସେହିଦିନ ଯାଇ ତାଙ୍କର ସଞ୍ଚୟ କାମ ସରିଲା । କୌଣସି ଦିନ ତ ମୁଁ ଭୁଲି ପାରୁ ନାହିଁ ଯେ, ଏ ସମ୍ପତ୍ତି ସହିତ ଦୁଃଖୀର ଅଶ୍ରୁ, ଆର୍ତ୍ତର ଅଭିଶାପ, ଉତ୍ପୀଡ଼ିତର ଦୀର୍ଘଶ୍ୱାସ ମିଶି ରହି ନାହିଁ ? କୌଣସି ଦିନ ମୁଁ ନିଜକୁ ବୁଝାଇ ପାରୁ ନାହିଁ ଯେ, ଏ ସମ୍ପତ୍ତିରେ ମୁଁ ଏକାଏକ ମାଲିକ, ମୋର କାହାରି ପ୍ରତି କୌଣସି ଦାୟିତ୍ୱ ନାହିଁ—ମୋର ଯାହା ଖୁସି ତାହା କରିପାରେ । ନା, ଏସବୁ ବିଷୟକୁ ଭାବିବାକୁ ଗଲେ କେଉଁଠାରେ ଗୋଳମାଳ ହୋଇଯାଏ; ସେ ସବୁ ଆଉ ଭାବେ ନା । ଭାବେ, ହଠାତ୍ ବାଟେ କଡ଼ରୁ ମୋତେ ଲକ୍ଷ ଲକ୍ଷ ଟଙ୍କା ଆଉ ତାର ଭଲ ମନ୍ଦ କରିବାର ସମ୍ଭାବନା ମିଳିଯାଇଛି । ମୁଁ ଦୁଇ ହାତରେ ତାକୁ ଖରଚ କରିବି, ବାଣ୍ଟିବି, ବହିବି—ଧୂଳି ମୁଠାକ ପରି ଉଡ଼ାଇ ଦେବି । ମୁଁ ଶେଷ ହେବା ସଙ୍ଗେ ସଙ୍ଗେ ଏହା ମଧ୍ୟ ଶେଷ ହୋଇଯିବ ।"

ଭୁବନ ଏହାର ଅର୍ଥ ବୁଝିପାରେ ନାହିଁ । ସେ କହେ, 'ବୈରାଗ୍ୟ ଲାଗିଲା ତୋତେ ରେ ପ୍ରଦୋଷ—ବୈରାଗ୍ୟ !'

ପ୍ରବୋଧ ପଚାରି ଉଠେ, 'ବୈରାଗ୍ୟ ! ଭଣ୍ଡାମୀ ! ନା—ତେବେ ତୁମେ, ତେବେ ହୋଇପାରେ ନା !'

—'ସମ୍ପତ୍ତି ଯଦି ପରର ବୋଲି ମନେ ହେଉଛି, ଯଦି ବୋଝ ବୋଧ ହେଉଛି, ତେବେ ଦୁଃଖୀଙ୍କୁ ତାହା ବାଣ୍ଟିଦେଲେ ତ ସରିବ; ସତ୍‌କାର୍ଯ୍ୟରେ ଲାଗିବ !'

—'ସତ୍‌କାର୍ଯ୍ୟରେ ଲାଗିବ ?' ପ୍ରବୋଧ ହସିଉଠେ—'ଏ ସବୁକୁ ନେଇ ସେମାନେ କରିବେ କଅଣ ? ତାହାର ତଣ୍ଟି ଚାପିବେ, ତାହାର ରକ୍ତ ଶୋଷିବେ, ଅନୁରୂପ ଅଧିକ ସମ୍ପତ୍ତି ବଢ଼ାଇବା ପାଇଁ ସେମାନେ ଲାଗିପଡ଼ିବେ । ସେମାନେ ଦୁଃଖୀ ଅଛନ୍ତି—ଅଭିଶପ୍ତ ହୋଇ ରହିବେ ! ଗୋଟାଏ ଅଦ୍ଭୁତ ସେମାନଙ୍କ ଦୁଃଖ କମି ଆଉ ଶହ ଅନ୍ୟେ ବଢ଼ିଯିବ । ଆଜି ସେମାନଙ୍କ ପ୍ରତି ତୁମର ଦୟା ଅଛି, ସମବେଦନା ଅଛି—ତାକୁ ଥିବ ଘୃଣା, ତାଚ୍ଛଲ୍ୟ, ଈର୍ଷ୍ୟା—ବୁଝିଲୁ ! ଜମିଦାର ବୋଇଁ ବଂଶଧର ସୃଷ୍ଟି ପାଇଛି, ଜମିଦାରେ ହିଁ ତାର ପ୍ରାୟଶ୍ଚିତ୍ତ ହେବ ।—ଆସ, ଆଜି ସଞ୍ଜ ପରେ କିଛିଏ ସଙ୍ଗୀତର ଆସର ଜମୁ ।'

—'କେଉଁଠି ? ଏଠି ନା ମହାମାୟାଙ୍କ ମନ୍ଦିରରେ ?'

—'ସେଇଁଠି ସୁବିଧା ।'

## ଦୁଇ

ସନ୍ଧ୍ୟା ଅତୀତ ହେବା ଉପରେ । କୃଷ୍ଣଚନ୍ଦ୍ର ବାବୁଙ୍କ ଘର ଅଗଣାରେ ଝରିଥିଲି ଅଗଣାଏ ଶୁଭ୍ର ସ୍ୱଚ୍ଛ ଜ୍ୟୋସ୍ନା । ଘରେ ବସି ସେ ସନ୍ଧ୍ୟା କରୁଥିଲେ ।

ସାମନାରେ ଖଣ୍ଡେ ଖଟୁଲି; ତା ଉପରେ ଗୀତା ଓ ଭାଗବତକୁ ଥାଏ; ତଳରେ ଗୋଟାଏ ପିତଳ ବୁଖାରେ ଧୂପକାଠିଏ ମିଟିମିଟି ହୋଇ ଜଳୁଛି । କୃଷ୍ଣଚନ୍ଦ୍ର ବାବୁଙ୍କ ହାତରେ ଝୁଲି । ତର୍ଜନୀ ଛଡ଼ା ସମୁଦାୟ ହାତଟା ଝୁଲି ଗର୍ଭରେ ଅଦୃଶ୍ୟ ହୋଇଯାଇଛି; ଝୁଲି ଭିତରେ ଲୋକଲୋଚନ ଅଗୋଚରରେ ସେ ମାଳ ଗଡ଼ାଉଛନ୍ତି; ତାର ଉପସ୍ଥିତି ମାତ୍ର ଜଣାପଡ଼ୁଛି ଝୁଲିର ଉପର ଲୁଗାର କମ୍ପନ ଦ୍ୱାରା ।

ତାହାକୁ ସ୍ୱତର ଟୋକା ଆସି ଖବର ଦେଲା, 'ମୋକ୍ତାର ବାବୁ ଖବର ଦେଲେ ।'

ମାଳ ଗଡ଼ବା ବନ୍ଦ ହୋଇଗଲା । କୃଷ୍ଣଚନ୍ଦ୍ର ବାବୁ କହିଲେ, 'ଗୋରଧାର ମହକିଲମାନେ ଆସିଛନ୍ତି ? ହଉ, ଯା, କହି ଦେ ବାବୁ ଆସୁଛନ୍ତି ।'

ମେଲ୍ ଟ୍ରେନ୍ ଘଣ୍ଟରେ ମାଳ ଘଣ୍ଟ ଘୁଞ୍ଚିଲା । ଦୁଇମିନିଟ୍ ଭିତରେ କୃଷ୍ଣଚନ୍ଦ୍ର ବାବୁ ମାଳଙ୍କୁ ଭକ୍ତି ମୁଣ୍ଡରେ ଠେକାଇ, ତଳେ ଗୋଟାଏ ମୁଣ୍ଡିଆ ମାରି, ଡାମିକ ଖଣ୍ଡ ବେକରେ ଗଳାଇ ବଇଠକ ଘରେ ଉପସ୍ଥିତ ହୋଇଗଲେ ।

ଖଟୁଲି ପାଖର ଘାପଟି ଭଳିସମସ୍ତ ମିଟିମିଟି ହୋଇ ଜଳିଲା; ଗର୍ଭର ତେଲ ସରିଲା, ଦପ୍ ଦପ୍ ଥରେ ଜଳିଉଠି ଲିଭିଗଲା—ଖଟୁଲି ଓ ତାହାରି ସହିତ ଗୀତା-ଭାଗବତପୁସ୍ତକ ଦୋଠରର ଅନ୍ଧକାର ଗର୍ଭରେ ଲୁଚିଗଲେ ।

ଦୁଇ ତିନି ବର୍ଷ ହେବ କୃଷ୍ଣଚନ୍ଦ୍ର ବାବୁ ଓକାଲତି ଆରମ୍ଭ କରିଛନ୍ତି; କିନ୍ତୁ ଏହି ଅଳ୍ପ ସମୟ ଭିତରେ ତାଙ୍କର ପସାର ଏତେ ବଢ଼ି ଯାଇଛି ଯେ, ଓକିଲ ମହଲର ଅନେକ ଦଶବର୍ଷିଆ ଓକିଲଙ୍କ ଈର୍ଷାପୂର୍ଣ୍ଣ ଦୃଷ୍ଟି ତାଙ୍କ ଆଡ଼ୁ ଉପରକୁ ଟାଣି ହୋଇଆସିଛି; ତାଙ୍କ ସ୍ତ୍ରୀ ହେମବତୀ ମଧ୍ୟ ତାଙ୍କୁ ସମସ୍ତ ସମ୍ମୁଖରେ ପ୍ରଶଂସାର ଇଙ୍ଗିତ କରି ଦେଉଛନ୍ତି । ତାର କାରଣ ଅଛି । ସବୁ ଓକିଲ ତ ଆଇନ ପଢ଼ନ୍ତି—ଆଇନର ବ୍ୟବହାର, ଆଇନର ଅର୍ଥ, କଦର୍ଥ ଓ ଅନର୍ଥକ ସମସ୍ତେ କରି-ପାରନ୍ତି; କିନ୍ତୁ ନିଷ୍ଠ ସତକୁ ତାହା ମିଛ, ତାହା ମିଛକୁ ନିଷ୍ଠ ସତ୍ୟରେ ପରିଣତ କରିବାର ଯେଉଁ କୌଶଳ ସେଥିରେ କେତେ ଜଣ ଧୁରନ୍ଧର ହୋଇପାରନ୍ତି ? ନାନା ପ୍ରକାର କୂଟବୁଦ୍ଧି ଖରଚ କରି ମହାଜନ ହୋଇଥିଲେ ଖାତକର, ଖାତକ ହୋଇଥିଲେ ମହାଜନର ସର୍ବନାଶ କେତେ ଜଣ କରି ପାରନ୍ତି ? କୁଳର ସ୍ତ୍ରୀକୁ ବେଶ୍ୟାଙ୍ଗନା ବୋଲି ପ୍ରମାଣିତ କରିବାର ଅକାଟ୍ୟ ବ୍ୟବସ୍ଥା ଓ ତାର ଯୋଗାଡ଼ କେତେ ଜଣ ଆଇନ-ବ୍ୟବସାୟୀଙ୍କ ଦ୍ୱାରା ସମ୍ଭବ ? ଏସବୁ କଥାରେ କୃଷ୍ଣଚନ୍ଦ୍ର ବାବୁ

ଏଇ ଦୁଇ ତିନ ବର୍ଷ ମଧ୍ୟରେ ଏପରି ବାହାଦୁରୀ, ଏପରି ଦକ୍ଷତା ଦେଖାଇଛନ୍ତି ଯେ, ମହ୍ଫିଲ ମହଲରେ ଏ ବୟସରେ ତାଙ୍କର ଗୋଟାଏ ନାମ କ୍ରମେ କ୍ରମେ ହୋଇ ଆସୁଛି ଓ ସେହି ଅନୁପାତରେ ତାଙ୍କର ବ୍ୟବସାୟ ମଧ୍ୟ ବୃଦ୍ଧି ଲାଭ କରୁଛି ।

କୃଷ୍ଣଚନ୍ଦ୍ର ବାବୁ ନିଜକୁ ପରମ ବୈଷ୍ଣବ ମନେ କରନ୍ତି । ଗଳାରେ ଦୁଇ ପାଞ୍ଚ ଗୋଛ ବଡ଼ବଡ଼ା ତୁଳସୀ ମାଳ, ନାସାଗ୍ରଂ ଶେଷ ପର୍ଯ୍ୟନ୍ତଂ ହରିମନ୍ଦିରର ତିଳକ ଚନ୍ଦନର ଧଡ଼ାକଡ଼ା ଉପରେ ମଧ୍ୟ ଅଭ୍ରାନ୍ତ ଓ ସ୍ପଷ୍ଟ ଭାବରେ ଦୃଶ୍ୟମାନ ଥାଇ କୃଷ୍ଣଚନ୍ଦ୍ର ବାବୁଙ୍କୁ ଧାର୍ମିକ ବୋଲି ପ୍ରମାଣିତ କରିଥାଏ । ସେ ନିଜେ ମଧ୍ୟ ନିଜକୁ ସେହି ଦୃଷ୍ଟିରେ ଦେଖାଇବାର କୌଣସି ସୁବିଧା ବା ସୁଯୋଗକୁ ଅବ୍ୟାହତ କରନ୍ତି ନାହିଁ । ପକେଟରେ ମାଳ ଝୁଲି ନେଇ ବାର୍ ଲାଇବ୍ରେରିର ଗୋଟାଏ କୋଣରେ — ଯେଉଁଠାରେ ସହଜରେ ସମସ୍ତଙ୍କର ଦୃଷ୍ଟି ପଡ଼ିବ, ସେପରି ସ୍ଥାନରେ — ବସି ସେ ଓକାଲତି ବ୍ୟବସାୟର ଫାଙ୍କରେ ଫାଙ୍କରେ ମାଳ ଗଡ଼ାଉଥିଲେ । ସେତେବେଳେ ମାମଲା-ମକଦ୍ଦମା ତାଙ୍କ ହାତରେ ଆଦୌ ନ ଥିଲା; କିନ୍ତୁ ବାର୍‌ର ଛୋଟା ଓକିଲଙ୍କ ବ୍ୟଙ୍ଗ-ବିଦ୍ରୂପ, ହାସ୍ୟ-ପରିହାସ ଫଳରେ ହେଉ ବା କ୍ରମେ କ୍ରମେ ମକ୍କେଲ ଜମିବା ଦ୍ୱାରା ସମୟ ଅଭାବ ହେବା ଯୋଗୁଁ ହେଉ, କୃଷ୍ଣଚନ୍ଦ୍ର ବାବୁ ସେ ସାଧନାଟା ବାଦ ଦେଲେ । ତଥାପି ସମୟ ମିଳିଲେ ମଧ୍ୟ ବାର ଲାଇବ୍ରେରୀରେ ସେ କୌଣସି ଧାର୍ମିକ କଥାବାର୍ତ୍ତାରେ ଯୋଗ ଦିଅନ୍ତି ନାହିଁ; ଯୋଗଦେଲେ ତାକୁ ଧର୍ମ ଭିତରକୁ ଟାଣି ନେଇ ଯିବାର ଉଦ୍ୟମ କରନ୍ତି ଏବଂ ସଙ୍ଗେ ସଙ୍ଗେ ଚୈତନ୍ୟଚରିତାମୃତରୁ କୋଟେସନ୍ ଦେଇ ସବୁହିଁ କୃଷ୍ଣମୟ, କୃଷ୍ଣ-ନାମ ସାର ବୋଲି ବାରମ୍ବାର ପ୍ରତିପାଦନ କରିବାର ଚେଷ୍ଟା କରନ୍ତି । ଏହାଦ୍ୱାରା ଅବଶ୍ୟ ଓକିଲ ମହଲରେ ହାସ୍ୟର ବିସ୍ଫୋରକ ବୋମା ଫାଟେ; କିନ୍ତୁ ସେ ସବୁକୁ ଦୃଷ୍ଟି ଦେବା କୃଷ୍ଣଚନ୍ଦ୍ର ବାବୁଙ୍କର କୌଣସି ଦିନ ଅଭ୍ୟାସ ନୁହେଁ; ମକ୍କେଲ ମହଲରେ ଏହାର ଯେ ପ୍ରଭାବ ପଡ଼େ, ଏହାହିଁ ତାଙ୍କର ଭାବନାର ବିଷୟ । ଫଳ ଏହାହିଁ ହୋଇଛି

ଯେ, ସେ ଜଣେ ଧାମକ ଓକିଲ ବୋଲି ମୋକ୍ତାରର ମହଲ, ସେମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇ ମାମଲତକାର ଶ୍ରେଣୀ ଏବଂ ସେମାନଙ୍କ ଦ୍ୱାରା ନାନା ଭାବରେ ଚାଳିତ ହୋଇ ମହକିଲମାନଙ୍କ ମଧ୍ୟରେ ତାହା କ୍ରମେ କ୍ରମେ ଏକପ୍ରକାର ବିଶ୍ୱାସରେ ପରିଣତ ହେବାରେ ଆରମ୍ଭ ହୋଇଛି । ତାଙ୍କ ପସାରର ମୂଳକାରଣ ଖୋଜିବା ପାଇଁ ଯଦି କେହି ଉଦ୍ୟମ କରନ୍ତି—ଅନେକ ଜଣକର ଓକିଲ ଏ ପ୍ରକାର କାର୍ଯ୍ୟରେ ହାତ ଦେବାର ଦେଖାଯାଏ—ତେବେ ସେ ଅକ୍ଲାନ୍ତ ଭାବରେ ଯାଇ କୃଷ୍ଣକାନ୍ତର ବାବୁଙ୍କ ମାଳାଚନ୍ଦନ ନିକଟରେ ପହୁଁ-ଚିବେ ।

ସେ ପ୍ରତି ରବିବାର ମଠର ସଂକୀର୍ତ୍ତନରେ ଯୋଗ ଦିଅନ୍ତି । ମଠରେ ତ ବାରମାସରେ ଛତିଶ ଉତ୍ସବ ଲାଗେ; ସେଥିରେ ଶହ ଶହ ସଂଖ୍ୟାରେ ଗୁରୁଭାଇ କୀର୍ତ୍ତନର ମାଦକତା, ରସର ରସିକତା ବା ଧର୍ମର ଆକର୍ଷଣ ଦ୍ୱାରା ଆକର୍ଷିତ ହୋଇ ଯୋଗଦିଅନ୍ତି । ସେସବୁ ସୁଯୋଗରେ କୀର୍ତ୍ତନ ମଝିରେ କେଉଁ କେଉଁ ତାଙ୍କଠାରେ ଅଶ୍ରୁ ପୁଲକ ଓ ସ୍ୱେଦ—ଭକ୍ତିର ଏ ସବୁ ଭାବ—ଦେଖାଯାଏ ଏବଂ ଶେଷରେ ତାଙ୍କଠାରେ ଆବେଶ ଆସିଯାଏ, ସେ ମୂର୍ଚ୍ଛିତ ହେଲା ପରି ଗଡ଼ି ଯାଆନ୍ତି—ଆଉ 'ନିତାଇ, ନିତାଇ' ବୋଲି ଚିତ୍କାର କରନ୍ତି । ଏତେ ବଡ଼ ଭକ୍ତକୁ ପାଇ ଆତପତଣ୍ଡୁଳ-ସାଧକ ବାବାଜୀମାନେ ଖୁସି, ଗୁରୁ ଭାଇମାନେ କୃତକୃତ୍ୟ—ଆଉ ମାତାମାନେ ଭକ୍ତି ଗଦ୍‌ଗଦ ।

କୃଷ୍ଣକାନ୍ତର ବଡ଼ଲୋକ ଘର ପୁଅ ନ ଥିଲେ; କିନ୍ତୁ ବଡ଼-ଲୋକର ସ୍ୱପ୍ନ ଦେଖିବା ପିଲାଦିନୁଁ ତାଙ୍କର ଅଭ୍ୟାସ କହିଲେ ଚଳେ । ଗୋଟାଏ ଲୋକ ଉପରେ ଆଧିପତ୍ୟ କରିବାରେ, ଗୋଟାଏ ଲୋକର ଭାଗ୍ୟ-ଡୋରି ନିଜ ହାତରେ ରଖି ଯେତେବେଳେ ଇଚ୍ଛା ସେତେ-ବେଳେ ଯାହାକୁ ଇଚ୍ଛା ତାହାକୁ ଯେଉଁ ଆଡ଼କୁ ଇଚ୍ଛା ସେ ଆଡ଼କୁ ଚଳାଇ ପାରିବାରେ ଯେ ପରମ ପୁରୁଷାର୍ଥ ରହିଛି; ନିଜକୁ ହଜାର

ହିତାର ଝଙ୍କାର, ଶସ୍ୟ ସମୃଦ୍ଧିର ମାଦକ ମନେ କର ସାର୍ଥକତାରେ ଯେ ଚରମ ସୁଖ ରହିଛି, ଏ କଥା ସେ ଜୀବନର ଭାବନାରେ ଅନୁଭବ କରୁଥିଲେ । କୃଷ୍ଣକାନ୍ତଙ୍କ ବାଗ ସ୍ୱପ୍ନ ଦେଖନ୍ତି, ଧାନ ସୁନାର ଶତ ସୁନାର ଚଢ଼ିବା ଖରଚ ଯୋଗାନ୍ତି । ଏ କଥା ସେ ଅନ୍ତ ଶକ୍ତି ସହରେ ଅନୁଭବ କରେ— କେବଳ ତାର ପ୍ରତିଶୋଧ ବୁଦ୍ଧି ନିଜ ଖରଚକୁ ବାନ୍ଧି ସେ ଅଧିକ ମଣିଷ ମଧ୍ୟ ସଂଗ୍ରହ କରି ରଖେ—ଆଉ ତାହାକୁ ହିଁ ସହପାଠୀଙ୍କ ଉପରେ ଚରମ କେଳି ନିଜକୁ ଯୋଗାଏ ବଡ଼ଲୋକ ମହାଜନ ବୋଲି ଜଗତରେ ପ୍ରସ୍ତୁତ କରିଥାଏ । ସ୍କୁଲର ଇଂରେଜୀ ମାଷ୍ଟର ଥିଲେ ତଥାକଥିତ ବୈଷ୍ଣବ ସ୍ୱଭାବ; ଯେଉଁ-ମାନଙ୍କ ଗଳାରେ ତିନି ଗୁଡ଼ି ଶିଖ ତୁଳସୀମାଳା ଥାଏ, ତାଙ୍କୁ ସେ ଖାସ୍ କରୁଥିବା ଜ୍ଞାନ ଚୈତନ୍ୟ-ଧର୍ମ ପ୍ରସ୍ତୁର କରିବାର ଅନୁସନ୍ଧାନ ଲାଭ କରୁଥିଲେ । ତାଙ୍କୁ ଠକିବା ପାଇଁ କୃଷ୍ଣଙ୍କର ମାଳା-ତିଳକର ଆଶ୍ରୟ ନେଇଥିଲ । ସେହି ଜନ୍ମ ସେ ଦେଖିଛି, ଏ ଜଗତରେ ଜେତ ସୁବିଧା—ଏ ଜେତ ଧର୍ମର ଆବରଣ ତଳେ ମିଥ୍ୟା, ପ୍ରବଞ୍ଚନା, କୃପଣତା—ଏପରି କି ଜଘନ୍ୟ ସ୍ୱାର୍ଥପରତାକୁ ଘୋଡ଼ାଇ ଦେଇ ଲୋକ-ଟାକୁ ସବୁବେଳେ ଧାର୍ମିକ ବୋଲି ଜାହିର କରିଥାଏ । ତାହାକୁ ହିଁ ଆଶ୍ରୟ କରି ସଂସାର କ୍ଷେତ୍ରରେ ମଧ୍ୟ ସେ ତାଙ୍କର ଶରବାଞ୍ଛିତ କାମନା ପୂରଣ କରିବା ଦିଗରେ ପଦେ ପଦେ ବଳିଛନ୍ତି ।

ପ୍ରଭାବସ୍ଥାରେ ପ୍ରଦୋଷ ସହିତ ତାର ପରିଚୟ । ପ୍ରଦୋଷ ହୁଏ ହାତରେ ପଇସା ଉଡ଼ାଏ । ବଡ଼ଲୋକର ପିଲା; ସେଥିରେ ତାର ଅଭାବ ନାହିଁ । ପ୍ରଦୋଷ ନିଜକୁ ବୁଝି ପାରୁ ସାହାଯ୍ୟ କରିବା ପାଇଁ ସବୁବେଳେ ଧାଇଁଯାଏ; ଏଇଟା ତାର ସ୍ୱଭାବ; କେବଳ ଅନେକ ସମ-ୟରେ ସେ କୃଷ୍ଣକାନ୍ତର ସ୍ୱାର୍ଥପରତା, ଭଣ୍ଡାମୀକୁ ଧରି ବ୍ୟଙ୍ଗ କରେ, ତାର ମାଳାତିଳକ, ଚୈତନ୍ୟ ଚୁଟିକୁ ଥଟ୍ଟା କରି ତାକୁ ହାସ୍ୟାସ୍ପଦ କରେ । ଫଳ ଏଇଆ ହୁଏ ଯେ, କୃଷ୍ଣକାନ୍ତର କୌଣସି କଥା ପ୍ରଦୋଷର କୌଣସି କଥା ବା କାମକୁ ବଡ଼ କରି ଛଡ଼ା ଅନ୍ୟ ଦିଗରେ ଦେଖିପାରେ ନାହିଁ; ପ୍ରଦୋଷ ବନ୍ଧୁତାରେ ଧାର୍ମିକତାର ମତ

ବ୍ୟକ୍ତ କରିବାର କୌଣସି ସୁବିଧା ବା ସୁଯୋଗ ମିଳେ ନାହିଁ । ଦୁହିଙ୍କର ଘର ମଧ୍ୟ ପାଖାପାଖି ଦୁଇଟି ଗାଁରେ । ସହରରେ ଗୋଟାଏ ପାଡ଼ାର ଅଳ୍ପ ବ୍ୟବଧାନ ଭିତରେ ଦୁହିଙ୍କ ନାଗରିକ ବାସସ୍ଥାନ ହୋଇଥିଲେ ବିଶେଷ କିଛି ଯାଏ ନ ଥିଲା—ବରଂ ସେଥିରେ କୃଷ୍ଣଙ୍କରର ବହୁତ ସୁବିଧା ହୋଇ ଥାଆନ୍ତା; କିନ୍ତୁ ତା ପକ୍ଷରେ ବିଡ଼ମ୍ବନାର ତୀକ୍ଷ୍ଣତା ଏଇଠି ଯେ, କୃଷ୍ଣଙ୍କର ପ୍ରଦୋଷର ସଭା । ପ୍ରଦୋଷ ଯେଉଁ ବାଟ ଧରିଛି, ସେଥିରେ ଜଣେ ନା ଜଣେ—ଦୁଇ ତ ବର୍ଷ ଭିତରେ—ତାକୁ ଜମିବାସ୍ତୁ ବିକ୍ରୀ କରିବାକୁ ହେବ, କୃଷ୍ଣଙ୍କର ତାକୁ କିଣିବ ଏ ଉଦ୍ଦେଶ୍ୟ ଧରି ସେ ପ୍ରଦୋଷର ସବୁ ଗତିବିଧି ଲକ୍ଷ୍ୟ କରୁଛି । ଏହା ହିଁ ତା ପକ୍ଷରେ ଅନ୍ତତଃ ବର୍ତ୍ତମାନ ପାଇଁ ଚରମ ଅଷ୍ଟାସନା ।

ହଁ, ସେ ଭିନ୍ନ କଥା । ଚେମ୍ବର ଘରେ ମହକିଲମାନେ ଆସି ବସି-ଥିଲେ । ମୋହୁରିର ଦୁଇ ଆଣ୍ଠୁ ଉପରେ କାଗଜ ରଖି ଲଣ୍ଠନ ଆଲୁଅରେ ଲେଖିବାରେ ବ୍ୟସ୍ତ ।

'କୃଷ୍ଣଚୈତନ୍ୟ, କୃଷ୍ଣଚୈତନ୍ୟ' ଉଚ୍ଚାରଣ କରି କୃଷ୍ଣଙ୍କର ବାବୁ ଚେମ୍ବର ଘରେ ପ୍ରବେଶ କରି ଟେବୁଲ ପାଖରେ ଥିବା ଖଣ୍ଡେ ଚୌକିରେ ଆସନ ଗ୍ରହଣ କଲେ । ସେତେବେଳକୁ ମହକିଲମାନେ ଯଥାବିଧି ନମସ୍କାର କରି ସାରିଥିଲେ ।

ମୋହୁରିର ଗଡ଼ାଏ କାଗଜ ଧରି ତାଙ୍କ ପାଖକୁ ଆସି କହିଲା, 'ବରଜୁ ପଧାନର ଗୋଟାଏ ପାର୍ଟିସନ୍ ମକଦ୍ଦମା ଦାଏର ହେବ । ସ୍ୱର୍ଗସ୍ଥ ପଧାନର ତିନି ପୁଅ—ଗୋଖେଇ, ଶଙ୍କର ଆଉ ବରଜୁ । ବଡ଼ ଦୁଇ ଭାଇ ବରଜୁ ଉପରେ......'

ଓକିଲ ବାବୁ କହିଲେ, 'ସଲ୍ମୀ ? ସଲ୍ମୀଟା ଆଗ !'

ମୋହୁରିର ଉଠି ବରଜୁକୁ ଇଙ୍ଗିତ କଲା । ବରଜୁ ଖଣ୍ଡେ ଟଙ୍କାକିଆ ନୋଟ ଓକିଲବାବୁଙ୍କ ଆଗ ଟେବୁଲ ଉପରେ ରଖି ଦେଇ ଛିଡ଼ା ହେଲା ।

—'କୃଷ୍ଣଚୈତନ୍ୟ ! କୃଷ୍ଣ ଚୈତନ୍ୟ ! ଏ କଅଣ ? ଟଙ୍କା ଟାଏ ?'

ତା ପରେ ଓଭର ବାବୁ ମୋହ୍ନସରକୁ କହିଲେ, 'ହୁଜୁ ! ଦାଣ୍ଡ ଯେଉଁ ୩୨ ଟଙ୍କା ଫୌଜଦାରୀର ଜାରିମା ଅଛି, ସେ ଜଅନ୍ଟା ବାହାର କର ! ବରଜ ପ୍ରଧାନ ମକଦ୍ଦମା ଲଢ଼ିବାକୁ ଆସି ନାହିଁ— ତମସା ଦେଖିବାକୁ ଆସିଛି !'

ମୋହ୍ନଶ୍ୱର ବରଜ ପ୍ରଧାନ ପାଡ଼ୁକୁ ସଙ୍କେତ ଦେଇ ଦେବତ ମୁଖ-ଭଙ୍ଗି କଲା । ସେ ଟଙ୍କାଟିଏ ନୋଟ ଉପରେ ଆଉ ଖଣ୍ଡେ ଦୁଇ ଟଙ୍କିଆ ନୋଟ ରଖି ଦେଲା ।

ଓଭର ବାବୁ ନୋଟ ଉପରେ ଖାଲି ଚଷମା ଖୋଲଟାଏ ରଖି ଦେଇ ବରଜ ପ୍ରଧାନକୁ କହିଲେ, 'କୃଷ୍ଣଚୈତନ୍ୟ ! କୃଷ୍ଣଚୈତନ୍ୟ ! ତମେ ଗୋଟାଏ ପାଟିଁସନ ମକଦ୍ଦମା କରିବ କଅଣ ? ମୋ ପାଖରେ ଏପରି ସାନ ସାନ ମକଦ୍ଦମା ହୁଏ ନାହିଁ । ତୁମର ବଡ଼ ଦୁଇ ସିର ଜୁମଠୁ ସାନଖନ୍ଦ ଟଙ୍କା ନେଇ ମୌଖିକରେ ସମୁଦାୟ ସଂପତ୍ତି ବାଣ୍ଟ ଦେଇଛନ୍ତି, ଏ କଥା ତମ ଗାଁର ଦୁଇଜଣ ଲୋକ କହି ପାରିବେ ?'

—'ହୁଜୁର ହୁ, ଦୁଇଜଣ କାହିଁକି ପାଞ୍ଚଜଣ ଲୋକ ମୋ ସପକ୍ଷରେ କହିବେ ?'

—'ତେବେ ଆଉ ଚିନ୍ତା କଅଣ ? ଗୋଟାଏ ସତ୍ତ୍ୱ ଉଚ୍ଛେଦ ମକଦ୍ଦମା ଦାଏର କରାଯିବ । ଖଜଣା ସଭଙ୍କ ଧରୁ ସମସ୍ତିର ତୁମେ ମାଲିକ ଦଖଲକାର ହେବ । ମୋହ୍ନଶ୍ୱର ବାବୁ, ଏହି ମର୍ମରେ ଅର୍ଜି ଖସଡ଼ା କର । କୃଷ୍ଣଚୈତନ୍ୟ ! କୃଷ୍ଣ ଚୈତନ୍ୟ !'

## ଦୁଇ

—'ହେଲା ନାହିଁ ! ନା—ହେଲା ନାହିଁ ! ଆଉ ଥରେ ! ...'

ପ୍ରଦୋଷ ସୀତାର ଫରକା ଉପରେ ବସି ଜୁଲୁଥିବା ଚନ୍ଦ୍ରତାର ଅନ୍ତ୍ରନକ୍ଷତ୍ରକୁ ଲକ୍ଷ୍ୟ କରି ଧୀରେ ଧୀରେ ତାଳ ଦେବାରେ ଲାଗିଲା ।

—'ରହ !'

ସୀତାରର ଗୁଞ୍ଜନ ବନ୍ଦ ହୋଇଗଲା ।

—'ପୁଣି ସେଇଆ, ପୁଣି ସେଇ ମୂର୍ଖାମୋଷ !' ଖଣ୍ଡେ ଦୂରରେ ବସିଥିବା ବୁଢ଼ା ଅନ୍ଧକୁ ଚାହିଁ କହିଲା, 'ଜନ୍ତୀର କିଛି ହେବ ନାହିଁ, ମାଉସୀ; ଲିପା ପୋଛା କରିବା ଛଡ଼ା ଏହାର ଅଙ୍ଗୁଳି ଆଉ କୌଣସି କାମରେ ଲାଗିବ ନାହିଁ !'

ମାଉସୀ ହସିଲେ ମାତ୍ର ।

ଭୁବନ ତବଲାରେ ଠେକା ଦେଉଥିଲା । ସୀତାର ବନ୍ଦ ହେବା ସଙ୍ଗେ ସଙ୍ଗେ ତାର ହାତ ମଧ୍ୟ ବନ୍ଦ ହୋଇଥିଲା; ପୁଣି ଆରମ୍ଭ ହେବା ଆଶାରେ ସେ ବାୟାଁ ଓ ତବଲା ଉପରେ ସେହିପରି ହାତ ରଖିଥିଲା ।

ପ୍ରଦୋଷ କଥାରେ ସେ ବାଦ୍ୟଯନ୍ତ୍ର ଦୁଇଟିକୁ ଟିକିଏ ଦୂରକୁ ଘୁଞ୍ଚାଇ ଦେଇ କହିଲା, 'ମୋର ମଧ୍ୟ ହେଲା ନାହିଁ । ଆଜି ଏଇଠିରେ ଅଧ୍ୟାୟ ସମାପ୍ତ ହେଉ ।'

ପ୍ରଦୋଷ କହିଲା, 'ନା, ଝୁଲୁ । ଏହା ପୂର୍ବେ ଓସ୍ତାଦଙ୍କ ଠାରୁ ଜନ୍ତୀ ଯେଉଁ ଦୁଇଖଣ୍ଡ ଗତ୍ ଶିଖିଥିଲା, ସେତକ ଦେଖି ନେବା ।'

ସୀତାର ବାଜି ଉଠିଲା ତାଳେ ତାଳେ; ଭୁବନ ହାତରେ ବାୟାଁତବଲା ମଧ୍ୟ ଅପୂର୍ବ ନାଦ ବିସ୍ତାରଣ କରିବାରେ ଲାଗିଲା । ପ୍ରଦୋଷ ଏକଧ୍ୟାନରେ ଶୁଣି ଯାଉଥିଲା ।

ସ୍ୱରଲହରୀ ବନ୍ଦ ହେବା ସଙ୍ଗେ ସଙ୍ଗେ ପ୍ରଦୋଷ କହି ଉଠିଲା, 'ସବାସ୍ ଜନ୍ତୀ, ସବାସ୍ ! ଏମିତି ନ ଶିଖିଲେ କିଛି ଶିଖା ହେବ ନାହିଁ ତୋ ଦ୍ୱାରା !'

ଭୁବନ କହିଲା, ଠିକ୍ !'

ଜନ୍ତୀ ତଳକୁ ଚାହିଁ ହସିଲା ।

—'ସାବାସୀ ମିଳିବାରୁ ହସ ହେଉଛି, ନା ? ଅଚ୍ଛା, ପଢ଼ା-ପଢ଼ି'ଟା କେମିତି ହେଉଛି ତାହା ବି ଟିକିଏ ଦେଖି ନିବା ! ଆଣ ତ ତୋର ବହିପତ୍ର' ପ୍ରଦୋଷ କହିଲା ।

ଜନ୍ତୀ କହିଲା, 'କି ବହି ଆଣିବ ?'

—‘ସଂସ୍କୃତ, ଗଣିତ, ଇତିହାସ, ଭୂଗୋଳ—ସବୁ !’

—‘ଏତେ ବହିର ପଢ଼ା ପଢ଼ିଣ ଏତା ସାଙ୍ଗରେ କେବେ ? ବହୁତ କଷ୍ଟ ହେବ !’

ମାଉସୀ କହିଲେ, ‘ସତ ରେ ପୁଅ, ବହୁତ କଷ୍ଟ ହେବ । ମୋ ଠାକୁର କପାଳ ସେତେବେଳେ ପ୍ରାଏ ଉପାସ ବସିଥିବେ ?’

ଭୁବନ ହସି ହସି କହିଲା, ‘ତମ ଠାକୁରଙ୍କ ପେଟ ଖରାପ ହୋଇଥିବ ମାଉସୀ; କିଏ ଉପାସ ପଡ଼ିଲେ ତାଙ୍କ ପେଟର ଗୋଳ-ମାଳଟା ଭଙ୍ଗି ଯିବ !’

ପ୍ରବୋଧ ଗମ୍ଭୀର ସ୍ୱରରେ କହିଲା, ‘ମାଉସୀର ବିଶ୍ୱାସକୁ ନେଇ ଥଟ୍ଟା କରିବା ଠିକ୍ ନୁହେଁ, ଭୁବନ ! ମାଆକୁ ମାଆ ପରି ଦେଖିବା ଉଚିତ !’

ଚନ୍ଦ୍ରା ଜାଣେ, ପ୍ରବୋଧ କେଉଁ ଦେବତା, ଠାକୁର ଠାକୁରାଣୀ, ଏପରିକି ଈଶ୍ୱରଙ୍କ ଅସ୍ତିତ୍ୱରେ ମଧ୍ୟ ବିଶ୍ୱାସ କରେ ନା । ସେ ପ୍ରବୋଧର ଏକଥା ଭଲ ବୁଝି ପାରିଲା ନାହିଁ—ତା ଆଡ଼କୁ ଚାହିଁ ରହିଲା ।

ପ୍ରବୋଧ କହିଲା, ‘ତୁ ଏ ସବୁ ବୁଝିବାର ଚେଷ୍ଟା କର ନାହିଁ, ଚନ୍ଦ୍ରା ! ତୁ ମୋର ସାନ ଭଉଣୀ । ତୁ ପଢ଼, ତୁ ଶିଖ, ତୁ ମଣିଷ ହୁଅ । ତୁ ହଜାର ହଜାର ଲୋକ ଭିତରେ ମୁଣ୍ଡ ଟେକି ଚାଲ । ମୁଁ ମାତାଲ, ମୁଁ ମଦୁଆ—ଲୋକେ ମୋତେ ଘୃଣା କରନ୍ତି । ତୋତେ ହିଁ ଦେଖାଇ ମୁଁ ଗର୍ବ ଅନୁଭବ କରିବି; ସମାଜ ଭିତରେ ତୋର ଉନ୍ନତ ମସ୍ତକ ଦେଖି ମୁଁ ଶାନ୍ତି ପାଇବି !’

ଚନ୍ଦ୍ରା କଣ ବୁଝିଲା କି ନା ଏହାର ମର୍ମ, ତାହା ଅଲଗା; ତେବୁ ଦେଖାଗଲେ ତା ମୁହଁର ଭାବ ଭଙ୍ଗୀ ଆଗରେ ସୁଦ୍ଧା ଏ ଅପ୍ରତ୍ୟାଶିତ ଚାପ ଉଚ୍ଛୁଳିଲା ।

ମାଉସୀ ଉଠିଥିଲେ; ପ୍ରବୋଧ କହିଲା, ‘ଆମେ ମଧ୍ୟ ଉଠୁଛି, ମାଉସୀ !’

ପ୍ରଦୋଷ ଓ ଭୁବନ ଦୁହେଁ ଉଠିଲେ; ତଳେ ମୁଣ୍ଡ ଲଗାଇ ଚନ୍ଦ୍ରା ଦୁହିଙ୍କୁ ନମସ୍କାର କଲା ।

ପ୍ରଦୋଷ କହି ଉଠିଲା, 'ଆରେ ଏ ପ୍ରାପ୍ୟଟା ଯେ କେବଳ ଭୁବନର । ସେ ତୋର ଏକ ପ୍ରକାର ଓସ୍ତାଦ ତ ନା, ତାକୁ ଏସବୁ ସହି ଯିବ । ମୁଁ କିନ୍ତୁ ତ ସାଧାରଣ ଲୋକ ଭାଇ; ନଣ ଗଲାବେଳେ ଏପରି ମୂର୍ତ୍ତିଆ ପାଇଲେ ଯେ ମୋ ଉପରେ ଅଭିଶାପ ପଡ଼ିବ, ସେ ଅଭିଶାପ ଫଳରେ ଯେ ଆମେ ଭାଇ ଭଉଣୀ ଦୁଇଟା କ୍ରମେ କ୍ରମେ ଛଡ଼ାଛଡ଼ି ହୋଇଯିବୁ ।'

ଚନ୍ଦ୍ରା ହସି ପକାଇ କହିଲା, 'ବାବୁଙ୍କର···।'

ପ୍ରଦୋଷ ଗମ୍ଭୀର ଭାବରେ କହିଲା, 'ବାବୁ କିଏ? ନା, ଭାଇ ଛଡ଼ା ମୁଁ କିଛି ନୁହେଁ, କିଛି ହେବାକୁ ଚାହେଁ ନା, ଚନ୍ଦ୍ର ।'

ହାଲୁକା ଭାବରେ ପୁଣି କହିଲା, 'ତୋର କେବେ କେହି ଭାଇ ନ ଥିଲେ ଚନ୍ଦ୍ର ?···'

କଥାଟା କହି ଦେଇ ପ୍ରଦୋଷ ହଠାତ୍ ଅଟକି ଗଲା । ଚନ୍ଦ୍ରାର ବର୍ତ୍ତମାନ୍ ଜୀବନ ପଛରେ ଯେ ଜୀବନ୍ତ ବିଷାଦପୂର୍ଣ୍ଣ ଇତିହାସ ଅଛି, ତାହା ସେ ବରାବର ଅନୁଭବ କରେ; କିନ୍ତୁ ତାହା ଜାଣିବାର ସାହସ କୌଣସି ଦିନ ତାର ନ ଥିଲା । ସେ ବରାବର ଅନୁଭବ କରେ, ଚନ୍ଦ୍ରାର ଜୀବନର ଗୋପନ-ତନ୍ତ୍ରୀଗୁଡ଼ିକ ସେହି ବିଷାଦପୂର୍ଣ୍ଣ ରାଗିଣୀର ସ୍ୱରରେ ବନ୍ଧା । ଅପ୍ରତ୍ୟାଶିତ ଭାବରେ ସେଥିରେ ଆଘାତ କରି ସେ ବିବ୍ରତ ହୋଇ ପଡ଼ିଲା ।

ଚନ୍ଦ୍ରାର ଉଜ୍ଜ୍ୱଳ ଆନନରେ ମଧ୍ୟ ହାଲୁକା ମେଘର ଅସ୍ପଷ୍ଟ ପରଦା ପରି ଗୋଟାଏ କାଳିମା ଖେଳିଗଲା ମୁହୂର୍ତ୍ତକ ପାଇଁ ।

କଥାଟାକୁ ଫେରାଇ ନେବାର ଅବେଗପୂର୍ଣ୍ଣ ଚେଷ୍ଟା କରି ସେ କହିଲା, 'ଦେଖ ଚନ୍ଦ୍ର, ମୁଁ ତୋର ଭାଇ ତ ନା, ତୁ ଠିକ୍ ଭାଇ ପରି ମୋତେ ନ ଦେଖିଲେ ମୋ ମନରେ ଭାରି କଷ୍ଟ ହେବ । ମୁଁ ଆଉ ତମ ଘରକୁ ଆସିବ ନାହିଁ ।'

ମାଉସୀ ଉତ୍ତର କହିବାକୁ ଯାଉଥିଲେ; ପ୍ରଦୋଷ ବାଧା ଦେଇ କହିଲେ, 'ନା, ମାଉସୀ, ମୁଁ ତମଠୁଁ କିଛି ଶୁଣିବି ନାହିଁ । ଆମ ଘର ଭଉଣୀଙ୍କର କଥା, ତା ଆମର ଭିତରେ ଥାଉ ।'

ପ୍ରଦୋଷ ଏ କଥନ ସବୁ ବୁଝିଗଲେ ।

ମାଉସୀ ଏତକ କଥା ବୁଝି ପାରିଲେ ନାହିଁ । ଏହା ହିଁ ସ୍ୱାଭାବିକ । ବାସ୍ତବତା ସ୍ତରରେ ଜୀବନର ଅଧିକାଂଶ ସମୟ କଟାଇ ଯେ ଅଭିଜ୍ଞତା ସେ ଅର୍ଜ୍ଜନ କରିଥିଲେ, ଏହାର କୌଣସି ଅଂଶ ବି ତା ସହିତ ଖାପ ଖାଉ ନାହିଁ । ସେ ଜାଣନ୍ତି, ବଡ଼ଲୋକର ପିଲାମାନେ, ବଡ଼ଲୋକମାନେ ସେମାନଙ୍କ ଘରକୁ ଅସନ୍ତି ବିଳାସ-ବ୍ୟସନର ସ୍ରୋତରେ ଭାସି ବୁଲିବାକୁ । ମନୁଷ୍ୟର ସଭ୍ୟତାର ଅତି ତଳସ୍ତର, ଦରିଦ୍ର, ପାଶବିକ ଦଶା ସହିତ ଅପରିଚିତ ହୋଇ ମନୁଷ୍ୟ ଭିତରେ ଯେ କୌଣସି ଉଜ୍ଜ୍ୱଳ, ଉନ୍ନତ, ଦେବୋପମ ପ୍ରବୃତ୍ତି ଥାଇ ପାରେ, ତାହା ସେ ଭୁଲି ଯାଉଥିଲେ । ତେଣୁ ତାର ଦୃଷ୍ଟିରେ ପ୍ରଦୋଷର ମହତ୍ତ୍ୱକୁ ସେ ସେହି ଦୃଷ୍ଟିରେ ହିଁ ଦେଖୁଥିଲେ ।

ଚନ୍ଦ୍ରା ଯେ କେଉଁ ଘର ଝିଅ, ତାର ଖବର ସେ ରଖି ନ ଥିଲେ; କିନ୍ତୁ କୋଡ଼ିଏ ଟଙ୍କାରେ ୧୦ ବର୍ଷ ତଳୁ କିଣି ତାକୁ ଜୀବନର ଶେଷ ସମ୍ବଳ, ଜୀବିକା ଅର୍ଜ୍ଜନର ଶେଷ ଉପାୟ ବୋଲି ସେ ଅତି ଯତ୍ନରେ ବଢ଼ାଇଲେ । ପତିତା ଶ୍ରେଣୀରେ ଚନ୍ଦ୍ରାର ମୂଲ୍ୟ ଯେ ଖୁବ୍ ବେଶୀ, ଏକଥା ସେ ଖୁବ୍ ଭଲରୂପେ ବୁଝୁଥିଲେ; କାରଣ ଯେଉଁ ରୂପର କେଣା-ବେଚା ନେଇ ସେମାନଙ୍କର ବ୍ୟବସାୟ, ଚନ୍ଦ୍ରାଠାରେ ତାହା ଅତି ଅସାଧାରଣ ରୂପେ ବେଶୀ ଥିଲା ।

ସେଥିପାଇଁ ପ୍ରଦୋଷ ଯେତେବେଳେ ସେମାନଙ୍କ ଘରେ ଆସି ଉପସ୍ଥିତ ହେଲା, ସେତେବେଳେ ଗୋଟାଏ ଖୁବ୍ ବଡ଼ ମାଛ ଟୋପ ଗିଳିଲେ ବନ୍ଶୀବାଲାର ମନ ଯେପରି ଆନନ୍ଦରେ ନାଚି ଉଠେ, ମାଉସୀର ମନ ସେହିପରି ନାଚି ଉଠିଥିଲା; କିନ୍ତୁ ଚନ୍ଦ୍ରା ପ୍ରତି ଓ

ତାହା ସତ୍ତ୍ୱ ପ୍ରଦୋଷର ଯେପରି ବ୍ୟକ୍ତିତ୍ୱର ସେ ମୁହଁରୁ ଲକ୍ଷ୍ୟ କଲେ, ସେଥିରୁ ସେ କିଛି ବୁଝି ପାରିଲେ ନାହିଁ । ପ୍ରଥମରୁ ହିଁ ପ୍ରଦୋଷ ଚନ୍ଦ୍ରକାକୁ ଭଉଣୀ ବୋଲି ଧରି ନେଲା; ମାଉସୀ ଉପସ୍ଥିତ ନ ଥିବା ସମୟରେ ସେ ଚନ୍ଦ୍ରକା ସହିତ ଦେଖା କରିବ ନାହିଁ ବୋଲି ପ୍ରକାଶ କଲା । ସେ ମଦ ପିଏ ବୋଲି ଲୋକେ କହନ୍ତି; କିନ୍ତୁ କୌଣସି ଦିନ ତାଙ୍କ ଘରକୁ ସେ ମଦ ଅଣାଏ ନାହିଁ ବା ନିଜେ ମାତାଲ ଅବସ୍ଥାରେ ଆସେ ନାହିଁ । ପ୍ରଦୋଷ ଚନ୍ଦ୍ରକାର ପାଠ ପଢ଼ା ପାଇଁ ଜଣେ ମାଷ୍ଟର, ସଙ୍ଗୀତ ଶିଖିବା ପାଇଁ ଜଣେ ଓସ୍ତାଦ୍ ନିଯୁକ୍ତ କରିଦେଲା । ଏ ସବୁକୁ ଯେ ଚନ୍ଦ୍ରକା କିପରି ଭାବରେ ଗ୍ରହଣ କରୁଛି, ତାହା ପଚାରିବାର କୌଣସି କାରଣ ବୁଢ଼ୀ କୌଣସି ଦିନ ଦେଖି ନାହିଁ; କିନ୍ତୁ ପ୍ରଦୋଷ ସେମାନଙ୍କର କୌଣସି ଅଭାବ ରଖି ନାହିଁ, ସେ କୌଣସି ଅବସ୍ଥାରେ କୌଣସି ଦିନ କୌଣସି ବିଷୟରେ କାର୍ପଣ୍ୟ କରି ନାହିଁ, ଏଥିରେ ମାଉସୀ ଏକାନ୍ତ ସନ୍ତୁଷ୍ଟ । ସେ ନିଜକୁ ନିଜେ ବୁଝାଇ ନେଲେ, 'ହଁ, ବଡ଼ଲୋକ ପିଲା ତ ! ଏ ଗୋଟାଏ ଢଙ୍ଗ । ଲକ୍ଷପତି—ଦୁନିଆରେ ଯାହା ହୁଏ ଖୁସି ତାହାହିଁ କରିବ ।'

ବୁଢ଼ୀ ସେଇ ସମୟକୁ ଅପେକ୍ଷା କରି ରହିଲା ।

ଠାକୁର ଘରେ ବସି ବୁଢ଼ୀ ଚନ୍ଦ୍ରକାକୁ ଡାକିଲା ।

ସେ ସେତେବେଳେ ଗୋଟାଏ ଟେବୁଲ ପାଖରେ ବସି ଖୁବ୍ ମନଧ୍ୟାନ ଦେଇ ଖଣ୍ଡେ ଇଂରାଜୀ ବହି ପଢ଼ୁଥିଲା । ବୁଢ଼ୀର ଡାକରେ ଟିକିଏ ବିରକ୍ତ ହୋଇ କହିଲା 'କାହିଁକି ଡାକୁଛ ମାଉସୀ ?'

ମାଉସୀ ମଧ୍ୟ ବିରକ୍ତ ହୋଇଉଠି କହିଲେ, 'ଇଲ୍ ଟୋକାଟ ଇଏ ! ମୁଁ ତୋ ଭଲକୁ ଡାକୁଚି, ତୁ ଶୁଣୁ ନାହୁଁ !'

ଚନ୍ଦ୍ରକା ଜାଣେ, ଏ ଭଲ ଅର୍ଥ କଅଣ । ବୁଢ଼ୀଠାରୁ ଅନେକ ଥର ସେ ଏହି କଥା ଶୁଣିଛି ଆଉ ବିରକ୍ତ ହୋଇଛି; କିନ୍ତୁ ବିରକ୍ତ ହୋଇ ଲାଭ ନାହିଁ; ତାର ବିରକ୍ତିର ଅର୍ଥ ମଧ୍ୟ ବୁଢ଼ୀ ବୁଝିବ ନାହିଁ । ତା କଥା ଶୁଣି ଚୁପ୍ ହୋଇ ରହିବା ଛଡ଼ା ଅନ୍ୟ ଉପାୟ ତାର ନାହିଁ ।

ବାଧ୍ୟତାର ଅବର୍ଣ୍ଣରେ ଛାଣି ହୋଇ ସେ ବୁଢ଼ୀ ଆଖକୁ ଗଲା; ଠାକୁର ଘର ଦ୍ୱାର ମୁହଁରେ ଛିଡ଼ା ହୋଇ କହିଲା, 'କଅଣ କୁହୁ ।'

'ତୁ କିଛି କହୁ ! ଏ ଟୋକାଟି ଗୀତ ବାଜଣା ଶିଖିବା ଭଲ ନୁହେଁ, ବୁଝିଲୁ । ଆମ ବେଉସା ହେଉଛି ମନ କିଣିବା; ମନ କିଣିଲେ ତାକୁ ଧରି ରଖିବା । ତୁ କହ୍ତୁ, ଟୋକାଟିରେ ମନ ଦେଲେ ତା ଭଲ ଗୀତ ବାଜଣା ଶିଖିଲେ ବାବୁଙ୍କ ମନ କୋଉଠି ଲାଗି ରହିବ ? ସେ କଥା ନୁହେଁ । ତୁ ଭଲ ଶିଖିବୁ ବୋଲି ସେ ତୋ ପାଇଁ ମାସକୁ ଶହ ଶହ ଟଙ୍କା ଖରଚ କରୁ ନାହିଁ, ଯେତେବେଳେ ତାର ଯେପରି ଇଚ୍ଛା ହେବ, ସେପରି ଲୁଗା ପଟା, ଅଳଙ୍କାର କିଣି ଦେଉ ନାହିଁ ! ତୁ ଭଲ କରି ଗାଇଲେ ବା ସଙ୍ଗୀତରେ ବଡ଼ ବାଇଆମାନଙ୍କର କାନ କାଟି ଦେଲେ ତାର ଲାଭ କଅଣ ? ତାର ଦରକାର, ତୋର ରୂପ । ତୋ ରୂପ ପାଇଁ ସେ ଏତେ ଖରଚ କରୁଛି । ଏତକ ଭଲ କରି ବୁଝି ରଖ । ତୋ ରୂପ ଯଦି ତା ଦରକାରରେ ନ ଲାଗିଲା ତେବେ ଅଇଁଠା ପତ୍ର ପରି ତୋତେ ଦାଣ୍ଡେ ସେ ଫିଙ୍ଗି ଦେଇଯିବେ ।'

ଏତକ କହି ବୁଢ଼ୀ ଚନ୍ଦ୍ରା ମୁହଁକୁ ଚାହିଁଲା ।

ଚନ୍ଦ୍ରା ବାଧ୍ୟ ହୋଇ ଶୁଣିଲା ପରି ଏ କଥାସବୁକୁ ଶୁଣି ଯାଉଥିଲା, କହିଲା, 'ହୁଁ ।'

—'ସେ ତୋଠାରୁ ଅଲଗା ଅଲଗା ହୋଇ ରହୁଛି, ତୋତେ ରାଣୀ ବୋଲି ଡାକୁଛି—ଏ ସବୁ ଭାରି ଭଲ କଥା ନୁହେଁ । କେଉଁଦିନ କେଜାଣି ତା ମନ ବୁଲିପଡ଼ି ଯିବ । ସେଇଠୁ ତୋ ସୁଖ ସ୍ୱପ୍ନ ସବୁ ସରି ଯିବ । ଏ ସବୁ ତ ଜଣା କଥା । ଆମ ବେଉସା, ମନର ସଉଦା—ମନ ଛୁଟିଲେ ଶେଷ; ପୁଣି ବାଉଳଣଙ୍କ ପରି ବୁଲିରେ ଛିଡ଼ା ହେବାକୁ ପଡ଼ିବ । ସେଇଥି ପାଇଁ କହୁଛି, ବାବୁଙ୍କ ମନ ଯେପରି ତୋଠାରେ ଲାଗେ, ସେ ଆଡ଼କୁ କିଛି ନଜର ଦେ, ସେ ଅଡ଼ୁଆ କିଛି ସୃଷ୍ଟି । ବଡ଼ଲୋକ ପିଲା, ତାକୁ ତୋ ପରି ଶହେଟା ମିଳିବେ; ତୋତେ ତା ପରି ଲୋକ କେଉଁଠା ମିଳିବ ? କିଛି ସୁବିଧା ବୁଝି ତାଙ୍କ ସଙ୍ଗରେ କଥାବାର୍ତ୍ତା ହବୁ । ବୁଝୁଛି ପିଲା…'

ଚନ୍ଦ୍ରକାର ମୁଣ୍ଡ ଭିତରେ କ୍ରୋଧର ଗୋଟାଏ ଝଣା ଖେଳି-ଗଲା; ସେ କହିଲା, 'ସେ ସବୁ ମୋ ଦ୍ୱାରା ହେବ ନାହିଁ ।'

କଥାରେ ତା ମନର ଉଦ୍‌ବେଗଟା ଫୁଟି ପଡ଼ିଲା ।

ବୁଢ଼ୀର କରକ୍ତ ମଧ ସ୍ୱର ଅଡ଼କୁ ଭଙ୍ଗି ପଡ଼ିଲା—'ସେସବୁ ତୋ ଦ୍ୱାରା ହେବ ନାହିଁ ? ଆଉ କଅଣ ହେବ ? ସଙ୍ଗ ହେବୁ ! ସାଙ୍ଗୀ ହେବୁ ! ସେସବୁ ଖଇଣା ଘରର ବହୁ-ଝିଅଙ୍କ କାମ । ଆମ କୁଳରେ ସେସବୁ ଚଳେ ନାହିଁ । ସେସବୁ ମନକୁ ଆଣିଲେ ଲକ୍ଷ୍ମୀ ଛାଡ଼ିଯିବେ । କହିଲେ, ମୋ ଦ୍ୱାରା ହବ ନାହିଁ ! ତେବେ ତୁ କରିବୁ କଅଣ ? ଭିକ ମାଗିବୁ ? ତୁ ମାଗ୍; ତୁ ଛତରଖିଆ ପରି ଦାଣ୍ଡରେ ବୁଲ୍; ମୁଁ ତ ତୋତେ ପୋଷିଛି, ପାଳିଛି, ମଣିଷ କରିଛି; ତୁ କଅଣ ମତେ ବାଟ କଡ଼ରେ ବସାଇବୁ ? ସକାଳ ପାହିଲେ ସାହିରେ ଶହ ଶହ ଲୋକଙ୍କୁ ଦେଖୁଛୁ; କହୁଛୁ, ମୋ ଦ୍ୱାରା ହେବ ନାହିଁ । କେମିତି ହେବ ନାହିଁ ମୁଁ ଦେଖିବି । ପାଠ ଶାଠ ପଢ଼ି ତୋ ମିଜାଜ୍ ବିଗିଡ଼ି ଗଲାଣି । ବାବୁକୁ ମନା କରିଦେବି ଆମ ଦୁଆର । ଇଉସନ୍ ଖାଁ ପୁଅ କହୁଥିଲା, ମାସରେ ଶହେ ଟଙ୍କା ଦେବ । ସେ ଭଲ । ତାକୁ ଖବର ଦେବି । କେମିତି ତୋ ଦ୍ୱାରା ଆମ କୁଳର ବେଉସା ନ ହେବ ଦେଖାଇବି ।'

ଚନ୍ଦ୍ରକା ନିସ୍ତବ୍ଧ ହୋଇ ବସିରହିଲା । ତା ମନ ଭିତରେ ପ୍ରଭାତର ପ୍ରଥମ କିରଣ ପରି ଗୋଟାଏ ଉଜ୍ଜ୍ୱଳ କଳ୍ପନା କ୍ରମେ କ୍ରମେ ଧାରଣାର ରୂପ ଗ୍ରହଣ କରୁଥିଲା; ବୁଢ଼ୀ କଥାରେ ଉତ୍କଟ ରୂପେ ଫୁଟି ଉଠିଥିବା ତାର ପରିସ୍ଥିତିର ବାସ୍ତବତାର ଆଘାତରେ ତାହା ବିଚଳିତ ହୋଇଗଲା; କିନ୍ତୁ ଅସହାୟା ଜନନୀ ଆତତାୟୀ ମୁଖରୁ ବକ୍ଷର ଆବରଣ ତଳେ ନିଜର ଶିଶୁଟିକୁ ଯେପରି ନିଷ୍ଠାର ସମସ୍ତ ଶକ୍ତି ଦେଇ ରକ୍ଷା କରେ, ସେହିପରି ଚନ୍ଦ୍ରକା ତାର କଳ୍ପନାଟିକୁ ଧରି ନୀରବରେ ଠାକୁରଘର ଦ୍ୱାର ପାଖରୁ ଉଠିଗଲା; ନିସ୍ତବ୍ଧ କୋଠରିର ଅନ୍ଧାର ଭିତରେ ଶୋଇପଡ଼ିଲା ।

ରାତି କ୍ରମେ କ୍ରମେ ଆଗକୁ ବଢ଼ିଲା । ସାହି ଆଗନ୍ତୁକମାନଙ୍କର ଘନ ଘନ ପଦକ୍ଷେପରେ ମୁଖରିତ ହୋଇ ଉଠିଲା । ଖଣ୍ଡେ ଦୂରରେ ଜଣେ ପୁଲିସ ଅନ୍ଧାର ଆବରଣରେ ଦ୍ୱାର ପାଖରେ ବସିଥିବା ଜଣେ ନାରୀ ସହିତ ଧୀରେ ଧୀରେ କଅଣ କଥା ହେଉଥିଲା । ଦୁଇଜଣ ମାତାଲ ଟଳ ଟଳ ମୋଡ଼ ଫେରି ଗୋଟାଏ ବନ୍ଦ ଦ୍ୱାରରେ କରାଘାତ ଓ ଚିତ୍କାର କରୁଥିଲେ ।

ଦୁଇ ଖଣ୍ଡ ରିକ୍ସାରେ ଚଢ଼ି ଚାରିଜଣ ଟମି ଆସିଲେ ସାହି ଭିତରକୁ । ସେମାନଙ୍କର ଅସଭ୍ୟ ଲୋଲୁପ ଦୃଷ୍ଟି ପ୍ରତ୍ୟେକ ଦ୍ୱାର ଅନୁସନ୍ଧାନ କରି ବୁଲୁଥିଲା । ଗୋଟାଏ ଦ୍ୱାର ନିକଟରେ ଦୁଇଜଣ ନାରୀ ଠିଆ ହୋଇଥିଲେ । ଟମି ଚାରିଜଣଙ୍କ ଭିତରୁ ଜଣେ ରିକ୍ସା-ବାଲାକୁ ଡାକିଲା, 'ଏହିଁ ରଖୋ, ଏହିଁ ରଖୋ । ଇଧର୍ ଠହର ।'

## ଚାରି

ସିଦ୍ଧେଶ୍ୱର ବାବୁ ଜଣେ ପୋଷ୍ଟ ବଡ଼ ନିୟମାନୁବର୍ତ୍ତୀ ବ୍ୟକ୍ତି । ପୂର୍ବରୁ ସ୍ଥିରୀକୃତ ପନ୍ଥା ଅନୁସାରେ କାର୍ଯ୍ୟ କଲେ କୌଣସି କାର୍ଯ୍ୟ ବିଫଳ ହୁଏ ନାହିଁ, ଏ ମତରେ ତାଙ୍କର ଦୃଢ଼ ବିଶ୍ୱାସ ଓ ଏ ମତ ପ୍ରତି ତାଙ୍କର ଦୃଢ଼ ଅନୁରକ୍ତି । ସେ ଏହାର ଅକାଟ୍ୟ ପ୍ରମାଣ ରୂପେ ଦେଖାନ୍ତି, ପ୍ରଥମ ମହାଯୁଦ୍ଧ ପରି ଏତେ ବଡ଼ ବ୍ୟାପାରର କାର୍ଯ୍ୟପନ୍ଥା ୫୦ ବର୍ଷ ପୂର୍ବରୁ ସ୍ଥିରୀକୃତ ହୋଇଥିଲା; ଦ୍ୱିତୀୟ ମହାଯୁଦ୍ଧର ପ୍ଲାନ୍ ପନ୍ଦର ବର୍ଷ ପୂର୍ବରୁ ହେବା କଥା ଖବରକାଗଜରେ ପ୍ରକାଶ ପାଇଥିଲା । ଏତେ ବଡ଼ ବଡ଼ ବ୍ୟାପାର ଯେତେବେଳେ ପୂର୍ବନିର୍ଦ୍ଧାରିତ କାର୍ଯ୍ୟପନ୍ଥା ଦ୍ୱାରା ପରି-ଚାଳିତ ହୋଇ ଠିକ୍ ଫଳ ଦେଇଥିଲା, ଆମମାନଙ୍କର ସାମାନ୍ୟ ସାମାନ୍ୟ କଥା, ସାନ ସାନ ବ୍ୟାପାର କଅଣ ସେ ଅନୁସାରେ କାର୍ଯ୍ୟ କଲେ ନିଷ୍ଫଳ ହେବ ? ନାହିଁ, ନାହିଁ — କଦାପି ନାହିଁ । ପୁରୀରେ ସେ ଖଣ୍ଡେ କୋଠାଘର କରିବା ପାଇଁ ମାଳସାପାଟଣାର ୩ ମାଇଲ ଆଗରୁ ଅଠରନଳା ନଦୀର ଦକ୍ଷିଣ ପାର୍ଶ୍ୱ ପର୍ଯ୍ୟନ୍ତ ୧୦ ବର୍ଷ ପୂର୍ବରୁ

ଇଟା ଗଅର୍ ଭସାଇବା ପାଇଁ ମାଷ୍ଟ ଖୋଜି ବୁଲୁଥିଲେ, ଏହା ତାଙ୍କର ଅନ୍ତରଙ୍ଗ ବନ୍ଧୁମାନଙ୍କ ମୁହଁରୁ ଶୁଣାଯାଏ ।

ସିଦ୍ଧେଶ୍ୱର ବାବୁ ଜନ୍ମଗତ ଚାକର । ଚାକିରି ହିଁ ତାଙ୍କର ଧର୍ମ, ଚାକିରି ହିଁ ସ୍ୱର୍ଗ, ଚାକିରି ହିଁ ପରମ ତପ । ଚାକିରିରେ ଖୁବ୍ ସାମାନ୍ୟ ଉନ୍ନତି-ହେବ — ସର୍ଭିସ୍ ବହିରେ ଉପର ହାକିମ୍ ଟିକିଏ ଭଲ ମନ୍ତବ୍ୟ ଲେଖି ଦେବେ — ଏପରି ସମ୍ଭାବନା ଥିଲେ ସେ ମଝି ବାଟରେ, ଭରା ବଜାର ଉପରେ, ବସି ଉକ୍ତ ହାକିମଙ୍କ ଜୋତାରେ ବୁଟ୍ ପଲିସ୍ ଲଗାଇ ତାକୁ ଖଣ୍ଡମତେ ବ୍ରସ୍ କରିବାରେ ନିଜକୁ ଧନ୍ୟ ମଣିବେ । ସେ ତାଙ୍କ ଗୃହିଣୀକୁ କହନ୍ତି, 'ଚାକିରି ଅର୍ଥ ଚାକରଗିରି — ବୁଝିଲ — ଚାକରର କାମ । ଡେପୁଟି ହେଉ ବା ମେଜେଷ୍ଟର ହେଉ, ସେ ସେହି ଚାକର । ଆମେ ଆମ ଉପର ହାକିମଙ୍କ ଚାକର — ଆଉ ଆମ ତଳସ୍ଥ କର୍ମଚାରୀ, ତଳିଆ ଲୋକ ସମସ୍ତଙ୍କ ନିକଟରେ ହାକିମ । ଆମର ଏଇ ହତଭଗା ବୁଢ଼ା ଚପରାସୀ ଠାରୁ ଇସ୍ତକ୍ ବଡ଼ଲାଟ ପର୍ଯ୍ୟନ୍ତ ସମସ୍ତେ ବଡ଼ଙ୍କ ନିକଟରେ ଚାକର, ସାନଙ୍କ ନିକଟରେ ହାକିମ । ଆମ ନିଧିଆ ଚାକର ଘରେ ବାସନ ଉଠାଏ, ଜୋତା ବୁରୁସ କରେ, ବାଟରେ ଡେପୁଟି-ଘର ଚାକର ବୋଲି ହାକିମୀ ଦେଖାଏ । ସେଇ ଗୋଟାଏ କଥା — ବଡ଼ଲାଟ ଠାରୁ ନିଧିଆ ଚାକର ପର୍ଯ୍ୟନ୍ତ । ଚାକର ତ, ଚାକର ପରି କାମ କରିବ; ଏଥିରେ ଲାଜ କଅଣ ? ଲୋକେ ମୋତେ ନିହାତି ଖୋସାମୋଦିଆ ବୋଲି କହନ୍ତି । ସେ ଦିନ ଗୋଟାଏ ଖବର-କାଗଜ ମୁଁ ଗୋବର ଗଣେଶ ବୋଲି ଲେଖିଥିଲା । ଅରେ ବାବୁ, ଖୁବ୍ ସ୍ପଷ୍ଟବାଦୀ ହେଲେ ବା ଗୋବର ଗଣେଶ ହେଲେ ତ ଚାକର ହୋଇ ପାରିବ ନାହିଁ । ଧର ନିଧିଆ ଯଦି ସ୍ପଷ୍ଟବାଦୀ ହୋଇ ପଡ଼େ ଆଜି ଏଇ ରାତି ନଅଟାରୁ, ତମେ କାଲି ସକାଳ ଯାଏ ତାକୁ ଘରେ ଠାବ ଦେବ ନା ? ଅରେ ବାବୁ, ସବୁଠାରେ ସେହି ଏକା କଥା ।'

ଡେପୁଟୀ-ଗୃହିଣୀ ଏତେ ସେତେ କିଛି ବୁଝନ୍ତି ନାହିଁ; କହନ୍ତି, 'ଫେର ମାନ ଇଜ୍ଜତ ତ ଅଛି ।'

—'ଅଛ, ଖୁବ୍ ଅଛ, ଜରୁର୍ ଅଛ । ମୋର ମାନ-ଇଜ୍ଜତ ଅଛ—ଅତି ଜଧିଯାଏ ବି ଅଛ । ସେ ଯେବେ ଅମ ଗାଣରେ ତା ମାନ-ଇଜ୍ଜତ ଦେଖାଏ ତେବେ ଯେଉଁଠି ତାର ମାନ-ଇଜ୍ଜତ ହେବା କଥା, ସେଠି ସୁଦ୍ଧ୍ୱ ତାହା ଯେଉ ପାଉଥିବ । ଠିକ୍ ସେମିତ, ମୁଁ ଯେଉ ଉପର ହାକମଙ୍କ ଜଡ଼ଃରେ ମାନ-ଇଜ୍ଜତ ବଞ୍ଚାଇ ଚଳେ, ତେବେ ବକ୍ସୋଟ ବୋଲ୍ ଦୁଜଅରେ ଯେଉଁ ମାନ-ଇଜ୍ଜତ ଅଛ ତା ଜୁଏବ ଉଠିଯିବ । ତେଣିକି ଗାଆଁର ଯେଉଁ ସବିଅକୁ ସେଇ ସବିଅ—ବୁଝିଲ । ଅରେ ବାବୁ, ସୁବ ତାର୍ଫଣୀ ସେବା ଚଳେ, କଥ ଅସାଧ ମହ ଚଳେ । ସ୍ୱଗତତ ତ ଏହ୍ୱା ବଜୁର୍ । ସେତେବେଳେ ବଲ୍ ସାହେବ କଲେକ୍ଟର ଥିଲେ । ତୁମ୍ଭମ ଗାଉଁ ତାଙ୍କ କୋଠିକୁ ଦେଖା କରିବାକୁ ଯାଇଥିଲି । ଦେଖିଲି, ବୈଠକଖାନାରେ ତାଙ୍କର ଜୋତା ଦୁଇଟା ରହିଛି । ଠିକ୍ ସେଇ-ବେଳ ଉଣ୍ଡି, ସାହେବ ଅସିବା ଅଗାଉ ଭବ୍, ସେତ ବୁଅଡ଼େ ନ ଥିବ-ବେଳେ, ଜୋତାକୁ ଉଠାଇ ରୁମାଲରେ ପୋଛିବା ଆରମ୍ଭ କରିଦେଲି । ସାହେବ ଘର ଭିତରକୁ ପଶି ଅସି ବିରକ୍ତ ହେବା ସ୍ୱରରେ ଚିହ ପଚାରିଲେ, 'Well Babu, what are you doing ?'—ବାବୁ, ଏ ● କାମ କଣ କରୁଛ ? ମୁଁ ହୋଇସତ ସଲାମ ଠୁକି କହିଲି, 'Nothing your honour; I was only dusting your shoes." ତୁମ ଜୋତାକୁ ଧୂଳ ଝାଡୁଥିଲି, ସାହେବ । ସାହେବ ତାହାରକୁ ବିରକ୍ତ ହୋଇ କହିଲେ, 'It is none of your business'—ଏ ସବୁ ତ ତୁମର କାମ ନୁହେଁ; କିନ୍ତୁ ମୁଁ ମହାପ୍ରସାଦ ଧରି ହଲପ କରି କହିପାରେ, ସେ ମନେ ମନେ ମୋ ପ୍ରତି ନିଶ୍ଚୟ ଖୁସି ହେଲେ । ତମର ମନେଥିବ, ତାଙ୍କରି ଅମଳରେ ମୋ ବଡ଼ମା ମୁଠାଏ କେତଣକୁ ଅନ୍ତେଇଶହ ଟଙ୍କା ହୋଇଗଲ । ଏତକ ସେ ବଲ୍ ସାହେବଙ୍କ ଯୋଗୁଁ ହେଲ । ତାଲବେଲ ବଜାର ଯାଉଛି । ଆଜି କାଲି ଯୋଗ୍ୟ ହାକମ ବେଶୀ ଅସୁ ନାହାନ୍ତି; ଯେଉଁଅଡ଼େ ଦେଖ ଖାଲି କଳାଚମଡ଼ା । ବାଘ କହୁଥିଲି, କଳାମୁଣ୍ଡିଆକୁ ବିଶ୍ୱାସ ନାହିଁ; ସେ ବାଘ ଯେତ ସବଦାସ ଦ୍ୱିତସ ତବୁଅଡ୍ଡା, କହନ୍ତା, କଳାହାକମଙ୍କୁ

ବିଶ୍ୱାସ ନାହିଁ । ତଥାପି ସେଇ—ସ୍ତ୍ରବ ଦାର୍ଶଣ୍ୟ ସେବା ବଳେ ଦେହ ଗୋଟିଏ ମୋ ଉପରେ ଅସନ୍ତୁଷ୍ଟ ! ହୁଁ, ଏମିତ କଥା ଅଛି ?

ଡପୋଟୀ-ଗୃହିଣୀ ଖୁସି ହୋଇ ଯାଆନ୍ତି । ସେ ଯାହା ମନ ତା ହେଉ, ତାଙ୍କ ପାଇଁ ପହିଲିକୁ ପହିଲି ନୂଆ ନୂଆ ଶାଢ଼ୀ ଗହଣା ଆସୁଛି ତ, ଡାକଘର ପାସ୍ ବହିରେ ତାଙ୍କ ନାଆଁରେ ଟଙ୍କା ଜମା କରାଯାଉଛି ତ, ପ୍ରତି ଛଅ ମାସରେ ଇନ୍ସ୍ୟୁରେନ୍ସ କମ୍ପାନୀର ପ୍ରିମିୟମ୍ ଟଙ୍କା ପଠା-ହେଉଛି ତ । ତାହାହିଁ ଯଥେଷ୍ଟ ।

ସିଦ୍ଧେଶ୍ୱର ବାବୁ ଏ ସବୁ ମହାମନ୍ତ୍ର ଅନୁସରଣ କରି ସୃଷ୍ଟି କରନ୍ତି, ମକଦ୍ଦମା ଖର୍ଚ୍ଚ କରନ୍ତି, ଦୋଷୀ ଅପେକ୍ଷା ବେଶୀ ସଂଖ୍ୟାରେ ନିର୍ଦ୍ଦୋଷଙ୍କୁ ଦଣ୍ଡ ଦିଅନ୍ତି, ସରକାରଙ୍କ ପାଇଁ ସୁଷ୍ଠୁ ଉପାୟରେ ଚାନ୍ଦା-ବେଦା ସଂଗ୍ରହ କରନ୍ତି—ଆଉ ଆଜିକାଲି ସପ୍ତାହରେ ଥରେ ଲେଖାଏ ସରକାରୀ ଆଇନ ଓ ନିୟମାବଳୀକୁ ଲଙ୍ଘନ କରନ୍ତି ।

ଡପୋଟୀ ବାବୁଙ୍କର ଏକମାତ୍ର ସନ୍ତାନ ପ୍ରତିଭା । ସେ ଗାର୍ଲ ସ୍କୁଲରେ ପଢ଼େ, ହାର୍ମୋନିୟମର ସ୍ୱର ସହିତ ବେସୁରା ଗୀତ ଗାଏ, ହିଷ୍ଟ୍ରୀ ଅଫ୍ ଇଂଲଣ୍ଡ ମୁଖସ୍ଥ କରେ, ବୁଝୁ ବା ନ ବୁଝୁ ସେକ୍ସ-ପିୟରଙ୍କର ରମୋଓ ଜୁଲିଏଟ୍ ନାଟକକୁ ବହୁ ଶହଥର ପଢି ନିଜକୁ ଜୁଲିଏଟ୍ ସ୍ତରରେ ରଖିବା ପାଇଁ ସହପାଠିନୀ ମହଲରେ ଚେଷ୍ଟା କରେ । ବାପ-ମାଆର—ବିଶେଷତଃ ଡପୋଟି ବାପାର—ଗୋଟିଏ ସନ୍ତାନ, କୌଣସି ଫେସନର କେତେବେଳେ ହେଲେ ଅଭାବ ହୁଏ ନାହିଁ, ଏପରିକି ପ୍ରତିଭାର ନିଜ ଆଲମାରୀରେ 'How to Write Love Letters' ବହି ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ—ଅବଶ୍ୟ ଗୋପନରେ । ଗାର୍ଲ ସ୍କୁଲର ପୁରସ୍କାର ବିତରଣୀ ଉତ୍ସବରେ ଥରେ କଥଣ ଗୋଟାଏ ଅଭିନୟ କରି ପ୍ରତିଭା ଗୋଟାଏ ମେଡାଲ ପାଇ ଯାଇଥିଲା । ନିମନ୍ତ୍ରିତ ହୋଇ ସେ ଉତ୍ସବରେ ସିଦ୍ଧେଶ୍ୱର ବାବୁ ମଧ୍ୟ ଉପସ୍ଥିତ ଥିଲେ । ଉତ୍ସବ ଶେଷରେ ଲେଡି ପ୍ରିନ୍ସିପାଲ୍ ମିସ୍ ସାନ୍ୟାଲ ତାଙ୍କୁ କହିଥିଲେ, 'Prativa is a brilliant girl'—ପ୍ରତିଭା ଖୁବ୍ ମେଧାବୀ ପିଲା । ତା ପରେ କହୁଥିବ ପର୍ଯ୍ୟନ୍ତ ବନ୍ଧୁ ମହଲରେ ସେ ପ୍ରତିଭାର ଏହି

ଓକିଳଙ୍କୁ ଦେଖାନ୍ତୁ ଓ ସଙ୍ଗେ ସଙ୍ଗେ ମିଶ୍ ସାହେବଙ୍କ ମନ୍ତବ୍ୟଟିକୁ ମଧ୍ୟ ତୁର୍ଚ୍ଛ ଭାବ୍ ଅନୁଭବ କର ଉଠନ୍ତ ।

କୋଡ଼ିଏ ବର୍ଷ ପୂର୍ବେ ସେଦିନ ବମ୍ବେରେ ଲକ୍ଷ୍ମୀଧରର ଫିଟମାନଙ୍କୁ ଜବାବ୍ ଦେବାକୁ ହେଉଥିଲା, ତାହାର ୪୦ ବର୍ଷ ହେବ ସେ ସୀମା ଅତିକ୍ରମ କର ଆସିଛ, ସିଦ୍ଧେଶ୍ୱର ବାବୁ ଏ କଥା ଜାଣନ୍ତି । ତୁଏତ ଆଉ ବର୍ଷେ ଦୁଇବର୍ଷ ମଧ୍ୟରେ ତାଙ୍କ ଫିଟକୁ ଜବାବ ଦେବାକୁ ହେବ, ଏ ବିଷୟରେ ମଧ୍ୟ ତାଙ୍କ ମନରେ ସ୍ପଷ୍ଟ ଧାରଣା ଥିଲା । ଏ ସମ୍ବନ୍ଧରେ ମଧ୍ୟ ସେ ଅନେକ ଥର ଅନେକ ଗମ୍ଭୀର ଚିନ୍ତା, ଅନେକ ଯୋଜନା, ଅନେକ ପ୍ଲାନ୍ କରିଥିଲେ; କିନ୍ତୁ ଏ ସବୁର ମୂଳ ତ ଯୋଗ୍ୟ ପାତ୍ର ! ନାନା ଜାଗାରେ ଆଖି ବୁଲାଇ ବୁଲାଇ ସେ ଥକି ପଡ଼ିବା ଉପରେ ହୋଇଥିଲେ; କିନ୍ତୁ ବନରେ ବୁଲୁଥିବା ମୃଗକୁ ମରୁରେ ଖୋଜି ବୁଲିବା ପରି ତାହା ଏପର୍ଯ୍ୟନ୍ତ ସଫଳ ହୋଇ ନାହିଁ । ଟୋକା ଗୁଡ଼ିକ ଟୀପୁଡ଼ାଙ୍କ ଉପରେ ତାଙ୍କର ଗଭୀର ଘୃଣା, ସେମାନେ ସମସ୍ତେ ଅଯୋଗ୍ୟ ବୋଲି ତାଙ୍କର ଦୃଢ଼ ଧାରଣା; କେଣୁ ସେ ଯେଉଁ ପଣ ମୂଳରୁ ସେ କୃଷ୍ଣ କେଉ ନ ଥିଲେ । ଉଚ୍ଚ ମଣ୍ଡଳର ଜ୍ଞାନସ୍ତର ଶ୍ରେଣୀକୁ ଦୃଷ୍ଟି ଦେଇ ଦେଖିଲେ, ସେମାନଙ୍କର ତ ଜାତିକୁ ପୋଷିବା ଅସମ୍ଭବ— ଗୋଟାଏ ଘରବାର ଚଳାଇବା ଯୋଗ୍ୟତା ବା ସେମାନଙ୍କର କାହିଁ ? ମଣ୍ଡଳ ଶ୍ରେଣୀର ମଣ୍ଡଳକୁ ଦୃଷ୍ଟି ଦେଲେ, ଅସ୍ଥି ଅଡ଼୍ ଏବଂ ଜୀବନର ପଣ ଅଡ଼୍ ଏମାନେ ଯେ ମଣିଷ, ସେ ବିଷୟରେ ତାଙ୍କ ମନରେ ଘୋରତର ସନ୍ଦେହ ଉପସ୍ଥିତ ହେଲା । ଏହି ଦେଢେଶନ ହେଲା ଉଡ଼ାଡ଼ାହାଜ ଉପର ଅଡ଼କୁ ତାଙ୍କର ଦୃଷ୍ଟି ଯାଇଥିଲା; ସେ ଜାଗାରେ ଥିବା ପାତ୍ରମାନଙ୍କର ଅସ୍ଥି ଉଲ, ସାଜ ପୋଷାକ ଗିଳି ମଧ୍ୟ ସେମାନେ କେଶ୍ ଫିଟଫ୍ରାଟ୍ ଦେଖା ଯାଆନ୍ତି, ଗୋଟିଏ ପାନ ଉପରେ ତାଙ୍କର ସେସବୁ ଗଭାରେ ଆରମ୍ଭ ହୋଇଥିଲା; କିନ୍ତୁ ବୃଦ୍ଧଶୀ ଏଥିରେ ଘୋରତର ଆପତ୍ତି ଉତ୍ଥାପନ କଲେ । ସେ କହିଲେ, 'ଉଡ଼ାଜାହାଜ ଯେଉଁଠି ଶୂନ୍ୟେ ଶୂନ୍ୟେ ଉଡ଼େ, ସେଥିରେ ଚେଡେଚେନ କେଉଁଠି ଖସିଯିବ ତାର ଠିକ୍ ଥିରତା ନାହିଁ । ସେତେବେଳେ

ଲେଖ ସ୍ୱତ୍ୱ ଦକ୍ଷିଣୀକୁ ଗଡ଼ିଯିବ ! ସିଦ୍ଧେଶ୍ୱର ବାବୁଙ୍କ ଦୃଷ୍ଟି ସେ ଅଦ୍ଭୁତ ଛାଏଁ ଛାଏ ଫେରିଆସିଲା । ଏହା ନିଃଶ୍ୱାସରେ ଏତେ କ୍ଷେତ୍ରରେ ଧାଇଁ ଧାଇଁ ଆସି ତାଙ୍କର ବୁଦ୍ଧି, ବିବେଚନା ଓ ଦୃଷ୍ଟି ଏ ସମ୍ପର୍କରେ ଟିକିଏ ନିଃଶ୍ୱାସ ମାରି ବସିଲା । ଗୃହିଣୀ ସୂଚନା ଦେଲେ, 'ତମେ ଏତେ ବ୍ୟସ୍ତ ହୁଅ ନାହିଁ । ଯେ ଯାହା ଭ୍ରାନ୍ତିରେ ସ୍ୱଜନ ଦେଇଥିବ, ସେ ତା ପାଖରେ ଆପେ ଆପେ ଆସି ପହଞ୍ଚିବ ।'

ଅବଶ୍ୟ ପ୍ଲାନ୍‌ର କୌଣସି ଯୋଜନା ଭିତରେ ଭବିଷ୍ୟତର ସମସ୍ତ ସମ୍ଭାବନା ସେହି ଭବିଷ୍ୟତ ଉପରେ ଛାଡ଼ି ଦେଇ ନିଶ୍ଚିନ୍ତ ରହିବା କଥା ଥିଲା, ସେ କଥା କେବଳ ସିଦ୍ଧେଶ୍ୱର ବାବୁଙ୍କୁ ହିଁ ଜଣା; କିନ୍ତୁ ଏ ବାଟରେ ତାଙ୍କର ଉଦ୍ୟମ ଯେ ଟିକିଏ ଶିଥିଳ ପଡ଼ିଗଲା, ଏହା ପ୍ରତିବେଶୀ ମଧ୍ୟ ବୁଝିପାରିଲେ ।

ସ୍ୱୀୟ ସଂଗ୍ରହ ଉଦ୍ଦେଶ୍ୟରେ ମଫସଲକୁ ଫେରି ସିଦ୍ଧେଶ୍ୱର ବାବୁଙ୍କ ଉତ୍ସାହ ପୁଣି ହଠାତ୍ ବଢ଼ିଗଲା । ପ୍ରଦୋଷର ସ୍ୱଜନ୍ମସାଦ-ସୁଲଭ ଦୋଠାବାଜ ତାଙ୍କ ଦୃଷ୍ଟିପଥାରୂଢ଼ ହୋଇଥିଲା । ଖପୋଷ୍ଟ ବାବୁ ନିକଟ ଗ୍ରାମରେ ଥିବା ଡାକବଙ୍ଗଳାକୁ ପ୍ରଦୋଷଙ୍କ ଜମିଦାରୀର ନାଏବଙ୍କୁ ଡକାଇ ନେଇ ବୁଝିନେଲେ ଯେ, 'ବାବୁ କଟକରେ ଥାଆନ୍ତି, ବି. ଏ. ପାସ୍ କରିଛନ୍ତି, ଖପୋଷ୍ଟି ବୃତ୍ତି ବା ଚାକିରି କରିବେ, ଘରେ ଦଶ ଲକ୍ଷ ଟଙ୍କା ନଗଦ, ୭୦ ହଜାର ଟଙ୍କା ସଦର ଜମାର କବାଟ ଜମିଦାରୀ ରହିଛି, ବାବୁ ଏକା — ସାଆନ୍ତଙ୍କର ଗୋଟିଏ ମାତ୍ର ପୁଅ, ସାଆନ୍ତ-ସାଆନ୍ତାଣୀ ଦୁହେଁ ସ୍ୱର୍ଗରେ, ବାବୁଙ୍କର ମହାପୁରୁଷ ପରି ମନ, ଚାଳିଭ ପରି ରୂପ — ଏତେ ବଡ଼ ଲୋକ, ଏତେ ଯୋଗ୍ୟ, ତାହାଙ୍କୁ କେବେ ହୁ ବୋଲି ତ କହନ୍ତି ନାହିଁ, ସେ କଟକରେ ଥାଆନ୍ତି, ମଝିରେ ମଝିରେ ଗାଆଁକୁ ଆସନ୍ତି ।'

ସିଦ୍ଧେଶ୍ୱର ବାବୁ ସେ ରାତିରେ ଗୃହିଣୀଙ୍କ ନିକଟରେ ସବୁକଥା ବର୍ଣ୍ଣନା କରି କହିଲେ, 'ଠିକ୍ କହିଥିଲ ତମେ, ନିଶ୍ଚୟ ଠିକ୍ କହିଥିଲ — ସେ ଯାହା ଆଜିରେ ସ୍ୱଜନ ଲାଭଥିବ !'

ଗୃହିଣୀ ଅଶ୍ରୁବଳୁ ଶୁଦ୍ଧ କରି କହିଲେ, 'ଯେ ଯାହା ଭ୍ରାନ୍ତିରେ ସ୍ୱଜନ ଦେଇଥିବ !'

## ପାଞ୍ଚ

ସିଦ୍ଧେଶ୍ୱର ବାବୁ ପ୍ରଦୋଷର ଅଜାଣତ ସମୟରେ ପୁଣି ପ୍ଲାନ୍ ଆରମ୍ଭ କରିଦେଲେ । ଏଥର ତାଙ୍କ ଯୋଜନାରେ ତ ସବୁ ଉପାଦାନ ମହଜୁଦ୍ ଥିଲା—ପାତ୍ର, ଧନ ସମ୍ପତ୍ତି, ଶିକ୍ଷା ଓ କୁଳ । ବର୍ତ୍ତମାନ୍ ତାହାକୁ ତେମିତି ଭାବରେ ବ୍ୟବହାର କଲେ, ଠିକ୍ ସ୍ଥାନରେ ଠିକଣା କାମ ହୋଇଯିବ, ଏହାହିଁ ସବୁ ତନ୍ତ୍ର, ହିସାବ କରି, ସୁବିଧା ଦେଖି କାର୍ଯ୍ୟ କରିବା ହେଲା ଅସଲ କାମ ।

ସେ ପ୍ରଦୋଷର ଖବର ବୁଝିବାରେ ଚେଷ୍ଟା କଲେ । ଉଡ଼ାଖବରକୁ ବୁଝିଲେ—ସେ ଧନୀ, ମାନୀ, ଜ୍ଞାନୀ ମଧ୍ୟ କହିଲେ ଅତ୍ୟନ୍ତ ଭୁଲ ନାହିଁ—କାରଣ ସେ ବି. ଏ. ପଢ଼ିଛନ୍ତି; କିନ୍ତୁ ସେ ମଦ ପିଏ । ସିଦ୍ଧେଶ୍ୱର ବାବୁ ସୁସମର୍ଥନୀୟ ଖବରଟା ଶୁଣି ଟିକିଏ ଦବି ଗଲେ —କିନ୍ତୁ ଟିକିଏ ମାତ୍ର; ଯୋଜନାଟି ରହିଲା ଏମିତି ଯେ, କଥାଟା ଯଦି ସୁହାସିନୀଙ୍କ କାନ ଯାଏ ପହଞ୍ଚି ଯାଏ, ତେବେ ସେ ଅଡ଼୍, ହୁଏତ ଗୋଟାଏ ଆପତ୍ତି ଉଠିବ—ସେ ଆପତ୍ତିଟା ମଧ୍ୟ ଟାଣୁଆ ଧରଣର ହେବାର ସମ୍ଭାବନା ଅଛି । ସ୍ତ୍ରୀମାନଙ୍କର ପରସ୍ପର-ବିରୋଧୀ ଜବାନବନ୍ଦୀକୁ ନେଇ ଘଣ୍ଟାଘଣ୍ଟା କରିବା ତାଙ୍କର ଅଭ୍ୟାସ ଭିତରେ ପଶିଗଲାଣି । ସେ ଭାବିନେଲେ, ଏଇଟା ଉଡ଼ାଖବର—ଅତଏବ ଠିକ୍ ନ ହେବାର ସମ୍ଭାବନା ଅଛି; ତେଣୁ ଏ ବିଷୟରେ ଅଧିକ ଅନୁସନ୍ଧାନ ଆବଶ୍ୟକ; ଦ୍ୱିତୀୟରେ, ପ୍ରଦୋଷ ମଦ ପିଏ, ଏ କଥା ଠିକ୍ ବୋଲି ଯଦି ଧରି ନିଆଯାଏ, ତେବେ ସେହି କାରଣକୁ ମଧ୍ୟ ତାଙ୍କ ପାତ୍ର ତାଲିକାରୁ କାଟି ଦିଆଯାଇ ପାରିବ ନାହିଁ, କାରଣ ଅନେକ ଲୋକ ଯୌବନସୁଲଭ ଚପଳତାରେ ମଦ ଧରନ୍ତି—କେହି କେହି ସଙ୍ଗଦୋଷରେ ମଧ୍ୟ ଏ ନିଶାରେ ପଡ଼ନ୍ତି । କଲେଜରେ ପଢ଼ିବା ସମୟରେ ସେ ଥରେ ବ୍ରାଣ୍ଡି ପିଇ ବାନ୍ତି କରି କରି ବେହୋସ୍ ହୋଇ ଯାଇଥିଲେ ବୋଲି ତାଙ୍କର ମନେପଡ଼ିଲା; ଯୁଗାନ୍ତରେ ମଦ୍ୟପାନ କରିବା ମଧ୍ୟ କିଛି ବଡ଼ ଦୋଷଟାଏ ବୋଲି ତାଙ୍କର ଧାରଣା

ନୁହେଁ, କାରଣ ଅନେକ ବଡ଼ ବଡ଼ ସାହେବ ହାକିମ ବିସ୍ତର ମଦ୍ୟପାନ କରନ୍ତି; ଅନେକ ମଦ୍ୟପାୟୀ ଅଛନ୍ତି, ସେମାନେ ଖୁବ୍ ଧାର୍ମିକ ଲୋକଠାରୁ ମଧ୍ୟ ଯଥେଷ୍ଟ ଭଲ ଦରକ । ଆଉ ଗୋଟାଏ କଥା । ସମୟ ସମୟରେ ଟିକିଏ ନିଶା କରିବା ପାଇଁ ମଦ୍ୟପାନ କରିବା ଆଉ ମଦ୍ୟପାନ ଅଭ୍ୟାସର ବଶୀଭୂତ ହେବା ଏ ଦୁଇଟା ସମ୍ପୂର୍ଣ୍ଣ ଭିନ୍ନ କଥା । ଗୋଟାକ ସହଜ ପାଇଁ କରାଯାଏ, ଆଉ ଗୋଟାକ ନିତାନ୍ତ କଦର୍ଯ୍ୟ ଅଭ୍ୟାସ । ମଦ୍ୟପାୟୀ ବା ମଦ୍ୟପ କହାଇଲେ ଯାହା ବୁଝାଏ ପ୍ରଦ୍ୟୋତ ତାହା ଆଦୌ ନୁହେଁ, ଏପରି ମନେକରିବା ଶକ୍ତ, ବର୍ଷ ବର୍ଷ ଧରି ଭାରତୀୟ ଦଣ୍ଡବିଧି ଆଇନର ଗୋଟାଏ ଧାରାର ଗୋଟାଏ ଗୋଟାଏ ଶବ୍ଦର ଅର୍ଥର ଜଟିଳତା ବିଷୟରେ ଧୁରନ୍ଧର ଓକିଲମାନଙ୍କଠାରୁ ଘଣ୍ଟା ପରେ ଘଣ୍ଟା ଗବେଷଣା ଶୁଣି, ତାଙ୍କର ଯଥେଷ୍ଟ ଅଛି ବୋଲି ସେ ମନେକରନ୍ତି ।

ଏବେ ବିବେଚନା ପରେ ଯଦି ପ୍ରଦ୍ୟୋତ ମଦ୍ୟପ ବୋଲି ଜଣା-ଯାଏ, ତଥାପି ମଧ୍ୟ ତାଙ୍କର ଖୁବ୍ ବେଶୀ କ୍ଷତି ନାହିଁ । ଯଥେଷ୍ଟ ଧନ ଓ ତାକୁ ସମ୍ଭାଳିବାର ଲୋକ ନ ଥିଲେ ଅନେକ ସମୟରେ ଅନେକ ଲୋକ ଅବାଟରେ ଯାଇଥାନ୍ତି । ତାହା ହେଲେ ପ୍ରତିଭା ପରି ଝିଅକୁ ପତ୍ନୀରୂପେ ପାଇ ସେ ତା ଗତି ବଦଳାଇ ପାରେ । ତାହା ଯଦି ନ ହୁଏ, ତେବେ ମଦ୍ୟପାନଦ୍ୱାରା ସେ ଦଶବର୍ଷ ଭିତରେ ହୁଏତ ପୀଡ଼ିତ ବା ଦୁର୍ବଳମସ୍ତିଷ୍କ ହୋଇପଡ଼ିବ । ସେତେବେଳକୁ ସେ ସ୍ୱକଷାରୁ ଅବ୍ୟାହତି ନେଇଥିବେ । ପ୍ରଦ୍ୟୋତର ସମ୍ପତ୍ତିବାଡ଼ିର ରକ୍ଷଣାବେକ୍ଷଣ ଭାର ତାଙ୍କ ଉପରେ ପଡ଼ିବ । ସେଥିରେ ତାଙ୍କର ଲାଭ ଛଡ଼ା କ୍ଷତି ନାହିଁ ।

ଏହି ଧାରାରେ ବିସ୍ତର ତର୍କ ପରେ ସେ ସ୍ଥିର କଲେ ଯେ, ପ୍ରଦ୍ୟୋତ ପ୍ରତିଭାର ଉପଯୁକ୍ତ ପାତ୍ର ଏବଂ ଯେତେ ଶୀଘ୍ର ଏ ଦୁହିଙ୍କର ବିବାହ ସ୍ଥିର ହୋଇଯାଏ, ସେତେ ଭଲ । ସୁହାଣୀ ଏ ସବୁ ଯୁକ୍ତି ଶୁଣି ଏ ବିଷୟରେ ଶିବେଶ୍ୱର ବାବୁଙ୍କୁ ପୂର୍ଣ୍ଣ ରୂପରେ ସମର୍ଥନ କଲେ ।

ପ୍ରକୋପ ତ ଜଣେ ଜଣକ ଉପରେ ଲଦିବ — ଅନ୍ତତଃ ଘଟଣାଚକ୍ରରେ ତାହାହିଁ ବୋଲି ଧରିନେବାକୁ ହେବ । ସ୍ପଷ୍ଟ ରହିଲା, ତାଙ୍କ ନିକଟରେ ଏ ପ୍ରସ୍ତାବ ଉଠାଇବା ଓ ଶେଷରେ ନିଶ୍ଚିତ ଭାବରେ ସେ ଏ ବିଷୟରେ ସମ୍ମତ ହୁଅନ୍ତି, ତାର ବ୍ୟବସ୍ଥା କରିବା । ତାଙ୍କ ପ୍ଲାନଂ ଭିତରେ ଏ ବିଷୟଟା ହିଁ କଠିନତମ ଭାଗ ବୋଲି ସେ ଧରି ନେଇଥିଲେ ।

ସ୍ୱରୂପଙ୍କର ଗଣବନ୍ଧୁ ସହିତ ଅନେକଦିନ ହେଲା ସେ ପ୍ରତ୍ୟକ୍ଷ ସମ୍ପର୍କ ହରାଇଥିଲେ । ଏଣୁ ଯେତେ ତାଙ୍କର କୋପ ନ ହେଉ ସେତେ ତାଙ୍କର ବୟସ ଓ ପରିସ୍ଥିତିର କୋପ ବୋଲି ବୁଝାଯାଇ ପାରିବ । ସେ ଏ ବିଷୟରେ ସ୍ୱରୂପଙ୍କୁ ଦୃଷ୍ଟି ଦେଲେ । ସାମାଜିକ କ୍ଷେତ୍ରରେ ଅବାଧ ମିଳାମିଶା ଦ୍ୱାରା ଅନେକ ବୈବାହିକ ପ୍ରଶ୍ନର ସୁରକ୍ଷ ସମାଧାନ ହୋଇ ଥାଏ ବୋଲି ଗୋଟାଏ ମତ ସେ ସ୍ଥିର କରିନେଲେ । ତା ଛଡ଼ା ଯାହା ଓ କନ୍ୟା ଉଭୟଙ୍କ ଭିତରେ ଯଦି ଗୋଟାଏ ସୂକ୍ଷ୍ମ ସମ୍ପର୍କ ସ୍ଥାପିତ ହୋଇଯାଇ ପାରେ, ଯଦି ଦୁହେଁ ଦୁହିଙ୍କ ପ୍ରତି ଅଜ୍ଞାତ ଭାବରେ ଆକର୍ଷିତ ହୋଇପାରନ୍ତି, ତେବେ ଏ ପ୍ରଶ୍ନ ସ୍ୱୟଂ ସ୍ୱୟଂ ସମାହିତ ହୋଇଯିବ । ବିଷୟଟା ପ୍ରେମଶାସ୍ତ୍ର ସମ୍ପର୍କୀୟ କି ନା, ବହୁଦିନ ହେଲା ସେ ବିଷୟର ସମ୍ଭାବ୍ୟ ଧାରଣା ତାଙ୍କ ମନରୁ ଲୋପ ପାଇଥିଲା । ଏ କଥା ସେ ନିଜ ପାଖରେ, ବିଶେଷତଃ ଗୃହିଣୀଙ୍କ ନିକଟରେ, ପ୍ରକାଶିତ କରିବା ପାଇଁ ପ୍ରସ୍ତୁତ ନ ଥିଲେ ମଧ୍ୟ ସେ ତାଙ୍କ ପ୍ଲାନଂର କାର୍ଯ୍ୟକାରୀ ଯୋଜନାରେ ଏ ସମ୍ପର୍କୀୟ ବାର୍ତ୍ତାଳାପ ବିଷୟରେ ଯେତେ ଭାବିଲେ, ତାଙ୍କ କଳ୍ପନା ସେତିକି ଗୋଳିଆ ଧରିଗଲା । ସୁନୀଳ ନୈଶ ଆକାଶରେ ଜଳ୍ ଜଳ୍ ଅନେକ ତାରକାପରି ହଠାତ୍ ତାଙ୍କ ମନେ ପଡ଼ିଗଲା ଯେ, ପ୍ରେମସମ୍ପର୍କୀୟ ସମସ୍ତ ବିଷୟର ବୈଜ୍ଞାନିକ ବିଶ୍ଳେଷଣ ଅନେକାଂଶ ଶାସ୍ତ୍ରରେ ଥାଏ । ସାଧ୍ୟସାଧନା ପରେ ଏ ଶାସ୍ତ୍ର ଖଣ୍ଡେ ହସ୍ତଗତ କରି ସେ ପ୍ରେମ ବିଷୟକ ଅଧ୍ୟାୟଟା ପ୍ରତି ରେଫରେନ୍ସ ରୂପେ ଦୃଷ୍ଟିପାତ କଲେ । ପୂର୍ବରାଗ, ଅନୁରାଗ... ବାସ୍ ବାସ୍ — ହେଲା । ଏହିପରି ସେ ଖୋଜୁଥିଲେ । ପିନଲ କୋଡ଼ର ୪୦୨ ଧାରାପରି ଏହାକୁ ବିଶ୍ଳେଷଣ କରି ସେ ଠିକ୍ କରିନେଲେ, ପୂର୍ବରାଗ ନ ହେଲେ ଅନୁରାଗ ହୁଏ ନାହିଁ, ଅନୁରାଗ ନ ହେଲେ ପ୍ରେମ ଜନ୍ମେ ନାହିଁ ।

ସିଦ୍ଧେଶ୍ୱର ବାବୁଙ୍କର ତ ପ୍ଲାନିଂ ଅନୁସାରେ କାମ; ଯୋଜନା ଠିକ୍ ହୋଇଗଲେ କାମ କରିବାରେ ତାଙ୍କର ବିଳମ୍ବ ହୁଏ ନାହିଁ । ଯୋଗାଯୋଗର ଘଟଣା । ପ୍ରଦୋଷଙ୍କ ଦୋତାଲା ନିକଟରେ ଖଣ୍ଡେ ଘର ଏ, ଆର୍. ପି ଲୋକେ ମାଡ଼ି ବସିଥିଲେ । ସେମାନଙ୍କ ଦର-କାରରେ ନ ଲଗିବାରୁ କି ତାଙ୍କ କର୍ମଯୋଜନାରେ କିଛି ପରିବର୍ତ୍ତନ ହେବାରୁ ସେମାନେ ସେ ଘରଖଣ୍ଡ ଛାଡ଼ି ଦେବାର ସ୍ଥିର କଲେ । ଏ କଥା କଟକର ହାକିମ ମହଲରେ ଜଣାଶୁଣା ହେବା ମାତ୍ରେ ସିଦ୍ଧେଶ୍ୱର ବାବୁ ସେ ଖଣ୍ଡିକୁ ଭଡ଼ାରେ ନେବା ପାଇଁ ଉପଯୁକ୍ତ କ୍ଷେତ୍ରରେ ଅଭିଯାନ ଆରମ୍ଭ କରିଦେଲେ । ସ୍ତବ, କାର୍ପଣ୍ୟ, ସେବା—ଏହିମାନ ଅସ୍ତ୍ର; ଏ ସମର୍ଦ୍ଧନୀୟ ବିଜୟ-ଲକ୍ଷ୍ମୀ ତାଙ୍କ ସ୍କନ୍ଧାରୂଢ଼ା ହେଲେ । ନୂଆ ଘରେ ପଦାର୍ପଣ କରି ଉପର ମହଲାର ପୂର୍ବଦିଗର ଝରକା ଫିଟାଇ ସେ କହି ଉଠିଲେ—'ବାଃ' ! ଅର୍ଥାତ୍ ସେ ଗବାକ୍ଷରୁ ପ୍ରଦୋଷର ଉପର ବାରଣ୍ଡା, ଏପରି କି ତା ବସିବା ସ୍ଥାନ, ସ୍ପଷ୍ଟ ଦେଖା-ଯାଉଥିଲା । ସାଙ୍ଗେ ସାଙ୍ଗେ ତାଙ୍କ ଭିତରେ କବିତାଳରୁ ଶୁଣି ଯାଇଥିବା କବିତାର ଧାଡ଼ିରେ ବୋଧହୁଏ ମୂଳାଏ ବର୍ଷା ପାଣି ପରି ଆସିଲା କମ୍ପା ରେଫରେନ୍ସ କା ବୁଲିଂର ସମର୍ଥନ ରୂପେ ତାଙ୍କ ମନ କୋଣରେ ଉଙ୍କି ମାରିଲା ଗୋପାଳକୃଷ୍ଣଙ୍କ 'ଅଟ୍ଟାଳୀରେ ସେ ଥିବାର' କି କବିସୂର୍ଯ୍ୟଙ୍କ 'ଗିରିନ୍ଦ୍ରକୁ ଲଭି କାର ପୁରେ ହେଲା ମୋ ମନାଶ ।'

ପ୍ରତିଦିନର ପଡ଼ିବା ଓ ରହିବା ଘର ଉପର ମହଲାର ସେହି ଘରେ ସ୍ଥିର ହେଲା, ଝରକା ମଧ୍ୟ ଖୋଲା ରହିଲା । ଯୋଜନା ଅନୁସାରେ କାର୍ଯ୍ୟ ଅଗ୍ରସର ହେଉଛି କି ନା ବୋଲି ସିଦ୍ଧେଶ୍ୱର ବାବୁ ଲକ୍ଷ୍ୟ କରି ରହିଲେ ।

ପ୍ରଶସ୍ତ ଏ ବିବାହ ପ୍ରସ୍ତାବ ବିଷୟରେ ଗୋଟାଏ କଥା ଅଜାଡ଼ି କହିଛି; କିନ୍ତୁ ପ୍ରଦୋଷ ସହିତ ଯେ ତାର ବିବାହ ହେବାର ଯୋଗାଡ଼ ଚାଲିଛି, ସେଥିପାଇଁ ଯେ ଏ ନୂଆ ଘର ତାର ପୂର୍ବସୂଚନାର ଗୋଟାଏ ବ୍ୟବସ୍ଥା, ପ୍ରଦୋଷର ଘର ଯେ ତା ବୋଠରୁ ଝରକାରୁ

ଦେଖାଯାଏ, ଏ କଥା କ ତା ପକ୍ଷେ କୌଣସି ଦିନ ସମ୍ଭବ ନାହିଁ ତା ପ୍ରେମର ଏମନ୍ତ କଣ୍ଠବୈଠକ କରିବା ପାଇଁ କ ତାଙ୍କ ଦେହ ବଳୁ ନାହାନ୍ତି । ସେ ସ୍କୁଲକୁ ଯାଏ, ତାପରେ ସମସ୍ତ ଝରକା ବନ୍ଦ ଉପନ୍ୟାସର ରୋମାଣ୍ଟିକଧାରା ପ୍ରେମର କଳ୍ପନାରେ ବୁଡ଼ି ରହେ ।

ସିଦ୍ଧେଶ୍ୱର ବାବୁ ଲକ୍ଷ୍ୟ କଲେ, ତାଙ୍କ ଯୋଜନା ଅନୁସାରେ କିଛି କାମ ହେଉ ନାହିଁ; ତାଙ୍କ ପ୍ଲାନ୍‌ରେ ଅଚଳ ଅବସ୍ଥା ଉପସ୍ଥିତ । ଏହାକୁ ସଚଳ କରିବାର କୌଣସି ଉପାୟ ତାଙ୍କ ମସ୍ତିଷ୍କରେ ପଦାର୍ପଣ କଲା ନାହିଁ । ସେ ହତାଶ ହୋଇ ପଡ଼ିଲେ, ଗୃହିଣୀଙ୍କୁ ସବୁ କଥା କହି ଦୀର୍ଘନିଃଶ୍ୱାସ ପକାଇ କହିଲେ, 'ହୁଁ, ଯେ ଯାହା ଭାଗ୍ୟରେ ଲେଖା ଲେଖିଥିବ' ।

ଗୃହିଣୀ କଥାଟାକୁ ଶୁଦ୍ଧ କରି କହିଲେ, 'ଯେ ଯାହା ଭାଗ୍ୟରେ ଲେଖା ହୋଇଥିବ ।'

## ଛଅ

ବାହାରେ ଶୁଭ୍ର ଜ୍ୟୋତ୍ସ୍ନା । ଶରତର ଶୀତଳ ପବନ । ସୁନୀଳ ଆକାଶରେ ଚନ୍ଦ୍ର ଓ ତାରକାପୁଞ୍ଜର ସ୍ନିଗ୍ଧ ଲୀଳ ମାଦକତା ।

ପ୍ରଫେସରଙ୍କ ଘରେ ସଙ୍ଗୀତର ବୈଠକ ଜମିଲା; ଅପୂର୍ବ ସଙ୍ଗୀତ ଧ୍ୱନିର କମ୍ପନରେ ଘର ଅନ୍ଦର ବାୟୁମଣ୍ଡଳ ସଞ୍ଜୀବିତ ହୋଇଉଠିଲା ।

ଉପର ମହଲର ବାରଣ୍ଡା । ତଳେ ଖଣ୍ଡେ ଗାଲିଚା ବିଛା ହୋଇଛି । ଉପରେ ଜଳୁଛି ଦୁଇଟି ବଲ୍ବ ଆଲୁଅ । ବୈଠକରେ ଗହଳି ନାହିଁ—ପ୍ରଫେସର, ସୁଦନ ଓ ଜଣେ ବୁଢ଼ା ଓସ୍ତାଦ । ଏ ତିନିହେଁ ସଙ୍ଗୀତର ସ୍ରଷ୍ଟା, ଏହି ତିନିହେଁ ହିଁ ସେହି ସଙ୍ଗୀତ ସୃଷ୍ଟିର ଉପଭୋକ୍ତା । ସେମାନଙ୍କ ବୈଠକ ବାହାରେ ଯେତେବେଳେ ଶୁଣାଯାଏ ସେ ସୁରଲହରୀ ଯେ କୋଟାଏ ଅପୂର୍ବ ଆକର୍ଷଣୀ ଶକ୍ତି ଉତ୍ପାଦ କରିଥିଲା, ଏ ଧାରଣା ସେମାନଙ୍କ ମନରେ ସ୍ଥାନ ଲାଭ କରି ନ ଥିବା ତାହାର ଅବସର ମଧ୍ୟ ନ ଥିଲା ।

ପ୍ରଦୋଷର କଳ୍ପ ଅଙ୍ଗୁଳି ସ୍ପର୍ଶରେ ସୀତାରର ତାରଗୁଚ୍ଛ ମଧ୍ୟରୁ ଯେଉଁ ଶାଶ୍ୱତ ସ୍ୱରଧ୍ୱନି ଜାଗ୍ରତ ହୋଇ ଉଠୁଥିଲା, ତାହା ଯେପରି ଅପୂର୍ବ, ସେହିପରି ଅଦ୍ଭୁତ । ଯେପରି କି ତାହାର ଭିତର ଦେଇ ଆତ୍ମପ୍ରକାଶ କରୁଥିଲା, ପ୍ରଦୋଷର ହୃଦୟର ତନ୍ତ୍ରୀରେ ଧ୍ୱନିତ ପ୍ରତ୍ୟେକ ଭାବରାଶି । ବୋଧହୁଏ ସେହି ସ୍ୱର ତରଙ୍ଗ ଭିତରେହିଁ ପ୍ରଦୋଷର ସ୍ୱାଭାବିକ ଆତ୍ମପ୍ରକାଶ । ବୋଧହୁଏ ସେହି ଆତ୍ମପ୍ରକାଶ ବିଶ୍ୱର ସମସ୍ତ ସୃଷ୍ଟି ସହିତ ସାମଞ୍ଜସ୍ୟ ଧରି ଅତି ସୂକ୍ଷ୍ମ ଭାବରେ ମହାବ୍ୟୋମରେ ବିଚରଣ କରୁଥିଲା କୋଟି କୋଟି ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ନୀହାରିକା ମଣ୍ଡଳ ସହିତ । ବୋଧହୁଏ ଯେପରି ସେହି ସ୍ୱରସୃଷ୍ଟି ଭିତରେ ଶବ୍ଦବ୍ରହ୍ମ ଅବତୀର୍ଣ୍ଣ ହୋଇଥିଲେ ।

ପ୍ରଦୋଷ କୌଣସି ଦିନ ସଙ୍ଗୀତକୁ ସାଧାରଣ ସଙ୍ଗୀତ ଭାବରେ ଅଭ୍ୟାସ କରି ନ ଥିଲା । ସେ ଜାଣେ, ସଙ୍ଗୀତ ସାଇକେଲ ମୋଟର ବା ଯେ କୌଣସି ଯନ୍ତ୍ର ଚଳାଇବା ପରି ସହଜ କଥା ନୁହେଁ ଯେ, କେବଳ ଅଭ୍ୟାସ ଦ୍ୱାରାହିଁ ତାହା ସୃଷ୍ଟି କରି ହେବ । ଯନ୍ତ୍ର ବଜାଇବା ଅର୍ଥ ସଙ୍ଗୀତ ସୃଷ୍ଟି କରିବା ନୁହେଁ । ତାହା ପାଇଁ ଅଭ୍ୟାସ ନୁହେଁ — ଏକାଗ୍ର ସାଧନା—ଦରକାର; ଦରକାର ଧ୍ୟାନପୂର୍ଣ୍ଣ ତପସ୍ୟା । ପ୍ରଦୋଷ ବର୍ଷ ପରେ ବର୍ଷ ସେହି ସାଧନା, ସେହି ତପସ୍ୟା କରି ଆସିଛି । ସେ ତାହାର ସମସ୍ତ ଆବେଗ, ସମସ୍ତ ଭାବ ସେହି ସଙ୍ଗୀତର ଭିତରେ ପ୍ରକାଶିତ କରିବାର ଚେଷ୍ଟା କରି ଆସିଛି । ସଙ୍ଗୀତ ସୃଷ୍ଟି କରିବାରେ ବସି ସେ ତନ୍ମୟ ହୋଇପଡ଼େ; ସେହି ତନ୍ମୟତା ଭିତରେହିଁ ସେ ଅପୂର୍ବ ଆନନ୍ଦ ଉପଲବ୍ଧ କରେ । ସେଥିପାଇଁ ତାର ଅଙ୍ଗୁଳିର ସ୍ପର୍ଶ ସ୍ୱରର ଝଙ୍କାର ସହିତ ସମ୍ମୋହନ ମନ୍ତ୍ର ସୃଷ୍ଟି କରିପାରେ ।

ସେ ଦିନ ବୈଠକରେ ପ୍ରଦୋଷ ସୀତାରରେ ସ୍ୱର ପରେ ସ୍ୱର ସୃଷ୍ଟି କରୁଥିଲା, ତାହାର ଭିତରେ ନାନା ରାଗରାଗିଣୀ ମୂର୍ତ୍ତିମନ୍ତ ହୋଇ ଉଠୁଥିଲା । ଭୁବନ ତା ସହିତ ତାଳେ ତାଳେ ତବଲା ବଜାଉଥିଲା । ଓସ୍ତାଦମାନେ ନିମୀଳିତ ନେତ୍ରରେ ସେ ସବୁ ଉପଭୋଗ କରୁଥିଲେ ।

ପ୍ରଶାନ୍ତ ତା କୋଠରିର ବଲ୍ବର ଅଳ୍ପ ଆଲୁଅ ତଳେ ବସି ଖଣ୍ଡେ ସାଧାରଣ ବଙ୍ଗଳା ଉପନ୍ୟାସର ନାୟିକା-ନାୟକର ପ୍ରେମ-ଚକ୍ରରେ ମୁଗ୍ଧ ଓ ତନ୍ମୟ ହୋଇଯାଇଥିଲା । ଉପବନର ଝରଣା କୂଳରେ ମାଳତୀ-ଲତାର ପୁଷ୍ପିତ ସୌରଭ ମଧ୍ୟରେ ବସନ୍ତର ମଳୟ ସ୍ପର୍ଶରେ ନାୟକ ନାୟିକା ସହିତ ସାକ୍ଷାତ୍ କରିବା ଉପରେ, ଏହି ସମୟରେ ପ୍ରଦୋଷର ସଙ୍ଗୀତ ଅତି ଅନାବଶ୍ୟକ ଭାବରେ ତାର ମନର ଦ୍ୱାରରେ ଆଘାତ କଲା । ପ୍ରଶାନ୍ତ ଅନ୍ୟମନସ୍କ ହୋଇପଡ଼ିଲା; ନାୟକ ନାୟିକାର ମିଳନ ସ୍ଥଗିତ ରହିଗଲା । ପ୍ରଶାନ୍ତ ମନକୁ ଟେଲିଫୋନ୍ ନେଇ ସଙ୍ଗୀତର ଏହି ଅତର୍କିତ ଆଗମନ ମୁଖରୁ ଅବ୍ୟାହତି ପାଇବାର ଚେଷ୍ଟା କଲା ଯେ, ଏହା ରେକର୍ଡର ସଙ୍ଗୀତ; ଦିଲ୍ଲୀ, କଲିକତା ବା ବୋମ୍ବାଇରୁ ଯନ୍ତ୍ର ଯୋଗେ ବନ୍ଦୀକୃତ ହୋଇ ସୃଷ୍ଟି ସେହି ଯନ୍ତ୍ର ସାହାଯ୍ୟରେ ସମ୍ପ୍ରସାରିତ ଓ ବର୍ଦ୍ଧିତ । ଏଥିରେ ଜୀବନ ନାହିଁ—ଏହାର ଜୀବନ୍ତ ବସ୍ତୁ ନାହିଁ—ଏହା ଯାନ୍ତ୍ରିକତାଯୁକ୍ତ ମୃତ ଶବ, କେଣ୍ଟ୍ ଟେଲିଫୋନ୍ ଯୋଗେ ଏହାକୁ ଅବହେଳା କରିଯାଇ ପାରେ । ପ୍ରଶାନ୍ତ ନିଜ ମନକୁ ସେହି ସାନ୍ତ୍ୱନା ଦେଇ ଉପନ୍ୟାସର ନାୟକ-ନାୟିକାର ପ୍ରେମ ସମ୍ବେଗକୁ ନିଜ କଳ୍ପନାରେ ଉପଭୋଗ କରିବାର ଚେଷ୍ଟା କଲା । ତାହା ମଧ୍ୟ ସଫଳ ହେଲା ନାହିଁ । ଚକ୍ଷୁ ଓ କର୍ଣ୍ଣ ଉଭୟେ ଦାବୀ କଲେ, ଏ ସଙ୍ଗୀତର ମୂଳଉତ୍ସ କେଉଁଠି ଜାଣିବା ପାଇଁ । ପ୍ରଶାନ୍ତ ପୂର୍ବ ପାଖର ଝରକା ଖୋଲିବା ସଙ୍ଗେ ସଙ୍ଗେ ତାର ଦୃଷ୍ଟି ପ୍ରଦୋଷର ଉପର ବାରଣ୍ଡାରେ ଲାଗିଥିବା ବୈଠକ ଆଡ଼କୁ ଧାଇଁଗଲା । ସେ ଯନ୍ତ୍ରଚାଳିତ ପରି ସେହି-ଠାରେ ଛିଡ଼ା ହୋଇରହିଲା । ଭୁଲ ଏପରି ନୁହେଁ ଯେ, ମଣିଷ ଚିହ୍ନି ହେବ ନାହିଁ । ସୀତାର ଧରି ପ୍ରଦୋଷ ଯେତେବେଳେ ଆଳାପ କରୁଥିଲା, ତାର ଶୁଭ୍ର ଲଲାଟ କପୋଳରୁ ଯେପରି ବଲ୍ବର ଆଲୁଅ ପ୍ରତିଫଳିତ ହୋଇ ତାକୁ ଅଧିକ ଶୁଭ୍ର ଓ ଉଜ୍ଜ୍ୱଳ କରିଦେଉଛି ବୋଲି ଦୂରରୁ ଜଣାପଡ଼ିଲା । ସ୍ୱରସ୍ୱରିଣୀର ଏକ ପରେ ଆରେକ ପ୍ରକାଶ ସଙ୍ଗେ ସଙ୍ଗେ ପ୍ରଶାନ୍ତର ଦୃଷ୍ଟି ବୈଠକର ପ୍ରତ୍ୟେକ ବ୍ୟକ୍ତିକୁ ଖୋଜି

ନେବା ଚାହିଁରେ ଲାଗିପଡ଼ିଲା । ପ୍ରଦୋଷର ବଳିଷ୍ଠ ସୁଶ୍ରୀ ଚେହେରା ଓ ଅବିନ୍ୟସ୍ତ ବେଶଭୂଷା ତା ମନରେ ଲେଖଣା ପ୍ରତି ଅବହେଳା-ପୂର୍ଣ୍ଣ ଆକର୍ଷଣ ସୃଷ୍ଟି କଲା; ତାର ସୀତାର ବାଦନରେ ପ୍ରଭାତର ମନ ତା ପ୍ରତି ପ୍ରଶଂସାରେ ପୂର୍ଣ୍ଣ ହୋଇଗଲା ।

ବାଦ୍ୟ ବନ୍ଦ ହୋଇଗଲା । ଚଳଚ୍ଚିତ୍ର ଦେଖୁଥିବା ପରି ପ୍ରଭାତର ଦୃଷ୍ଟି ସେଇଆଡ଼େ । ସେ ଦେଖିଲା, ଜଣେ ଲୋକ ଗୋଟାଏ ବୋତଲ ଓ ଗିଲାସ ଧରି ଘର ଭିତରକୁ ଗଲା । ଏହା ମାତାଲମାନଙ୍କର ଗୋଟାଏ ଆଡ୍ଡା ବୋଲି ମନେ କରି ପ୍ରଭାତ ଫେରିବା ବନ୍ଦ କରି ପୁଣି ଉପନ୍ୟାସ-ଖଣ୍ଡ ଧରିବା ଉଦ୍ୟମରେ ଲାଗିଗଲା । ଉପନ୍ୟାସର ନାୟକ ଛଡ଼ା, ତାହାର କୌଣସି କାମକୁ ସେ କଦାପି ପସନ୍ଦ କରି ନ ପାରେ । ସେ ନିଜକୁ ସବୁବେଳେ କୌଣସି ନା କୌଣସି ଉପନ୍ୟାସର ନାୟିକା ବୋଲି କଳ୍ପନା କରେ, ଆଉ ସେହି ସମୟରେ ସେ ଅନୁସାରେ କାର୍ଯ୍ୟ କରେ । ପ୍ରଥମ-ଦର୍ଶନରେ ପ୍ରଦୋଷର ଚେହେରାଟା ଉପନ୍ୟାସର ନାୟକ ଶ୍ରେଣୀରେ ପଡ଼ିବାର ଉପଯୁକ୍ତ ବୋଲି ଗୋଟାଏ ଉଦ୍ଭଟ ଧାରଣା ତା ମନରେ ଦେଖା ଦେଇଥିଲା; କିନ୍ତୁ ସେ ଯେତେ ଉପନ୍ୟାସ ପଢ଼ିଛି କୌଣସିଥିରେ ତ ଦେଖାପା ଧରଣର ସାଜ ପୋଷାକ, ଗୁଡ଼ାଏ ଅବିନ୍ୟସ୍ତ କେଶ ଥିବା ନାୟକ ଜଣକୁ ସେ ପଢ଼ି ନାହିଁ—ଉପନ୍ୟାସର ସମସ୍ତ ନାୟକ ଅନନ୍ୟ ସୁନ୍ଦର, ଖୁବ ଗମ୍ଭୀର ଅଥଚ ଖୁବ୍ ସରଳ, ଖୁବ୍ ବଳିଷ୍ଠ ଅଥଚ ଖୁବ୍ କୋମଳ— ଏହିପରି ଗୁଡ଼ାଏ ଧରା ବନ୍ଧା ବଡ଼ ବଡ଼ ଗୁଣର ମୂର୍ତ୍ତିମନ୍ତ ବିଗ୍ରହ ହେବା ଉଚିତ; ସେମାନଙ୍କ ଜୀବନରେ ପ୍ରେମ ଛଡ଼ା ଆଉ କୌଣସି କାମ ପ୍ରାଧାନ୍ୟ ଲାଭ କରିବା ସମ୍ଭବ ନୁହେଁ; ସେମାନେ ଚନ୍ଦ୍ରର ଜ୍ୟୋତ୍ସ୍ନା ପାନ କରି, ଶରମଳୟ ଦୋଳାରେ ଝୁଲି, ଶରତ୍‌ର ଧଳା ବଉଦରେ ଭାସି ଭାସି, ଗୋଲାପର ଗନ୍ଧରେ ନିଜକୁ ସୁଗନ୍ଧିତ କରି ମାଟି ଛାଡ଼ି ଶୂନ୍ୟରେ ବହି ରହୁଥିବା ଏକ ଜାତିର ଅପସରା ଜୀବ । ପ୍ରଦୋଷକୁ ଦେଖି ତ ତାହା ମନେ ହେଉ ନାହିଁ; ମନେ ହେଲା, ସେ ଏକାନ୍ତ ଏହି ମାଟିର ମଣିଷ । ବସ୍, ସେହିଠାରୁ ପ୍ରଭାତ ପକ୍ଷରେ ଯଥେଷ୍ଟ;

ସେ ଆଉ ଭଲ ବ୍ୟବହାର କରେ ନା । ସବୁଦିନ ସବୁଠି ସେ ପ୍ରତ୍ୟେକକୁ ତାଁର କଳ୍ପନାର ନାୟକ ଶ୍ରେଣୀକୁ ଉତ୍ସର୍ଗ କରିଦେଲା । ଗଳ୍ପେ ଗଳ୍ପେ ଉପନ୍ୟାସରେ ମଦ୍ୟପାନ ଥାଏ, ନାୟକ ମଧ୍ୟ ସେଥିରେ ଲିପ୍ତ ଥାଏ; କିନ୍ତୁ ସେଥିରେ ସେ ଥାଏ କେବଳ ବୋଠା ଉପରୁ ହେଉଁ ପଳିବା ପାଇଁ, କୌଣସି ରମଣୀ—ଯୁବତୀକୁ—ଦୁର୍ବୃତ୍ତମାନଙ୍କ ହସ୍ତରୁ ରକ୍ଷା କରିବା ପାଇଁ, ନିଜ ଜୀବନକୁ ବିପଦ ଦେଇ ନାୟିକାକୁ ସାହାଯ୍ୟ କରିବା ପାଇଁ । ଏମାନଙ୍କ ଅଭିଜ୍ଞାରେ ତ ସେପରି କିଛି ହେଲା ନାହିଁ—ଏଠି ମଧ୍ୟ ହୁସ୍କି, ଗିଓଲ୍, ଭଲେପାର—ଅନ୍ତତଃ ଠେଙ୍ଗା ଖଣ୍ଡେ ମଧ୍ୟ ନ ଥିଲା ! ଏ ବୃଦ୍ଧାର ବସି ବସି ମିଠା ମିଠା ସଙ୍ଗୀତ ବଜାଇ— ଅବ ମନ ପିପାସା । ତା ମଧ୍ୟ ଅଙ୍ଗୀ ଖଣ୍ଡଳ ଲେଡ଼ ; ତା ଉପରେ ଦୁଇ ଜଣେ ବାର୍ଦ୍ଧିଅ ବୁଢ଼ା, ଆଉ ଜଣେର ମୁଣ୍ଡର କେଶ ଚୁମ୍ବନ ଶୁଖିଲା, ଆଉ ଜଣେ ଡେବ୍ରୁଟରୁ ଅଧେ ଚାରୁ ବର୍ଷ ନାହିଁ । କୌଣସି ଉପନ୍ୟାସରେ ସେପରି ନାହିଁ; କେଣୁ ସେ ଅତ୍ଭୁକୁ ତାର ବୃତ୍ତି ପଢ଼ିବା ଅନ୍ୟାୟ । ଏଣିକ ସେ ଫେରିବା ବଳ ! ପ୍ରତିଜ୍ଞ ମନେ ମନେ ଏହା ଏକ ପ୍ରକାର ପ୍ରତିଜ୍ଞା କରିନେଲା ।

କିନ୍ତୁ ସେ ଚୁଣ୍ଡୁସମ୍ପୁଣ୍ଡା ଲେଡ଼ିଟା—ତା ସ୍ଥାନରେ ସୀତାର ବାଜେ ଖ୍ରୁ ଲ୍ ଲଳ; ମୁଣ୍ଡର କେଶଗୁଡ଼ାକୁ ସଜାଡ଼ ହେଲେ ଲେଡ଼ିଟା ମଜ ଦେଖାଯିବ ନାହିଁ । ଅନ୍ତତଃ ସେ ଲେଡ଼ିଟା ଏପରି ଗାତ ବୋଲି ମନେ ହେଉ ନାହିଁ ଯେ, ତା ସହିତ କୌଣସି ସମ୍ପର୍କ ରଖିବା ଉଚିତ ନୁହେଁ । ପ୍ରତିଦିନ ଭଳି ସେ ଥରେ ସୀତାର ଶିଖିବା ପାଇଁ ଚେଷ୍ଟା କରୁଥିଲା, କୁଏ ତ ତା ଅଙ୍ଗୁଳିର ଦୋଷରୁ ହେଉ ବା ବାଜାଟା ଖରାପ ଅର୍ଥହୀନ ବୋଲି ହେଉ, ସେ ସେ ଶବ୍ଦରେ 'ଦା-ଡ଼ା ଦା-ଡ଼ା' ସ୍ୱର ଛଡ଼ା ବେଶୀ କିଛି ଶୁଣି ପାରିଲା ନାହିଁ । ସେ ଯଦି ଏଇ ଲେଡ଼ିଟି ଅନ୍ତ ସୀତାର ବଜାଇ ପାରନ୍ତା, ତେବେ ତା ଉପରେ ଉପନ୍ୟାସର ନାୟିକାସୁଲଭ ଯେତେ ଗୁଣ ଅଛି, ତା ସହିତ ଆଉ ଯୋଡ଼ାଏ ଗୁଣ ମିଶି ଯାଆନ୍ତା । ଆଚ୍ଛା, ଏ ବପୁଟା ସେ ଏବ ଦେଖିବ ।

ସୁରର ଗିଟକିରୀ, ସୁରର ତାନ ହେଉ ବା ପ୍ରକୃତ ସେମାନଙ୍କୁ ଭିନ୍ନ ଭିନ୍ନ ସେମାନଙ୍କ ଦୋଷଗୁଣ କହିବ ବୁଝାଇବାକୁ ଚେଷ୍ଟା, ଏସବୁ କିଛି କଥା ନା ପ୍ରଦୋଷ, ନା ତାଙ୍କର ଅନ୍ୟ ଦୁଇ ସଙ୍ଗୀଙ୍କୁ ଜଣା ଥିଲା ।

ସଙ୍ଗୀତ ସରିବା ପରେ ପରେ ସେମାନେ କିଛି ସମୟ ନିସ୍ତବ୍ଧ ହୋଇ ବସିଲେ । ଯେପରି କି ବାହ୍ୟ ଜଗତ୍ ସହିତ ସେମାନଙ୍କର ସବୁ ସମ୍ପର୍କ ତୁଟି ଯାଇଥିଲା, ପୁଣି ତା ସହିତ ଆଦାନ ପ୍ରଦାନର ଡୋରକୁ ପୁଣି ସେମାନେ ସଂଯୋଜିତ କରିବାରେ ଲାଗିଛନ୍ତି ।

କିଛି ସମୟ ପରେ ଓସ୍ତାଦ୍ କହିଲେ, 'ସୀତାରର ହାତ ଏପରି ନ ହେଲେ ସୀତାର ଧରିବା ଉଚିତ ନୁହେଁ ।'

ପ୍ରଦୋଷ କଥାଟାର ମୁହଁ ଫେରାଇଦେବା ଉଦ୍ଦେଶ୍ୟରେ କହି ପକାଇଲା, 'ତା ପର, ଓସ୍ତାଦଜୀ, ତନ୍ତ୍‌କାର ସୀତାର ହାତ କେମିତି ହେବ ବୋଲି କହୁଛନ୍ତି ?'

ଓସ୍ତାଦଜୀ କହିଲେ, 'ବାବୁଜୀ, ହାତର କଥା କଅଣ କହୁଛନ୍ତି ? ଭଗବାନ ତ ସମସ୍ତଙ୍କୁ ହାତ ଦେଇଛନ୍ତି । ଅସଲ ସାଧନା ଦରକାର ବାବୁଜୀ, ଅସଲ ସାଧନା କରିବା । ମିଆଁ ତାନ୍‌ସେନ୍ ତ କହି-ଯାଇଛନ୍ତି, 'ସାଧନ କରତେ, ଗୁଣୀଗଣ ଯେତେ, କେତେ ନାଦ, କେତେ ଗ୍ରାମ, କେତେ ଅଲଙ୍କାର ।'

ତାନ୍‌ସେନ୍‌ଙ୍କ ଏହି ଉକ୍ତିଟି ଆରମ୍ଭ କରି ରାଗରାଗିଣୀ ସହିତ "କହେ ମିଆଁ ତାନ୍‌ସେନ" ପର୍ଯ୍ୟନ୍ତ ଅତି ସୁନ୍ଦର ସ୍ୱରରେ ଓସ୍ତାଦଜୀ ଜନା ଯନ୍ତ୍ରରେ ଗାନ କଲେ ।

ପ୍ରଦୋଷ ଅସଲ କଥାଟା ଏଥର ଭିତରୁ ଧରି ନ ପାରି କହିଲା, 'ଆପଣଙ୍କର ଅନେକ ସାଗିରଦ ଅଛନ୍ତି । ସମସ୍ତେ ତ ପ୍ରାଣ ଲଗାଇ ସାଧନା କରୁଛନ୍ତି । ତା ଭିତରୁ ପୁଣି କେଏ ସରସ ବ ହେଉଛି । ମୁଁ ସେହି ସ୍ୱରରେ କହିବା କଥା କହୁଛି ।'

ଓସ୍ତାଦଜୀ ଦାଢ଼ୀ ଉପରେ ହାତ ବୁଲାଇ କହିଲେ, 'ଠିକ୍ ବାତ୍, ଲେକିନ୍ ଶିଖିବା ବାତ୍ ଶିଖି ଫଲିତା ହେ, ବୋଝ୍ୟୁରକା କମା ସମ୍ମ

ଯାହା ହେଉ ; ବେତ୍ରର ସ୍ଥାନ ହବ, ଲେକ୍ଚର୍ ହୁସର ପରର ଲଢ଼େଇ ଓହ୍ଲାଇଥିଲେ ସ୍ଥାନ ଯେତେ ଖୁବ୍‌ସୁରତ୍ ହୋଇଥାଉ, ଏ ଓସ୍ଥିତ ହେବ ନାହିଁ ।'

ପ୍ରବୋଧ କହିଲା, 'ଆପଣ ତ ବୁଝି ସେହି ତର୍କ ଆଣି ଥୋଇଲେ, ଯାହା ନିତାନ୍ତ ଭୁଲ ବୋଲି ମୁଁ ମନେ କରେ, ଆଉ ତତ୍ତ୍ୱ ଦ୍ୱାରା ତାହାହିଁ ପ୍ରମାଣିତ କରିବାକୁ ଯାଉଛି ।'

ଓସ୍ତାଦଜୀ କହିଲେ, 'ବହୁତ୍ ଅଚ୍ଛା।

## ଘାତ

'ହେଲଟ୍, ଲଟ' — ସେ ଦିନ ତଡ଼ିତବୁ ଫେରି କୃଷ୍ଣକାନ୍ତର ବାବୁ କାଗଜରେ ମୋଡ଼ା ହୋଇ ବନ୍ଧା ହୋଇଥିବା ପତ୍ରେ ବ୍ଲାଉଜ୍ ହୈମବତୀ ହାତକୁ ବଢ଼ାଇ ଦେଲେ ।

ହୈମବତୀ ବହୁସହ ଅଜାତ ଏହି ପଦାର୍ଥଟି ଉପରେ ଆଖି ନ ବୁଲାଇ ଅବହେଳାରେ ଜଣଙ୍କା କଉଣ ବୋଲି ବୁଝି ନେଇ, ତାକୁ ଗୋଟାଏ କଡ଼କୁ ସେମିତି ଥୋଇ ଦେଲା ।

ସେ ଅପେକ୍ଷାକୃତ ବଡ଼ଘରର ଝିଅ ବୋଲି ତାର ଗୋଟାଏ ଗର୍ବ ଥିଲା ଓ ସମୟ ଅସମୟ ସବୁବେଳେ ସେ କୃଷ୍ଣକାନ୍ତଙ୍କ ନିକଟରେ ଏହା ପ୍ରକାଶିତ କରିଥାଏ । ଏଥିରେ କୃଷ୍ଣକାନ୍ତଙ୍କ ସ୍ୱାମୀତ୍ୱର ଗରିମାରେ ଆଘାତ ଲଗେ ବୋଲି ସେ ମନେକରେ । ସୀତା, ସାବିତ୍ରୀ, ଦମୟନ୍ତୀଙ୍କ ବ୍ୟାଖ୍ୟାନଯୁକ୍ତ ବକ୍ତୃତା ଦେଇ ସେ ତାକୁ ସ୍ତ୍ରୀର କର୍ତ୍ତବ୍ୟ ବିଷୟରେ ଶିକ୍ଷା ଦେବାରେ ଚେଷ୍ଟା କରେ । ତା ଫଳରେ ହୈମବତୀ ଜଳଭଠି ଉତ୍ତର ଦିଏ, 'ଅଚ୍ଛା ରେ ମୋର ରାମଚନ୍ଦ୍ର, ସତ୍ୟବାନ୍, ନଳରାଜା ! ସେମାନେ ଏତା ଭମର ପରି ପତି-ଭକ୍ତା, ମାନବକା, ଚୈତନ୍ୟତରବଧାର୍ଯ୍ୟ ଉଚିତ ସ୍ୱଭୁଷ ହୋଇଥିବେ । ଲଭ ନାହିଁ ଯାହା ମୁହଁକୁ, ବଣ୍ଡାକୁ ନ ମିଳେ ଖୋଜିବାକୁ ।' ଏହିପରି ବ୍ୟଙ୍ଗବତ୍ରୁପ ଓ ଉଚ୍ଛୃଙ୍ଖଳତାର କଷାଘାତ ହୋଇ କୃଷ୍ଣକାନ୍ତଙ୍କ

ମନକୁ ସ୍ପୃଶ୍ୟ କରେ ସ୍ୱାଧୀନତା ସାଧନା-ପରିବାର ବନ୍ଧନା କୁହୁଡ଼ି
ଏତ ଖେଳାଉଛ ଅନେକ କନ୍ଥୁ ।

କିନ୍ତୁ ହୈମବତୀକୁ ନେଇ ଘର କରିବା ଛଡ଼ା ତ ଅନ୍ୟ ଉପାୟ ନାହିଁ । ହୈମବତୀର ଲେଖା ନୁହେଁ ବା ବଂଶ ନୁହେଁ ଯେ, ଯେପରି ତା ହେଲେ ପରମୁଲ୍ କେଇ ତାକୁ ବଦଳାଇ ନେଇ ହେବ । ମାଳା, ଫୁଲ, ଗୀତା, ସ୍ତବକ, ବ୍ରତ ଉପବାସ, ନାମସଂକୀର୍ତ୍ତନର ବେଳକ ବାଣ ବେଣାଇ ସେ ସ୍ତ୍ରୀର ମନ ଜିଣିବା ପାଇଁ ଚେଷ୍ଟା କଲେ । ତାର ଫଳ ମଧ୍ୟ ଅତି ଅଦ୍ଭୁତ ରୂପେ ଉପସ୍ଥିତ ହୋଇଗଲା । ହୈମବତୀ ମାଳା ଫୁଲକୁ ବାଉଁଶରେ ଫିଙ୍ଗିଦେଲା , ଗୀତା ସ୍ତବକକୁ ଚୁଲ୍ଲିରେ ଜାଳି ଦେଲା, ସତ ଜନର ବ୍ୟବହାର୍ଯ୍ୟ ମହାପ୍ରସାଦ ଚୋଥଳି ନର୍ଦ୍ଦମାର ଦୁର୍ଗନ୍ଧମୟ ଜଳରେ ସଙ୍ଗାଶାୟୀ ହେଲା—ଆଉ ଏକାଦଶୀର ପାରଣାରେ ଅଣ ଅପ୍ରତ୍ୟାଶିତ ରୂପେ ଶୁଷ୍କମତ୍ସ୍ୟ ବା କୁକ୍କୁଟାଣ୍ଡ ଖଣ୍ଡ ଅନ୍ତର୍ଧାନ କଲା । କୃଷ୍ଣକାନ୍ତ ଦେଖିଲେ, ତାଙ୍କ ତୂଣୀରରେ ଥିବା ସବୁ ପ୍ରକାର ଅବ୍ୟର୍ଥ ବାଣ ହୈମବତୀଙ୍କ ଠାରେ ବ୍ୟର୍ଥ ହୋଇ ଯାଉଛି । ସେ ହତାଶ ହେଲେ, ମନେ ମନେ ପରାଜୟ ସ୍ୱୀକାର କଲେ । କାଳକ୍ରମେ ଉଭୟପକ୍ଷଙ୍କ ମନ ସମ୍ପର୍କରେ ଏକ ପ୍ରକାର ଚାପିଚାପି ସନ୍ଧି ସ୍ଥାପିତ ହୋଇଗଲା ଯେ, ହୈମବତୀଙ୍କ କୌଣସି କାର୍ଯ୍ୟରେ କୃଷ୍ଣକାନ୍ତ ହସ୍ତକ୍ଷେପ କରିବେ ନାହିଁ ହୈମବତୀ ମଧ୍ୟ କୃଷ୍ଣକାନ୍ତଙ୍କ ମାଳା-ଚନ୍ଦନ-ହରିନାମ ସମ୍ବନ୍ଧୀୟ ଉତ୍ସବରେ ବାଧା ଦେବେ ନାହିଁ । କୃଷ୍ଣକାନ୍ତଙ୍କ ମନରେ ହୈମବତୀ ପ୍ରତି ଭୟ ଓ ହୈମବତୀଙ୍କ ମନରେ କୃଷ୍ଣକାନ୍ତଙ୍କ ପ୍ରତି ତାଚ୍ଛଲ୍ୟ—ସମସ୍ତ ସମୟରେ ଅବମାନମୂଳକ ଘୃଣା ଅଲକ୍ଷିତରେ ଜାଗି ରହିଲା ଓ କୁହେଁ ଏଣା ସମ୍ପର୍କରେ ବୁଝିଙ୍କର ଏହି ମନୋଭାବକୁ ସ୍ୱୀକାର କରିନେଇ କାଳକ୍ଷେପରେ ଚଳିଲେ ।

କୃଷ୍ଣକାନ୍ତ ଚୈତନ୍ୟ-ସାହିତ୍ୟର ଭୂୟସୀ ଗବେଷଣା କରି ସ୍ଥିର କଲେ ଯେ, ତାଙ୍କ ପ୍ରତି ହୈମବତୀଙ୍କର ଏପରି ବ୍ୟବହାର ଓ ଓ କାର୍ଯ୍ୟକୁ ଦୁର୍ଦ୍ଦମ୍ୟମାନ ଶ୍ରେଣୀର ଅନ୍ତର୍ଗତ କରିପାରି ପାରେ । ଏହି

ଅନୁଷ୍ଠାନର ଶିକ୍ଷା ଶକ୍ତିକୁ ଉଲ୍ଲଙ୍ଘନେ, ପ୍ରକାଶ୍ୟ ବକ୍ତୃତାରେ କହୁଥିଲେ, 'ସିଭିଲ ବିବାହିତା, ତାହେ ଆଉ ଅର୍ଦ୍ଧାଙ୍ଗ, କେବଳ ରକ୍ଷିତା ସଙ୍ଗମାତ୍ର ସାର' । ହୈମବତୀ ଏହାଠାରୁ ଆହୁରି, କଟୁ ଓ ଅଶ୍ଳୀଳ ଭାଷା ତାଙ୍କ ପ୍ରତି ଅନବରତ ପ୍ରୟୋଗ କରନ୍ତି । ତାଙ୍କର ପୁତ୍ରମାନଙ୍କ ଦେବେନ୍ଦ୍ରର ପୁତ୍ର, ଏଥିରୁହିଁ ତାର ପ୍ରମାଣ ମିଳୁଛି ବୋଲି ଲୋକ-ଙ୍କର ମନେ ହେଲେ । ପୁତ୍ରମାନଙ୍କର ପ୍ରତିବାଦ ମଧ୍ୟ ବୈଷ୍ଣବ ଶାସ୍ତ୍ରରେ 'ଦେଶାଚାରକ—ସ୍ପୃଷ୍ଟ' ଠାରୁ ପରିଧାରଣ—'ଜନସ୍ଥିତ ଭାଗବତ ବସ୍ତୁତ ବୈଷ୍ଣବ'ଠାରୁ 'ବେଦ ପରମ୍ପରା ମୁକାର' ପର୍ଯ୍ୟନ୍ତ ହୈମବତୀଙ୍କଠାରେ ସ୍ପଷ୍ଟର ଉତ୍ତରରେ ବସ୍ତୁତଃ ଲକ୍ଷଣ ଲାଭ କରି, ଏପରି ପଣ୍ଡିତ ଜୀବନରେ ସର୍ବସାଧାରଣ ଚେଷ୍ଟା କରିବାକୁ ଉଦ୍ୟତ ହୋଇ ହୈମବତୀଙ୍କ ସ୍ବାଭାବିକ ଲଜ୍ଜାଶୀଳ ହୃଦୟରେ ପ୍ରତିଷ୍ଠିତ ହୋଇ ବୈଷ୍ଣବ ଶାସ୍ତ୍ରର ବ୍ୟାଖ୍ୟାପ୍ରଣାଳୀ ପ୍ରତି ତାଙ୍କର ମମତା କିଛି କମିଲା, ଅଳ୍ପ ଭକ୍ତିର ମାତ୍ରା ବଢ଼ିଗଲା । ସେହି କାରଣରୁ ସେ ଅଧିକତ ଉପାୟରେ ହୈମବତୀଙ୍କ ମନୋରଞ୍ଜନ ଚେଷ୍ଟା କରିବା ଉଦ୍ୟମ ଅଳ୍ପ ମତ ହେଲା ସେ ଅବଲମ୍ବନ କରନ୍ତି । ତା ଫଳରେ କେବେ ଆସିଲା ଶସ୍ତା ବାର୍ଣ୍ଣିଶ ସାବୁନ, ଆଉ କେବେ ନାଲି ଜୋତା ଓ ମୋଟା ଛୁଞ୍ଚିରୁ ଗଣ୍ଠା, ଆଉ କେବେ ଗୋଟାଏ ଦାମିକିଆ ବାସନା ତେଲ, ଆଉ କେବେ ତାଙ୍କର କୁଇଁଠା ସ୍ଥାନ ସିଲ୍କପିନ୍ଧା ଚୁଡ଼ି ଓ ସେ କନ ଶାଢ଼ୀ ନ ଥାଉ କାହିଁକି । ତାଙ୍କର ଘର ହେଉଛି, ଜଗନ୍ନାଥ ଆଣି ହୈମବତୀ ହାତକୁ ଦେବାକୁ ଦେଇ କୌଣସି ଆଡ଼କୁ ଦୃଷ୍ଟି ନ ଦେଇ ଏକାକ୍ରମରେ ନିଜର ଭଗମାସ୍ତ୍ରବତ ଗୋଟାଏ ବକ୍ତୃତା ଦେବା । ଏହା କରିବାକୁ ଯାଇ ମଧ୍ୟ ଅନେକର ଆଶଙ୍କା ରହୁଛି । ଏହାର ପ୍ରତିକ୍ରିୟା କେଉଁ ରୂପରେ ହୈମ-ବତୀଙ୍କ ଠାରେ କି ଆକାର ଧାରଣ କରି ତାଙ୍କ ମୁଣ୍ଡବେଶକୁ ଆକ୍ର-ମଣ କରିବ, ଏ ସମ୍ଭାବନା ଅଛି; କିନ୍ତୁ ବେଙ୍ଗାଳୀର ବାବୁମାନଙ୍କ ସଙ୍ଗୀତ ସ୍ୱରକୁ ସଙ୍ଗତରେ, ସେ ଏ ଭୟଙ୍କର ସମ୍ଭାବନାକୁ ସ୍ୱୀକାର କରିନେଇ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ ।

ଏହି କଥା ମନେ ପଡ଼ିବା ସମୟରେ ତାଙ୍କ ଭଉଣୀ ପୁଷ୍ପ ସହିତ ହେମନ୍ତଙ୍କ ହାତକୁ ଟାଣିଆଣି ଦେଇ ଦେବତାଙ୍କ ମାଳା ଉପରେ ଥାଇ ଦେଇ ଦେଇ ଓଠ ଚାପି କହିଲେ, 'ହେମନ୍ତ, [illegible] ବାବୁ ଆସୋଇଛନ୍ତି ପରେ ଏହି ସ୍ୱରରେ ନମସ୍କାର । ଗୋଟାଏ ଦେବୀ ଦେବୀଙ୍କ ଦେଖିବା ଆଗରୁ ଆସିଥିବା ଯାତ୍ରୀମାନଙ୍କୁ [illegible] ସ୍ୱରରେ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ ଯେ, ହେମନ୍ତ ଏକଦମ୍ ଚୁପ୍ ହୋଇଗଲେ । ତାଙ୍କ ଶେଷରେ ତେଜସ୍ୱୀ ଭାବରେ ମୋତେ ପାଖକୁ [illegible] ଡାକି ନେଇ କହିଲେ, 'ଏହି ସ୍ୱରରେ ଆପଣ ଆମ ଘରକୁ [illegible] [illegible] ଆସିବେ । ଗୋଟାଏ କଥା କହି ରଖୁଛି ।' ବାବୁଙ୍କର ଛାଇ ଛୁଇଁଲେ, ପଚିଶ ବର୍ଷର ପରେ; ହେମନ୍ତ ନିଜ ଘରକୁ ତାଙ୍କୁ [illegible] କରୁଛନ୍ତି ? ଏହାର ଫଳ ଭଲ ହେବ ନାହିଁ ? [illegible] ମାନେ ଯେତେବେଳେ ଭାବିବେ ଯେ, ସିଦ୍ଧେଶ୍ୱର ବାବୁ [illegible] ସହିତ ମୋର ସମ୍ପର୍କ ଅଛି, ସେତେବେଳେ ତାଙ୍କ [illegible] ସେତେ ଦୋଷ ହେବ, ସବୁ ଦୋଷ ମୋର ଉପରକୁ ଆସିବ । [illegible]— ଛି, ଛି, ଛି—ଆମ ଘରକୁ ବୋହୂ ଆସିବ !'

ପଚିଶ ବର୍ଷ ପରେ ଏ କଥା କହିବା ସମୟରେ ତାଙ୍କର ଆଖି ଛଳଛଳ ହେମନ୍ତଙ୍କର ଭାବପ୍ରବଣତାର ସମ୍ମାନ ରଖୁଥାଏ । ହେମନ୍ତ ସମ୍ଭବତଃ ଭାବରେ ଶକ୍ତ ଧରିଥିଲେ । ସେ ଶକ୍ତକୁ ମୋତେ ଆଉ ଭାବରେ ଧରିବା ସମୟରେ ଜଗନ୍ନାଥ ଶବ୍ଦ ହେଲା । ଭିତର ଗୋଟାଏ ରେଖା ବୃଦ୍ଧବର ବାଦ୍ୟ ଆଶି ଓ ମୁହୂର୍ତ୍ତରେ ଶେଷହେଲା । ଏତ ଶେଷ ସ୍ପର୍ଶ ବାର ସାନ୍ତ୍ୱନା ମଧ୍ୟ ତାଙ୍କର ରହିଲା ନାହିଁ । ସେ ପଡ଼ିଆସିଲେ ଅନ୍ତର ସ୍ପର୍ଶ ବାର ଦେଖାଇବା ଭୂଲଗାଢ଼ ପାଦକୁ ଧରି ପରେ ଓ ସେଠାରେ ଛିଡ଼ା ହୋଇ ହୋଇ ବନ୍ଧୁତାର ପବିତ୍ର ଅଂଶରତ ଶେଷ କରିବା ଦେଖି କହିଲେ, 'ଛି ସବୁର ମୂଳ । ସେବକ ସ୍ୱପ୍ନରେ ମିଳିଲେ ସେତେବେଳେ ତୁମ ପ୍ରତି ଆମର ଏପରି ମନୋବୃତ୍ତି ରହିବ କି ? ଆମର ମୋଟର ହେବ, ଭୁଲ୍ ଭଲ କୋଠା ଦୋଠାଘର ହେବ, ଲକ୍ଷିପ୍-ଏଲ୍ ବ୍ୟାଙ୍କରେ ଟଙ୍କା ଜମା

ରହିବ, ମୁଁ କହସବୁ ଗଲେ ତମେ ମୋତେ ଦିଲ୍ଲୀରେ ଯାଇ ପାରିବା ପାଇଁ ମୋଟରରେ ସାଙ୍ଗେ ସାଙ୍ଗେ ଯିବ । ଆମେ ସବୁସମିତିକୁ ଯିବା, ତମ୍ଭେ ଓଡ଼ିଶା ଏସେମ୍ବ୍ଲିର ମହିଳା ସଭ୍ୟର ଆସନ ପାଇବ, ନେଶନାଲିଷ୍ଟ ପାର୍ଟି ଫ୍ରଣ୍ଟର ସମ୍ପାଦିକା ହେବ । ଏ ସବୁ ଟିକିଏ ଭାବ, ଏ ସବୁ ଭିତରକୁ ଟିକିଏ ମୁଣ୍ଡ ପୂରାଅ । ସବୁଠୁଁ କୃଷ୍ଣ-ଚୈତନ୍ୟ.....”

ଅଭ୍ୟାସ ଫଳରେ କୃଷ୍ଣଚୈତନ୍ୟ କଥାଟା ତାଙ୍କ ମୁହଁରୁ ବାହାରିଗଲା ।

ହୈମବତୀ ଛିଡ଼ା ହୋଇ ଗର୍ଜି ଉଠିଲେ, ‘ଫେର ମୋ ଆଗରେ କୃଷ୍ଣଚୈତନ୍ୟ !’

କୃଷ୍ଣଚନ୍ଦ୍ରଙ୍କ ଭାମିଜ ଜରପିଷ୍ଟା ହୋଇ ସେଇଠି ରହିଲା; ଭୟରେ ସର୍ବାଙ୍ଗ କମ୍ପିତ ହେବାପରି ଜଣାଗଲା । ନିଃସହାୟ ଭାବରେ ସେ ଚାକରକୁ ଡାକ ପକାଇଲେ, ‘ବୁଧିଆ, ହେ ବୁଧିଆ !’

## ଆଠ

ସନ୍ଧ୍ୟା ଅତୀତ ହୋଇ ଯାଇଥିଲା । କୃଷ୍ଣଚନ୍ଦ୍ରଙ୍କର ସିଦ୍ଧେଶ୍ୱର ବାବୁଙ୍କ ବୈଠକଖାନାରେ ପହଞ୍ଚିଲେ । ‘ଆସନ୍ତୁ, ଆସନ୍ତୁ’ ବୋଲି ସିଦ୍ଧେଶ୍ୱର ବାବୁ ତାଙ୍କୁ ଏପରି ଭାବରେ ଅଭ୍ୟର୍ଥନା କଲେ ଯେ, କୃଷ୍ଣଚନ୍ଦ୍ରଙ୍କର ମନେହେଲେ ତାଙ୍କ ପ୍ରତି କପୋତି ବାବୁଙ୍କର ଶ୍ରଦ୍ଧାସମ୍ମାନର ଯେପରି ଅନ୍ତ ନାହିଁ । ବୈଠକଖାନାର ବିଜୁଳି ଆଲୁଅରେ ନାକଠାରୁ ମସ୍ତକର ସ୍ଥାନ ସ୍ଥାନ ଦେଇ ପର୍ଯ୍ୟନ୍ତ ସଦ୍ୟକୃଷ୍ଟା ହୋଇଥିବା ଚିତା ତାଙ୍କ ମୁଖର ସର୍ବାବୟବ ଭିତରେ ଅତି ପ୍ରଧାନ ବୋଲି ଜଣା ପଡୁଥିଲା ।

ବିନା ଉପଯୁକ୍ତ କାରଣରେ ଯେ ସିଦ୍ଧେଶ୍ୱର ବାବୁଙ୍କ ପରି ସିନ୍ଦୂର କପୋତି କୃଷ୍ଣଚନ୍ଦ୍ରଙ୍କ ପରି ଜଣେ ଜୁନିଅର ଓକିଲକୁ ନିଜ ଘରକୁ ନିମନ୍ତ୍ରଣ କରି ନେଇ ଏତେ ସମାଦର ପ୍ରଦର୍ଶନ କରିବେ, ତାହା ମଧ୍ୟ ନୁହେଁ । ତାଙ୍କର ଏହି କାର୍ଯ୍ୟ ପଛରେ ଯେଉଁ କାରଣ ବର୍ତ୍ତମାନ,

ଏତେ ବଡ଼ ଦୃଷ୍ଟି ଦୌର୍ଭାଗ୍ୟର ଅନ୍ତିମ ମୂଳରେ ଠିକ୍ ସେହି କାରଣ ସେଥିଲାଗି ଅବଶେଷ କର୍ତ୍ତବ୍ୟମାନ ବୋଲି ସିଦ୍ଧେଶ୍ୱର ବାବୁ ମନେ କରନ୍ତି । କାରଣଟା ଅଭ ଏଇ ନୁହେଁ—ଅଟଳ ଅବସ୍ଥାର ସମାଧାନ । ଏବଂ ଶାସ୍ତ୍ର ଅଟଳ ଅବସ୍ଥା ଯେଉଁ ଅବସ୍ଥାରେ ଅଚ୍ଛ ଓ ସ୍ୱଜନଙ୍କର ଜୀବନକୁ ସମର୍ପିତ୍ସୁ ପ୍ରଶ୍ନରେ ଯେ ଅଟଳ ଅବସ୍ଥା ସର୍ବ ସର୍ବ ସୃଷ୍ଟି ହୋଇଛି, ତାହା ଏକ ଶ୍ରେଣୀର ବସ୍ତୁ ବୋଲି ତାଙ୍କର ଧାରଣା । ମୁକ୍ତିପଦାର ଉପରେ ତାଙ୍କର ସୁଗଭୀର ଆସ୍ଥା ଅଗାଧ ରହିଛି । ନ ହେଲେ କି ସେ ଏତେଗୁଡ଼ିଏ ବାର୍ଷି ଚଳାଇ ପାରନ୍ତେ ? କେବେ କେବେ ତାଙ୍କର ଏହି ପାରିବାରିକ ଅଟଳ ଅବସ୍ଥାର ଧକ୍କା ତାଙ୍କୁ ବିଚଳିତ କରି ପକାଏ; କିନ୍ତୁ ତାହା ମୁହୂର୍ତ୍ତକ ପାଇଁ ମାତ୍ର, ପରମୁହୂର୍ତ୍ତରେ ତାଙ୍କ ଭିତରର ସଦାଜାଗ୍ରତ ମୁକ୍ତିପଦାର ପଦତଳେ ମନ୍ତ୍ରମୋହିତ କରି ଛଡ଼ା ହୁଏ । ସେହି କାରଣରୁ ଗୃହିଣୀଙ୍କ ଶ୍ୱାସ ସୂଚିତ ହୋଇଥିବା ଅବାସ୍ତବତାପୂର୍ଣ୍ଣ ଭ୍ରାନ୍ତି ଓ ସେଥିରେ ତତ୍ତ୍ୱଜଡ଼ାନସୂଚକ ମାନଙ୍କୁ ସେ ଦୁର୍ବଳ ମୁହୂର୍ତ୍ତରେ ଗ୍ରହଣ କରିନେଲେ ମଧ୍ୟ ତାଙ୍କ କର୍ମଯୋଗୀମାନଙ୍କୁ ତାର୍କିକାଶ୍ରି କରିବାର କୌଣସି ଚେଷ୍ଟାକୁ ସେ କାହିଁ କରନ୍ତି ନାହିଁ ।

ପ୍ରଦୋଷକୁ ଘରକର ଉପଯୁକ୍ତ ପାତ୍ର ଶ୍ରେଣୀରେ ଚାଲିବାକୁ କରିବା ଅନ୍ୟ ପ୍ରଦୋଷର ବସ୍ତୁ କୌଣସି ଦିନ ବା କୌଣସି ଅବସ୍ଥାରେ ତାଙ୍କ ଦୃଷ୍ଟିର ବହିର୍ଭୂତ ହୋଇ ନାହିଁ । ପୂର୍ବରାଗ-ଅନୁରାଗ ବସ୍ତୁକ ଉପାୟରେ ବାଧା ପାଇ ତାଙ୍କର ଚେଷ୍ଟା ପ୍ରଦୋଷ ସହିତ ସିଦ୍ଧେଶ୍ୱର ବାବୁଙ୍କର ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ ମାର୍ଗରେ ଧାବିତ ହେଲା । ଗୃହଅନ୍ତରୁ ଦୃଷ୍ଟିପାତ କରି ସେ ଦେଖିଲେ, ପ୍ରଦୋଷ ଯେପରି କି ସାମାଜିକ ସମ୍ପର୍କ ବସ୍ତୁରେ ତାର ଚାରିଆଡ଼େ ଏକ ଦୁର୍ଭେଦ୍ୟ ଦୁର୍ଗ ସୃଷ୍ଟି କରିଛି । ତାର ବନ୍ଧୁ ବାନ୍ଧବ ମହଲ ବେଶୀ ନୁହେଁ । ସେ କୌଣସି ବାହାର ଲୋକ ସହିତ ମିଶେ ନାହିଁ । ତାର ସ୍ୱଭାବ, ଶିକ୍ଷା ଓ ଓସ୍ତାଦଙ୍କୀ ଛଡ଼ା ବାହାରର କୌଣସି ଲୋକ ସହିତ, କଟକର ଏତେବଡ଼ ଭଦ୍ରସମାଜ ସହିତ, ତାହାର କିଛି ସମ୍ପର୍କ ଥିବାର ଅନୁସନ୍ଧାନ କରି ମଧ୍ୟ ସେ ଜାଣି ପାରିଲେ ନାହିଁ । କୌଣସି ଅତିଥି କଦାପି ତାଙ୍କ ବାସଭବନରେ

ପ୍ରତ୍ୟାର୍ପଣ କରିଛ, ଏପରି କୌଣସି ଖବର ସେ ଲଣ୍ଡନରୁ କୌଣସି ଲୋକ କହି ପାରିଲେ ନାହିଁ । ପ୍ରଦୋଷ ଜଣେ ଶିକ୍ଷିତ, ଧନୀ ଯୁବକ; ସେ ଯେ ତାଙ୍କ ସମାଜ ଭିତରେ ଥାଇ ମଧ୍ୟ ନିଜକୁ ଏତେ ଏକାକୀ ରଖିଛି, ତାହା ଶୁଣି ସେ ଆଶ୍ଚର୍ଯ୍ୟାନ୍ୱିତ ହେଲେ ।

କିନ୍ତୁ ତାଙ୍କର ଏହି ଆଶ୍ଚର୍ଯ୍ୟାନ୍ୱିତ ହେବା ଦ୍ୱାରା ତ ଅଚଳ ଅବସ୍ଥାର ସମାଧାନ ହେବ ନାହିଁ । କୌଣସି ଅଚଳ ଅବସ୍ଥା ଅସମାଧାନୀୟ ନୁହେଁ ବୋଲି ତାଙ୍କର ଦୃଢ଼ ବିଶ୍ୱାସ । ସେଥିପାଇଁ ସେ ଥରେ ତାଙ୍କ ସେକ୍ରେଟାରିଙ୍କ ଆଗରେ ପ୍ରକାଶ କରି ପକାଇଥିଲେ ଯେ, ତାଙ୍କୁ ପାର୍ଲିଆମେଣ୍ଟର ସ୍ପିକର ସଚିବ କରି ଦେଲେ ସେ ଏକ ସପ୍ତାହ ଭିତରେ ଭାରତୀୟ ଅଚଳ ଅବସ୍ଥାକୁ ପୂର୍ଣ୍ଣମାତ୍ରାରେ ସଚଳ କରି ଦିଅନ୍ତେ । ସେ ନାନା ଜଗତରୁ ଖବର ନେବାକୁ ଲାଗିଲେ ।

ଏବେ ଇଂରାଜୀ ଅଫିସର ଜଣେ ବିଶ୍ୱସ୍ତ ଡେପୋଟି ବାବୁଙ୍କଠାରୁ କଅଣ ଗୋଟାଏ ଅନୁଗ୍ରହ ଲାଭ କରିବା ଉଦ୍ଦେଶ୍ୟରେ ତୋଷାମୋଦ କରିବାକୁ ଯାଇ କୃଷ୍ଣଶଙ୍କର ବାବୁ ଓକିଲଙ୍କ ସହିତ ନରହରିଙ୍କର ଯାଆନ୍ତ ଘରର—ଅର୍ଥାତ୍ ପ୍ରଦୋଷର—କଅଣ ଗୋଟାଏ ନିକଟ ସମ୍ପର୍କ ଅଛି ବୋଲି କହି ପକାଇଲା । ସିଦ୍ଧେଶ୍ୱର ବାବୁଙ୍କ ପକ୍ଷରେ ତାହାହିଁ ଯଥେଷ୍ଟ । ଅନ୍ଧକାର ଭିତରେ ସେ ବାଟ ଖୋଜି ପାଇଲେ । ଏବେ ଅଚଳ ଅବସ୍ଥାର ସମାଧାନ ତାଙ୍କ ହାତ ମୁଠାରେ ଅଛି ବୋଲି ସେ ମନେ କଲେ ।

ସେହି ସମ୍ପର୍କରେ କୃଷ୍ଣଶଙ୍କର ବାବୁଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ ।

କୃଷ୍ଣଶଙ୍କର ଡେପୋଟି ବାବୁଙ୍କ ଦ୍ୱାରା ଯଥୋଚିତ ଅଭ୍ୟର୍ଥିତ ହୋଇ ଆସନ ଗ୍ରହଣ କରିବା ପରେ ନିଜର ପରିସ୍ଥିତିଗତ ଯୁକ୍ତି ହେଉ ବା ଡେପୋଟିଙ୍କ ନିକଟରେ ନିଜକୁ ନ୍ୟୁନ ମନେ କରି ତାଙ୍କୁ ସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ହେଉ, ଗମ୍ଭୀର ଭାବରେ ନୀରବ ହୋଇପଡ଼ିଲେ ।

ସିଦ୍ଧେଶ୍ୱର ବାବୁ ମନେ କରିଥିଲେ, କୃଷ୍ଣଶଙ୍କର ପ୍ରଥମେ କଥା ଆରମ୍ଭ କରିବେ । ଏ ସମ୍ପର୍କୀୟ ପ୍ଲାନ୍‌ରେ ତାଙ୍କର ସେହି ବ୍ୟବସ୍ଥା ଥିଲା । କୃଷ୍ଣଶଙ୍କରଙ୍କ ନୀରବତାରେ ଡେପୋଟି ବାବୁ ଚଞ୍ଚଳ ହୋଇ

ପଡ଼ିଲେ, ଲଣ୍ଡନ୍ ଯାତ୍ରାରେ କଥା ଆରମ୍ଭ କରିବେ କଣ ଠିକ୍ କରି ନ ପାରି ହଠାତ୍ କହି ପକାଇଲେ, 'ଆ ସର୍, ଆଜ ଡାକ୍ ଖବର କଣ ?'

ଏ ଆକସ୍ମିକ ଓ ଅସଙ୍ଗଠନର କାରଣ କୃଷ୍ଣଚନ୍ଦ୍ରଙ୍କ ମନେ-ମନେ ଅନୁସନ୍ଧାନ କରୁ କରୁ ଅନ୍ୟମନସ୍କ ହୋଇ ପଡ଼ିଥିଲେ; ଡେପୁଟି ବାବୁ ପ୍ରଶ୍ନ କହିଲେ, ପ୍ରଥମ ଚେଷ୍ଟାରେ ତାହା ଧରି ନ ପାରି ଅଭ୍ୟାସ ସ୍ୱଗତ ହୋଇ କହି ପକାଇଲେ, 'କୃଷ୍ଣଚୈତନ୍ୟଙ୍କ ଇଚ୍ଛା !'

ଏତକ କହି ଦେଇ ନିଜ କଥାରେ ନିଜେ ଲଜ୍ଜିତ ହୋଇ ପଡ଼ିଲେ; ମଣ୍ଡଳେଇ ମାମଲତଦାରଙ୍କ ପାଖରେ ସିନା କୃଷ୍ଣଚୈତନ୍ୟ ପ୍ରକୃତି ନାମ ଚଳେ—ଜଣେ ସିନିୟର ଡେପୁଟି ମାଜିଷ୍ଟ୍ରେଟ ନିକଟରେ ? ମାଟି — ଏକଦମ୍ ମାଟି ହେଲା ।

ସିଦ୍ଧେଶ୍ୱର ବାବୁ ମଧ୍ୟ ଏବଂବିଧ ଉତ୍ତର ଆଶା କରି ନ ଥିଲେ ବିରକ୍ତ ହୋଇ ନୀରବ ରହିଲେ । କୃଷ୍ଣଚୈତନ୍ୟଙ୍କ ପ୍ରତି ତାଙ୍କର ଯେ କୌତୂହଳ ଥିଲା ତାହା ନୁହେଁ, ତାଙ୍କ ଜୀବନର କୌଣସି ଦିନ ଏସବୁ ଜଞ୍ଜାଳ ପ୍ରତି ସେ ଦୃଷ୍ଟି ଦେବାର ଅବସର ପାଇ ନାହାନ୍ତି । କଥା ଆରମ୍ଭ କରିବା ପାଇଁ ସେ ନିଜେ ଯେଉଁ ସୂଚନା ଦେଇଥିଲେ କୃଷ୍ଣଚୈତନ୍ୟ-ରୂପୀ ଷ୍ଟିଲ୍ଟେଡ୍ ଅଧ୍ୟାୟ ଆରମ୍ଭରୁ ପଶିବାରୁ ସେ ବିରକ୍ତ ହୋଇ ପଡ଼ିଲେ ।

କୃଷ୍ଣଚନ୍ଦ୍ରଙ୍କର ମଧ୍ୟ ଡେପୁଟି ବାବୁ ପ୍ରଶ୍ନ କହିଲେ ତାହା ଆଡ଼ାଇ କରିବାପାଇଁ ମନ ସହିତ ଯୁକ୍ତି କରୁଥିଲେ; ହଠାତ୍ ତାଙ୍କର ମନ କହି ଦେଲା, ସିଦ୍ଧେଶ୍ୱର ବାବୁ ତାଙ୍କୁ ଖବର ପଚାରୁଛନ୍ତି । ତାଙ୍କ ଦେହରୁ ଗୋଟାଏ ଝାଳ ବୋହିଗଲା । ଡିଫେନ୍ସ ଅଫ୍ ଇଣ୍ଡିଆ ରୁଲର ତରବାରି ତାଙ୍କ ମୁଣ୍ଡ ଉପରେ ଝୁଲୁଛି ବୋଲି କୃଷ୍ଣଚୈତନ୍ୟଙ୍କୁ ଦେଖିବା ପରି ସେ ସ୍ପଷ୍ଟ ଭାବରେ ଦେଖି ପାରିଲେ । ସେ ଧରି ନେଲେ, ହୁଏ ତ ଅନ୍ୟ ବା ଜନସିଆ କହିବା ସମୟରେ ସେ କଣ୍ଟ୍ରୋଲ୍ ଦୋକାନରୁ ଏପରି କିଛି କଥା କହି ଦେଇଛନ୍ତି, ଯାହା ଡିଫେନ୍ସ ରୁଲର ବିରୋଧୀ; ସି. ଆଇ. ଡି. ପୁଲିସ ତ ସର୍ବଜ୍ଞ, ସର୍ବବ୍ୟାପୀ, ସର୍ବଗାମୀ—ସେଏ ସେଇ କଥା ରିପୋର୍ଟ କରି ଦେଇଛି; ସେହି ରିପୋର୍ଟର କନ୍ଫିଡେନସିଏଲ୍ ଇନ୍କ୍ୱାରିର ଭାର

ବୋଧହୁଏ କପୋଟି ବାବୁଙ୍କ ଉପରେ ପଡନ୍ତି । ବର୍ତ୍ତମାନ, କପୋଟିଙ୍କୁ ଘରକୁ ତାଙ୍କର ନିମନ୍ତ୍ରଣ ଓ ଏବଂବିଧ ଅଭ୍ୟର୍ଥନାର କାରଣ ସେ ବୁଝି ପାରିଲେ ବୋଲି ଧରି ନେଲେ । କଂଗ୍ରେସର ଲୋକଗୁଡ଼ାକୁ ଜେଲକୁ ଠେଲିବା ପୂର୍ବରୁ ସରକାରୀ ହାକିମ ହୁକୁମାମାନେ ତାଙ୍କ ପ୍ରତି ଏହିପରି ସଦ୍‌ବ୍ୟବହାର ଦେଖାଇ ଥାନ୍ତି—ଠିକ୍ ଯେପରି ପୂର୍ବକାଳରେ ଶୂଳୀ ଦେବା ପୂର୍ବରୁ ଦୋଷୀ ପ୍ରତି ଖୁବ୍ ଭଲ ବ୍ୟବହାର କରି ଯାଉଥିଲା । କପୋଟି ବାବୁ ତାଙ୍କୁ କଂଗ୍ରେସର ଲୋକ ମନେ କରି ନାହାନ୍ତି ତ ?

କୃଷ୍ଣକାନ୍ତଙ୍କର ଆଉ ସ୍ଥିର ହୋଇ ବସି ପାରିଲେ ନାହିଁ; କହି ପକାଇଲେ, 'ଏଇ—ଏଇ ଖବର ପତ୍ରରୁ ଥିଲେ ? ମୁଁ…ନା,ନା । ଅର୍ଥାତ୍ ମୁଁ କଂଗ୍ରେସର ଲୋକ ନୁହେଁ; ଏଇ କଂଗ୍ରେସବାଲା ଗୁଡ଼ାକ ଯୋଗୁଁ ଦେଶର ସର୍ବନାଶ ! ଅହିଂସା, ଚର୍ଖା... ନା, ନା । ଅର୍ଥାତ୍ କାଗଜ, କଲମ...ନା, ନା । ଅର୍ଥାତ୍ ଦେଶରେ ସବୁ ଜିନିଷର ଦାମ...ନା, ନା । ତାଙ୍କରି ଯୋଗୁଁ ସବୁ ଗୋଳମାଳ । ଆଉ ବ୍ରିଟିଶ ସରକାର—ତାଙ୍କ ଜୟ ନା, ନା । ଅର୍ଥାତ୍ ସେ ଯୁଦ୍ଧରେ ନିଶ୍ଚୟ ଜିଣିବେ । ଅର୍ଥାତ୍ ମୁଁ.... ନା, ନା । ଅର୍ଥାତ୍ ସରକାର ବାହାଦୁରଙ୍କ ବିଜୟ ନିଶ୍ଚୟ ।'

ନିଜର କପୋଳ ଦେଖାଇ ସେ କହିଲେ, ସେଥିପାଇଁ V-ବିଜୟର ଚିହ୍ନ ସେ ସବୁବେଳେ ମସ୍ତକରେ ଧାରଣ କରିଛନ୍ତି ।

କପୋଟି ବାବୁ ନିତାନ୍ତ ବିରକ୍ତ ହୋଇ ମନେ ମନେ ଉଚ୍ଚାରଣ କରୁଥିଲେ, ନିର୍ବୋଧ,ପକ୍କା ନିର୍ବୋଧ—**idiot, confirmed idiot**· ଚୈତନ୍ୟଚଟାବାଲାମାନେ ମସ୍ତିଷ୍କହୀନ ଜନ୍ତୁ ବୋଲି ତାଙ୍କର ଗୋଟାଏ ମୋଟାମୋଟି ଅନୁଭବ ଧାରଣା ଥିଲା; କୃଷ୍ଣକାନ୍ତଙ୍କର ହାବଭାବ, କଥାବାର୍ତ୍ତାରେ ତାହା ଦୃଢ଼ମୂଳ ହୋଇଗଲା ।

କିନ୍ତୁ ବିରକ୍ତ ହେଲେ ତ କାମ ଚଳିବ ନାହିଁ । ପ୍ରତ୍ୟେକର ସବୁ ଖବର ଏହାଙ୍କଠାରୁ ବୁଝିବାକୁ ହେବ ଓ ପ୍ରତ୍ୟେକ ନିକଟକୁ ପ୍ରତିସ୍ୱର ବାହୁ-ପ୍ରସଙ୍ଗ ଏହାଙ୍କ ଦ୍ୱାରା ପଠାଇବାକୁ ହେବ । ନିଜର ବିରକ୍ତି ଦମନ କରିବାପାଇଁ ସେ ତୁନି ହୋଇ ସମୟ ନେଲେ ।

କୃଷ୍ଣଚନ୍ଦ୍ରଙ୍କର ମନେ ହେଲା, ସନ୍ତୋଷ ବାବୁ ଗମ୍ଭୀର ଓ ନୀରବ ହେଲେଣି । ଏଥର ବିଚାରର ଆଦେଶ ! ତାଙ୍କର ସମୁଦାୟ ସ୍ନାୟୁମଣ୍ଡଳ ନିର୍ଜୀବ ହୋଇଗଲା। କଅଣ କହିବେ ବୋଲି ସ୍ୱତ ସେ କହି ପକାଇଲେ, 'ତ—ତ—ତ !'

ପାଖ ଘରେ 'ସନ୍ତୋଷ-ସୁହାସିନୀ କଥାବାର୍ତ୍ତା' ଶୁଣିବା ପାଇଁ ଅପେକ୍ଷା କରି ବସିଥିଲେ; କଅଣ ଗୋଟାଏ କାମରେ ଆସି ପ୍ରଶାନ୍ତ ମଧ୍ୟ ପହଞ୍ଚି ଯାଇଥିଲା । କୃଷ୍ଣଚନ୍ଦ୍ରଙ୍କ ଏକାଧିକ ତ-ତ-କାର ଶୁଣି ଦୁହେଁ ହସି ପକାଇଲେ ।

ଯାହାବା କିଛି ବୁଦ୍ଧିବୃତ୍ତି କୃଷ୍ଣଚନ୍ଦ୍ରଙ୍କର ଅବଶିଷ୍ଟ ଥିଲା, ଏ ହାସ୍ୟ ଧ୍ୱନିରେ ତାହା କୁଆଡ଼େ ଉଭେଇଗଲା । ସେ ନିଶ୍ଚଳ ଭାବରେ ଚୌକିରେ ପଡ଼ି ରହିଲେ ।

ସିଦ୍ଧେଶ୍ୱର ବାବୁ ଅନୁମାନ କରିନେଲେ, କୃଷ୍ଣଚନ୍ଦ୍ରଙ୍କ ମନରେ ଡିଫେନ୍ସ ରୁଲର ଭୂତ ନାଚ କରୁଛି । ଆଜି କାଲି ତ ଲୋକେ କଣ୍ଟ୍ରୋଲ ଅଫିସର ଚପରାସୀକୁ ଦିନକୁ ଶହେ ଜୁହାର ପକାଉଛନ୍ତି; ତାଙ୍କ ସମ୍ମୁଖରେ ଜଣେ ଓକିଲ ଯେ ଭୟରେ ମ୍ରିୟମାଣ ହୋଇଯିବ, ଏଥିରେ ଆଶ୍ଚର୍ଯ୍ୟ ହେବାର ସ୍ଥାନ ଅଛି କି ? ସେ ନିଜର ଗୌରବରେ, କ୍ଷମତାପନ୍ନତାରେ ନିଜେ ଆତ୍ମପ୍ରସାଦ ଅନୁଭବ କଲେ ।

କୃଷ୍ଣଚନ୍ଦ୍ରଙ୍କୁ ଆଶ୍ୱସ୍ତ କରିବା ଉଦ୍ଦେଶ୍ୟରେ ସେ କହିଲେ, 'ଯୁଦ୍ଧ ଫୁଦ୍ଧ କିଛି ନୁହେଁ । ଗୋଟାଏ ବ୍ୟକ୍ତିଗତ କଥା ପାଇଁ ମୁଁ ଆପଣଙ୍କୁ ଡକାଇଥିଲି ।'

କୃଷ୍ଣଚନ୍ଦ୍ରଙ୍କର ସ୍ପଷ୍ଟ ବୁଝିଲା, ତାହାଠାରୁ କଥା ଆଦାୟ କରିବାପାଇଁ ଏ ଗୋଟାଏ ଉପାୟ । ସେ ଦେଖିଲା, ଏଥର ନିସ୍ତାର ନାହିଁ । ତାର ଜିଭ ଶୁଖି କାଠ ହୋଇଗଲା । ସେ କିଛି କହିପାରିଲା ନାହିଁ ।

ସିଦ୍ଧେଶ୍ୱର ବାବୁ ଟିକିଏ ରହି କହିଲେ, 'ପ୍ରଦୋଷ ବାବୁଙ୍କ ସହିତ ଆପଣଙ୍କର ଘନିଷ୍ଠ ସମ୍ପର୍କ—ନା ?'

କୃଷ୍ଣଚନ୍ଦ୍ରଙ୍କର ମନେ ହେଲା, ଏଥର ସବୁ ଶେଷ । ପ୍ରଦୋଷ ହୁଏତ ଏପରି କିଛି କରିଛି, ଯାହା ଡିଫେନ୍ସ ରୁଲରେ ଦଣ୍ଡନୀୟ । ମହୁଆ-

ମାନୁଷ ଉଭୟ; ତା ପକ୍ଷରେ ସବୁ ସମ୍ଭବ ! କୃଷ୍ଣଚନ୍ଦ୍ରଙ୍କୁ ସେ ସହିତ ଷଡ଼ଯନ୍ତ୍ର କରିବା ଅଭିଯୋଗରେ ଫସାଇବା ଚେଷ୍ଟା ହେଉଛି; କିନ୍ତୁ କୃଷ୍ଣଚୈତନ୍ୟ ଜାଣନ୍ତି, ମନରେ ବୈର ଭାବ ଛଡ଼ା ପ୍ରଦୋଷ ସହିତ ତାର କେବେ କୌଣସି ସମ୍ପର୍କ ନାହିଁ ।

ଭୟାର୍ତ୍ତ ଲୋକର କଥାରେ ବେଳେ ବେଳେ ଖୁବ୍ ବେଗ ପ୍ରକାଶ ପାଇଥାଏ । କୃଷ୍ଣଚନ୍ଦ୍ରଙ୍କ ପକ୍ଷରେ ତାହାହିଁ ଘଟିଲା । ସେ କହିଲେ, 'ପ୍ରଦୋଷ ? କେଉଁ ପ୍ରଦୋଷ ? ସାଆନ୍ତ ଘର ପ୍ରଦୋଷ ? ବସ୍ତ୍ରର ଧନ ଅଛି; ଓକିଲ ହେବ, ବାରିଷ୍ଟର ହେବ, ହଜାର ହଜାର ଟଙ୍କା ଖରଚ କରି ହାଇକୋର୍ଟ ଯାଏ ଲଢ଼ିବ । ମୁଁ—ମୁଁ, ମୁଁ—ତା…!'

ସିଦ୍ଧେଶ୍ୱର ବାବୁ ଦେଖିଲେ, ଏପର୍ଯ୍ୟନ୍ତ ମଧ୍ୟ ଭୂତ ଛାଡ଼ି ନାହିଁ । ନିର୍ବୋଧ କନା, କଣ ବୁଝିପାରୁ ନାହିଁ । ସବୁ ବୁଝାଇ କହିବା ଦରକାର ।

ସେ କହିଲେ; 'ପ୍ରଦୋଷ ବାବୁଙ୍କ ସହିତ ମୁଁ ଗୋଟାଏ ବୈବାହିକ ସମ୍ପର୍କ ସ୍ଥାପନ କରିବାକୁ ଯାଉଛି । ଆପଣ ମୋ ଝିଅ ଛବି କଥା କେବେ ଶୁଣିଛନ୍ତି ?'

—'ନା, କେବେ ଶୁଣି ନାହିଁ !'

ସିଦ୍ଧେଶ୍ୱର ବାବୁ ଟିକିଏ ଦମିଗଲେ; ପୁଣି ନିଜକୁ ସମ୍ଭାଳି ନେଇ କହିଲେ, 'ନ ଶୁଣିବା ହିଁ ସମ୍ଭବ । ଆପଣମାନଙ୍କ ପରି ଓକିଲ ଏ ସବୁ ଖବର ପାଇବେ କୁଆଡୁ ? ଛବି ଗାର୍ଲ୍ସ ସ୍କୁଲରେ ପଢ଼େ, ମେଡ଼ାଲ ପାଇଥିଲା, ଖୁବ୍ brilliant ଥିଲା ବୋଲି ଲେଡ଼ି ପ୍ରିନ୍ସି-ପାଲଙ୍କର ମତ । ସର୍ବୋପରି ସେ ମୋ ଝିଅ !'

କୃଷ୍ଣଚନ୍ଦ୍ର ଡିଫେନ୍ସ ରୁଲର ଭୟ ଓ ପ୍ରଦୋଷ ସହିତ ବିବାହର ମଧ୍ୟସ୍ଥତା ଏ ଦୁଇ ସମ୍ଭାବନା ଭିତରେ ଆନ୍ଦୋଳିତ ହେଉ ହେଉ କେତେକ ପରିମାଣରେ ପ୍ରକୃତିସ୍ଥ ହୋଇ ଆସିଥିଲେ । ସେ କହିଲେ, 'ନିଶ୍ଚୟ, ନିଶ୍ଚୟ !'

ସିଦ୍ଧେଶ୍ୱର ବାବୁ ପୁଣି ଆରମ୍ଭ କଲେ, 'ମୁଁ ସେଇଥିପାଇଁ ଆପଣଙ୍କୁ ଡକାଇ ଥିଲି । ପ୍ରଦୋଷବାବୁଙ୍କ ସହିତ ଆପଣଙ୍କର କ'ଣ ସମ୍ବନ୍ଧ ଅଛି ?'

—'ସମ୍ପର୍କ ଅଛି, ସମ୍ବନ୍ଧ ନାହିଁ; ମୁଁ ଜାଣିଛି ଅବଶ୍ୟ!'

—'ବେଶ୍ ଭଲ! ତାଙ୍କର ତ କେହି ମୁରବି ନାହିଁ। ଏ ଅବସ୍ଥାରେ ମଧ୍ୟସ୍ଥର ଭାର ଆପଣଙ୍କ ଉପରେ ରହିଲା। ଆପଣ ଏ ଖବରଟା ପ୍ରଦୋଷକୁ ଜଣାଇବେ!'

କୃଷ୍ଣଚନ୍ଦ୍ର ଏତେବେଳେ ନିଜକୁ ନିଶ୍ଚିନ୍ତ ମନେ କଲେ। ନିଜ ଉପରେ ତାଙ୍କର ବିଶ୍ୱାସ ଓ ପ୍ରଦୋଷ ପ୍ରତି ବୈରଭାବ ପୁଣି ଫେରି ଆସିଲା।

କଥାଟା କହିବ କି ନ କହିବ ଭାବୁ ଭାବୁ ସେ କହି ପକାଇଲା 'କିନ୍ତୁ ପ୍ରଦୋଷ ମଦ ପିଏ!'

ସିଦ୍ଧେଶ୍ୱର ବାବୁ ଏଥିପାଇଁ ଆଗରୁ ପ୍ରସ୍ତୁତ ଥିଲେ; ସେ କହିଲେ, 'ହଁ ସେ ଖବର ମୁଁ ଆଗରୁ ପାଇଛି। ବଡ଼ଲୋକର ପିଲା ନା, ସେ ସବୁ ଛାତ୍ର ଜୀବନର ଗୋଟାଏ ଅବସ୍ଥାରେ ହୋଇଥାଏ! ସେ ସବୁ କିଛି ନୁହେଁ; ସେସବୁ ଧରିଲେ ଚଳେ ନାହିଁ।'

[illegible] କଥା କୃଷ୍ଣଚନ୍ଦ୍ରଙ୍କୁ ଅଜଣା ନ ଥିଲା। ସିଦ୍ଧେଶ୍ୱର ବାବୁ ପ୍ରଦୋଷ ପ୍ରତି ଯେପରି [illegible] ସେଥିରେ ସେ କଥା ଆରମ୍ଭ କରିବା ପାଇଁ ତାଙ୍କର ସାହସ ହେଲା ନାହିଁ।

ସେ କହିଲା, 'ଏପରି ଗୋଟାଏ ଦାମର ଭାର ମୋ ଉପରେ ଦେଇ ଆପଣ ମୋତେ ସମ୍ମାନିତ କରିଛନ୍ତି, କିନ୍ତୁ...'

—'କିନ୍ତୁ କିଛି ନୁହେଁ! କିନ୍ତୁ ଧରି ଚଳିଲେ ଚଳେ ନାହିଁ। ସେସବୁ ବାଦ୍ ଦିଅନ୍ତୁ। ଆପଣ ଚିଠିଏ ଲେଖିପକାନ୍ତୁ!'

ସିଦ୍ଧେଶ୍ୱର ବାବୁଙ୍କ ବୟସ, ଆରମ୍ଭରେ ସୁହାଣୀ ସଂସାରରେ ବର୍ତ୍ତମାନ, ପ୍ରଶଂସା ମଧ୍ୟ ଅଛି; ଅନ୍ତ ଖୋଜୁ ଖୋଜୁ ମହାଦେବଙ୍କ ସାକ୍ଷାତ ମିଳିଲେ ମୁକ୍ତି ଲ। ସେ ଏ ସମ୍ପର୍କରେ ଆଉ ଅଧିକ କଥାବାର୍ତ୍ତା ବନ୍ଦ କରିଦେବା ପାଇଁ ଡାକିଲେ, 'ମୁରାରି'।

ଭୋଜନ ବ୍ୟବସ୍ଥାର ସୂଚନାପାଇ କୃଷ୍ଣଚନ୍ଦ୍ର ଯୋଡ଼ ହାତରେ କହିଲେ, 'ଆଜ୍ଞା, ମୁଁ ସକାଳେ...'

—'ସେ ସବୁ କଥା କହି ଶୁଣାଇବି ନାହିଁ—କହି ଶୁଣାଇବି ନାହିଁ। ଆପଣ ଯେତେବେଳେ ଏ ଜଗତରେ ପ୍ରଥମ ବନ୍ଧୁ ! ସେ ସବୁ କଥା ଶୁଣାଯାଏ ?'

ଖାଇବା ଜାଗାରେ ସିଦ୍ଧେଶ୍ୱର ବାବୁ ଓ କୃଷ୍ଣଚନ୍ଦ୍ର ପାଖକୁପାଖ ବସିଥିଲେ। ସୁବାସ ଥାଳରେ ଲୁଚି ଆଣି ଦେଇଗଲା।

ସିଦ୍ଧେଶ୍ୱର ବାବୁ କହିଲେ, 'ନବମିତ୍ର, ନବମିତ୍ର, ମୋର ମଧ୍ୟ ଅଛି ନବମିତ୍ର !'

କୃଷ୍ଣଚନ୍ଦ୍ର ବାବୁ ମଧ୍ୟସ୍ଥର ଭାର ନେଇ ଯେତେବେଳେ ବସାକୁ ଫେରିବା ଉଦ୍ଦେଶ୍ୟରେ ବାଟରେ ଗୋଡ଼ ବଢ଼ାନ୍ତି, ସେତେବେଳେ ନୂଆ ଟାଇମ୍ ରାତି ୯ଟା ହେବ। ବାଟ କଡ଼ରେ ବ୍ଲାକ୍‌ଆଉଟ୍ ବଲ୍‌ବର ଆଲୁଅ ଦେଉଥିଲା ଯେତେ, ଅନ୍ଧାର ସୃଷ୍ଟି କରୁଥିଲା ତା ଠାରୁ ଢେର ବେଶୀ। ଆକାଶରେ ତାରଗୁଡ଼ାକ ଏହି ବ୍ଲାକ୍ ଆଉଟ୍ ଲାଇଟ୍‌କୁ ଯେପରି ବ୍ୟଙ୍ଗ କରିବା ଉଦ୍ଦେଶ୍ୟରେ ଉଜ୍ଜ୍ୱଳତର ଦେଖାଯାଉଥିଲେ।

କୃଷ୍ଣଚନ୍ଦ୍ରଙ୍କ ହୃଦୟ ଭିତରଟା ମଧ୍ୟ ଆଲୋକ ଅନ୍ଧାରର ଦ୍ୱନ୍ଦ୍ୱରେ ଛପି ଛପିକିଆ ହୋଇ ଯାଉଥିଲା—ସିଦ୍ଧେଶ୍ୱର ବାବୁ ତାଙ୍କ କନ୍ୟାର ବିବାହରେ ତାଙ୍କୁ ମଧ୍ୟସ୍ଥ କରିଥିବାରୁ ଗର୍ବ, ପ୍ରଦୋଷ ଏହି ବିବାହର ପାତ୍ର ହୋଇଥିବାରୁ ତା ପ୍ରତି ତାର ଈର୍ଷା। ସେ ଯଦି ଏ କାର୍ଯ୍ୟରେ ବିଫଳ ହୁଏ ତେବେ ସିଦ୍ଧେଶ୍ୱର ବାବୁଙ୍କର ତାଙ୍କ ପ୍ରତି ସେ ସୁଅଭିମତ ଅଛି ତାହା ନଷ୍ଟ ହୋଇଯିବ ଆଉ ସଫଳ ହେଲେ ପ୍ରଦୋଷ ଜଣେ ସିନିୟର ଡେପୁଟିଙ୍କର କନ୍ୟାକୁ ପତ୍ନୀରୂପେ ଲାଭ କରିବ; ତା ଜୀବନର ଗତି ବଦଳିଯିବ, ସେ ମଦ ପିଇବା ଛାଡ଼ିଦେବ, ଜମିଦାରୀ ଯେପରି ରହିବ। ତେବେ କୃଷ୍ଣଚନ୍ଦ୍ରଙ୍କର ସେ ଜମିଦାରୀ ନେବା କଥା ?—ସବୁଆଡ଼ୁ ମୁସ୍କିଲ।

## —ଛଅ—

ଉପର ବାରଣ୍ଡାରେ ଖଟଟ୍ରେ ଆରାମ ଚୌକିରେ ବସି ପ୍ରଦୋଷ ଖବର କାଗଜ ପଢ଼ୁ ପଢ଼ୁ ଦେଖିଲା ସିଦ୍ଧେଶ୍ୱର ବାବୁଙ୍କ ଉପର ଘର ଝରକା ପାଖରେ ଛିଡ଼ା ହୋଇ ଜଣେ ସ୍ତ୍ରୀ ଲୋକ ତା ଆଡ଼କୁ ଚାହିଁଛି । ସେଆଡ଼କୁ ଚାହିଁ ରହିବାଭଳି ଅଭଦ୍ରତା କୌଣସି ଦିନ ତାର ନ ଥିଲା । ସେ ବାରଣ୍ଡାରୁ ଉଠି ଘର ଭିତରକୁ ଚାଲିଗଲା ।

ଘରେ ପୁଣି ଖବରକାଗଜ ଦେଖୁରେ ଦୃଷ୍ଟି ଦେବାକୁ ଯାଇ ତାର ମନେ ହେଲା, ଗତ ୩/୪ ଦିନ ହେବ ଏହିପରି ଜଣେ କେହି ନାରୀ ସେହି ଝରକା ପାଖରୁ ତାଙ୍କ ଘରଆଡ଼କୁ ଦୃଷ୍ଟିଦିଏ । ଏଥିରେ ସେ ନିଜେ ବଡ଼ ଅଶାନ୍ତି ଅନୁଭବ କଲା । ଜଣେ କୌଣସି ସ୍ତ୍ରୀଲୋକ ତା ଘରର ସବୁ ଅବସ୍ଥା, ତାର ବ୍ୟକ୍ତିଗତ ଜୀବନର ସବୁ କାର୍ଯ୍ୟ ଲକ୍ଷ୍ୟ କରୁଛି, ଏହା ତାକୁ ଅସହ୍ୟ ବୋଧ ହେଲା; ଘର ଭିତରେ ମଧ୍ୟ ତାର ସ୍ୱାଧୀନତାରେ ହସ୍ତକ୍ଷେପ ହେଉଛି ବୋଲି ସେ ଅନୁଭବ କଲା ।

ଚାକରକୁ ଡାକିଲା, 'ଚୈତନିଆ, ଚୈତନିଆ'

ଚାକର ଆସି ଛିଡ଼ା ହେଲା ।

ପ୍ରଦୋଷ ଚାକରକୁ ହୁକୁମ ଦେଲା, 'ଚିକ୍ କିଣିଆଣି ଏ ବାରଣ୍ଡାରେ ଟଙ୍ଗାଇ ଦେ । ଏ ଘର ଆଉ ବାରଣ୍ଡାର କୌଣସି ଜିନିଷ ଯେପରି ବାହାରକୁ ଦେଖା ନ ଯାଏ ।'

ଚୈତନିଆ ହୁକୁମ ପାଳନ କରିବା ଉଦ୍ଦେଶ୍ୟରେ ଚାଲିଗଲା । ପ୍ରଦୋଷ ଘରେ ବସି ଖବରକାଗଜ ଶେଷ କରି ଭାରତର ବର୍ତ୍ତମାନ ଆର୍ଥିକ ଅବସ୍ଥା ବିଷୟରେ ଏକ ମୋଟା ବହି ଧରି ସେହି ଘରେ ବସି ରହିଲା । ବାରଣ୍ଡାକୁ ଆସିବା ପ୍ରବୃତ୍ତି ମଧ୍ୟ ତାର ରହିଲା ନାହିଁ । ସେ ନାରୀମାନଙ୍କୁ ଭୟ କରେ ନାହିଁ, ଖୋଜି ଲୋଡ଼ି ସେମାନଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେବା ମଧ୍ୟ ଅଭ୍ୟାସ ନୁହେଁ । ସମ୍ମୁଖରେ ଯେ କୌଣସି ମହିଳାଙ୍କ ସହିତ ସାକ୍ଷାତ ହେଲେ ଭଦ୍ରତାର ସମସ୍ତ ନିୟମ

ତଳାସ୍ତୁ ରଖି ସେ ତାଙ୍କ ସହିତ ଆଳାପ କରିବାପାଇଁ ସର୍ବଦା ପ୍ରସ୍ତୁତ କିନ୍ତୁ ନାଗର ଏପରି ଗୋପନ ଦୃଷ୍ଟିକୁ ସ୍ୱୀକାର କରିବା ପର୍ଯ୍ୟ ପୌରୁଷ-ହୀନତା, ଭୀରୁତା, ବୁଦ୍ଧି ଦୀନତା — ଅଶ୍ଳୀଳତା ବୋଲି ତାର ଦୃଢ଼-ବିଶ୍ୱାସ। ସେ ନିଜକୁ ଘର ଭିତରେ ଅବଦ୍ଧ କରି ରଖିଲା।

ଭୁବନ ଆସି ଘରେ ପହଞ୍ଚିବା ସଙ୍ଗେ ସଙ୍ଗେ ଆରମ୍ଭ କରିଦେଲା, 'ଦୃଷ୍ଟେର୍ବୈ ଭକ୍ଷ୍ୟ—ଅର୍ଥାତ୍ ଦୃଷ୍ଟବନ୍ଧରଙ୍କ ଶୁଭ ଦୃଷ୍ଟିପାତ ହେଉଥାଉ ମୋ ଉପରେ…।'

ସୁବୋଧ କହିଉଠିଲା, 'ସେ ସବୁ କଥା ଥାଉ। ତୁ ଆଗେ ଗୋଟାଏ କଥା ଶୁଣ। ଏଣିକି ଏ ଘରେ ରହିବା ମଧ୍ୟ କଷ୍ଟକର ହୋଇ ଉଠିଲା।'

ଭୁବନ କିଛି ନ କହି ତା ଆଡ଼କୁ ଚାହିଁ ରହିଲା।

'ଜଣେ କୌଣସି ସ୍ତ୍ରୀ ଲୋକ ସିଦ୍ଧେଶ୍ୱର ବାବୁଙ୍କ ଘରୁ ସମସ୍ତ ସମୟରେ ଏ ଘର ଆଡ଼କୁ ଚାହିଁ ରହିବା ପରି—ବୁଝିଲୁ। ଏଥିରେ ଘରେ ରହିବା ମୁସ୍କିଲ ହୋଇ ପଡ଼ିଲା। ମଣିଷ କେତେବେଳେ କେଉଁ ଅବସ୍ଥାରେ ଥାଏ, ତାର କିଛି ସ୍ଥିରତା ନାହିଁ। ତା ଛଡ଼ା ସବୁବେଳେ ଯାମା ସୁଆଙ୍ଗ ପରି ଭଦ୍ରତାର ବେଶ ପାଟୁଡ଼ା ପିନ୍ଧି ନିଜ ଘର ଭିତରେ ଚଳିବା ଓ ସେ ଅନୁସାରେ ଅଭିନୟ କରିବାକୁ ଗଲେ ବଞ୍ଚି ରହିବା ଏକ ବିଡ଼ମ୍ବନା ହୋଇଯିବ।'

ଭୁବନ ମୁହଁରେ ଈଷତ ହାସ୍ୟର ରେଖା ଦେଖାଦେଲା।

—'ଅଚ୍ଛ ଗୋଟିଏ କଥା ଜାଣୁ ? ଏ ମସ୍ତଯୁବୀ ମହିଳା କିଏ ମୁଁ ଜାଣେ ନା; କିନ୍ତୁ ମୁଁ ମନେ କରୁଛି ଆମ ଘରେ ସଙ୍ଗୀତ ଚର୍ଚ୍ଚାର ସ୍ୱାଧୀନତା ନଷ୍ଟ ହୋଇଗଲା।'

ଭୁବନ ଗମ୍ଭୀର ସ୍ୱରରେ କହିଲା, 'ମୁଁ ଠିକ୍ ସେହି କଥାହିଁ ଆରମ୍ଭ କରୁଥିଲି, ତୁ ମତେ ବନ୍ଦ କରିଦେଲୁ। ପ୍ରଜାପତିଙ୍କ ଘଟସୂଚକ କି ନା, ଅର୍ଥାତ୍ ସବୁ ଯୋଗ ଏକାଠି ସୃଷ୍ଟି ଯାଉଛି କି ନା…'

'ଦେଖ, ପହେଳିକା ଆରମ୍ଭ କର ନାହିଁ; ମୋତେ କଥାଟା ଆଗେ କହି ଦେଲୁ। କହିଲୁ, ସେ ସ୍ତ୍ରୀଲୋକଟି କିଏ ? ତାହିଁକି…'

—'ବସ୍, ବସ୍, ସେଇକଥା । ତାର ଉତ୍ତର ମୁଁ ଦେଇସାରିଛି । ତୁ ଆଜଯାଏ ସିଦ୍ଧେଶ୍ୱର ବାବୁ ଡେପୁଟିଙ୍କ କନ୍ୟା ପ୍ରତିଭା ଦେବୀଙ୍କୁ ଚିହ୍ନି ନାହୁଁ । ତା ସହିତ ତୋର ବିବାହ··· ।'

—'ଭଦ୍ର ଘରର ଝିଅକୁ ନେଇ ଥଟ୍ଟା···'

—'ଚୁପ୍, ଛୁଃ ଛୁଃ — ବୃଦ୍ଧଙ୍କର ବାପ ମଧ୍ୟସ୍ଥ । ଅରେ ସେଇ କଥା ତ··· ।'

—'ଦେଖ ଭୁବନ, ତୁ ମୋତେ ଭଲରୂପେ ଜାଣୁ । ପରର ଝିଅ ବହୁକୁ ନେଇ ଥଟ୍ଟା କରିବା ମୁଁ କୌଣସି ଦିନ ସହେଁ ନାହିଁ । ଆମର ତ ଏ ଗୋଟାଏ ବଡ଼ ନିୟମ ଆମେ ସ୍ଥିର କରି ନେଇଛୁଁ ଯେ, ନାରୀ ବିଷୟରେ ପୁରୁଷ ଭାବରେ କୌଣସି କଥା ଆମ ଭିତରେ ପଡ଼ିବ ନାହିଁ । ସ୍ପଷ୍ଟ ଭାବରେ, ଭଲ ଭାବରେ ଆମେ ସମୁଦାୟ ନାରୀ ଜାତି-ଟାକୁ ଗ୍ରହଣ କରିବା ।'

—'ସେ କଥା ଠିକ୍; କିନ୍ତୁ ତୋର ଯେ ବିବାହ କଥାଟା ଉଠିଛି । ସ୍ପଷ୍ଟ ଭାବରେ, ଭଲଭାବରେ ତ ତାର ଆଲୋଚନା କରାଯାଇ ପାରେ ନା ।'

—'ବିବାହ ବିଷୟରେ ମୋର ଯାହା ମତ, ତାହା ତୁ ତ ଭଲରୂପେ ଜାଣୁ । ତା ଭିତରୁ ଏପରି କଥା ତୋ ମୁହଁରୁ ଶୁଣିବା ପାଇଁ ମୁଁ ପ୍ରସ୍ତୁତ ନୁହେଁ ।'

—'ଅରେ, ଭଲ ହେଲା ତ, ମୁଁ କଣ ଯାଇ ସିଦ୍ଧେଶ୍ୱର ବାବୁଙ୍କୁ କହିଲି ଯେ, ସେ ପ୍ରତିଭା ଦେବୀଙ୍କୁ ତୋ ସହିତ ବିବାହ ଦିଅନ୍ତୁ, ନା ବୃଦ୍ଧଙ୍କର ବାପଙ୍କୁ ମଧ୍ୟସ୍ଥ ହେବା ପାଇଁ କହିଲି ? ଆଜ ସକାଳଟାରେ ସେ ଖବର ଶୁଣିଛି । ଆଜ ସେ କଥା ତୋତେ କହିବା ପାଇଁ ଧାଇଁ ଆସୁଛି, ଅଥଚ ତୁ ମୋତେ ସେଇ କଥାଟା କହିବାକୁ ଦେଉ ନାହୁଁ ।

ପ୍ରଦୋଷ ଗମ୍ଭୀର ହୋଇ ବସିରହିଲା ।

ଭୁବନ ଆରମ୍ଭ କଲା, 'ବୃଦ୍ଧଙ୍କର ତ ତୋତେ ଯେପରି ଅମୃତ-ମୟ ଦୃଷ୍ଟିରେ ଦେଖେ । ସେ ଯେତେବେଳେ ମଧ୍ୟସ୍ଥ ହୋଇ ନିଜେ ବାହାରି ପଡ଼ିଛି, ସେତେବେଳେ ତୋ ଭାଗ୍ୟସ୍ଥାନରେ ତ ସପ୍ତମ

ଦୁଃସ୍ଥଙ୍କ ନିକଟକୁ ପଠାଇ ଦିବେ । ଆଜି ସକାଳେ ସେ ଆମ ବସାରେ ଆସି ହାଜର । ମୋ ବସାର ସର୍ବଶ୍ରେଷ୍ଠ ବୁକ୍-କମ୍ପାଉଣ୍ଡ ଡିପାର୍ଟମେଣ୍ଟର ଏକମାତ୍ର କର୍ମଚାରୀ ମୋ ଶୋଇବା ଖଟ ପାଖରେ ଆସି ଉଦ୍‌ବେଳିତ ଆଗମନ ସମ୍ବାଦ ଘୋଷଣା କଲା । ମୁହଁଟା ନ ଧୋଇ ଗୋଟାଏ ଚୈତନ୍ୟଙ୍କୁ ଦେଖାହେଲେ ଯାତ୍ରା ଜନ ଅମଙ୍ଗଳ—ମୁହଁ ଧୋଇ ଉପସ୍ଥିତ ହେବାମାତ୍ରେ ସେ ସିଦ୍ଧେଶ୍ୱର ବାବୁଙ୍କ କନ୍ୟା ଶ୍ରୀମତୀ ପ୍ରଭାଙ୍କ ଦେବୀଙ୍କ ସହିତ ତୋ ବୈବାହିକ ପ୍ରସଙ୍ଗ ଅଧ୍ୟାୟ ଶେଷ ଘୋଷଣା କରି ତା ଦେହରେ କୃଷ୍ଣଚୈତନ୍ୟ ଲଗାଇ ମୂର୍ଚ୍ଛନା ଦେଇ କୃଷ୍ଣଦାସଙ୍କର ମୋତେ ଉପଦେଶ ଦେଲେ ଯେ, ଏ ସମ୍ବାଦଟି ଖବର ମେଳରୁ ବା ଦୁଃସହ ବା ଅକସ୍ମାତ ଭଗ୍ନହୃଦ ରୂପେ ତୋ ପାଖକୁ ମୁଁ ବହନ କରିନେବ, ଆଜ ସୁବିଧାମତେ ସେ ତୋ ସହିତ ସାକ୍ଷାତ କରି ଏ ବିଷୟରେ ଶକ୍ତ ଜବାବ ଗ୍ରହଣ କରିବ ।'

ପ୍ରଦୋଷ ହସିପକାଇଲା; କହିଲା, 'ଯାହାହେଉ ଏ ଦୁନିଆରେ ଏତେ ଦିନରେ ଜଣେ ଲୋକ ମିଳିଲା ଯେ ମୋତେ ପସନ୍ଦ କଲେ; କିନ୍ତୁ ହା ଦୁର୍ଭାଗ୍ୟ ! ଏ ପସନ୍ଦର ପ୍ରତ୍ୟୁତ୍ତରରେ ସେ କେବଳ ନିରାଶ ହେବେ ! ବାହା ହେବା କଥାଟା ବୋଧହୁଏ ମୋ ଜାତକରେ ନାହିଁ । ଆରେ ତୁ ବୁଝ, ବାହାହେବାକୁ ଗଲେ ଯେ ପୂର୍ବପୁରୁଷଙ୍କ ପାପର ପ୍ରାୟଶ୍ଚିତ୍ତ ବାକି ରହିଯିବ । ତୁ ଏ ଖବରଟା କୃଷ୍ଣଦାସଙ୍କର ମହା-ପୁରୁଷଙ୍କୁ ଜଣାଇ ଦେ ।'

ଭୁବନ ଗମ୍ଭୀର ସ୍ୱରରେ କହିଲା, ଏ ସବୁ କାମ ଆଉ ମୋ ଦ୍ୱାରା ହେବ ନାହିଁ ! କୃଷ୍ଣଦାସଙ୍କରଟାକୁ ଦେଖିଲେ ମୋ ନଖସୁଦ୍ଧାକରେ ଏପରି ଗୋଟାଏ ଗଲୁ ସ୍ୱଭାବ ଜାତ ହୁଏ ଯେ, ତାର ଶିକଡ଼-ଚଢ଼ିତ ନାକଟାକୁ ଅମୂଳ ଉପାଡ଼ି ଆଣିବାକୁ ମନ ଭିତରେ ଚୋଟାର ସାହସ ଜଣ କୁହା ମାରିବା ଆରମ୍ଭ କରିଦିଏ । ନାହିଁ ବାବୁ, ସେ ସବୁରୁ ମୋତେ ଅବ୍ୟାହତି ଦେ ।'

ପ୍ରଦୋଷ ସିଦ୍ଧେଶ୍ୱର ବାବୁଙ୍କ ଘର ଝରକା ଆଡ଼କୁ ଆଙ୍ଗୁଳି ଦେଖାଇ କହିଲା, 'ଆଉ ଏ.କଥା ?'

—'ଏ ଡ଼ୋଭାଇଲେ ଫେରିବା ନା ଫେରିବା ପଛରେ ଥିବା ଜୀବନ୍ତ କି ? ସେ ବାବୁ, ଯାହା କର, ତୋ ବାରଣ୍ଡାରେ ଗୋଟାଏ ଖଟିଆ ଥା, ନ ହେଲେ ସେମାନଙ୍କ ଅଣ୍ଟି ବେଳେ ଅବେଳେ ପଡ଼ିଲେ ଶିରର ରକ୍ତ ଶୁଖିଯାଏ, ପରମାୟୁ କମିଯାଏ ।'

—'ଠିକ୍ କଥା ଯେ; ଆମର ଆଡ୍‌ଡା ବୈଠକ ?'

—'ସେ ଗୋଟାଏ ବଡ଼ ସମସ୍ୟା ! ମୁଁ କହୁଛି କଅଣ କି, ମହାମାୟୀଙ୍କ ମନ୍ଦିରରେ ଆମର ଆଡ୍‌ଡା ବସିବାର ବସିଲେ ଚଣ୍ଡୀପାଠ ଏକ୍ୟାସଟା ଛୁଅନ୍ତା, ଆମେ ମଧ୍ୟ ଡାକିନୀ ଯୋଗିନୀଙ୍କ ଦୃଷ୍ଟିରୁ ଅବ୍ୟାହତି ପାଆନ୍ତୁ ।'

—'ସ୍ୱପ୍ନ ଦେଖିବା କଥାଟା ଏତେବେଳେ କହୁଛୁ । ହଉ, ଏ ସବୁ ଖବର ଥାଉ । ବୁଢ଼ାଟାର ଡାକ୍ତରର କିଛି ବ୍ୟବସ୍ଥା କଲୁ ?'

—'ଏକଷ୍ଟ୍ରାର ହୋଇଛି ତ । ଖବର ଡାକ୍ତର ବୁଢ଼ାର ମୁଁହଆଡ଼େ ଅଣ୍ଟିକାକୁ ଏକଦମ୍ ନାସ୍ତିକ; ମୂଳରୁ କହି ବସିଲା, 'ଏଥିରେ କି ମଣିଷ ବଞ୍ଚନ୍ତି ?' ଉତ୍ତର ଦେଲି, 'ଠିକ । ହିଁଲାଏ ଏକୁ ଡାକ୍ତର-ଖାନାରେ ସ୍ଥାନ କରିଦିଅନ୍ତୁ ।' କହିଲା, 'ମିଲ୍‌ଟାସ୍—ଓଭର୍‌ଫିଡ୍ !' ଶେଷେ ପଣ୍ଡି ବୁଢ଼ାକୁ ଦେଖିଲା, ଗୋଟାଏ ଇଞ୍ଜେକ୍‌ସନ୍ ଦେଲା, ପ୍ରେସ୍-କ୍ରିପସନ୍ ଲେଖିଲା, ଶେଷରେ କହିଲା, 'ଖାଦ୍ୟାଭାବ !' ଘର ଦୁଆର ଆଡ଼କୁ ଦୃଷ୍ଟି ଦେଇ ଦେଖିଲା, ଘରଟାରେ ଏତେ ଅଭାବ ଯେ ତାହା ମଧ୍ୟ ଡାକ୍ତର ସହିତ ମୋତେ ଖାଦ୍ୟରେ ପରିଣତ କରିଦେବ ବୋଲି ମୋର ଡର ହେଲା । ସାହିର ଗୋଟାଏ ଟୋକାକୁ ଦିନକୁ ଆଠଅଣା ମଜୁରିରେ ବୁଢ଼ା ପାଖରେ ରଖି ଆସିଛି; ତାର ପଥ୍ୟର ବ୍ୟବସ୍ଥା ମଧ୍ୟ କରି ଆସିଛି । ଏଆଡ଼ୁ ଫେରିଲେ ଯିବ ତା ପାଖକୁ ।'

ସନ୍ତୋଷ ମୁହଁରେ ଶାନ୍ତିର ସ୍ପଷ୍ଟ ଛବିଟାଏ ଜୀବନ୍ତ ହୋଇ ଉଠିଲା । ସେ କହିଲା, 'ଏଇ କାମ କରିବା ପାଇଁ ତ ଆମେ ବଞ୍ଚି ରହିଛୁରେ ! ଏଥିରେ ଯେତେ ଆନନ୍ଦ ମିଳେ, ଅଉ କେଉଁଥିରେ କି ପାଉ ?'

ଭୁବନ କିଛି ନ କହି ବାଉଳା ଅଡ଼କୁ ଗଲା ।

ଡମଲ ପଣ୍ଡାବାର ଅଭିନୟ ଦେଖି ଗୃଣି ଘର ଭିତରୁ ଫେରିଥିଲା କହିଲା, 'ଇରେ ବାପାରେ — ସେହି ।'

ସୁବୋଧ କିଛି ବୁଝିପାରିଲା ନାହିଁ, କହିଲା, 'କଏ ?'

—'ସେହି ଏବଡ଼ା ଅରଣ୍ୟର ଡାକିନୀ-ଯୋଗିନୀ-ଡାକିଆମାନେ ବାପା !

ଦୁହେଁ ହସି ଉଠଲେ ।

—୧୫—

ବେଳ ବୁଡ଼ିଥା ହେବ, ଚନ୍ଦ୍ରା ଘର ଭିତରେ ବସି ଗୀତର ଅଭ୍ୟାସ କରୁଥିଲା ।

ପଢ଼ିବା ଓ ଗୀତର ଅଭ୍ୟାସ କରିବା, ଏ ଦୁଇଟି କଥା ଉପରେ ଯେପରି ତାର ସମୁଦାୟ ଅସ୍ତିତ୍ୱ ନିର୍ଭର କରେ, ସେହିପରି ଭାବରେ ସେ ଲାଗିପଡ଼ିଛି । ତାର ହୃଦୟର ସମୁଦାୟ ଆବେଗ, ସମୁଦାୟ ବ୍ୟଗ୍ରତା ଏହି ପରିଶ୍ରମ ଓ ଜ୍ଞାନର ଚର୍ଚ୍ଚାରେ ଉତ୍ସର୍ଗିତ ହୋଇଉଠିଛି ।

ମାଉସୀର ଉଦ୍ୟମ ଓ ଉତ୍ସାହ ଭିତର ଦେଇ କ୍ରମେ କ୍ରମେ ଚନ୍ଦ୍ରା ଯେତେବେଳେ ବଢ଼ି ଉଠିଲା, ସେତେବେଳେ ତା ସମ୍ମୁଖରେ ଥିଲା ଲଜ୍ଜା ଓ ଘୃଣାର ଅବରଣରେ ଆବୃତ୍ତ ପତିତାର ଜୀବନ । ସେ ପଥରେ ନ ଥିଲା ଆଲୋକର ରେଖା, ନ ଥିଲା ଜୀବନର କୌଣସି ଉଦ୍ଦେଶ୍ୟ । ବୋଧହୁଏ ସେ ବାଟର ଶେଷ ମଧ୍ୟ ନାହିଁ । ମାଉସୀର ଘରେ ସେ ବଢ଼ିଛି, ପତିତା ପଡ଼ାର ସମୁଦାୟ ଗଣବଧୂଙ୍କୁ ତାର ଜୀବନର ଉନ୍ମେଷ ସଙ୍ଗେ ସଙ୍ଗେ ସେ ଲକ୍ଷ୍ୟ କରିଛି, ସେ ସବୁ ସହିଯିବା ତାର ଅଭ୍ୟାସ ପଡ଼ିଯାଇଛି; କିନ୍ତୁ କୌଣସି ଦିନ ସେ ନିଜକୁ ପତିତାର ଆସନରେ ଦେଖିବାପାଇଁ ନିଜ ଅନ୍ତର ଭିତରେ କୌଣସି ସମର୍ଥନ ପାଇ ନାହିଁ । ତାର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମାଉସୀ ତା ଆଗରେ ରଙ୍ଗୀନ ଆଶାର ଝଲମଲ ସ୍ୱପ୍ନ ଜାଲ ଦେଇ-ଥିଲେ; ସେଥିରେ ଶାଢ଼ୀ, ଗହଣା, ଟଙ୍କା, ସୁନା, କୋଠାବାଡ଼ି ସବୁ ଥିଲା—ନ ଥିଲା କେବଳ ମନୁଷ୍ୟତା, ନ ଥିଲା ମନୁଷ୍ୟତାର ମର୍ଯ୍ୟାଦା ।

ଶୁଣିବା ଛଡ଼ା ତ ତାର ଅନ୍ୟ ଉପାୟ ନ ଥିଲା, ସେ ଶୁଣେ, କିନ୍ତୁ କୌଣସି ଦିନ ତ ତାର ଜୀବନର କୌଣସି ସ୍ତର ଆଶାର ରଙ୍ଗରେ ରଞ୍ଜିତ ହୋଇ ପାରି ନ ଥିଲା । ପତିତାର ଜୀବନ ତାକୁ ସ୍ୱଅଙ୍ଗ କ୍ରମେ କ୍ରମେ ଏକ ଦୁର୍ଭେଦ୍ୟ ବନ୍ଧନରେ ବାନ୍ଧି ପକାଇ ଥିଲା; କିନ୍ତୁ ଏଥିରୁ ମୁକ୍ତି ପାଇବାର ତ କୌଣସି ପଥ ତା ଆଗରେ ନ ଥିଲା । ପତିତା ଘରେ ସେ ଜନ୍ମିଛି, ଏହି ଅଭିଶାପ ଯୋଗୁଁ ହିଁ ତାକୁ ଚିରକାଳ —ଆଜୀବନ—ପତିତା ହୋଇ ରହିବାକୁ ପଡ଼ିବ । ସମାଜର ସିଂହ-ଦ୍ୱାର ତା ପାଇଁ ରୁଦ୍ଧ, ମନୁଷ୍ୟତାର ସଭାରେ ତାର କୌଣସି ସ୍ଥାନ ନାହିଁ—ସେ ପାଶବିକ ଲୋଲୁପତାର ଜିହ୍ୱାନଳ ସ୍ତବରେ ନିଜକୁ ବାଣ୍ଟି ଦେବା ପାଇଁ ବାଧ୍ୟ; ଦୁନିଆର ସମସ୍ତ ଅବର୍ଜନା, ସମସ୍ତ ପଙ୍କିଳ-ତାର ପୂଜା ବେଦୀରେ ମସ୍ତକ ଅବନତ କରି ଉତ୍ସର୍ଗୀତ ବଳି ପଶୁଟେ ସମାଜର ଯୂପକାଷ୍ଠ ନିକଟରେ ଦଣ୍ଡାୟମାନ ହେବାକୁ ବାଧ୍ୟ । ଏହା ଛଡ଼ା ସମାଜ ତା ପାଇଁ ଅନ୍ୟ ବ୍ୟବସ୍ଥା କରି ନାହିଁ—ତା ପକ୍ଷରେ ଅନ୍ୟ ଉପାୟ ନାହିଁ । ପତିତାର ଜୀବନ ଜନ୍ମସୂତ୍ରରେ ସେ ଟଙ୍କା ସୁନା—ହୁଏ ତ ଧନରତ୍ନ ମଧ୍ୟ ପାଇପାରେ; କିନ୍ତୁ କେଉଁ ମୂଲ୍ୟରେ ? ସେ ଯଦି ଦୁନିଆର ସବୁ ଜନତା, ସବୁ ମନୁଷ୍ୟ ଉପରେ ଅସୀମ ଆଧିପତ୍ୟ ପାଏ; କିନ୍ତୁ ନିଜକୁ ହରାଏ, ତେବେ ଲାଭ କ'ଣ ? ଏ ସବୁ ସେ ଅଳ୍ପକାଳ ଭିତରେ, ଏ ସବୁ ବିଷୟ ଅଳ୍ପକାଳ ତାର ଚକ୍ଷୁ ସମ୍ମୁ-ଖରେ ସ୍ପଷ୍ଟ ହୋଇ ଉଠିଛି ।

କିନ୍ତୁ ସେ ଜାଣେ, ତାର ଯୌବନର ଆରମ୍ଭରେ ଏ ସବୁ ଚିନ୍ତାର ସ୍ଥାନ ମଧ୍ୟ ତା ମନରେ ନ ଥିଲା, ନ ଥିଲା ତା ଠାରେ ଚିନ୍ତା କରିପାରିବାର ଶିକ୍ଷା ବା ଅଭ୍ୟାସ । ସେ କେବଳ ନିଜ ଭିତରେ ଗୋଟାଏ ଦୁର୍ଦ୍ଦମନୀୟ ପ୍ରେରଣା ଅନୁଭବ କରୁଥିଲା—କେଉଁ ଆଡ଼େ ପଳାଇବ; କିନ୍ତୁ ଯିବ ସେ କୁଆଡ଼େ ? ତା ପାଇଁ ସ୍ଥାନ କାହିଁ ? କିଏ ତାକୁ ଆଶ୍ରୟ ଦେବ ? ମୁହୂର୍ତ୍ତକ ପାଇଁ ଯଦି କେହି ତାକୁ ଟିକିଏ ସହାନୁଭୂତି ଦାନ କରି ନିଜ ପାଖରେ ଆଶ୍ରୟ ଦିଏ, ତେବେ ଲୋକ-ମତ, ସମାଜ ତା ଉପରେ ରକ୍ତଚକ୍ଷୁ ହୋଇ ଉଠିବେ; ଅଥଚ ସେହି

ଦାୟନ୍ତ ସ୍ୱର୍ଗର ଅନ୍ଧକାରରେ ଆତ୍ମଗୋପନ କରି ତାଙ୍କ ଚରଣଙ୍କ ଶୀର୍ଷ ନିକଟରେ ଉପସ୍ଥିତ ହେଲେ, କେବଳ ତା ସମାଜର ମର୍ଯ୍ୟାଦା ରକ୍ଷା ତା ପାଇଁ ରହୁଛି । ସେଥିପାଇଁ ଚନ୍ଦ୍ରା ଅନୁଭବ କରୁଥିଲା ଗୋଟାଏ କନ୍ଦର୍ପ ବନ୍ଧନ ନାଗପାଶ ପରି ତାକୁ ତାର ପରିସ୍ଥିତି ସହିତ ବାନ୍ଧି ରଖିଛି—ଏ ବନ୍ଧନ ଅଶରୀରୀ, ଅଦୃଶ୍ୟ ଏବଂ କେଣ୍ଡ ଏହାକୁ ଛିନ୍ନ କରିବା ସାଧାରଣତ, ଅସମ୍ଭବ ।

ଯୌବନର ତୋରଣ ତା ସମ୍ମୁଖରେ ଉନ୍ମୁକ୍ତ ହେବା ସଙ୍ଗେ ସଙ୍ଗେ ସବୁ ମନୁଷ୍ୟ ପରି ତା ହୃଦୟରେ ଆଶା ଓ କଳ୍ପନାର ଶତମୁଖୀ ଉତ୍ସ ଫିଟିଗଲା । ସବୁ ମନୁଷ୍ୟ—ସବୁ ନାରୀ ପରି ସେ ମଧ୍ୟ ନିଜର ହୃଦୟକୁ ପୁଷ୍ପାଞ୍ଜଳି ରୂପେ ନିବେଦନ କରି ରଖିଲା ତାର ମନ ମନ୍ଦିରର ଅନାଗତ ଅତିଥି ଉଦ୍ଦେଶ୍ୟରେ; କିନ୍ତୁ ତାର ଜୀବନ ଦ୍ୱାରକୁ ତ ଦେବ କେବେ ପୂଜା ଗ୍ରହଣ କରିବା ପାଇଁ ଆସିବ ନାହିଁ, ତା ମନ୍ଦିରରେ ଦୀପ ଜଳିବ ନାହିଁ, ଆସନ ସଜା ହେବ ନାହିଁ, ଆରତିର ଘଣ୍ଟାଧ୍ୱନି ଶୁଭିବ ନାହିଁ । ତାର ପୁଷ୍ପାଞ୍ଜଳି ଝଡ଼ାଫୁଲ ପରି ବାଟ କଡ଼ର ଧୂଳିରେ ପଡ଼ି ରହିବ, ତାର ସାରା ଜୀବନଟା ବ୍ୟର୍ଥତାର ଦୈନ୍ୟରେ ମଳିନ ହୋଇ ରହିବ; ସେ କାଙ୍ଗାଳ ପରି—ଘୃଣାରେ ଫିଙ୍ଗାହୋଇଥିବା ଜୀବ ପରି—ପରିତ୍ୟକ୍ତ ଆବର୍ଜନା ସ୍ତୂପ ପରି ବାଟ କଡ଼ରେ ପଡ଼ି ରହିବ । ତାର ହୃଦୟ ଉଦ୍ଭ୍ରାନ୍ତ ହୋଇ ଉଠେ, ହାହାକାର କରି ଉଠେ । ସେ ମହା-ଶୂନ୍ୟ ଆଡ଼କୁ ଚାହିଁ ରହେ ।

ଦେବତାର ଆଶୀର୍ବାଦ ପରି ପ୍ରଦୋଷ ଯେଉଁଦିନ ତାଙ୍କ ଅଗଣାରେ ଆସି ପହଞ୍ଚିଲା, ସେ ଦିନ ତାର ଉନ୍ମୁଖ ହୃଦୟ ପ୍ରଦୋଷର ମହାନୁଭବତାର ଚରଣ ତଳେ ନିଜକୁ ଢାଳି ଦେଲା; ତାହାକୁହିଁ ଦେବତା କରି ଗଢ଼ି ଉଠିଲା ଚନ୍ଦ୍ରାର କଳ୍ପନା ମନ୍ଦିର । ସେ ମନ୍ଦିର ଭିତରେ ଶତ ଶତ ଦୀପ ଜଳି ଉଠିଲା; ଧୂପର ଗନ୍ଧରେ ତାହା ଆମୋଦିତ ହୋଇ ଉଠିଲା; ବଂଶୀ ଓ ମୁରଜର ସ୍ୱରରେ ତାହା ମୁଖରିତ ହୋଇ ଉଠିଲା—ଆଜି ତାର ଭିତରେ ଶତ ଚନ୍ଦ୍ରର ଉଜ୍ଜ୍ୱଳତାରେ ଜାଗି ଉଠିଲେ ମନ୍ଦିରର ଜୀବନ୍ତ ଦେବତା । ସେ

ଜୀବନରେ ପ୍ରଥମଥର ଅନୁଭବ କଲା ଲକ୍ଷ୍ୟର ଗୋଟାଏ ବୃହତ୍ତର ଆଦର୍ଶ, ସାଧନାର ଗୋଟାଏ ଅପ୍ରତିହତ ଅଭିଯାନ, ତ୍ୟାଗର ଗୋଟାଏ ସୁସ୍ପଷ୍ଟ ଇଙ୍ଗିତ। ତାର ଜୀବନର ଧାରା ଦୁଇକୂଳ ପ୍ଲାବିତ କରି ସେହି ପଥରେ ବହିଯିବା ପାଇଁ ଫୁଲି ଫୁଲି ଶକ୍ତି ସଂଗ୍ରହ କରିବାରେ ଲାଗି ପଡ଼ିଲା। ପ୍ରବୋଧକୁ କେନ୍ଦ୍ର କରି ଗଢ଼ି ଉଠିଲା ତାର କଳ୍ପନା ସ୍ୱର୍ଗର ଦୁନିଆ।

ଦିନ ଯେତିକି ଯାଉଛି ପରିଚୟର ଘନିଷ୍ଠତା ଯେତିକି ବଢ଼ୁଛି ପ୍ରବୋଧର ଜୀବନର ସ୍ୱଚ୍ଛ ନିର୍ମଳ ପବିତ୍ରତା ସେତିକି ଉଜ୍ଜ୍ୱଳ ମୂର୍ତ୍ତିରେ ଚନ୍ଦ୍ରା ଆଗରେ ଆତ୍ମପ୍ରକାଶ କରୁଛି। ପ୍ରବୋଧ ତାକୁ ନିଜର ବିଳାସର ସାମଗ୍ରୀରୂପେ ନୁହେଁ, ଭଉଣୀ ଭାବରେ ଗ୍ରହଣ କରୁଛି; ତାକୁ ମଣିଷ କରି ଗଢ଼ିବା ନିଜର ଉଦ୍ଦେଶ୍ୟ ବୋଲି ବିଶ୍ୱାସ କରୁ ଆସିଛି। ଚନ୍ଦ୍ରା ଭିତରେ ଏହାର ପ୍ରତିଧ୍ୱନି ଅତି ଅଦ୍ଭୁତ ଆକାର ଧାରଣ କଲା। ସମାଜ ଭିତର ପରିବାରର ଭାଇଭଉଣୀ ରୂପେ ସେ କେବେ ବଢ଼ି ଆସି ନାହିଁ; ତାର ଧାରଣା ଥିଲା, ଭାଇ ଭଉଣୀ ଭିତରେ ଥାଏ ଗୁରୁଲଘୁର ସ୍ନେହ; ସେ ସମ୍ପର୍କ ତ୍ୟାଗର ମହିମାରେ ଖର ଉଜ୍ଜ୍ୱଳ। ପ୍ରବୋଧକୁ ଭାଇ ଭାବରେ ସେ ଗ୍ରହଣ କରିବ କିପରି? ତାର ଦୁର୍ଦ୍ଦାନ୍ତ ହୃଦୟ ତ ଅନେକ ସମୟରେ ଉତ୍କ୍ଷିପ୍ତ ହୋଇ କହି ଉଠେ—'ନାହିଁ, ନାହିଁ, ଅସମ୍ଭବ!' ତାର ସମୁଦାୟ ଅସ୍ତିତ୍ୱ ବି କେବେ କେବେ କୁହେଳିକାମୟ ହୋଇ ଉଠେ। ପ୍ରବୋଧ ତାକୁ ଭଉଣୀ ଭାବରେ ଗ୍ରହଣ କରୁଛି—କରୁ—ସେଥିରେ ତାର ଆପତ୍ତି ନାହିଁ; ସେ ତାକୁ ଭାଇ ଭାବରେ ଗ୍ରହଣ କରିବ, କେବଳ ସସୀମ ସ୍ନେହ, ସାଧାରଣ ତ୍ୟାଗ ଦ୍ୱାରା ନୁହେଁ—ଅସୀମ ପ୍ରେମ ଓ ପବିତ୍ରତା ଦ୍ୱାରା। ତାର ସାଧନା ହେବ ନୀରବ, କିନ୍ତୁ ଏକାଗ୍ର; ତାର ପୂଜା ହେବ ପବିତ୍ର, କିନ୍ତୁ ପୂର୍ଣ୍ଣ ହୃଦୟର। ତାର ଦାନ ହେବ ତାର ଶରୀର ନୁହେଁ, ତାର ମନ ନୁହେଁ, ତାର ସମୁଦାୟ ଅସ୍ତିତ୍ୱ। ପରମ ତ୍ୟାଗର ଆଦର୍ଶରେ ତାର ଜୀବନର ପ୍ରତିସ୍ତର ଆଲୋକିତ ହୋଇ ଉଠିଲା।

ସେଥିପାଇଁ ପ୍ରଦୋଷ ଯେଉଁ କାର୍ଯ୍ୟରେ ତାକୁ ନିୟୋଜିତ କରୁଛି ସେହି କାର୍ଯ୍ୟକୁହିଁ ତାର ସାଧନା ବୋଲି ସେ ଗ୍ରହଣ କରୁଛି, ଯେଉଁ ଅର୍ଘ୍ୟ ପ୍ରଦାନ କରୁଛି ସେ ଅର୍ଘ୍ୟକୁ ସେ ଦେବତାର ଅର୍ଘ୍ୟ ବୋଲି ମୁଣ୍ଡ ପତାଇ ନେଇଛି । ପ୍ରଦୋଷର ଇଚ୍ଛାକୁ ନିଜ ଭିତରେ ପ୍ରତିଫଳିତ କରିବାକୁ, ପୂର୍ଣ୍ଣ କରିବାକୁ, ଚନ୍ଦ୍ରା ତାର ଜୀବନର ମହାବ୍ରତ ବୋଲି ଗ୍ରହଣ କରିଛି । ତାହାରି ଭିତରେ ସେ ଲାଭ କରେ ପ୍ରଦୋଷର ଚରମ ସାନ୍ନିଧ୍ୟ, ଜୀବନର ଅପରୂପ ଆସ୍ୱାଦ, ପରମ ଆନନ୍ଦ ।

ତାର ପରିସ୍ଥିତି, ତାର ଜୀବନ-ପଥ ପ୍ରତିପଦରେ ପ୍ରଚଣ୍ଡ ବାଧା-ପ୍ରଦାନ କରେ; ଏବଂ ସେହି ବାଧାର ଆଘାତରେହିଁ ତାର ବ୍ରତ, ତାର ସାଧନା, ତାର ତ୍ୟାଗ ହୋଇ ଉଠେ ଚନ୍ଦ୍ରା ପକ୍ଷରେ ଭକ୍ତିର ସାମଗ୍ରୀ, ଅତି ଆପଣାର ଐଶ୍ୱର୍ଯ୍ୟ । ତାର ସମସ୍ତ ଶକ୍ତି ଦେଇ ସେ ତାକୁ ବଞ୍ଚାଇ ରଖେ ନିଜର ଅସ୍ତିତ୍ୱ ଭିତରେ ।

ମାଉସୀ ତାର ଗତିବିଧି ଲକ୍ଷ୍ୟ କରି ପ୍ରଥମେ ପ୍ରଥମେ ବିରକ୍ତ ହୋଇ ଉଠୁଥିଲା, ଆଜିକାଲି ଉତ୍କ୍ଷିପ୍ତ ହୋଇ ପଡ଼ିଛି । ଦିନେ ସେ ସ୍ପଷ୍ଟ ଭାବରେ ତାକୁ କହିଲେ, ଏସବୁ କଥା ଭଲ ନୁହେଁ ଲୋ ଝିଅ—ଏ ସବୁ କଥା ଭଲ ନୁହେଁ । ପ୍ରେମକୁ ନେଇ ଆମେ ଘରଦ୍ୱାର କରିବୁ ନାହିଁ, ସେଇଟାକୁ ନେଇ ଆମର ବେଉସା । ଏ କଥା ଭଲ-କରି ବୁଝିରଖ । ପ୍ରଦୋଷ ବାବୁ ଆମକୁ ପୋଷାଉଛନ୍ତି, ସେ ଆସୁଛି, କାଲି ତାଠାରୁ ଭଲ ଗ୍ରାହକ ମିଳିବେ । ପ୍ରଦୋଷ ବାବୁଙ୍କ ଦୁଆର ମନା କରିଦେବ ।

ଚନ୍ଦ୍ରା କ୍ଷୀଣ ସ୍ୱରରେ କହିଲା—'ମାଉସୀ !'

—'ହଁ, ହଁ—ମୁଁ ସବୁ ବୁଝେ । ମୋ ପାଖରେ ସବୁ ରୋଗର ଔଷଧ ଅଛି । ତୁ ଏ ଘରେ ବଢ଼ିଛୁ । ଏଇ ଘର ଧାମ କରିବାକୁ ହେବ, ନ ହେଲେ ତୋ କପାଳେ ଢେର ଅବସ୍ଥା ଅଛି । ତୁ ଯେଉଁ ବାଟ ଧରିଛୁ ସେ ବାଟ ଆମ ପାଇଁ ନୁହେଁ । ଆମେ ମଧ୍ୟ ଦିନେ ତୋରି ପରି ଥିଲୁଁ; ତୋରି ପରି ରୂପ ଥିଲା,—କେତେ ରାଜା ପୁଅ ଆମ

ଯୋଡ଼ ଖାଲରେ ଗଡ଼ୁଥିଲେ । ଆମେ ତ ସେତେବେଳେ ଭଲ ପାଉଥିଲୁ—ତୋ ପରି ନୁହେଁ । ବ୍ୟବସାୟ ଯେତେ ବ୍ୟବସାୟ ହେଉଥିଲା, ଭଲ ପାଇବା ସେତେ ପ୍ରେମ ହେଉଥିଲା । ବୁଝି ହେଲୁ, ତୋ ପରି ଦୁନିଆ ଛଡ଼ା କଥା ଆମ ଜାତରେ କାହାରି ଦେଖି ନାହିଁ ଲୋ ମା—କାହାରି ଦେଖି ନାହିଁ ।'

ଘୃଣାରେ ଚନ୍ଦ୍ରାର ସାରା ଶରୀର କଣ୍ଟକିତ ହୋଇଗଲା । ସେ କିଛି ଉତ୍ତର ଦେଲା ନାହିଁ ।

ତା ଠାରୁ କିଛି ଉତ୍ତର ନ ପାଇ ବୁଢ଼ୀ ରାଗିଗଲା; କହିଲା, 'ତୁ ପାଠ ପଢ଼, ଓକିଲ ବାରିଷ୍ଟର ହୁ, ମୁଁ କିଛି କହୁ ନାହିଁ, ସବୁ ମନେ କରୁଥାଉ ଯେ, ମୋ ବର୍ଣ୍ଣି ଜାତିକୁ ତେବେ ଭଲ ହେବ ନାହିଁ । ତୁ ପିଲା ଲୋକ, ଜାଣି ନାହୁ—ଏ ସାହିରେ ଗୋଟାଏ ଅଲଗା ପବନ ଅଛି; ତୋ ପରି ଲୋକଙ୍କୁ ସାଧୁ କରିବା ପାଇଁ ଢେର ବାଟ ଅଛି । ମୁଁ କିଛି କହୁ ନାହିଁ ବୋଲି ତୁ ମନେ କରୁଛୁ ମୁଁ କିଛି କରିବି ନାହିଁ । ସେ କଥା ଛାଡ଼ । ଏକା ଘଣ୍ଟାକୁ ତୋର ଏ ସବୁ ଢଙ୍ଗ ତଉଲ ନପଣ୍ଡୁ ।'

ଏ ଅସଂଯତ କ୍ରୋଧ ଓ ଇତର ଇଙ୍ଗିତର ବିଷାକ୍ତ ଦଂଶନକୁ ସହି ଯିବା ଛଡ଼ା ତ ଚନ୍ଦ୍ରା ପକ୍ଷରେ ଅନ୍ୟ ବାଟ ନ ଥିଲା; ଏ ସବୁ କାହାକୁ କହିବ, ଏପରି ଲୋକ ମଧ୍ୟ ତା ସୁବିଧାରେ ଦେଖି ନ ଥିଲେ । ଏ ସବୁ ନୀରବରେ ସହିଯିବା ଅଭ୍ୟାସ ତାର ହୋଇ ଯାଇଥିଲା; ସେ ନୀରବରେ ସହିଗଲା । କିନ୍ତୁ ତା ମନ ଭିତରେ ଏ ସବୁ ବିରୁଦ୍ଧରେ ଭୀଷଣ ପ୍ରତିବାଦ ଲେଲିହାନ ଅଗ୍ନି ତରଙ୍ଗ ପରି ଶତଜିହ୍ବା ହୋଇ ଉଠି, ତାର ସାଧନାକୁ ବଜ୍ର ଦୃଢ଼ କରି ଦେଉଥିଲା ।

## ଚାରି

ସନ୍ଧ୍ୟା ସୁଦ୍ଧା ମାଉସୀ ଘରର ବୈଠକ ଖୋଠରି ସମ୍ପୂର୍ଣ୍ଣ ଭାବରେ ବଦଳି ଗଲା । କାନ୍ଥ ଦେହରୁ ଗାନ୍ଧୀ, ଜବାହରଲାଲ, ଶିବଜୀ, ରାଣା ପ୍ରତାପଙ୍କ ଛବି ସବୁକୁ ରଉଣସିଂ କାଢ଼ି ନେଇ ମୁହଁ ମଡ଼ାଇ ଗୋଟାଏ ଅନ୍ଧାରୁଆ ଘରର କଣରେ ଥୋଇ ଦେଇ ଆସିଛି—ସେ ସବୁ ଭଙ୍ଗା

ଝଟାଟେର, ଖାନଦା ଖାଟ, ଚୁନ ମୂର୍ତ୍ତି,—ଛତ୍ରୀ ଅସ୍ତ୍ରି ଲୁଭଣ୍ଡ ସହିତ ସେ ସବୁ ଏବବେ ରହିଛି—ଅଥ ତା ସ୍ଥାନରେ ସରଳ ଉଜ୍ଜ୍ୱଳ ଆଲୋକରେ ଶୋଭା ପାଉଛି ଭଲବ୍, ତା ଭଲସ୍ତତାଲ ବୃଦ୍ଧି କଲେ ଅର୍ଦ୍ଧ ଭଲଗ୍ନ କେତେକ ଛବି । ଘରର ଫୁଲଦାନୀ କଦା ହୋଇ ସେଥିରେ ଫୁଲ ତୋଡ଼ା ସଜା ହୋଇ ରହିଛି, ସ୍ଥାନେ ସ୍ଥାନେ ଫୁଲ-ମାଳା ଅସ୍ପୃଷ୍ଟ ପ୍ରକାଶ କରୁଛି । କୋଠରୀ ମଝିରେ ବିଛା ହୋଇଛି ମୂଲ୍ୟବାନ୍ ଗାଲିଚ୍; ତା ଉପରେ ପ୍ରକାଣ୍ଡ ତକିଆ ସ୍ବହିଁ ରଖା ହୋଇଛି ।

କଲିକତାରୁ ଲବଣ୍ୟ ବାଲିକା ତାଙ୍କ ଦରବାନ୍ ତରଣସିଂଙ୍କୁ ସାଙ୍ଗରେ ନେଇ ଆଜ ସକାଳେ ଖଣ୍ଡେ 'ଘୋଡ଼ା ଗାଡ଼ିରେ ଆସି ମାଉସୀ ଘରେ ପହଞ୍ଚିଲେ । ସେଠାରେ ସେ ଦେଖିଁ ଜଣେ ମାଳୁଅଡ଼ ଶେଠର ଉଛିତା କି ନା, କୌଣସି କଥାରେ ତାର ଅଭାବ ନାହିଁ ।

ମାଉସୀ ତାକୁ ଦେଖିବା ସାଙ୍ଗେ ସାଙ୍ଗେ, 'ମୋ ଝିଅ ଆସିଲୁଣି' ବୋଲି ଅଭ୍ୟର୍ଥନା କରି ନେଲା ଘର ଭିତରକୁ; ଚନ୍ଦ୍ରାକୁ ଡାକି ଚିହ୍ନାଇ ଦେଲା, 'ଏଇ ଲବ—ଆମ ଲବଣ୍ୟ ମ, ତୋ ଭଉଣୀ ।'

ପାସ୍ୱ ଲୁଇ ପ୍ରହର ମାଉସୀ ଓ ଭଉଣୀ ଝିଅଙ୍କ ଭିତରେ ଅନେକ କଥାବାର୍ତ୍ତା ହୋଇଥିଲା । ତା ଭିତରେ ଚନ୍ଦ୍ରା କଥା ପ୍ରଧାନ ସ୍ଥାନ ପାଇବା ସ୍ୱାଭାବିକ । ତା ସଙ୍ଗେ ସଙ୍ଗେ ପ୍ରଦୋଷର କଥା ମଧ୍ୟ ଉଠିଥିଲା ।

ଲବଣ୍ୟ କହିଲା, 'ଏଇ ଗୋଟାଏ କଥା ? କେତେ କେତେ ଲୋକ ମୁଁ କଲିକତାରେ ଦେଖିଛି; ଏ ଘରକୁ ଆସି ସାଧୁ ସନ୍ନ୍ୟାସୀ ସାଜିବା ଚନ୍ଦ୍ରାପରି ଝିଅ ପାଖରେ କଲେ; ମୋ ପାଖରେ ସେ ସବୁ ଚଳିବ ନାହିଁ । ନିଆଁରେ ପତଙ୍ଗ ପଡ଼ିଲା ପରି ଯଦି ନ ପଡ଼େ ମୋ ନାଁ ଲବଣ୍ୟ ବାଲା ନୁହେଁ ।'

ସେଥି ସମ୍ପର୍କରେ ଏ ବୈଠକର ଆୟୋଜନ ।

ସିଦ୍ଧେଶ୍ୱର ବାବୁଙ୍କ ଝିରଡ଼ା-ବ୍ୟାପାର ଠାରୁ ପ୍ରଦୋଷର ସଙ୍ଗୀତ-ବୈଠକ କମିଯାଇଛି; କିନ୍ତୁ ସେତେବେଳେ ବସେ ଚନ୍ଦ୍ରା ସଭେଇଁ

ଭଲେ । ଯେଉଁଦିନ ବୈଠକ ହେବ ସେ କଥା ଓସ୍ତାଦଙ୍କ ପ୍ରଦୋଷ ଠାରୁ ଖବର ପାଏ, ସେ ତହୁଁ ତାଙ୍କୁ ସେ ଖବର ଦିଏ ।

ସେ ଦିନ ବୈଠକ ହେବାର କଥା ।

ସନ୍ଧ୍ୟା ଅତୀତ ହେବା ପରେ ପରେ ପ୍ରଦୋଷ ଓ ଭୁବନ ସାଙ୍ଗ ହୋଇ ଆସିଲେ । ଅଭ୍ୟାସ ଅନୁସାରେ ପ୍ରଦୋଷ ଡାକିଲା, 'ମାଉସୀ ମାଉସୀ !'

ମାଉସୀ ସେମାନଙ୍କୁ ବୈଠକ ଘର ଭିତରକୁ ନେଇଗଲେ ।

ଦୋଠରି ଭିତରେ ଗୋଡ଼ ଦେଇ ତା ଭିତରର ସାଜସଜ୍ଜା ଓ ପରିବର୍ତ୍ତନ ଦେଖି ଦୁହେଁ ଗମ୍ଭୀର ହୋଇ ଛିଡ଼ା ହୋଇ ରହିଲେ କିଛି କ୍ଷଣ ।

ମାଉସୀ ଦ୍ୱାର ଆର ପାଖରେ ଥିଲେ; ପ୍ରଦୋଷ କହିଲା, 'ଭଦ୍ରା କାହିଁ ?'

ମାଉସୀ କହିଲେ, 'ବସ, ସେ ଆସୁଛି ।'

ତଥାପି ସେ ଦୁହେଁ ଛିଡ଼ା ହୋଇ ରହିଲେ ।

କିଛିକ୍ଷଣ ପରେ ପ୍ରଦୋଷ କହିଲା, 'ଆ, ଭୁବନ !'

ପ୍ରଦୋଷ ଗାଲିଚ୍ଚ ଉପରେ ବସିଲା, ଭୁବନ ମଧ୍ୟ ତା ପାଖରେ ଗମ୍ଭୀର ହୋଇ ବସି ରହିଲା ।

ପ୍ରଦୋଷ ଧୀର ସ୍ୱରରେ କହିଲା, 'ନିଆଁକୁ ନେଇ ଖେଳୁଁ ଆମେମାନେ, ସବୁବେଳେ ନିଆଁକୁ ନିଜ ଇଚ୍ଛା ଅନୁସାରେ ଚଳାଇବା ସମ୍ଭବ ନୁହେଁ, ଲୁଗାରେ ନିଆଁ ଲାଗି ପୋଡ଼ି ମରିବାର ସମ୍ଭାବନା ମଧ୍ୟ ଅଛି । ନିଆଁକୁ ଯେତେ ଶକ୍ତରେ ଧରି ଖେଳି ପାରିବା ସେତିକି ବଡ଼ ଖେଳୁଆଡ଼ ଆମେମାନେ, ମନେ ରଖ ଭୁବନ ।'

ଭୁବନ ପ୍ରସ୍ତର ମୂର୍ତ୍ତି ପରି ବସି ରହିଲା ।

'ନମସ୍ତେ ବାବୁଙ୍କ' କଲକଣ୍ଠ ନାଦରେ କହି ଲାବଣ୍ୟ ଘର ଭିତରକୁ ଆସିଲା ।

ତାର ବେଶଭୂଷା ଅତି ଆଧୁନିକ ଧରଣର, ତାର ଚେହେରାରେ କଲିକତା ସୌନ୍ଦର୍ଯ୍ୟ ଚର୍ଚ୍ଚାର ସବୁ ଉପାଦାନ ଯଥାଯଥରୂପେ ଅସ୍ତ-

ପ୍ରକାଶ କରୁଥିଲା;—ଆଉ ତାର ସାଙ୍ଗ ପରସ୍ପରକୁ ବନ୍ଧୁତ୍ୱର ଡୋରେ ଯୋଡୁଥିଲା ଅସଂଯତ ଲାଳସା ।

ପ୍ରବୋଧ ଠାରୁ ଟିକେ ଦୂରରେ ଅଚଞ୍ଚଳ ଭଙ୍ଗିରେ ବସି ସେ କହିଲା, 'ଚିହ୍ନିପାରୁ ନାହାନ୍ତି? ମୁଁ ଲାବଣ୍ୟ; କଲିକତାରେ ଆ ମାଉସୀକୁ ଦେଖିବାକୁ ଆସିଥିଲି ।'

ମୁହଁର ହସରେ ଲାଳସାର ଜାଲ ହଲାହଲ ଖେଳାଇ ସେ କହିଲା, 'ଶୁଣିଲି ଆପଣ ଖୁବ ଭଲ ସଙ୍ଗୀତ ଜାଣନ୍ତି, ଭୁବନ ବାବୁ ଖୁବ ଭଲ ତବଲା ବଜାନ୍ତି; ଆପଣଙ୍କୁ ଖଣ୍ଡେ ଅଧେ ଗୀତ ଶୁଣାଇବା ପାଇଁ ଇଚ୍ଛା ହେଉଛି ।'

ଲାବଣ୍ୟ ଡାକିଲା, 'ଚରଣସିଂ ମେରା ହାରମୋନିୟମ୍, ତବଲା ଲେ ଆଓ ।'

ଚରଣସିଂ ସେ ଦୁଇ ପ୍ରକାର ବାଦ୍ୟ ଯନ୍ତ୍ର ଆଣି ଥୋଇ ଦେଇଗଲା ।

ଭୁବନ ଆଡ଼କୁ ଚାହିଁ ସେ କହିଲା, 'ଆପଣ ମୋ ସାଙ୍ଗରେ ତବଲା ଧରିବେ' ।

ଭୁବନ କହିଲା, 'ନା' ।

ପ୍ରସ୍ତର ମୂର୍ତ୍ତି ମୁହଁରୁ ସ୍ୱର ବାହାରିବା ଯଦି ସମ୍ଭବ ହୁଅନ୍ତା ତାହା ଯେପରି ଶୁଭନ୍ତା, ଭୁବନର ସ୍ୱର ସେହିପରି ଶୁଣାଗଲା ।

ଲାସ୍ୟମୟ ଗଣ୍ଡରେ ଲାବଣ୍ୟ ଉଠିଯାଇ ମଦ ବୋତଲ ଓ ହାତ ଗିଲାସ ଆଣିଲା; ଗିଲାସରେ ଟିକେ ଢାଳି ପ୍ରବୋଧ ଆଡ଼କୁ ବଢ଼ାଇ ଦେଲା ।

ପ୍ରବୋଧ ଗମ୍ଭୀର ସ୍ୱରରେ କହିଲା, 'କ୍ଷମା କରିବେ, ସଙ୍ଗୀତ ଚର୍ଚ୍ଚାବେଳେ ସେ ସବୁ ଜିନିଷ ମୁଁ ଛୁଏଁ ନା' ।

ଏ ସବୁ ଜିନିଷ ନ ହେଲେ ସଙ୍ଗୀତ ଜମେ ନା ।'

ଲାବଣ୍ୟ ତା ଆଡ଼କୁ ଏକ ଚଞ୍ଚଳ କଟାକ୍ଷ ନିକ୍ଷେପ କରି କହିଲା, 'ବଡ଼ ବଡ଼ ଓସ୍ତାଦମାନେ ମଧ୍ୟ ଏହି କଥା କହନ୍ତି, କିନ୍ତୁ ମୋର ଟିକିଏ ନ ହେଲେ କଣ୍ଠ ଫିଟେ ନାହିଁ ।'

—'ଅନନ୍ତର ସହିତ ! ଅନନ୍ତର ସହିତ ! ଚମତ୍ ଖୁବ୍ !' ପ୍ରଦୋଷ ଅନନ୍ତଙ୍କ ଅଭିନୟର ଅଦ୍ଭୁତ ଚେଷ୍ଟା କରି କହିଲା ।

ହାର୍ମୋନିୟମ୍ ସାହାଯ୍ୟରେ ଲାବଣ୍ୟ ଗୀତ ଗାଇବାକୁ ଆରମ୍ଭ କରିଦେଲା । ତାହାର ସ୍ୱର ଯେପରି ଅଦ୍ଭୁତ, ତାହାର ଭାବ ସେହିପରି ଅସହ୍ୟ । ପ୍ରଦୋଷ ଯେ କୌଣସି ମତେ ତାକୁ ଶୁଣିଯିବାକୁ ଲାଗିଲା । ମନୁଷ୍ୟର କଣ୍ଠସ୍ୱର ପ୍ରତି ଏହା ଅହେତୁକ ଅତ୍ୟାଚାର ବୋଲି ମନେ କଲା ।

ଗୀତ ଶେଷ ହେଲା; ଦୁହେଁ ନିସ୍ତବ୍ଧ ଗମ୍ଭୀର ହୋଇ ବସି ରହିଲେ ।

ଲାବଣ୍ୟ ଅଳୋକ ଭଙ୍ଗିରେ ହାସ୍ୟ ଅଙ୍କୁରିତ କରି କହିଲା, 'କେମିତି ହେଲା ବାବୁଜୀ ?'

ପ୍ରଦୋଷ ଅନ୍ୟମନସ୍କ ଥିଲା; କହିଲା, 'ମତେ ପଚାରୁଛ ? ବାଃ, ବାଃ, ଖୁବ୍—ସାବାସ୍ ! ଆଚ୍ଛା ମାଉସୀ ତାହାଙ୍କ ଦେଖା ଯାଉନାହାନ୍ତି ?'

ଭଙ୍ଗିଭରସ କଣ୍ଠରେ ଲାବଣ୍ୟ ଉତ୍ତର ଦେଲା, 'ବୁଢ଼ୀ ମଣିଷ; ତାଙ୍କର ଏଠି କି କାମ ଅଛି ଯେ, ସେ ରହିବେ ।

—'ଓଃ ଠିକ୍ । ବୁଝିଲି, ମୁଁ ଟିକିଏ ଭିନ୍ନ ଧରଣର ଲୋକ କି ନା, ବିଶେଷତଃ ମଫସଲୀ କି ନା, ସବୁ ବିଷୟରେ ମୋତେ ସବୁକଥା ପ୍ରଥମେ ଅଦ୍ଭୁତ ଅଦ୍ଭୁତ ଲାଗେ । କଲିକତା ଅଦବ କାଇଦା ଶିଖିବା ପାଇଁ ମତେ ଟିକିଏ ଡେରି ଲାଗିବ ବୋଲି ମନେ ହେଉଛି । କଅଣ କହୁଛ ଭୁବନ ?'

ଭୁବନ ମସ୍ତକ ସଞ୍ଚାଳନ ଦ୍ୱାରା ପ୍ରଦୋଷର ଏହି କଥାକୁ ସମର୍ଥନ କଲା ।

ଲାବଣ୍ୟ ମନେ ମନେ ମଧ୍ୟ ଭାବିଲା ଯେ, କଥାଟା ଠିକ୍ । ନ ହେଲେ ଏମାନେ ତ ବାଲ୍ମୀକି ବା ବଣ୍ଟାମିଡ଼ ନୁହନ୍ତି ଯେ, ତାର ଏତେ କୌଶଳ ପ୍ରୟୋଗ ପରେ ମଧ୍ୟ କାଠ ପିତୁଳା ପରି ବସି ରହିବେ ।

—'ବୁଝିଲ ବାଈଜୀ, ତମଠାରୁ ଅନେକ ଗୁଣ ମୋତେ ଶିଖିବାକୁ ହେବ । କଅଣ କହୁଛ ସୁବଳ ?'

ସୁବଳ ଯେପରି ମୂକ ହୋଇ ଯାଇଛି; ଖୁସି ମୁଣ୍ଡ ହଲାଇ ପ୍ରଦୋଷର କଥାକୁ ସମର୍ଥନ କଲା ।

—'ମୁଁ ଗୋଟାଏ କଥା ପଚାରିବି ? କଲିକତାରେ ରହି ପଢ଼ିଲେ କେମିତି ହୁଅନ୍ତା ? ତମ ଘର ଭଉଣୀ ଯେତେବେଳେ ଅଛି, ତାର କିଛି ଅସୁବିଧା ହୁଅନ୍ତା ନାହିଁ ? ଆଉ ମାଉସୀ—ତାଙ୍କର ସବୁ ବନ୍ଦୋବସ୍ତ ମୁଁ କରି ଦିଅନ୍ତି ।'

ଲାବଣ୍ୟ ଆଖି ଆଗରେ ଗୋଟାଏ ନୂଆ ସ୍ୱପ୍ନର କଳ୍ପନା ଖେଳିଗଲା । ଚନ୍ଦ୍ରା ଯଦି ପିଲାକୁ ପାଇଲେ, ବିଶେଷତଃ ସେ ସ୍କୁଲ ବା କଲେଜରେ ପଢ଼ିବା ଅବସ୍ଥାରେ, ଛଅ ମାସରେ ଦୁଇ ହଜାର ଟଙ୍କା ବା ତାଙ୍କ ପାଖରେ ଥାଏ । ସେ ଉତ୍ସାହ ସହିତ କହିଲା, 'ଖୁବ ଭଲ ହୁଅନ୍ତା ବାବୁଜୀ, ଖୁବ ଭଲ ହୁଅନ୍ତା ! ଚନ୍ଦ୍ରା ହଷ୍ଟେଲରେ ରହନ୍ତା; ସମୟ ସମୟରେ—ଏଇ ରବିବାର, ପୂଜା ପାର୍ବଣ, ଛୁଟିରେ ମୋ ଘରକୁ ଆସନ୍ତା । ସେ ତ ତୁମର ପର ନୁହେଁ । ଆପଣ କଲିକତା ଗଲେ ସେ ଆମ ଘରକୁ ବୁଲି ଆସନ୍ତା । ଠିକ କଅଣ ?'

ପ୍ରଦୋଷ କଥାଟାରେ ମୋଡ଼ ଦେଇ କହିଲା, 'ମାଉସୀ ରାଜି ହେଲେ ତ !'

ସଙ୍ଗେ ସଙ୍ଗେ ଲାବଣ୍ୟ କହି ଉଠିଲା, 'ସେ ଭାର ମୋ ଉପରେ, ସେ ଭାର ମୋ ଉପରେ । ମୁଁ ମାସେ ଖଣ୍ଡେ ଏଆଡ଼େ ରହି କଲିକତା ଯିବି । ଚନ୍ଦ୍ରାକୁ ମୋ ସଙ୍ଗରେ ନେଇ ଯିବି ।'

ପ୍ରଦୋଷ କହିଲା, 'ଟିକିଏ ଭାବି ଦେଖେ ।'

ଏହି ସମୟରେ ଓସ୍ତାଦ୍‌ଜୀଙ୍କ ଚେହେରା ଦ୍ୱାର ପାଖରେ ଦେଖା ଦେଲା । ପ୍ରଦୋଷ କହି ଉଠିଲା, 'ଆସନ୍ତୁ, ଆସନ୍ତୁ ଓସ୍ତାଦ୍‌ଜୀ; ଆପଣଙ୍କର ଆଜି ଡେରି ହୋଇଗଲା । ଆମର ଲାବଣ୍ୟବାଈ, କେଡ଼େ ବଢ଼ିଆ ଗୀତ ଶୁଣାଇଲେ ଆମମାନଙ୍କୁ ।'

ଓସ୍ତ୍ରାଭ୍‌ସ୍କି ଚମ୍କି ପଡ଼ି କହିଲେ, 'ସର୍' ?

ଲାବଣ୍ୟ ଓସ୍ତ୍ରାଭ୍‌ସ୍କିଙ୍କ ଉତ୍କଣ୍ଠାରେ ମୁଣ୍ଡ ହଲାଇଲା ।

ଓସ୍ତ୍ରାଭ୍‌ସ୍କି ଉତ୍ସାହର ସହିତ କହି ଉଠିଲେ, 'ସାବାସ୍ ! ସାବାସ୍ ! ଏକ୍ ହ୍ୱାମକୁ ଏକ୍ସ୍ଟ୍ରୁସ୍ତ୍ୱ ଶେଖାଇ ଶୁଣାଇବାକୁ ହେବ ! ଦେଖି ଭୁବନ ବାବୁ !'

ଭୁବନ ପ୍ରସ୍ତର ମୂର୍ତ୍ତିପରି ମୂକ ଅବଚଳିତ ।

—'ଆରେ ଆପ ଚଳଲା ପଡ଼ିଛଏ, ନା ?' ଓସ୍ତ୍ରାଭସ୍କି କଥାରେ ଅନୁରୋଧର ଜୋର ଦେଇ କହିଲେ ।

ପ୍ରଦୋଷ ଉତ୍ତର ଦେଲା, 'ଭୁବନର ମନ ଆଜି ହେମିଛି ଭଲ ନାହିଁ ; ଆଉ ତାର ମନ ଭଲ ନ ଥିଲେ ସଙ୍ଗେ ସଙ୍ଗେ ଦେହରେ ଘୋଡ଼ାଏ ଅଚଳ ବେଗ ଧରି ପଡ଼ାଏ !'

ଓସ୍ତ୍ରାଭ୍‌ସ୍କି କହିଲେ, 'ସତ୍ ! ତେବେ ବଡ଼ ମୁସ୍କିଲକା ବାତ୍ !'

ଲାବଣ୍ୟ ହସି ପକାଇ କହି ଉଠିଲା, 'ଶତ୍ରୁ ସ୍ମୃତି ଉପରକୁ ଗଲେ ମଧ୍ୟ ତାଙ୍କର ବେଗ ଛାଡ଼ିବ ନାହିଁ ?'

—'ଛାଡ଼ିବା ଖୁବ ସମ୍ଭବ; କିନ୍ତୁ ଏ ବୟସରେ କାହା ଛିଡ଼ିବା ନାହିଁ ।' ପ୍ରଦୋଷ ସପ୍ରତିଭ ଭାବରେ ଉତ୍ତର ଦେଲା ।

ପୁଣି କହିଲା, 'କଥାଟା କଅଣ କି ବାବୁଜୀ, ଦୁନିଆରେ ସିଧା ସଳଖ ବାଟେ ଚାଲିବା ଭୁବନର ଅଭ୍ୟାସ । ପୂର୍ବକାଳର ବୀର ପରି ସେ ସମ୍ମୁଖ ରଣକ୍ଷେତ୍ରରେ ଲଢ଼ିବାକୁ ଭଲପାଏ; କିନ୍ତୁ ଆଜିକାଲିକାର ଯେଉଁ ପଛଘୁଞ୍ଚା ଯୁଦ୍ଧ—ଇଂରାଜୀରେ ଯାହାକୁ Rear guard action କହନ୍ତି, ସେ ଯୁଦ୍ଧକୁ ସେ ଭଲପାଏ ନାହିଁ, ସେପରି ଯୁଦ୍ଧରେ ତାର ଅଭ୍ୟାସ ନାହିଁ । କହେ ବାବୁ, ଦୁନିଆର ସବୁ ବାଟ କଅଣ ସିଧା ଯେ ତୁମେ ସିଧା ବାଟରେ ଚାଲିବା ଅଭ୍ୟାସ ଧରି ଗର୍ବ କରିବ ?'

ଓସ୍ତ୍ରାଭ୍‌ସ୍କି ମୁଣ୍ଡ ହଲାଇ କହିଲେ, 'ଠିକ ଏକଦମ୍ ଠିକ୍ !'

ଲାବଣ୍ୟ କଥାର ଇଙ୍ଗିତଟା ବୁଝି ପାରିଲା ନାହିଁ ।

—'ଦେଖ ନାହାନ୍ତି ଏ ଘରର କାନ୍ଥଗୁଡ଼ାକୁ। ତାର୍ ଏ କାନ୍ଥ ଦେହରୁ ଗାନ୍ଧୀ, ଜହରଲାଲଙ୍କ ପରି ମହାତ୍ମାମାନଙ୍କ, ଦେଶଭକ୍ତ ଆମ ଆଡ଼କୁ ସେମାନଙ୍କ ପବିତ୍ର ଚକ୍ଷୁରେ ଚାହିଁଥିଲେ; ଶିବାଜୀ, ପ୍ରତାପଙ୍କ ପରି ଭାରତର ବୀର ସନ୍ତାନ ଆମର କାମ ଦେଖୁଥିଲେ, ଆଜି କଳାସ କଲେଜ କୁଣ୍ଡରେ ଆମକୁ ଚାହିଁ ରହିଛନ୍ତି ଏହି ଲାସିନମାନେ।

ଓସ୍ତାଦ୍‌ଜୀ ସେ ଆଡ଼କୁ ଚାହିଁ ନ ଥିଲେ। କାନ୍ଥ ଆଡ଼କୁ ଦୃଷ୍ଟି ଦେଇ କାନ ପାଖକୁ ହାତ ନେଇ କହିଲେ, 'ତୋବା ଇସ୍ତାଫା ! ତୋବା ଇସ୍ତାଫା ! ଅରେ ଏ ସବ୍ ଲଙ୍ଗା କେଉଁ ତୁମ ?'

ପ୍ରଦୋଷ ଓସ୍ତାଦ୍‌ଜୀଙ୍କ କଥାରେ ହସି ପକାଇଲା। ଲାବଣ୍ୟ ଲଜ୍ଜାରେ ମ୍ରିୟମାଣ ହୋଇଗଲା।

ଓସ୍ତାଦ୍‌ଜୀ ପୁରୁଣାକାଳିଆ ଲୋକ। ସେ କହିଲେ, 'ବହୁତ ବହୁତ ତସ୍‌ବିର୍ ହମ୍ ଦେଖିଛି — ମମତାଜ ବେଗମ୍, ଟେରସିତ ଭାଇ — ଅଉର ଦେବତା, ଦେବତା। ମଗର ଓ ଲୋକ ତ କପଡ଼ା ପିନ୍ଧେ ଥେ — ଆରେ ଏ ସବ୍ କୋନ ହେ ? ଲଙ୍ଗା ହୋଗିଆ କେଉଁ ? ଠିକ ନେହିଁ — ଏସବ୍ କାମ ଠିକ ନେହିଁ।'

ଓସ୍ତାଦ୍‌ଜୀଙ୍କ ମନ ଆଜି ସେ ବୈଠକରେ ଲାଗିଲା ନାହିଁ।

ଅଳ୍ପକ୍ଷଣ ପରେ ପ୍ରଦୋଷ, ଲଳନ ଓ ଓସ୍ତାଦ୍‌ଜୀ ଯେତେବେଳେ ଉଠିଗଲେ ଲାବଣ୍ୟ ମନରେ ଦୁଇଟା କଥା ଜାଗି ରହିଲା, ଚନ୍ଦ୍ରକାର କଳକଳା ସିବା କଥା — ଆଉ ଆଜିର ଅଭିଷାନରେ ତାର ପରାଜୟ ଓ ଲଜ୍ଜା।

— ସାତ —

କୃଷ୍ଣକଙ୍କରଙ୍କୁ ଶବାହ ପ୍ରସଙ୍ଗର ମଧ୍ୟସ୍ଥରେ ଅଭ୍ୟର୍ଥନା କରିବାର ସବୁ ଆୟୋଜନ ପ୍ରଦୋଷ ଘରେ ଠିକ୍ ହୋଇ ରହିଲା।

ସେଦିନ ସନ୍ଧ୍ୟାବେଳକୁ ଚନ୍ଦ୍ରିମା ତାଙ୍କ ଘରେ ଆସି ପହଞ୍ଚିଲା। ପ୍ରଦୋଷ ତାକୁ କହିଲା, 'ଦେଖ ଚନ୍ଦ୍ରା, ଏ ତୋର ଘରର ଖବର ଘର। ଏଠି ତ କୌଣସି ଦିନ କୌଣସି ସ୍ତ୍ରୀଲୋକର ଗୋଡ଼ ପଡ଼ିନାହିଁ — ତାହା କରିବାକୁ ଆମେମାନେ ଦେଇନାହୁଁ। ତୁ ଯଦି

ଅଳ ଅସିଛୁ, କେତେ ଘଣ୍ଟାପାଇଁ ତୋର ଖୁବ ଅସୁବିଧା ହେବ, ମୁଁ ବୁଝି ପାରୁଛି; କିନ୍ତୁ ତୋ ସାଙ୍ଗରେ କେତେ କଥା ଅଛି, ତୁ ମଧ୍ୟ ତୋର ବଡ଼ ଭାଇଟାକୁ ଗୋଟାଏ କାମରେ ସାହାଯ୍ୟ କରିବୁ। ସେଇଥିପାଇଁ ମୁଁ ଭାବୁଛି, ତୋତେ କିଛିଏ କଷ୍ଟ ହେଲେ ମଧ୍ୟ ତୁ କିଛି ମନେ କରିବୁ ନାହିଁ। ନା ?'

ଦିନ ଯେତିକି ଗଡ଼ି ଯାଉଛି ଚନ୍ଦ୍ରିକା ପ୍ରଦୋଷକୁ ସେତେ ଭଲଭାବେ ଚିହ୍ନି ପାରୁଛି। ସେଦିନ ଲାବଣ୍ୟ ସହିତ ତାର ସମସ୍ତ କଥାବାର୍ତ୍ତା ଓ ବ୍ୟବହାର ସେ ଲକ୍ଷ୍ୟ କରିଛି . ତାର ମନ ଭିତରେ ଏଇ ଗୋଟାଏ ପ୍ରଶ୍ନ ବାରମ୍ବାର ଜାଗି ଉଠୁଛି—'ଏ ଲୋକଟା ସାଧାରଣ ମନୁଷ୍ୟ ନା ମହାପୁରୁଷ ?' ସେ ଯେତେ ଭାବୁଛି, ପ୍ରଦୋଷ ସାଧାରଣ ମନୁଷ୍ୟ ସ୍ତର ଛାଡ଼ି ତା ଦୃଷ୍ଟିରେ ସେତିକି ଦେବତାର ନିକଟବର୍ତ୍ତୀ ହୋଇଯାଉଛି।

ଚନ୍ଦ୍ରିକା ହସି ହସି କହିଲା, 'ଅପଣ କଅଣ ମୋତେ ଲଜ୍ଜା ଦେବା ପାଇଁ ଅପଣଙ୍କ ଘରକୁ ଡ଼ାକିଛନ୍ତି ?'

ସେ ସ୍ୱରରେ ପୁରି ରହିଥିଲା ସରଳତା ଓ ପବିତ୍ରତା।

ପ୍ରଦୋଷ କହିଲା, 'ନା ରେ ନା ! ତତେ ଲଜ୍ଜା ଦେଲେ ଯେ ମୁଁ ଲଜ୍ଜିତ ହୋଇ ପଡ଼ିବି। ଦୁନିଆରେ ମୋର ଗର୍ବ କରିବା ସାମଗ୍ରୀ ବେଶୀ ନାହିଁ; ଯାହା ଅଛି ତାହା ଭିତରେ ତୁ ଯେ ଗୋଟାଏ, ଏ କଥା ତ ଜାଣି ପାରୁଛୁ।'

ଚନ୍ଦ୍ରିକାର ମୁଣ୍ଡ ନୋଇଁ ପଡ଼ିଲା।

—'ମାଲତୀର ବ୍ୟବହାର ତତେ ବେଳେବେଳେ ଟିକିଏ ଖରାପ ଲାଗେ—ନା ?'

ଚନ୍ଦ୍ରିକା କିଛି ଉତ୍ତର ଦେଲା ନାହିଁ।

—'ତୁ ଭାବୁଥିଲୁ ତୋର ଏଇ ନିର୍ବୋଧ ଭାଇଟା କିଛି ବୁଝେ ନାହିଁ। ତା ନୁହେଁ—ଅନ୍ତତଃ ତୋ ବିଷୟରେ । ଭଉଣୀ ତ ଗୋଟାଏ ବୋଲି ଜନ୍ମରୁ ନାହିଁ; ବାଟେ କହିବୁ ସାଙ୍ଗ କି ନେଉଛି ତୋତେ ଭଉଣୀ ଭାବରେ। ତୋ କଥା ନ ଭାବିଲେ ଯେ ଅପରାଧ ହେବରେ।'

ଚନ୍ଦ୍ରାର ଭୁଲ ଚକ୍ଷୁ ବାଷ୍ପାକୁଳିତ ହୋଇ ଆସିଲା ।

—'ମୁଁ କଅଣ ଜାଣୁଛି ଶୁଣିବୁ ? ତୁ ଯାହା ପଢ଼ୁଛୁ, ତା ଅପେକ୍ଷା ଅଧିକ ବେଶୀ ପଢ଼ିବା ଦରକାର; ତୁ ଯେବେ ସୁଦ୍ଧ ପାଞ୍ଚ ବର୍ଷରେ ବି. ଏ. ଟାଏ ପାସ କରି ପାରୁ ନାହିଁ, ମୋର ଭଉଣୀ ହିସାବରେ, ମୁଣ୍ଡଟାକୁ ଟେକି ରଖି, ତୋର ସ୍ୱେଚ୍ଛାରେ ତୁ ଚଳି ପାରିବୁ, ତୋର ନିଜ ଘର ତା ସହିତ ଯୁଏ ତ ତୋ ଘରର ଘର ଚଳାଇ ପାରିବୁ । ବୁଝିଲୁ ?'

ଚନ୍ଦ୍ରାର ଓଷ୍ଠରେ ଦେଖା ଦେଲା ଅବିଶ୍ୱାସର ହସ ।

— 'ଓଃ', ମନେ କରୁଛୁ ତୁ ଜାଣିବୁ ନାହିଁ ? ସ୍କୁଲ—ଏକ୍ସ-ଆମ୍ ସ୍କୁଲ । ନିତ ବି. ଏ. ପାସ କରୁଛି; ଜାଣେ, କେତେ ମହକ ପାସ କରିଛି । କଲେଜର ଫାଷ୍ଟ ଗୋଟେ ବାଛି ମୁଁ ସବୁ କରେ ଦେଖିଲେ ଫାଷ୍ଟ୍ କ୍ଲାସରେ ପାସ୍ କରି ଯିବୁ—ବୁଝିଲୁ । ମୁଁ ଜାଣେ, ତୋ ଭିତରେ ଯେଉଁ କ୍ଷମତା ଅଛି ବି. ଏ. ପାସ୍ କରିବାଠାରୁ ବହୁତ ବେଶୀ ।'

ଟିକିଏ ରହି ପ୍ରଦୋଷ କହିଲା, 'ଏଇଠି—ମାଉସୀ ଘରେ ରହି ପଢ଼ିବା ଅସମ୍ଭବ, ଏହାକୁ ମନେ କରୁଛୁ ତ ? ମୁଁ ବା କେଉଁ ତାହାକୁ ଚାହୁଁଛି । ଲାବଣ୍ୟ ସେ ଦିନ ଯେଉଁ ବେଇଜତ କଥା ଆରମ୍ଭ କଲା, ସେଇଥିରେ ତ ମୋର ଆଖି ଫିଟିଗଲା; କେଉଁଆଡୁ ପଚାଶ ଟଙ୍କା ସେଥି ସହିତ ଜାଣି ପାରିଲି । ସେଇଥିପାଇଁ ତ ଠିକ କରିଛି ତୁ ହଷ୍ଟେଲରେ ପଢ଼ିବୁ ।'

ଚନ୍ଦ୍ରା ପ୍ରଦୋଷ ଆଡ଼କୁ ଚାହିଁ ରହିଲା; ତା ଚକ୍ଷୁରୁ ଫୁଟି ଉଠୁଥିଲା ଏକାନ୍ତ ନିଃସହାୟତା ।

'ନା, ନା, ଲାବଣ୍ୟ ଘରେ ତୋତେ ରହିବାକୁ ହେବ ନାହିଁ ! ତା ଘର କଅଣ, ତା ସ୍ୱାମୀ କଥା ମୁଁ ବୁଝି ପାରୁଛି । ନା, ନା,—ସେଠି ତୁ ରହିବୁ କାହିଁକି ? ତୁ ହଷ୍ଟେଲରେ ରହିବୁ । ମୋର ଏକ ବନ୍ଧୁ ହାଇସ୍କୁଲର ମାଷ୍ଟର, ସେ ତୋ ଅଭିଭାବକ ହେବେ । ତୁ ମୋର ଭଉଣୀ; ସମସ୍ତେ ତୋତେ ମୋର ନିଜ ଭଉଣୀ ବୋଲି ଜାଣିବେ । ବୁଝିଲୁ ।'

ଚନ୍ଦ୍ରା ପ୍ରଦୋଷର ମୁହଁ ଆଡ଼କୁ ଚାହିଁ ରହିଲା । ହୁଏତ ତାର ଆଖି ଦୁଇଟା ତାକୁ ଠକୁଥିଲା; କିନ୍ତୁ ସେ ମନେକଲା ପ୍ରଦୋଷର କପାଳ ଯେପରି ଦେବତାର ତେଜରେ ଉଜ୍ଜ୍ୱଳ ।

—'ମୁହଁକୁ ଚାହଁଣରେ ! ଲାବଣ୍ୟକୁ ତୋ କହିବତା ସିନା କଥା କହି ମିଛର ଆଶ୍ରୟ ନେଇଥିଲି—ଏଇନ ? ମୁଁ ତ ଯୋଗୀ ଋଷି, ସାଧୁ ସନ୍ନ୍ୟାସୀ, ମହାତ୍ମା ମହାପୁରୁଷ ନୁହେଁ; ମୁଁ ସାଧାରଣ ମନୁଷ୍ୟ—ମନୁଷ୍ୟଙ୍କ ଭିତରେ ମୁଁ ପାପର ରାଜା । ମୋ କଥାରେ ତ ମାଉସୀ ତତେ ମନ୍ଦିରରେ ଛାଡ଼ିଦେଲେ ନାହିଁ; ଲାବଣ୍ୟ ତ ମାଉସୀକୁ ରାଜି କରି ଯାଇଛି । ଏଇତ—ଏଇଟି ତ ପାପ । ଆଛା ଭଲ କଥା । ତୁ ପିଲା ଲୋକ; ପାପ ଦେଖି ଜାଣୁ; ଛିଡ଼ାଏ ବିଚାର କର; ଦେଖିବୁ, ଏଇ ଘରର ପାପସ୍ପର୍ଶ ଭୂତ ପ୍ରେତ ସବୁ ନାଚ ଲଗାଇବେ ।'

ଭୁବନ ଗୋଟାଏ ମଦ ବୋତଲ ହାତରେ ଧରି ମାତାଲର ଅଭିନୟ କରି ଟଳି ଟଳି ଆସିଲା ।

ପ୍ରଦୋଷ କହିଲା, 'ବୋତଲଟା ହାତରେ ଧରି ଏବୁ ଧରୁ ଏତେ ନିଶା ?'

ଚନ୍ଦ୍ରା ହସି ପକାଇଲା; ଭୁବନ ମଧ୍ୟ ସେ ହାସ୍ୟରେ ଯୋଗ ଦେଇ କହିଲା, 'ବୋତଲଟାକୁ ତୁ ଯଦି କୃଷ୍ଣଚୈତନ୍ୟ କବିରାଜଙ୍କର ଔଷଧ ରୂପେ ବ୍ୟବହାର କରିପାରୁ, ଗୋଟାଏ ଲୋକକୁ ହତ୍ୟାକରି ଗୋଟାଏ କବାଟ ପ୍ରସଙ୍ଗ ସୃଷ୍ଟିବାର କ୍ଷମତା ଯଦି କେବଳ ତା ତେଲେସ୍ୱର ଥାଇପାରେ, ହାତରେ ଯାବଲେ ମଣିଷକୁ ନିଶାରେ ମଜଗୁଲ କରିବା କ୍ଷମତା ତାର ନିଶ୍ଚୟ ଅଛି । ହାତରେ ଥର୍ମୋମିଟର ଦେଲେ ତାପ ଜଣାପଡ଼େ, ଆଉ ହାତରେ ସୁରାପୂର୍ଣ୍ଣ ବୋତଲ ଥାଇଲେ ନିଶା ଜଣା ପଡ଼ିବା କଥାଇ ।'

ଚନ୍ଦ୍ରାକୁ ଲକ୍ଷ୍ୟ କରି ସେ କହିଲା, 'ତମେ ଆଶ୍ଚର୍ଯ୍ୟ ହେଉଛ ଚନ୍ଦ୍ରା ଦେଈ ! ତମ ଘରେ ଆମେ ଭୟଙ୍କର ସୁରାବିରୋଧୀ, ବୋତଲର ଛାଇ ତମ ଘରେ ପଡ଼ିଲେ ଆମକୁ ଅସହ୍ୟ; ଆଉ ଆମ ଘରେ ?—ମୁଁ ଆଉ ପ୍ରଦୋଷ ଦୁହେଁ ମାତାଲ—ଡାହା ମାତାଲ ।

ସେହି ଯେ ତନ୍ତ୍ରଶାସ୍ତ୍ରରେ କହୁଥିବା କଥା—'ପିତ୍ୱା ପିତ୍ୱା ପୁନଃ ପିତ୍ୱା ପତିତ୍ୱାଽପି ମହୀତଳେ, ଉତ୍ଥାୟ ପୁନରପି ପିତ୍ୱା ପୁନର୍ଜନ୍ମ ନ ଲଭ୍ୟତେ।' ଆରେ ଯା, ସଂସ୍କୃତ ବାହାରି ଗଲା ମୁହଁରୁ—ତା ହେଲେ ସାନ୍‌ସକ୍ରିଟ ପ୍ରଫେସର ଏ ଫର୍ଷ୍ଟକ୍ଲାସ ଖାଦକ ଅଛନ୍ତି। ଅର୍ଥ? କଅଣ କି, ପିଇ ପିଇ, ପୁଣି ପିଇ, ନିଶା ଘୋରରେ ଭୂଇଁରେ ପଡ଼ି ଗଲେ ବି ପିଇ, ପୁଣି ଉଠି ପୁଣି ପିଇଲେ ପୁନର୍ଜନ୍ମ ଲାଭ ହୁଏ ନାହିଁ; ଅଉ ବୋଧହୁଏ ଇହ ଜନ୍ମ ବି ଖତମ୍ ହୋଇଯାଏ।—ପିଣ୍ଡି ନୁହେଁ—ଜଳ ନୁହେଁ—ମଦ—ମଦ।'

ଚନ୍ଦ୍ରକା ହସି ହସି କହିଲା, 'ପଣ୍ଡିତମାନେ ଯେତେ ମାତାଲ, ଦୁନିଆରେ କେଇଜଣ ଭଲ ଲୋକ ଅଛନ୍ତି।'

ପ୍ରବୋଧ କହି ଉଠିଲା, 'ଭୁଲ ବୁଝ ନାହିଁ, ଚନ୍ଦା। କହୁଛି, ଆମେ ସାଧୁ ସନ୍ନ୍ୟାସୀ ନୋହୁଁ, ଯୋଗ ଅଭ୍ୟାସ ବା ମନର ସଂଯମ ଆମର ନାହିଁ। ତୁଏ କଅଣ ଜାଣୁ? ଦୁନିଆରେ ଦୁଃଖ ଦୁର୍ଦ୍ଦଶା ଏତେ ବେଶୀ ହୋଇଛି, ଅନ୍ୟାୟ ଅତ୍ୟାଚାର ଏତେ ଉତ୍କଟ ହୋଇ ଉଠିଛି ଯେ, ସେ ସବୁ କଥା ମନରେ ସ୍ଥାନ ଦେଲେ ବଞ୍ଚି ରହିବା ଠାରୁ ଅତି କଷ୍ଟ, ଯନ୍ତ୍ରଣା ହୋଇ ଉଠେ। ପ୍ରାଣ ଅତିଷ୍ଠ ହୋଇ ପଡ଼େ, ଦମ ବନ୍ଦ ହୋଇ ଆସେ। ସେତେବେଳେ ସାମନାରେ ଖୋଲା ଥାଏ କେବଳ ଯୋଡ଼ାଏ ବାଟ—ନିଜକୁ ଭୁଲିଯିବା ଆଉ ଆତ୍ମହତ୍ୟା କରିବା। ଆଉ କେତୋଟା ବର୍ଷ ବଞ୍ଚିଲେ ଖରାପ କଅଣ? ସେଥିପାଇଁ ନିଜକୁ ଭୁଲିବା ଉଦ୍ଦେଶ୍ୟରେ ସମସ୍ତ ସମସ୍ୟାରେ ମଦ ପିଏ……'

'ଆଉ ନ ପିଇ ନିଶା ଧରି ପକାଏ ମୋତେ।' ଭୁବନ କହି ଉଠିଲା। 'ତୋର ଅନେକ ପ୍ରକାର ନିଶା ଅଛି ମନ ଭିତରେ; ତାହାର ନିଶା ତୋର ଦରକାର ହେବ ନାହିଁ ତ? ବୁଝିଛୁ ଚନ୍ଦ୍ରା, କେଉଁଟି କଏ ଖାଇ ନାହିଁ—ଭୁବନକୁ ନିଶା ଧରିଲେ ତାଙ୍କୁ କିଏ ଖୁଆଇବ; କେଉଁଠି ଷ୍ଟାର ସେସରେ ପଡ଼ିଛି, ଉଠିବ ବୋଲି ତାର ଅବସ୍ଥା ହେଉ ନାହିଁ—ଧରିଲା ତାକୁ ଅବସ୍ଥା କରିବା କଥା। ବହୁଲୋକ ଆଉ ସବୁବ ଏ ଦୁଇଟା ଶ୍ରେଣୀ ଦୁନିଆରୁ ଲୁପ୍ତ ହୋଇ କେବଳ ଗୋଟାଏ ଶ୍ରେଣୀ ରହିବ, ସମସ୍ତେ ଖୁସିରେ ଆନନ୍ଦରେ ରହିବେ; ଏ ନିଶା

ତାଙ୍କୁ ଉଗ୍ରତର ଘାଉଛି । ଏଣୁ ନିଶା ଫଳରେ କଲିକତାରେ ପଢ଼ି ଥିବାବେଳେ ସେ ଦୁଇ ଦୁଇ ଥର ଜଣଙ୍କ ଘାଲ ଜେଲ୍ ଖେଟି ଫେରିଛି—ଅରେକ ପାର୍ଟୀ କାମ ତାଙ୍କୁ ଭାଲୁଥିଲା, ସେ ଖସି ଆସିଲା । ଆଉ ଗୋଟାଏ କଥା ଜାଣ ? ଭୁବନ ନିଜେ ଡାକ୍ତର—ସିଭିମତେ ଡାକ୍ତରୀ ପାସ୍ କରି ଆସିଛି କଲିକତା ମେଡ଼ିକେଲ କଲେଜରୁ ।'

ଭୁବନକୁ ଦେଖି କେହି କେବେ ମନେ କରିବ ନାହିଁ ଯେ, ସେ ଜଣେ ଜେଲଫେରନ୍ତା ରାଜନୀତିକ, ଏମ୍. ବି. ଡାକ୍ତର ବା ଏକନିଷ୍ଠ ଦେଶସେବକ—ତଥା ମଧ୍ୟ କୌଣସି ଦିନ ତାହା ଶୁଣି ନ ଥିଲା । ଏହି ନମ୍ର, ସରଳ, ସ୍ୱଳ୍ପଭାଷୀ ଲୋକଟି ପ୍ରଦୋଷର ଅନ୍ତରଙ୍ଗ ବନ୍ଧୁ, ଖୁବ୍ ଭଲ ତବଲା ବଜାଏ, ତାହାର ଏହି ପରିଚୟ ସହିତ ସମସ୍ତେ ପରିଚିତ । ସେ ଆଉ ଏକେ ସାଧାରଣ ଭାବରେ ସେ ତାର ବାପା ଛୋଟିଆ ବ୍ୟବସାୟ କରି ବହୁତ ଟଙ୍କା ରଖି ଯାଇଛନ୍ତି, ଏ ଧାରଣା ଅନେକଙ୍କର ଥାଏ ନାହିଁ । ଇନ୍ଦୁ ତା ଏସବୁ କିଛି ଜାଣେ ନାହିଁ । ପ୍ରଦୋଷଠାରୁ ଏ ସବୁ ଶୁଣି ତାର କେବଳ ମନେ ହେବାକୁ ଲାଗିଲା, ଏ ଦୁଇଟି ଲୋକଙ୍କ ଜୀବନ ଯେମିତି ପରସ୍ପର, ସେହିପରି ପରିମାସମ୍ଭୂ—ସେହିପରି ରହସ୍ୟ ଘେରା ।

ଭୁବନ ପ୍ରଦୋଷର ଏସବୁ କଥା କିଛି ଶୁଣି ପାରି ନଥିଲା । ଘର ଭିତରେ ଖଣ୍ଡେ ଛୋଟ ଟେବୁଲ ଉପରେ ଖଣ୍ଡେ ଧଳା ରୁମାଲ ବିଛାଇ ତା ଉପରେ ମଦ ବୋତଲ ସଜାଇବାରେ ସେ ବ୍ୟସ୍ତ ହୋଇ ପଡ଼ିଥିଲା ।

ସେ କାମ ଶେଷ କରି ଡାକିଲା, 'ଦେଖିଲୁ ପ୍ରଦୋଷ, ଠିକ ମାତାଲର ବୈଠକଖାନା ପରି ଦିଶୁଛି କି ନା ?'

ପ୍ରଦୋଷ ହସିଲା ।

ଭୁବନ ବାହାରକୁ ଆସି ଖଣ୍ଡେ ଚଉକିରେ ବସିପଡ଼ି କହିଲା, 'ବୁଝିଲ ଡାକ୍ତର, ତମେ ଆମ ବୁଦ୍ଧିଙ୍କର ଏସବୁ ପାଗଳପଣର କାରଣ କିଛି ବୋଧହୁଏ ବୁଝିପାରୁ ନଥିବ । ଆରେ ଏସବୁ ହେଉ ଆମ ପ୍ରଦୋଷର ବାହାରର ସମ୍ପର୍କରେ ଆଚ୍ଛାଦନ ; ଭଲ ଲୋକ

ଆସିଲେ ଘର ଦେଖିବାକୁ ତ ନା, ତାଙ୍କୁ ଅଭ୍ୟର୍ଥନା କରିବା ପାଇଁ ଏସବୁ ଯୋଗାଡ଼ !'

ଚନ୍ଦ୍ରକା କୌଣସି ଦିନ ଶୁଣି ନାହିଁ ଯେ, ବାହାର ସମୟରେ ଭଲ ଲୋକ ଆସିଲେ, ତା ନିକଟରେ ନିଜ ମଦ୍ୟପାନର ପରିଚୟ ଦେବାକୁ ହୁଏ । ସେ କହିଲା, 'ଆପଣ ଥଟ୍ଟା କରୁଛନ୍ତି !'

ଭୁବନ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପରି କହିଲା; 'କିଏ ମୁଁ ? ଥଟ୍ଟା — ଅସମ୍ଭବ । ମୋର ସାରା ଜୀବନରେ ଏତେ ବଡ଼ ସତ କଥା କେବେ କହିନାହିଁ । ଦେଖିବ—ତମେ ନିଜେ ତ ଦେଖିବ ଚନ୍ଦ୍ରାଦେବୀ ଆମର ଭଲଲୋକର ଅଭ୍ୟର୍ଥନା ।'

ଚଉକିଦାର ଆସି ଖବର ଦେଲା, କୃଷ୍ଣକିଙ୍କର ବାବୁ ଆସିଛନ୍ତି । — 'ଆରେ ମୁଁ ଅଭ୍ୟର୍ଥନା କରି ଆସେ' ବୋଲି ଭୁବନ ଓହ୍ଲାଇ ଗଲା ତଳ ମାହାଲକୁ ।

—ତେଏର—

—'Good Evening Mr. Daws. I mean Krishna Kinkar Babu; ଆସନ୍ତୁ, ଆସନ୍ତୁ, ନମସ୍ତେ'—ମାତାଲର ଜଡ଼ିତ-ଜଡ଼ିତ ସ୍ୱରରେ ପ୍ରଦୋଷ କହିଲା ।

ଭୁବନ କହିଲା, 'ବସନ୍ତୁ ବସନ୍ତୁ ! ଏଇ ପ୍ରଦୋଷ — Steady; କୃଷ୍ଣକିଙ୍କର ବାବୁ ଆସିଛନ୍ତି । ସେ କଅଣ ମନେ କରିବେ ? Steady — ଟିକିଏ ବେଶୀ ହୋଇ ଯାଇଛି ଆଜି, କୃଷ୍ଣକିଙ୍କର ବାବୁ । ତାହାଛଡ଼ା ଦୁଃଖଟା ଯେ, ସେମିତି ସମୟ । ଲୋକର ମନ ଟିକିଏ ବେଶୀ ଉତ୍ତେଜିତ ହୋଇଥିବା ସ୍ୱାଭାବିକ, ତା ସଙ୍ଗେ ସଙ୍ଗେ ଦୁଇ ଚିଲ୍ଲସ ବେଶୀ ବି ହୋଇଯାଏ ।'

— 'ଏଇ ଭୁବନ, — Roman, friends, countrymen, ଆଉ ଗୋଟାଏ peg, I beseech you—ଗୋଟାଏ ଚିଲ୍ଲସ !'

'Steady ପ୍ରଦୋଷ; ଏସବୁ କଅଣ ହେଉଛି ? କୃଷ୍ଣକିଙ୍କର ବାବୁ ବସିଛନ୍ତି; ସେ ଧାର୍ମିକ ଲୋକ; ତାଙ୍କ ସାମନାରେ ଏ ସବୁ ? ନା,

ନା, Steady—ସେ କଅଣ ମନେ କରିବେ ? ସିଦ୍ଧେଶ୍ୱର ବାବୁଙ୍କୁ କଅଣ କହିବେ ? ଛି !'

—'Thou too brutes ! fie on thee ! ଉଃ, ତୁ ଫିକ୍ ଏ ଅଣି ଦେଲ ! ମୋର ସବୁ ଭିତରଟା witches coldronରେ ପରିଣତ ହୋଇଗଲା । ଅଣ—ଲୁଇ !'

ଚନ୍ଦ୍ରକା ଏସବୁର ଅର୍ଥ କିଛି ବୁଝିପାରିଲା ନାହିଁ । ସେ ନିସ୍ତବ୍ଧ ହୋଇ ଗୋଟାଏ କଡ଼ରେ ଛିଡ଼ା ହୋଇ ରହିଲା ।

—'ଦେବ ନାହିଁ ? ଦେବ ନାହିଁ ? ବଡ଼ ମଜା conspiracy କରୁଛ । ନ ବସ—ମୁଁ ଗୀତ ଗାଇବି, ମୁଁ ତୁମ୍ଭର କରି ଦୋଠାର ସବୁ ଘଣ୍ଟାଇ ଦେବି—

'Cowards die many times before their death,
The valiants never test death but once.
Of all the wonders yet I have heard, my lord,
It seems to most strange that men should fear.'

ପ୍ରବୋଧ ଏ ଅନ୍ଧାରେ ଏପରି ଚାର ସ୍ୱରରେ କଲା ଯେ ସମ୍ଭବତଃ ସିଦ୍ଧେଶ୍ୱର ବାବୁଙ୍କ ଘର ପର୍ଯ୍ୟନ୍ତ ଶବ୍ଦ ଉଠିଲା; ଉପର ଝରକା ଫିଟି ଦୁଇ ତିନି ମିନିଟ ପରେ ପୁଣି ବନ୍ଦ ହୋଇଗଲା ।

ପ୍ରବୋଧ ପୁଣି ଆରମ୍ଭ କଲା, 'ଦେବ ନାହିଁ, ଦେବ ନାହିଁ । ପୁଣି ଆରମ୍ଭ କରୁଛି—

'ଧଂସ୍ତା ଲବ୍ଧଲାଭ ଇତ୍ୟାଦି
ଦୃଷ୍ଟେଶ୍ୱର କାଳାନଳ ସନ୍ଦିଗ୍ଧ
ଉଦ୍ଧୋ ନ ହାତେ ନ ଲଭେ ତ ସ୍ପୃଶେ
ସ୍ୱୟିକ ଦେବେଶ ଜଗନ୍ନିବାସ !'

ତାର ଚିତ୍କାରରେ ଘରର ଝରକାଗୁଡ଼ାକ ଖୋଲିଲା ଉଠିଲା ।

—'କେତେ ଜାଣୁ ?—Friend Shakespear, Country man Vyasa···'

କୃତନ ବ୍ୟସ୍ତ ହୋଇ କହି ଉଠିଲା, 'ଭୂ ସବୁ ମାନି କହୁଛୁ, ମୁଁ ଜାଣେ, ମୁଁ ଜାଣେ । ଅଛା ଗୁରୁ ବାବୁ, ଦେଉଛ !'

—'That's like a good boy.

Full many a gem of purest ray serene,

—'ଥାଉ ବାବା, ମେହେରବାନି ଥାଉ, ଏଇ ନିଅ !'

କୃତନ ଗୋଟାଏ ଚୋକରେ କଳ ଜାଲି ମାଣି ବଢ଼ାଇ ଦେଲା ପ୍ରଦୋଷ ହାତକୁ ।

ପ୍ରଦୋଷ ତାକୁ ହାତରେ ଧରି କହିଲା ଉଚ୍ଚ, 'another glass for Mr. K. K. Daw-'.

କୃଷ୍ଣକିଙ୍କରଙ୍କର ଅବସ୍ଥା ସେତେବେଳକୁ ବାରଘଣ୍ଟା ବୁଝିବଡ଼ା ହୋଇଥିଲା । ତାଙ୍କର ସାନ୍ତ ଗୋଳ କମ୍ପିଲେ ଶୀତରେ ସଦ୍ୟଭଙ୍ଗା ଗଡ଼ା ବରଲିଭ ହୋଇ ଯାଉଥିଲେ । ଏଠାକୁ ମାନେ ମାନେ ଫେରି ପାରିଲେ ରକ୍ଷା, ଏହାହିଁ ତାଙ୍କର ସାନ୍ତ ଅନ୍ତରକୁ ଦେଇ ସେ ଅନୁଭବ କରୁଥିଲେ । ଅନେକ ଏ ବାବାଙ୍କ ସମ୍ପର୍କରେ ହାତଦେବା ବିନ୍ଦୁ ସିଦ୍ଧେଶ୍ବର ବାବୁଙ୍କ ସ୍ନେହଧାରେ ତଡ଼ ମେ କଲେ ଭୁଲପଡ଼ିଆ ଲିଭ କରୁଥିଲେ; କିନ୍ତୁ ତା ଫଳରେ ଯେ ମାତାଲ ହାତରେ ଲାଞ୍ଛନା ହେବାକୁ ପଡ଼ିବ ଏ ଧାରଣା ତାଙ୍କର ନ ଥିଲା ।

ପ୍ରଦୋଷ ଯେତେବେଳେ ତାଙ୍କୁ ପିଇବା ପାଇଁ ମଦ ଦେବାପାଇଁ କହିଲା, ସେତେବେଳେ କୃଷ୍ଣକିଙ୍କରଙ୍କ ଅନ୍ତରାତ୍ମା ଥରି, ଥରି, ଭରି ଉଠିଲା । ସେ ଦୁଇହାତ ଯୋଡ଼ି କହିଲେ, 'ମୁଁ ସେ ସବୁ ଛୁଏଁ ନା ! !'

ପ୍ରଦୋଷ କହିଲା, 'August guest, ତମକୁ ନ ଦେଇ ପିଇଲେ ଅନ୍ୟାୟ ହେବ ! ହୁଁ, ଅନ୍ୟାୟ ! ଘୋରତର ଅନ୍ୟାୟ !! ଯାଜ୍ଞବଲ୍କ୍ୟ, ଅଷ୍ଟଘୋଷ, କାଳିଦାସ, ବ୍ୟାସଦେବ ଯାଜ୍ଞବଲ୍କ୍ୟ ଋଷି ଭଗବାନ ମନୁଙ୍କ ସୁଦ୍ଧା ଚୈତନ୍ୟ ମିଶ୍ର ସମସ୍ତେ ଏ କଥା କହିଛନ୍ତି '

ଚୈତନ୍ୟଙ୍କ କଥା ଶୁଣି କୃଷ୍ଣଙ୍କର ବାବୁ ମନେକଲେ ତାଙ୍କର ପ୍ରତିବାଦ କରିବା ଉଚିତ । ସେ ଭୁଲିଗଲେ ଯେ ମାତାଲ୍ ସହିତ ସେ କଥା କହୁଛନ୍ତି । ଧୀରେ ଧୀରେ—ଡର ଡର ସେ କହିଲେ, 'ଅର୍ଥାତ୍ କୃଷ୍ଣଚୈତନ୍ୟ କେଉଁଠି...'

—'ଅଲବତ୍ କହୁଛନ୍ତି, ମୁଁ ନିଜେ ଶୁଣିଛି । ଚୈତନ୍ୟଚରିତାମୃତରେ ଅଛି—ମଦ ପିଅନ୍ତୁ । ଜଗାଇ ମାଧାଇ—କଲସୀର କଣାସେମ୍ ବୋବୋନା । ଅରେ ବାଃ ଠକ୍ ମନେପଡ଼ିଛି, ଏକଦମ ଠିକ୍ ! କି କୃଷ୍ଣଙ୍କର ବାବୁ ? ନିଅ, ଏକ ଗ୍ଲାସ୍ !'

କଅଣ ସେ କହିବ କୃଷ୍ଣକଙ୍କର କିଛି ବୁଝିପାରିଲ ନାହିଁ । କହିଲା, 'କୃଷ୍ଣଚୈତନ୍ୟ...'

—'Let କୃଷ୍ଣଚୈତନ୍ୟ go to the devils. You take a glass and be jolly. ଯଦି ଚୈତନ୍ୟ ମିଶ୍ର—ସେ ସବୁ ମନା କରିଥାଏ, I will charge him of high treason. ହୁଁ, ସତ କହୁଛି—ତାଙ୍କ ବନ୍ଧୁଙ୍କରେ ଓଡ଼ିଶାର ସ୍ୱାଧୀନତା ନାଶ କରିବା ଅଭିଯୋଗ ଆଣିବା—ବସୁର ହେବ । ତା ପରେ—ହୁଁ ତା ପରେ, ତାଙ୍କୁ ଓ ଙ୍କ ସହିତ ଶିଷ୍ୟବୃନ୍ଦଙ୍କୁ—abattor, ବୁଝିଲେ abattor—ଫାଶୀ—ହିଁ ଏକଦମ୍ ଫାଶୀ !'

ଛୁଆଲ କହିଲା, 'Steady. ଏମିତିସବୁ କାହିଁକି କହୁଛ ? ବୁଝିଲେ, କୃଷ୍ଣଙ୍କର ବାବୁ ମଦଟିକେ ବେଶୀ ହୋଇଗଲେ ଚସ ସେମିତି କରନ୍ତି !'

—'ମୁଁ ? ମୁଁ କହୁଛି ? What do you mean, you fool ?'

ଛୁଆଲ ତାହାଙ୍କୁ ଲକ୍ଷ୍ୟ କରି କହିଲା, 'ପଞ୍ଚାର ସୁନ୍ଦରଟା ଟିକିଏ ଖୋଲିଦିଅନ୍ତୁ ! ସେପରି ଦେଖନ୍ତୁ ଆଜିତ କିଛି କଥା ବାଣ୍ଟି ହୋଇପାରିବ ନାହିଁ, କୃଷ୍ଣଙ୍କର ବାବୁ !'

ଅନ୍ଧାରକୁ ଲଟ ଲଗି ଅସୁଥିଲ ସେ ଟୌକି ଉପରେ । ସେ ତନ୍ଦ୍ରା ବଜଡ଼ିତ ସ୍ୱରରେ କହିଲା, 'ଅଲବତ୍ ହେବ । ନିଶ୍ଚୟ ହେବ ! ! କାହିଁକି ନ ହେବ ? I am not drunken. ଅଲବ...ତ... !'

ଭୁବନ କହିଲା, "ମୁଁ ଟିକିଏ ତଳକୁ ଯାଉଛି ! ଆପଣଙ୍କର ଚର୍ଚ୍ଚା......"

କୃଷ୍ଣଚନ୍ଦ୍ରଙ୍କର ମନେହେଲା, ଏଠୁ ଖସିଗଲେ ରକ୍ଷା, କହିଲେ, 'ନା ନା ସେ ସବୁ ଥାଉ । ସେ ସବୁ ଆଉ କେବେ । ମୁଁ ତ ଘରେ ଖାଏ ନାହିଁ ।'

ଭୁବନ କହିଲା, 'ତାହା ହେବ ନାହିଁ—ତାହା ହେବ...'

—'ନା, ନା, ଥାଉ । ଆପଣ କିଛି ମନେକରନ୍ତୁ ନାହିଁ । ମୋର ତ ଏ ନିଜ ଘର । ପ୍ରଦୋଷ ତ ମୋର class friend.'

ଏହା କହି ସେ ଉଠିଲେ ।

ସେତେବେଳକୁ ପ୍ରଦୋଷର ନାସିକା ଧ୍ୱନି ଶୁଣାଯାଉଛି ।

ଦ୍ୱାର ପାଖରେ କୃଷ୍ଣଚନ୍ଦ୍ରଙ୍କର ତୁନି କରି ଭୁବନକୁ ପଚାରିଲେ, "ସେ ସ୍ତ୍ରୀଲୋକଟି କିଏ ?"

ଭୁବନ ତୁନି ତୁନି କହିଲା, 'ବେଶ୍ୟା ପାଡ଼ାରେ ତା ଘର'

—'ବେଶ୍ୟା !'

ଭୁବନ ଯେତେବେଳେ ତଳୁ ଫେରିଆସେ, ପ୍ରଦୋଷ ତାକୁ ଦେଖି ଯାହିକରି ହସି ଉଠିଲା ।

ଭୁବନ କହିଲା, 'ଦେଖ ପ୍ରଦୋଷ, ତୁ ମୋ ଠାଏ ଯାଇ, ତମାସା ବା ଥିଏଟରରେ ଯୋଗ ଦେ; ତୋର ଏ ଅଭିନୟ କଳାର କଦର ଲୋକମାନେ ବୁଝିବେ । ନା ତଡ଼ା ଦେଉ !'

ଚନ୍ଦ୍ରଭା ହସିଲା ।

— ଚାରି —

ପ୍ରତ୍ୟେକ ଲୋକ ମଣିଷକୁ ଖୁବ୍ ବୁଝିବାର ସମଜଦାର ଧରିନେଲେ ଯେ ପ୍ରଦୋଷ ଉପନ୍ୟାସର ନାୟକ ଶ୍ରେଣୀ ଭିତରେ ପଡ଼ିପାରେ—ହେଲେ ବା ତାର ସ୍ଥାନ ଖୁବ୍ ନିମ୍ନରେ । ଅବଶ୍ୟ ଉଚ୍ଚ, ବୁଦ୍ଧିମାନ, ଚରିତ୍ରବାନ୍ ଧାର୍ମିକ, ବଡ଼ ଉଦାରର ଧରଣର ବା ପ୍ରେମପାଇଁ ପାଗଳ ହୋଇ ପ୍ରାଣର ଉଚ୍ଚ ଧରଣର ନାୟକ ହେଲେପର କୌଣସି ଉପା-ରଙ୍ଗ ତାର ସେ ଲକ୍ଷ୍ୟ କଲାନାହିଁ, କିନ୍ତୁ ସେ ଯେ ମଦ୍ୟପାନ କରେ,

ଉପନ୍ୟାସର ନାୟକ ଯାପରି ସେ ତାକୁ ଭଲ ପାଉଛି ଅଣିତା ଆମର ଙ୍କର ତା ଉପରେ ପଡ଼ିବ, ଏହି ଚିନ୍ତାରେହିଁ ସେ ପୁଲକିତ ହୋଇ ଉଠିଲା । ତାହାଛଡ଼ା ପ୍ରତିଷ୍ଠ ସମ୍ଭ୍ରାନ୍ତ ପରିବାର ହେଲେ ପ୍ରଦୋଷ ମନରେ ଏପରି ପ୍ରେମର ଢେଉ ଉଠିପାରେ ଯେ, କ୍ରମେ କ୍ରମେ ସୀମାନ୍ତରେ ସେ ଏକ ପ୍ରେମିକରେ ପରିଣତ ହୋଇଥିବା କୌଣସି କ୍ରମେ ଅସମ୍ଭବ ନୁହେଁ । ଏହିସବୁ ଓ ଏହିପରି ଅନ୍ୟାନ୍ୟ କାରଣ-ଯୋଗୁଁ, ପଣ୍ଡିତ ପ୍ରଦୋଷକୁ ମନେ ମନେ ଔପନ୍ୟାସିକ ନାୟକ ଶ୍ରେଣୀରେ ନେଇ ଅନ୍ତିମ ଖାଟିବାପାଇଁ ସୁବିଧା ଦେଲା ଏବଂ ଏହି କାରଣରୁ ପ୍ରଦୋଷର ଦୃଷ୍ଟି ଆକର୍ଷଣ କରିବାଲାଗି ସେ ପରିପାଟୀ ରୂପେ ବେଶଭୂଷା ପିନ୍ଧି ଅନେକ ସମୟରେ ଝରକା ପାଖରେ ଦେଖା ଦେଉଥିଲା; କିନ୍ତୁ ଯେଉଁଦିନ ସେ ଦେଖିଲା ଯେ ପ୍ରଦୋଷର ବାରଣ୍ଡାରେ ଖଲାପରଦା ଖଣ୍ଡ ଟଙ୍ଗା ହେଲା, ସେହିଦିନ ସଂବାଦ ନିଷ୍ଠୁରେ ସେ ହତାଶ ହୋଇ ପଡ଼ିଲା । ନାୟକ ନାୟିକା ଦେଖି ନିଜ ଘରେ ପରଦା ଟାଙ୍ଗି ଦେବା କଥାତ ସେ କୌଣସି ଉପନ୍ୟାସରେ କେବେ ପଢ଼ି ନାହିଁ ।

କୃଷ୍ଣଭକ୍ତଙ୍କର ପ୍ରଦୋଷଙ୍କ ଘରୁ ଫେରିଲା ପରେ ତାର ପଣ୍ଡିତଙ୍କର ଯେଉଁ ଯନ୍ତ୍ରଣା ତା ବାପାଙ୍କ ପାଖରେ କରିଥିଲା, ସ୍ତ୍ରୀ ଲୁଚି ରହି ସେ ସବୁ ଶୁଣିଛି, ଝରକା ଫାଙ୍କରେ କୃଷ୍ଣଭକ୍ତଙ୍କୁ ତାଙ୍କ ଘରେ ଦେଖିଛି ଓ ପ୍ରଦୋଷର ଅନୁଭୂତିମୂଳକ ଚିହ୍ନାରରେ ସେ ବିରକ୍ତ ହୋଇ ଉଠିଛି; କିନ୍ତୁ ସିଦ୍ଧେଶ୍ୱର ବାବୁ ଏ ସବୁ କାହିଁରେ କଟକଣା ହୋଇ ନାହାନ୍ତି, ନିଜର ସ୍ଥାନଂରେ ଏ ସବୁ ଯୋଗୁଁ କିଛି ଅଦଳବଦଳ କରି ନାହାନ୍ତି ।

କୃଷ୍ଣଭକ୍ତଙ୍କର କହୁଥିଲା, 'ମାତାଲ—ଅର୍ଥାତ୍ ପୁରା ମାତାଲ !'

ସିଦ୍ଧେଶ୍ୱର ବାବୁ ବିରକ୍ତ ହୋଇ ଉତ୍ତର ଦେଲେ, 'ମଦ ପିଇଲେ ତ ମାତାଲ ହୁଅନ୍ତି, କମେ ପିଅ ......'

କୃଷ୍ଣଭକ୍ତଙ୍କର ମୁହଁରୁ ବାହାରି ପଡ଼ିଲା, 'କୃଷ୍ଣଚୈତନ୍ୟ...'

—'ଦୁଃଖେଶ୍ୱ କୃଷ୍ଣଦେବିତାଜ୍ୟ ! ମୁଁ କହୁଥିଲି କଅଣ କି, ତମେ ମଦ ପିଇଲେ ମାତାଲ ହେବ; ମୁଁ ମଦ ପିଇଲେ ମାତାଲ ହେବି । ଅମେ ତ ଆଗରୁ ଶୁଣିଛୁ ଯେ ପ୍ରଦୋଷ ଟିକିଏ ଟିକିଏ ମଦ ପିଏ, ମାତାଲ ହେଲେ ସେଥିରେ ଅସ୍ତ୍ରଧି ହେବାର କଅଣ ଅଛି ?'

—'କିନ୍ତୁ ସେ ଯେମିତି ବଢ଼ାଚଢ଼ା କଲା, ସେକ୍ସପିୟର ଟୀକା ଅବୃତ୍ତି ଆରମ୍ଭ କରିଦେଲା ...! ଭୟାନକ, ଅତି ଭୟାନକ !'

—'କଅଣ ଭୟାନକ ? ଏଇ ଆବୃତ୍ତି ? ସେକ୍ସପିୟରର ତାହାର ଅବୃତ୍ତି ଭୟାନକ ?

ତମେ ଯଦି ଓକିଲ; ଏତକ ବୁଝି ନ ପାରୁ ନାହିଁ । ପ୍ରଦୋଷ ଏ. ଏ. ପାସ କରିଛି, ବଙ୍କା ନା; ସେ ଅବୃତ୍ତି କରିବ ନାହିଁ, ଅବୃତ୍ତି କରିବେ କଅଣ ରହିମାଇଁ, ଗାଡ଼ିଆଳ !'

—'ଆଜ୍ଞା ନା, ତା... !'

—'ପୁଣି ନା କଅଣ ? ତମ କଥାରୁ ତ ବେଶ୍ ଭଲ ଜଣା ଯାଉଛି ଯେ ପ୍ରଦୋଷର ଅଗାଧ ପାଣ୍ଡିତ୍ୟ । ମାତାଲ ଅବସ୍ଥାରେ ଯାହା ମୁହଁରୁ ସେକ୍ସପିୟର ଗୀତା ବାହାରେ, ସେ ପଣ୍ଡିତ ହୁଏନି ଯଦି ପଣ୍ଡିତ ତମେ...ଆଉ ପଣ୍ଡିତ ମୁଁ ।'

ତାଙ୍କୁ ଅପମାନିତ କରିଗଲି ବୋଲି ଲୁଣ୍ଠିତଙ୍କର ମନେ ହେଲା । ତାର ମକ୍ଷ୍ମତାଟାକୁ ସେ ବୁଝିପାରି ଧାରଥିବା ତରବାରି ପରି ବ୍ୟବହାର କରୁଥିଲି—ଏକ ଧାରରେ ନିଜର ଲାଭ, ଅନ୍ୟ ଧାରରେ ପ୍ରଦୋଷର କ୍ଷତି । ତାର ନିଜର ଲାଭ ତ ସେ କମେ କମେ ପାଉଥିଲି କପୋଟି ବାବୁଙ୍କ ସହିତ ସମ୍ପର୍କ ସ୍ଥାପିତ ହେବା ଦିନୁ । ତାହାର ମକ୍କେଲ ସଂଖ୍ୟା ବଢ଼ିଥିଲେ, ଆଉ ସର୍ବେଶ୍ୱର ବାବୁଙ୍କ କୋର୍ଟରେ ଥିବା ମକଦ୍ଦମାରେ ସେ ଯେଉଁ ପକ୍ଷର ଓକାଲତି ନେଉଥିଲା ସେ ପକ୍ଷର ସାଧାରଣତଃ ଜିତ ହେଉଥିଲା । ପ୍ରଦୋଷ ବିଷୟରେ ସେ ଲୁଣ୍ଠିତଙ୍କୁ ସ୍ଥିର କରିଥିଲା ଯେ, ଏ ବିବାହ ହେଲେ ସେ ଭାଙ୍ଗିଦେବ; କାରଣ ସର୍ବେଶ୍ୱର ବାବୁଙ୍କ ପରି ଶ୍ୱଶୁର ପାଇଲେ, ଲୁଣ୍ଠିତଙ୍କରର ସବୁ ସ୍ୱପ୍ନ—ହେଲେ ନା ହେଲେ ପ୍ରଦୋଷର ଜମିଦାରୀରେ ମାଲିକ ହେବା

କଳ୍ପନା—ସ୍ୱପ୍ନ ଓ କଳ୍ପନାରେହିଁ ରହିବ । ସେଥିପାଇଁ ମଧ୍ୟସ୍ଥତା କାର୍ଯ୍ୟରେ ପ୍ରଦୋଷ ଘରୁ ଫେରିଆସି ସିଦ୍ଧେଶ୍ୱର ବାବୁଙ୍କ ନିକଟରେ ସେ ତାର କାଉଁଗାଥାର ଶବ୍ଦବ୍ୟାଖ୍ୟା ଆରମ୍ଭ କରିଥିଲା । ସେ ଦେଖିଲା, ସିଦ୍ଧେଶ୍ୱର ବାବୁ ମୂଳରୁ ପ୍ରଦୋଷକୁ ସମର୍ଥନ କରୁଛନ୍ତି । ସେ ବିରକ୍ତ ହୋଇ ପଡ଼ିଲା; କିନ୍ତୁ ଜଣେ ସିନିୟର ଡେପୁଟି ମାଜିଷ୍ଟ୍ରେଟ-ଠାରେ ଜଣେ ଜୁନିୟର ଓକିଲର ବିରକ୍ତି ପ୍ରକାଶ କରିବା ଚଳେ ନାହିଁ ।

ସେ ଯେତେବେଳେ ମନେକଲା ଯେ, ସିଦ୍ଧେଶ୍ୱର ବାବୁ ତାକୁ ଅପମାନିତ କରୁଛନ୍ତି, ସେ କହିଲା, 'ଆପଣ ଭୁଲି ନାହାନ୍ତି, ପ୍ରଦୋଷ ପଣ୍ଡିତ ନୁହେଁ—ମୂର୍ଖ, ନିତାନ୍ତ ମୂର୍ଖ, ଏକାନ୍ତ ପାଷଣ୍ଡ । ସେ କୃଷ୍ଣଚୈତନ୍ୟଙ୍କୁ ଚୈତନ୍ୟ ମିଶ୍ର, ଜଗନ୍ନାଥ ମିଶ୍ରର ପୁଅ, ଯାଜପୁରିଆ ଜଗନ୍ନାଥ ମିଶ୍ରର ପୁଅ ବୋଲି କହିଲା । ଏଇଟା କଅଣ...।'

—'ସେଇଟା ମଧ୍ୟ ତାର ପାଣ୍ଡିତ୍ୟର ପରିଚୟ । ସେ ଇତିହାସ ପଢ଼ିଛି, ସେ ଚୈତନ୍ୟର ବଂଶାବଳୀ ଜାଣେ; ସେ ଜାଣେ ଜଗନ୍ନାଥ ମିଶ୍ରର ପୂର୍ବପୁରୁଷମାନେ ଯାଜପୁରରୁ ଯାଇ ବୃନ୍ଦାବନରେ...।'

—'ନବଦ୍ୱୀପରେ ।'

—'ହଁ ହୋ ସେଇ ନବଦ୍ୱୀପ ବା ବୃନ୍ଦାବନରେ ଘର କରିଥିଲେ । ସେ ଚୈତନ୍ୟଙ୍କୁ ଚୈତନ୍ୟ ମିଶ୍ର କହିଲେ ଦୋଷ କଅଣ ? ତମେ ଚୈତନ୍ୟଙ୍କୁ ମହାପ୍ରଭୁ କହ, ସେଇଟା ତମର ଭୁଲ—ମସ୍ତ ଭୁଲ । ତମେ ସେପରି ଭୁଲ କର ବୋଲି କଅଣ ଦୁନିଆସାରା କରିବେ ? ତାପରେ ଭଦ୍ରଲୋକ ଯେତେବେଳେ ଏଠାରେ ଉପସ୍ଥିତ ନାହାନ୍ତି, ତାଙ୍କ ପଛରେ ତାଙ୍କୁ ମୂର୍ଖ ପାଷଣ୍ଡ କହିବା କେବଳ ଅନୁଚିତ ନୁହେ ଦୋଷାବହ; ଭାରତୀୟ ଦଣ୍ଡବିଧି ଆଇନର ୫୦୦ ଧାରା ଅନୁସାରେ ଦଣ୍ଡନୀୟ ।'

କୁନ୍ତଳେଶ୍ୱର ବାବୁ ଇତସ୍ତତଃ ହୋଇ ପଡ଼ିଲେ, କଅଣ କହିବେ କିଛି ଠିକ୍ କରିପାରିଲେ ନାହିଁ । ଟିକିଏ ଭାବିଚିନ୍ତି ଶେଷ ଅସ୍ତ୍ର ଛାଡ଼ିଲେ, 'ଆଜ୍ଞା, ପ୍ରଦୋଷ ଘରେ ବେଶ୍ୟା...।'

—'କି ବେଶ୍ୟା ? ସାଂଘାତିକ କଥା ! ତମେ ତାର ଭଉଣୀକୁ ବେଶ୍ୟା ବୋଲି କହୁଛ ? ମୁଁ ଜାଣେ, ସବୁ ଜାଣେ । ନ ହେଲେ କୋଉଠି ବର୍ତ୍ତମାନ ଡେପୁଟି ମାଜିଷ୍ଟ୍ରେଟ ଏଣ୍ଡ ଡେପୁଟି କଲେକ୍ଟରର ଭାମ ଚଙ୍କାଳ ଥାଆନ୍ତି ? ତମେ ସିବାଦନ ଜଣେ (...) ସୁନ୍ଦରୀ ମୁନଙ୍ଗ ଝିଲେକ ତାଙ୍କ ଘରେ ନ ଥିଲ ?'

—'ଠିକ୍ ସେଇ...!'

—'ଜିନିଷ ମୋତେ ଠିକ୍ କହୁଛ, ମେବେବେଳେ ତାଙ୍କ କାରଖାନ ଘରକାହିଁ ତଠା ହୋଇଥିଲ, ସ୍ଥିତିରେ ଠିକ୍ ଦେଖିଛୁ ।'

—'ଆଜ୍ଞା, ସେ ବେଶ୍ୟା ।'

—'ସାବଧାନ ! ବୁଝିଶୁଝି କଥା କହ । I know you are enimical to Pradosh, but you have no right to call his sister a prostitute—ମୁଁ ଜାଣେ ପ୍ରଦୋଷ ସହିତ ତମର ଶତ୍ରୁତା ଅଛି; କିନ୍ତୁ ବୁଝୁଛ, ତା ଭଉଣୀକୁ ବେଶ୍ୟା ବୋଲି କହିବାର ତମର କୌଣସି ଅଧିକାର ନାହିଁ । ତା ପର ତମର କିଛିଏ ମଧ୍ୟ କାଣ୍ଡଜ୍ଞାନ ନାହିଁ । ଆଜି ଯଦି ସ୍ଥିତିରେ ସହିତ ପ୍ରଦୋଷର ବିବାହ ହୁଏ, କାଲି ତାର ଭଉଣୀ ସ୍ଥିତିରେ ନଣନ୍ଦ, ମୋର ଝିଅ ହେବ । ତାକୁ ତମେ ବେଶ୍ୟା ବୋଲି କହୁଛ ?'

—'ଆଜ୍ଞା ମୁଁ ଠିକ୍ ବୁଝିଛି...!'

—'ତମେ କିଛି ବୁଝିନାହଁ, ବୁଝିବା ଶକ୍ତି ଯେଉଁଠାରେ ବଣ୍ଟା ହେଉଥିଲା ପୂର୍ବଜନ୍ମରେ ମଧ୍ୟ ତମେ ସେ ବାଟ ଦେଇ ଯାଇ ନାହଁ !'

—'କିନ୍ତୁ ହୁଜୁର...!'

—'ହୁଜୁର ତମର କଅଣ କଲା ? ମୁଁ ଖବର ପାଇଛି, ହୁଜୁର ପ୍ରଦୋଷର ଅନ୍ତରଙ୍ଗ ବନ୍ଧୁ—ଠିକ୍ ଖବର ପାଇଛି । ପ୍ରଦୋଷକୁ ମାରିଲ, ତାର ଭଉଣୀକୁ ବେଶ୍ୟା କହ, ତାର ବନ୍ଧୁକୁ କଅଣ ଭଡ଼ାଟିଆ ବୋଲି କହିବ ?'

—'ଆଜ୍ଞା ନା, ସେ...!'

—'ମୁଁ ତତ୍ତ୍ୱ ଶୁଣିବାକୁ ଚାହେଁ ନାହିଁ'। ତମେ ଏ ସବୁ କଥା ଛାଡ଼ ଯାହା କହିବ ଶୁଣିବି; କିନ୍ତୁ ଏ ସବୁ ନୁହେଁ। ହୁଁ, ହୁଁ, ହୋଇଥାଏ କର୍ଣ୍ଣଧାର ତେଣୁଟି ସ୍ୱୀକାର କରି ମୁଁ ମଣିଷ ହେଉନା ଆଉ ତଲ୍ଲ ତମେ ?'

କୃଷ୍ଣକାନ୍ତଙ୍କର ହତାଶ ହେଲା, କାତର ହେଲା, ମନେ ମନେ ଭାବିଲା, ତାକୁ ସିଦ୍ଧେଶ୍ୱର ବାବୁଙ୍କ ପାଖରେ ଅପ୍ରସ୍ତୁତ କରିବା ପାଇଁ ଜୀବନ ପ୍ରଦୋଷର ତରୁଣୀକୁ ମିଛରେ ବେଶ୍ୟା ବୋଲି ପରିଚୟ ଦେଇ ନାହିଁ ତ। ସବୁ ସମ୍ଭବ; ମାତାଲର ସାଙ୍ଗ ମାତାଲ—ତା ପକ୍ଷରେ ସବୁ ସମ୍ଭବ।

ସିଦ୍ଧେଶ୍ୱର ବାବୁ ଡାକିଲେ, 'ତପସ୍ୱୀ, ତପସ୍ୱୀ !'

କୃଷ୍ଣକାନ୍ତଙ୍କର ଏ ଇଙ୍ଗିତ ବୁଝି ପାରି ନମସ୍କାର କରି ବିଦାୟ ହୋଇ ଯାଉଥିଲା।

ପ୍ରଭାତ ଏସବୁ ଶୁଣିଛି, ତାର ବାପା ଯେ ପ୍ରଦୋଷ ସହିତ ତାକୁ ବାହା ଦେବାପାଇଁ ଏକପ୍ରକାର ଦୃଢ଼ ସଂକଳ୍ପ କରି ପକାଇଛନ୍ତି। ଏକଥା ଜାଣିପାରି ପ୍ରଦୋଷ ବିଷୟରେ ସେ ପୁଣି ଥରେ ବିଚାର କରିବା ଠିକ ମନେକଲା। ଯେତେ ଉପନ୍ୟାସ ସେ ପଢ଼ିଛି—ଏବଂ ତାର ସଂଖ୍ୟା କମ୍ ନୁହେଁ—ସବୁ ଉପନ୍ୟାସର ନାୟକମାନେ ତାର ମନ ଭିତରେ ଗୋଟିକ ପରେ ଗୋଟିଏ ପଟୁଆର କରି ଗଲେ; ସେ ଦେଖିଲା, ସମସ୍ତଙ୍କ ଚେହେରା ଏକା ଢଙ୍ଗର, ଆଉ ସେମାନଙ୍କ ପାଖରେ ଆଉ କିଛି ଥାଉ ବା ନ ଥାଉ ପ୍ରେମିକ ହେବାର ବଡ଼ ଗୁଣଟା ନିଶ୍ଚୟ ଅଛି। ନା, ପ୍ରଦୋଷ କୌଣସି କମେ ଏମାନଙ୍କ ଭିତରକୁ ଆସି ପାରୁନାହିଁ; କିନ୍ତୁ ତାର ଚେହେରା ବି ମନ୍ଦ ନୁହେଁ, ପଢ଼ାପଢ଼ି ବି ଅଛି।

ଅନ୍ଧାର ଭିତରେ ବିଜୁଳି ଚମକିଲା ପରି ତା ମନ ଭିତରେ ଗୋଟାଏ ସୂଚନା ଖେଳିଗଲା। ପ୍ରଦୋଷ ଉପନ୍ୟାସର ନାୟକ ଶ୍ରେଣୀରେ ନ ପଡ଼ିପାରେ, ସେ ତ କିନ୍ତୁ ପ୍ରକୃତ ଔପନ୍ୟାସିକ

ନାୟିକା । ଶବାନ୍ତ ପରେ ସେ ହୁଏତ ପ୍ରଦୋଷକୁ ଗୋଟାଏ ନାୟକ ରୂପ ଦେଇ ଛିଡ଼ା କରିଦେବ । ତାପରେ ଏସବୁ କଥା ନେଇ ସେ ଗୋଟାଏ ଉପନ୍ୟାସ ଲେଖିବ । ପ୍ଲଟ୍‌ଟା ହେବ ଚମତ୍କାର ।

—ପନ୍ଦର—

ବନଦ୍ୟୁ ବାବୁଙ୍କ ଘରେ ଟି ପାର୍ଟି ।

ସହରର ଅଧିକାଂଶ ନାମଜାଦା ସରକାରୀ କର୍ମଚାରୀ ପାର୍ଟିରେ ଉପସ୍ଥିତ ଅଛନ୍ତି; ସେମାନଙ୍କ ଭିତରୁ ଯେଉଁମାନଙ୍କର ସେ ବୟସରେ ବାଧା ନାହିଁ, ସେମାନଙ୍କର ସହଧର୍ମିଣୀମାନେ ମଧ୍ୟ ଆସିଛନ୍ତି । ସିଦ୍ଧେଶ୍ୱର ବାବୁ ଆସିଛନ୍ତି, ତାଙ୍କ ସହିତ ଆସିଛି ପ୍ରତିଭା; ପ୍ରତିଭା ଅରୁଣା ସହିତ ବୁଲିଅଛି ବୁଲି ବୁଲି ମିଷ୍ଟାନ୍ନାଦିଦ୍ୱାରା ଅଭ୍ୟର୍ଥନା ଜଣାଉଛି । ପ୍ରତିଭା ଅରୁଣାର କ୍ଲାସ ଏବଂ ଫାଷ୍ଟ ଫ୍ରେଣ୍ଡ ବା ନା-ହୁଏ ଏକ ଶରୀର ନ ହେଲେହେଁ ଏକାତ୍ମ ବୋଲି ଲେଡ଼ି ପ୍ରିନ୍‌ସିପାଲ ମିସ୍ ସାଆନ୍ତସିଙ୍କ ମତ ।

ଆଉ ଆସିଛନ୍ତି—ପ୍ରଦୋଷ ଏବଂ ଭୁବନ ।

ଏ ଦୁହେଁ କୌଣସି ସଭା କୌଣସି ସାମାଜିକ ଅନୁଷ୍ଠାନ, କୌଣସି ଭୋଜ ବା ପାର୍ଟିରେ ଦେଖାଯାଆନ୍ତି ନାହିଁ; କେଣ୍ଟ୍ ଭଦ୍ରସମାଜରେ ସେମାନେ ପରିଚିତ ନ ହେବାହିଁ ସ୍ୱାଭାବିକ । ଏ ଦୁହିଁଙ୍କୁ ଦେଖି ଅନେକ ଟୋକା ଡେପୁଟି ଓ ପ୍ରଫେସର—ଏପରି କି ଅଣ୍ଡର ସେକ୍ରେଟେରୀ ରାୟବାହାଦୁର ସୁବୁଦ୍ଧି ମଧ୍ୟ ଏମାନଙ୍କ ପରିଚୟ ପାଇଁ କୌତୂହଳୀ ହୋଇ ପଡ଼ିଥିଲେ । ତାହାର ଫଳ ଏତିକି ହେଲା ଯେ, ବନଦ୍ୟୁ ବାବୁ ଜଣେ ଜଣଙ୍କୁ ତାଙ୍କର ପରିଚୟ ଦେଇ କହୁଥିଲେ—'ସିଦ୍ଧେଶ୍ୱର ବାବୁଙ୍କ ଭାବୀ ଜାମାତା ଓ ତାଙ୍କର ବନ୍ଧୁ ।' କ୍ରମେ କ୍ରମେ ପାର୍ଟିର ଉପସ୍ଥିତ ସମସ୍ତେ ଏ ଖବର ଜାଣି ପାରିଲେ; ପ୍ରଦୋଷକୁ ଅକାରଣେ ଅନେକ କରମର୍ଦ୍ଦନ ଅନୁଭବ କରିବାକୁ ପଡ଼ିଲା । କନ୍‌ଗ୍ରାଚୁଲେସନ, ହାଉ-ଡୁ-ଇଉ-ଡୁ ଶୁଣିବାକୁ ପଡ଼ିଲା ଏବଂ ଭୁବନ ଭାଗ୍ୟରେ ସେଥିରୁ କଥଞ୍ଚିତ୍ ଲାଭ ମଧ୍ୟ ହେଲା ।

ଏ ଦୁହିଁଙ୍କର ବେଶଭୂଷା ଓ ସାଜସଜ୍ଜା କ୍ଳାସ୍ ପାଠ ଭିତରେ ଏମାନେ ଅଲଗା ବାରି ହୋଇ ପଡ଼ୁଥିଲେ ଏବଂ ସେମାନଙ୍କ ପ୍ରତି ଏତେ ଦୃଷ୍ଟି ପଡ଼ିବାର ଏହା ଅନ୍ୟତମ କାରଣ । ପ୍ରଦୋଷ ପିନ୍ଧି ଆସିଥିଲା ଖଦଡ଼ର ଧୋତି, ପଞ୍ଜାବୀ, ତା ଉପରେ ଜହରଲାଲ୍ ଫତେଇ, ମୁଣ୍ଡରେ ଗାନ୍ଧୀଟୋପି ଓ ଗୋଡ଼ରେ ଚପଲ । ଅତି ସୁନ୍ଦର ଭାବରେ ଏ ପୋଷାକ ତାକୁ ସାଜିଥିଲା; ଭୁବନ ଗାନ୍ଧୀଜୀଙ୍କ ପଟ୍ଟଶିଷ୍ୟ ପରି କେବଳ ଖଦଡ଼ ଲୁଗା ଓ ଚଦରରେ ଭୂଷିତ ହୋଇ ଆସିଥିଲା; ତାହା ମଧ୍ୟ ତାକୁ ପାର୍ଟିର ପ୍ୟାଣ୍ଟକୋଟ ଟାଇକଲର ଜଙ୍ଗଲ ଭିତରେ ମହର୍ଷି ବୋଲି ପ୍ରକଟ କରୁଥିଲା ।

ଦୂରରୁ ଏମାନଙ୍କୁ ଦେଖି ପ୍ରଶାନ୍ତକୁ ଅରୁଣା କହିଲା, 'ପ୍ରଦୋଷ ବାବୁ ତ ଆଜି କାହିଁକି ଜହରଲାଲଙ୍କ ବଡ଼ ଭକ୍ତ ହୋଇ ପଡ଼ିଛନ୍ତି ?'

ପ୍ରଶାନ୍ତ କହିଲା, 'ଦୂର; ସିନେମାର ସେହି ହିରୋର ପୋଷାକ ତ ଠିକ୍ ଏହିପରି ଥିଲା । ଜହରଲାଲଙ୍କର ଏ ପୋଷାକ ତ ଖାସ ତାଙ୍କର ସାଜ ନୁହେଁ ।'

ଅରୁଣା ହସି ହସି କହିଲା, 'ତୋର ତ ଖୁବ ପସନ୍ଦ ହୋଇଛି ! ଆଗରୁ ଭଲ ପାଇବା ଜମିଗଲାଣି ପରା । ସେ ଖବର ତ ମୋତେ ଦେଇନାହୁଁ !'

ପ୍ରଶାନ୍ତ ବିରକ୍ତିର ଅଭିନୟ କରି କହିଲା. 'ତୁ ଭଲପାଇବାରେ ପଡ଼ିନାହୁଁ । ମୁଁ ଭଲ-ପାଇବା ନା ଆଉ କିଛି !'

ରବିପ୍ରିୟ ବାବୁ ଖୁବ ବଡ଼ ଓକିଲ; ସେ ଅନେକ ଦିନ ଗଭର୍ଣ୍ଣମେଣ୍ଟ ପ୍ଲିଡ଼ର ଥିଲେ । ସିଦ୍ଧେଶ୍ୱର ବାବୁଙ୍କ ସହିତ ତାଙ୍କର ଏକାନ୍ତ ବନ୍ଧୁତା—ଅଳ୍ପ ନୁହେ ବହୁଦିନର । ଦୁହିଁଙ୍କ ପରାମର୍ଶରେ ଏ ପାର୍ଟିକୁ ପ୍ରଦୋଷ ଓ ତାଙ୍କ ବନ୍ଧୁ ଭୁବନର ନିମନ୍ତ୍ରଣ । ପ୍ରଶାନ୍ତ ସହିତ ପ୍ରଦୋଷର ମୁହାଁମୁହିଁ ପରିଚୟ କରାଇ ଦେବା ଏମାନଙ୍କ ଏ ନିମନ୍ତ୍ରଣର ଏକମାତ୍ର ଉଦ୍ଦେଶ୍ୟ ।

ସାଢ଼େର ଭୁବନ ଅପରୁ ନିଜେ ବନବିହାରୀ ବାବୁ ପ୍ରଦୋଷଙ୍କ ଘରେ ପହଞ୍ଚିଲେ । ପ୍ରଦୋଷ ଓଡ଼ିଲ ବନପ୍ରିୟ ବାବୁଙ୍କୁ ଚିହ୍ନିଛି, ତାଙ୍କୁ ଦେଖିଛି ।

ବନବିହାରୀ ବାବୁ ଆସନ ଗ୍ରହଣ କରି କହିଲେ, 'ତମେ ମୋତେ ଚିହ୍ନିପାରୁ ନାହଁ, ବାବୁ ! ନ ଚିହ୍ନିବା କଥା ତ । ତମର ବାପା ଥିଲେ ମୋର ଘନିଷ୍ଠ ବନ୍ଧୁ । ସେ ଏଠାକୁ ଆସିଲେ ଘଣ୍ଟା ପରେ ଘଣ୍ଟା ଆମେମାନେ ଏଇଠି କଟାଉଥିଲୁ । ତାଙ୍କର ଯେତେ ମନକଥା ସବୁ ମୋର ଜଣାଥିଲା । ତମେ ସେତେବେଳେ ପିଲା ।'

ଏ ଭଦ୍ରଲୋକ ଯେ କେଉଁ ଅର୍ଥକୁ ପିତା ପ୍ରଦୋଷ କିଛି ଠିକ କରି ନ ପାରି ଚୁପ୍ ରହିଲା ।

ବନବିହାରୀ ବାବୁ କହିବାରେ ଲାଗିଲେ, 'ପିଲାଦିନେ ତମେ ଏ ସହରକୁ ଆସିଲେ, କେତେଥର ଆମ ଘରକୁ ଯାଇଥିବ; ତୁମ ତ ତମର ମନେ ନାହିଁ । ତମେ କଲେଜରେ ପଢ଼ୁଥିଲ, ସେ ପର୍ଯ୍ୟନ୍ତ ଖବର ରଖିଛି । ତା ପରେ ତମ ବାପାଙ୍କର କାଳ ହୋଇଗଲା; ସବୁ ଲେଖାଲେଖି ବନ୍ଦ ହୋଇଗଲା । ଆଉ ତମର ଖବର କିଛି ରଖି ପାରିଲି ନାହିଁ । ତମର ବାପା ଥିଲେ ମୋର ବନ୍ଧୁ—ଏପରି ବନ୍ଧୁ ଆଉ ଜୀବନରେ ମିଳିବ ନାହିଁ । ସେ ଥିଲେ ମଣିଷଙ୍କ ଭିତରେ ସୁନା, ଆସୁର ବ୍ୟବହାର, ବିଷୟ ସମ୍ପତ୍ତି ସବୁଥିରେ ଥିଲେ ଖାଣ୍ଟି ଦର !

ସେ କିଛିକ୍ଷଣ ନୀରବ ରହି କହିଲେ, 'ଭୁବନ ତଳେ ହଠାତ୍ ତମ ଖବର ପାଇଲି, ସିଦ୍ଧେଶ୍ୱର ବାବୁଙ୍କଠାରୁ । ତମ ମାଉସୀ ସେ ଖବର ପାଇ ତମକୁ ଦେଖିବାପାଇଁ ବଡ଼ ଉତ୍କଣ୍ଠିତ । ଶନିବାର ସନ୍ଧ୍ୟାବେଳେ ଆମ ଘରେ ଗୋଟାଏ ଟି ପାର୍ଟି ହେଉଛି, ତମେ ନିଶ୍ଚୟ ଯିବ ।'

ଭୁବନକୁ ଦେଖି ପ୍ରଦୋଷକୁ ପଚାରିଲେ, 'ଏ ବାବୁଙ୍କୁ ତ ଚିହ୍ନି ପାରୁ ନାହିଁ ।'

—'ମୋର ବନ୍ଧୁ ଶ୍ରୀ ଭୁବନମୋହନ ଦାସ ।'

—'ସେ ମଧ୍ୟ ଯିବେ । ତାଙ୍କୁ ମଧ୍ୟ ମୋର ନିମନ୍ତ୍ରଣ । ନିଶ୍ଚୟ ଯିବ ବାବୁ !'

ତା ପରେ ବନପ୍ରିୟ ବାବୁ ଏମାନଙ୍କୁ ଚୋଟାଏ ସୂଚନା ଦେବା ଉଦ୍ଦେଶ୍ୟରେ କହିଲେ, 'ପାର୍ଟିକୁ ସିଦ୍ଧେଶ୍ୱର ବାବୁ ଓ ପ୍ରଶାନ୍ତ ମଧ୍ୟ ଯିବେ । ପ୍ରଶାନ୍ତ ଆଜି ଆମ ଅଞ୍ଚଳର ଭିତରେ ଖବ୍ ଉନ୍ନତିଶୀଳ କି ନା !'

ବନପ୍ରିୟ ବାବୁ ବିଶିଷ୍ଟ ରାଜଭକ୍ତ ବୋଲି ପ୍ରସିଦ୍ଧ । ପାର୍ଟି ଦେଇ ସରକାରୀ କର୍ମଚାରୀମାନଙ୍କର ଚର୍ଚ୍ଚା କରିବାଠାରୁ ଅଧିକ ରାଜଭକ୍ତିର ଆଉ କି ଅଧିକ ପ୍ରକାଶ ଥାଇପାରେ ? ତେଣୁ ତାଙ୍କ ଘରେ ସାଧାରଣତଃ ନାନାପ୍ରକାର ପାର୍ଟି—ଡାଇନିଂ ପାର୍ଟି, ଟି ପାର୍ଟି, ଡିନର ପାର୍ଟି, ଫେୟାର-ୱେଲ ପାର୍ଟି, ୱେଲ୍‌କମ୍ ପାର୍ଟି ହୋଇଥାଏ ।

ବନପ୍ରିୟ ବାବୁ ଯିବାପରେ ଭୁବନ କହିଥିଲା, 'ନେ — ଏ ଆଉ ଚୋଟାଏ ସୁଯୋଗ । ମୁଁ କହୁଛି, ସିଧା ସଳଖ ତୁ ସିଦ୍ଧେଶ୍ୱର ବାବୁଙ୍କ ଝିଅକୁ ବିବାହ କରିବାପାଇଁ ରାଜି ହୋଇଯା, ନ ହେଲେ ନିସ୍ତାର ନାହିଁ କି ନିଷ୍କୃତି ନାହିଁ । ବହୁତ କୁଣ୍ଠିତଙ୍କରକୁ ସିନା ମନ୍ଦ ବୋଲିଲ ଝୁଲାଇ ବୁଲୁଥାଇ ଦେଲୁ; ଭାବିଥିଲୁ, ତାର ବଶ୍ୟ ନାହିଁ ଏ କଥାରେ ପୂର୍ଣ୍ଣଚ୍ଛେଦ ଦେବାପାଇଁ ଯଥେଷ୍ଟ ହେବ । ଫଳତ ଫଳିଲା ଓଲଟା । ନେ ବାବୁ, ସମାଳ; ଭଉଣୀ କରୁଛୁ ଭର । ମୁଁ ଏ ପାର୍ଟିପାର୍ଟିକୁ ଯାଉନାହିଁ । ମୋତେ ତୋର ଗୁମାସ୍ତା ବା ମ୍ୟୁନିସିପାଲିଟିର ଟିକସ ଆଦାୟକାରୀ ବୋଲି ପରିଚୟ ଦେଇଥିଲେ ତ ମୁଁ ଅବ୍ୟାହତି ପାଇ ଥାଆନ୍ତି । ଏ ବିଷୟରେ ସତ୍ୟସନ୍ଧ ନ ହେଲେ ପୃଥିବୀ ପ୍ରଳୟ ହୋଇଯାଇ ଥାଆନ୍ତା ପରା !'

ପ୍ରଦୋଷ କହିଲା, 'ତୁ ଚିନ୍ତାଯାଆ ନାହିଁ, ଭୁବନ । କଥାଟାକୁ ଭଲେଇ ଦେଖ । ବିପଦ ଯେତେବେଳେ ପଡ଼ିଲାଣି, ତା ଆଗକୁ ଯାଇ ତା ସହିତ ଲଢ଼ିବା ଠିକ୍, ପଳାଇ ଗଲେତ ବିପଦ ପଳାଇ ଯିବନାହିଁ, ମୁଁ ଭଉଣୀ କରୁଛି କାଲି, ଆମେ ଦୁହେଁ ପାର୍ଟିକୁ ଯିବା, ଦଶଙ୍କ ସହିତ ପରିଚୟ ମଧ୍ୟ କରିବା । ତା ପରେ ଭାମକୀ ବୁଲିବ ସମାନ ସମାନ ଭୂଇ ପଶି ଭିତରେ ।'

ଭୁବନ ବିରକ୍ତ ହୋଇ କହିଲା, 'ହଉ ବାବୁ, କ'ଣ କରୁଛୁ କର । ମୁଁ କହି ରଖୁଛି, ସରକାରୀ ଚାକିରିଆ ଆଉ ସ୍ୱଜନଭକ୍ତଙ୍କ ଗହଳରେ ମୋତେ ଆଦୌ ଭଲ ଲାଗେ ନାହିଁ । ସେମାନଙ୍କ ରଙ୍ଗଢଙ୍ଗ ସହିବା ପରି ଧୈର୍ଯ୍ୟ ମୋର ନାହିଁ । ତୁଏତ କୃପଣ ହେଉ ହେଉ କୃପଣ ହୋଇ ବସିବୁ—ମୁଁ ଜାଣେ ।'

ପାର୍ଟିରେ ଦୁହେଁ ଯେ ଆଦୌ ସୁଖ ଅନୁଭବ କରୁ ନ ଥିଲେ, ସେମାନଙ୍କ ମନ ଭିତରେ ଯେ ଗୋଟାଏ ଧୂମାଭ ବିରକ୍ତି ବିଷଧର କୁଣ୍ଡଳି କରି ବୁଲୁଥିଲା, ସେମାନଙ୍କ ବସିବା ଭଙ୍ଗୀରୁ ତାହା ଜଣା ପଡୁଥିଲା । ସେମାନେ ଯେଉଁ ପୋଷାକ ପିନ୍ଧି ଆସିଥିଲେ ସରକାରୀ କର୍ମଚାରୀମାନଙ୍କୁ ଦୂରେଇ ଦୂରରେ ରଖିବା ଦିଗରେ ତାହା ଅନେକାନୁକୂଳ କାମ ଦେଉଥିଲା । ସେମାନେ ବନ୍ଧୁଗୋଷ୍ଠୀ ଭିତରେ ହଂସ ଦୁଇଟି ପରି ବସି ରହିଲେ ।

ଜନପ୍ରିୟ ବାବୁ ଅସ୍ତବ୍ୟସ୍ତ ହୋଇ ଆସି କହିଲେ, 'ପ୍ରଦୋଷ ! ତୁମେମାନେ ଏଠି ଭୂତ ହୋଇ ବସିଛ କାହିଁକି ? ଆସ, ଆସ !' ଏଇ ଅରୁଣା...'ଡାକୁ ଡାକୁ ପ୍ରଦୋଷ ଓ ଭୁବନଙ୍କୁ ହାତରେ ଧରି ସିଦ୍ଧେଶ୍ୱର ବାବୁଙ୍କ ପାଖକୁ ଚାଲିଲେ ।

—'ସିଦ୍ଧେଶ୍ୱର ବାବୁ, ସିନ୍ଧପୁର ଡେପୁଟି ମାଜିଷ୍ଟ୍ରେଟ; ଆଉ ଏ ତାଙ୍କ ଝିଅ ! ଅରୁଣା, ତୋର ପ୍ରଦୋଷ ଭାଇ ନୂଆ ହୋଇ ଆମ ଘରକୁ ଆସିଛନ୍ତି, ତୁ ଟିକିଏ ତାଙ୍କ ପାଖେ ପାଖେ ରହି ଆମ ଘରଟା ଦେଖାଇ ଦେ ।

ସେ ପୁଣି ଅସ୍ତବ୍ୟସ୍ତ ହୋଇ ଚାଲିଗଲେ ।

ସିଦ୍ଧେଶ୍ୱର ବାବୁ କହିଲେ, 'ବସ ବାବା ବସ ! ତମ ବାପାଙ୍କ ସହିତ ମୋର ଖୁବ ପରିଚୟ ଥିଲା । ବର୍ଷକୁ ଶହ ଶହ ନମ୍ବର ମାଲି ମକଦ୍ଦମା ଲାଗେ କିନା, ତାଙ୍କ ସହିତ ମୋର ପରିଚୟ ହେବାଟା ଖୁବ୍ ସ୍ୱାଭାବିକ । ମୁଁ ତାଙ୍କର ଅନେକ ମକଦ୍ଦମା ବିଚାର କରିଛି । ସେତେବେଳେ ମୁଁ ଜଳେଶ୍ୱର ଡେପୁଟି ।'

ସିଦ୍ଧେଶ୍ୱର ବାବୁଙ୍କ କଥାର ପାଣ୍ଠି ପ୍ରାୟ ସରି ଆସିଥିଲା, ଅଥଚ ପ୍ରଦୋଷ ବା ଜୀବନ କିଛି କହିଲେ ନାହିଁ।

ସେ କଅଣ କହିବେ, କଅଣ କହିଲେ କଅଣ ହେବ, କଅଣ ବା ନ କହିବେ କିଛି ଠିକ୍ କରି ନ ପାରି କହିଲେ, "ଏଇ ଆମର ପ୍ରତିଭା—ମେଡାଲ ପାଇଥିଲା ଗାର୍ଲ୍ସ ସ୍କୁଲରେ। ହେଡ୍ ପ୍ରିନ୍‌ସିପାଲ ମିସ୍ ସାଣ୍ଡର୍ସ କହୁଥିଲେ, 'Prativa is a very brilliant girl'—ଅର୍ଥାତ୍ ପ୍ରତିଭା ଖୁବ୍ ଭଲ ପିଲା।"

ଦୁଇବନ୍ଧୁ ଗମ୍ଭୀର ହୋଇ ବସି ରହିଲେ। ସିଦ୍ଧେଶ୍ୱର ବାବୁଙ୍କ କଥାରେ ପ୍ରତିଭା ବିରକ୍ତ ହେଲା, ଅରୁଣା ମୁହଁରେ ଦେଖାଦେଇ ଲୁଚିଗଲା ମୃଦୁହାସ୍ୟର ରେଖା !

ସିଦ୍ଧେଶ୍ୱର ବାବୁ ଏମାନଙ୍କୁ କହିବା'ପାଇଁ ଆଉ କଥା ଖୋଜି ପାଇଲେ ନାହିଁ। କିଛିକ୍ଷଣ ଚୁପ୍ ରହି କହିଲେ, 'ବସ ବାବା, ବସ; ମୁଁ ଟିକିଏ ରାୟବାହାଦୁର ସୁବୁଦ୍ଧିଙ୍କ ସହିତ କଥାବାର୍ତ୍ତା କରି ଆସେ। ଅରୁଣା-ମା-ତମେ ସବୁ ଏଇଠି ଥାଅ। ମୁଁ ଆସୁଛି।'

ସିଦ୍ଧେଶ୍ୱର ବାବୁ ତ ଚାଲିଗଲେ, ଅଡ୍ଡୁଆରେ ପଡ଼ିଲା ପ୍ରତିଭା ଆଉ ଅରୁଣା। ଏ ଧରଣର ଅବସ୍ଥାରେ କିପରି ଭାବରେ କଥା ଆରମ୍ଭ କରିବାକୁ ହୁଏ, ତାହା ହୁଏତ ଅନେକ ଉପନ୍ୟାସରେ ପଢ଼ିଛି, କିନ୍ତୁ ସେଥିରୁ କୌଣସି ଗୋଟାଏ ହଠାତ୍ ମନେପଡ଼ିଲା ନାହିଁ। ସେ ଯେତିକି ଭାବିଲା ସେତିକି ସବୁ ଗୋଳମାଳ ହୋଇଗଲା। ଚୁପ୍ ହୋଇ ବସି ରହିବା ଛଡ଼ା ତାର ଗତ୍ୟନ୍ତର ନ ଥିଲା; କିନ୍ତୁ ଅରୁଣା ତ ଚୁପ୍ ହୋଇ ବସିଲେ ଚଳିବ ନାହିଁ। ତାଙ୍କର ଯେ ଏ ଘର—ଏମାନଙ୍କୁ ତଦାରଖ କରିବା ଭାର ଯେ ତା ଉପରେ। ଚୁପ୍ ହୋଇ ବସି ରହିଲେ ପ୍ରଦୋଷ ବାବୁ ଆଉ ତାଙ୍କ ବନ୍ଧୁ କଅଣ ଭାବିବେ ତାଙ୍କୁ।

ଅରୁଣା ହଠାତ୍ ଆରମ୍ଭ କରିଦେଲା, 'ଆଚ୍ଛା, ଆପଣମାନେ ଖଦଡ଼ ପିନ୍ଧନ୍ତି କାହିଁକି ?'

ପ୍ରଦୋଷ ମୃଦୁ ସ୍ୱରରେ କହିଲା, 'ଲୁଗା ବୋଲି।'

—'ଏତେ ମୋଟା ଲୁଗା ! ଏକଦମ ଅସୁନ୍ଦର ! ! ଶୁଣି ଗାନ୍ଧି ଏଇଲୁଗା ପିନ୍ଧିବାକୁ କହୁଛି। ଆସ, ଗାନ୍ଧିଟାକ ସ୍ୱଜଦ୍ରୋହୀ !'

—'ହଁ, ସେ ଦେଶଦ୍ରୋହୀ ନୁହନ୍ତି ।'

—'ରାଜଦ୍ରୋହୀଠାରୁ ଦେଶଦ୍ରୋହୀ କଅଣ ଖରାପ ?'

—'ଏ କଥା କେବେ ଆପଣ ପଢ଼ି ନାହାନ୍ତି ?'

—'ଆମେ ତ ଏ ସବୁ ବହି ପଢ଼ିନାହୁଁ । କଲେଜରେ ତ ପଢ଼ା ହୁଏ ନାହିଁ ।'

—'ତେବେ ଗାନ୍ଧି ରାଜଦ୍ରୋହୀ ଏ କଥା ଜାଣିଲେ କେଉଁଠୁ ?'

—'ଲେଞ୍ଜ ପ୍ରିନ୍ସିପାଲ କହୁଥିଲେ ।'

—'ମିଷ୍ଟର ସାଣ୍ଡର୍ସ ? ଯେ ଶ୍ରୀମତୀ ପ୍ରଣତି ଦେବୀଙ୍କୁ ଖୁବ୍ ଭଲ ପିଲା ବୋଲି ସାର୍ଟିଫିକେଟ ଦେଇଥିଲେ ।'

—'ହଁ ସେ । ସେ କଅଣ ଠିକ୍ କହୁନାହାନ୍ତି ?'

—'ମୁଁ ତ ତାଙ୍କ ମତାମତର କୌଣସି ମୂଲ୍ୟ ନାହିଁ ବୋଲି କହୁଛି ।'

ତାକୁ ଅପମାନ କରାହେଲା ବୋଲି ପ୍ରଣତି ମନେକଲା । ସେ କହି ଉଠିଲା; 'ଗାନ୍ଧି ନିଶ୍ଚୟ ରାଜଦ୍ରୋହୀ ।'

—'ଆଉ ଆପଣ ଖୁବ୍ ଭଲପିଲା ?'

ଅରୁଣା ହସି ପକାଇଲା ।

ପ୍ରଣତି ନିଜକୁ ଏକ ଉପନ୍ୟାସର ନାୟିକା ଶ୍ରେଣୀରେ ସେତେବେଳକୁ ଭର୍ତ୍ତି କରି ନେଲାଣି । ସେ ପ୍ରଦୋଷର କଥାରେ ମଧ୍ୟ ବାଉଳା ହୋଇ ଉଠିଲା, ତେଣୁ ଅସ୍ତ୍ର ଉଣ୍ଡ ତଳ କରିବା ପାଇଁ ପ୍ରସ୍ତୁତ ହେଲା ।

ସେ କହିଲା, 'ଏଇଟା ବ୍ୟକ୍ତିଗତ ଅପମାନ । ଭଦ୍ର ସମାଜରେ ଏହା ଚଳେ ନାହିଁ ।'

ପ୍ରଦୋଷ ଗମ୍ଭୀର ସ୍ୱରରେ କହିଲା, 'ଭଦ୍ର ସମାଜ ଆପଣ କାହାକୁ କହନ୍ତି ?'

—'ଏଇ ଭଦ୍ର ସମାଜକୁ ।'

—'ଏଇ ଘରଦ୍ୱାରକୁ ! ଏଇ ଟେବୁଲ ଚୌକିକୁ ?'

ଅରୁଣା ହସି ପକାଇଲା ପୁଣି ।

ପ୍ରଣତି ଚିଡ଼ିଗଲା; କହିଲା 'ଆଃ ହସୁଛୁ ଅରୁ, ଭଦ୍ରସମାଜ ଜିନିଷଃ କଅଣ ପ୍ରଦୋଷବାବୁ ବୁଝିପାରୁ ନାହାନ୍ତି ?'

ପ୍ରଦୋଷ ଗମ୍ଭୀର ସ୍ୱରରେ ପୁଣି କହିଲା, 'ଭଦ୍ର ସମାଜ କାହାକୁ କହନ୍ତି ମୁଁ ମୋ ଅନୁସାରେ ବୁଝୁଛି; ଆପଣ ତାହାର ଅର୍ଥ କପଣ ବୁଝୁଛନ୍ତି ଜାଣିବାକୁ ଚାହୁଁଛି ।

ପ୍ରତିଭା ବିରକ୍ତ ହୋଇ କହିଲା, 'ଭଦ୍ର ସମାଜ ଅର୍ଥ ଭଦ୍ର ସମାଜ ।'

ପ୍ରକୃତରେ ଏହାର ଅର୍ଥ କଅଣ ତାର କୌଣସି ଧାରଣା ତା ମନରେ ନ ଥିଲା, କଥାର କଥା ରୂପେ ଏତକ କହିଦେଇ ସେ ଯେ କି ବିଡ଼ମ୍ବନାରେ ପଡ଼ିଛି, ତାହା ବୁଝିପାରିଲା । ଏହାହିଁ ତାର ବିରକ୍ତିର ବଡ଼ କାରଣ ।

ପ୍ରଦୋଷ ହସି ହସି କହିଲା, 'ଲେଡି ପ୍ରିନ୍ସିପାଲ ଗାନ୍ଧିଙ୍କୁ ରାଜଦ୍ରୋହୀ କହିଦେଇ ପାରନ୍ତି, ଆପଣଙ୍କୁ ଏତେବଡ଼ ମୌଖିକ ସାର୍ଟିଫିକେଟ ଦେଇପାରନ୍ତି, ଆଉ ଯେଉଁ ସମାଜର ଲୋକ ବୋଲି ଆପଣମାନେ ଗର୍ବ କରନ୍ତି, ତାର ପ୍ରକୃତ ଅର୍ଥଟା କଅଣ କହିଦେଇ ନାହାନ୍ତି ? ଛାଡ଼ନ୍ତୁ । ମୁଁ ଅରୁଣା ଦେବୀଙ୍କ ପ୍ରଶ୍ନର ଉତ୍ତର ଦେଉଛି । ପରାଧୀନ ଦେଶରେ ସବୁ ଧର୍ମ ମଧ୍ୟରେ ଶ୍ରେଷ୍ଠଧର୍ମ ରାଜଦ୍ରୋହ; କିନ୍ତୁ ପୃଥିବୀର ସବୁ ଦେଶରେ, ସବୁ କାଳରେ, ସବୁ ଅବସ୍ଥାରେ ଦେଶଦ୍ରୋହଠାରୁ ବଳି ଜଘନ୍ୟ କଦର୍ଯ୍ୟ ଘୃଣାର୍ହ ପାପ ଅଉ ବିଶ୍ୱବ୍ରହ୍ମାଣ୍ଡରେ ନାହିଁ । ଗାନ୍ଧିଙ୍କ ତୁମେ ହୁଅଁ, ଅମେ ହୁଅଁ — ଏ ହରକାଣ ସ୍ୱଭାବଆମାନେ ମଧ୍ୟ ହୁଅନ୍ତି, ଏ ଦେଶର ସାଧାରଣ ମନୁଷ୍ୟ ଶ୍ରେଣୀଠାରୁ ସେ ଢେର ତଳରେ ଅବସ୍ଥିତ । ସେ ନିଜକୁ ରାଜଦ୍ରୋହୀ ବୋଲି ଘୋଷଣା କରିଛନ୍ତି । ଶ୍ରେଷ୍ଠ ମାନବ ଯାହାକୁ ସ୍ୱୀକାର କରି ନେଇଛି, ଆମମାନଙ୍କ ପରି ନଗଣ୍ୟ ପକ୍ଷରେ ସେ ପ୍ରଶ୍ନହିଁ ତ ଉଠିପାରେ ନା; କିନ୍ତୁ ଦେଶଦ୍ରୋହୀକୁ ଦେଶର ଘୃଣ୍ୟତମ ମନୁଷ୍ୟ ମଧ୍ୟ ଘୃଣାକରେ । ଏହାହିଁ ତାର ଉପଯୁକ୍ତ ପୁରସ୍କାର ।'

ଅରୁଣା କହିଲା, 'ତେବେ ଆପଣମାନେ କଅଣ ଗାନ୍ଧିଙ୍କ ଭକ୍ତ !'

—'ଭକ୍ତ ବୋଲି ଆପଣ କଅଣ ମନେ କରୁଛନ୍ତି, ସେ କଥା ଜାଣେନା; କିନ୍ତୁ ତାଙ୍କୁ ହୃଦୟର ମହତ ସମ୍ମାନ କରିବା କଥା ଯଦି ଆପଣ ମନେକରି ଥାଆନ୍ତି, ତେବେ ମୁଁ ନିଜେ ଓ ମୋ ବନ୍ଧୁଙ୍କ ପକ୍ଷରୁ

ମୁଁ କହିପାରେ ଯେ, ଆମେମାନେ ଗାନ୍ଧିଜୀଙ୍କର ପୂର୍ଣ୍ଣପ୍ରାଣ ଭକ୍ତ; କିନ୍ତୁ ତାଙ୍କ ନୀତି ଅନୁସାରେ କାମ କରିବା, ଜୀବନଗଠନ କରିବା କଥା ଏବଂ ମନେକରନ୍ତି,—ଅନ୍ତତଃ ମୁଁ ତାହା ନୁହେଁ । ଆପଣମାନେ ନିଶ୍ଚୟ ଶୁଣିଥିବେ ମୁଁ ମଦ ପିଏ !'

ଅରୁଣା କହି ଉଠିଲା, 'ସେ ସବୁ ବ୍ୟକ୍ତିଗତ କଥା !'

—'ଭୁଲ କରୁଛନ୍ତି ଆପଣ; ସବୁ କଥାହିଁ କାହାରି ନା କାହାରି ବ୍ୟକ୍ତିଗତ କଥା—ଭଲ ହେଉ ବା ମନ୍ଦ ହେଉ । ମୁଁ ନିଜକୁ ନକଲି ମାଲ ପରି ଆପଣମାନଙ୍କ ସାମନାରେ ଛିଡ଼ା କରିବାକୁ ଚାହେଁ ନା । ଶ୍ରୀମତୀ ପ୍ରତିଭା ଦେବୀ ନିଶ୍ଚୟ ଜାଣନ୍ତି, ମୁଁ ମଦ ପିଏ; ଆପଣ ତାଙ୍କଠାରୁ ସେକଥା ଜାଣିଥିବା ଖୁବ୍ ସମ୍ଭବ । ଅଥଚ ମୁଁ ନିଜକୁ ଗାନ୍ଧିଜୀଙ୍କ ପ୍ରକୃତ ଭକ୍ତ ଭାବରେ ଦେଖାଇ ଆପଣମାନଙ୍କ ମନରେ ଗୋଟାଏ ଭୁଲ ଧାରଣା ଦେବି, ଏହା ମୋଦ୍ୱାରା ସମ୍ଭବ ନୁହେଁ । ମୁଁ ଖଦଡ଼ ପିନ୍ଧିଛି, ଏ ପାର୍ଟିରେ ଉପସ୍ଥିତ ଥିବା ସରକାରୀ କର୍ମଚାରୀ ଓ ସରକାରଙ୍କ ଅନ୍ୟ ସ୍ତାବକମାନଙ୍କଠାରୁ ଅଲଗା ରହିବା ଉଦ୍ଦେଶ୍ୟରେ । କିନ୍ତୁ ମୋର ନିଜ୍ ଜୀବନର କଥା ସ୍ୱତନ୍ତ୍ର ।

ପ୍ରତିଭାର କଥା ମନେ ହେଲା, ପ୍ରଦୋଷକୁ ସେ ଯାହା ମନେ କରିଥିଲା ସେ ତାହା ନୁହେଁ । ଏହିକ୍ଷଣି କେତେକ ବଡ଼ୁଛି ତା ଦୃଷ୍ଟିରେ ପ୍ରଦୋଷ ଯେପରି ସେତିକି ବଡ଼ ହୋଇ ଯାଉଛି ।

ପ୍ରଦୋଷ କହିଲା, 'ମୋର କୌଣସି ଦୋଷ ଦୁନିଆର କାହାରିଠାରୁ କଦାପି ଲୁଚିଉଛି ଏପରି ଗ୍ଳାନି ମୋ ଭିତରେ ବୋଧହୁଏ ନାହିଁ । ଅବଶ୍ୟ ଶ୍ରୀମତୀ ପ୍ରତିଭା ଦେବୀଙ୍କୁ କିଛି କହିବାର ଅଧିକାର ମୋର ନାହିଁ; କିନ୍ତୁ ଆପଣ ଯଦି ମୋତେ ଭାଇ ବୋଲି ସ୍ୱୀକାର କରନ୍ତେ ଅରୁଣା ଦେବୀ, ମୁଁ ଆପଣଙ୍କୁ ଗୋଟାଏ କଥା କହନ୍ତି ।'

ଅରୁଣା କହି ଉଠିଲା, 'ଆପଣ ଏଭଳି ଭାଇ ପାଇଲେ ମୋର ଗର୍ବର ସୀମା ରହିବ ନାହିଁ ତ ।'

—'ମଦୁଆ ଭାଇ !'

—'ହୁଁ, ମଜୁଆ ହେଉ—ଭନ୍ତୁ ଆପଣଙ୍କ ପର ଲୁଇ !'

—'କେବେ ଶୁଣ; ଥରେ ଏଇ ଦେଶଟା ଅଡ଼କୁ ଦୃଷ୍ଟି ଦେବାକୁ ଚେଷ୍ଟାକର ତମେ । ଏଇ ଦେଶଟା ଯେ ପରାଧୀନ ତାହା ତମ ଦୃଷ୍ଟିରେ ପଡ଼େ ନାହିଁ—ଏ ଦେଶର ଗରିବ ଦୁଃଖୀଗୁଡ଼ାକ ତ ପଡ଼ନ୍ତି । ତାଙ୍କ କଥା କେବେ ଭାବନ୍ତ ?'

—'ସେମାନେ ତ ଗରିବ; ତାଙ୍କ କଥା ଭାବିବ କଅଣ ?'

—'କେବେ କଅଣ ଭାବ ନାହିଁ, ସେମାନେ ଗରିବ ଡାହିଁକି ? ତାଙ୍କ ଘରେ ତ ତମର ପର ଛୁଇଁ ଅଛନ୍ତି; ତମେ ତମ ଇଚ୍ଛା ଅନୁସାରେ ଶାଢ଼ୀ ଖଣ୍ଡେ ନ ପାଇଲେ ଦୁଃଖୀ ହୋଇପଡ଼—ଆଉ ସେମାନେ ଯେ ଖଣ୍ଡେ ନୂଆଲୁଗାର ଚେହେରା ଦେଖି ପାରନ୍ତି ନାହିଁ, ସେଥିରେ ତାଙ୍କର ଦୁଃଖ ହୁଏ ନାହିଁ କି ? ଖାଇବାକୁ ନ ପାଇଲେ ସେମାନଙ୍କୁ କଷ୍ଟ ହୁଏ ନାହିଁକି ? ରୋଗରେ ପଡ଼ିଲେ ସେମାନଙ୍କୁ ଔଷଧ ମିଳେ ନାହିଁ, ସେମାନେ ମରନ୍ତି—ସେଇଟା ଠିକ୍ କି ?

—ଏସବୁ ଝିଅରେ ଖୁବ ଦେଖିବ ?

ବନପ୍ରିୟ ବାବୁ ଝୁଙ୍କ ପଡ଼ ଆସି ପହଁଚି କହିଲେ, 'କଅଣ ଖୁବ ଦେଖିବ ?—ଓଃ, ଖବ ଅକାଳ ଜମି ଯାଇଛି । ବାଃ, ବେସ୍, ବେଶ୍ ।

ସିଦ୍ଧେଶ୍ୱର ବାବୁ ଦୂରରୁ ଏମାନଙ୍କର କଥାବାର୍ତ୍ତା ଲକ୍ଷ୍ୟ କରୁଥିଲେ; ଏମାନଙ୍କ ଭିତରେ ଯେ ଏତେ ଶୀଘ୍ର ଏପରି ଘନିଷ୍ଠତା ଜମି ଉଠୁଛି ତାହା ଦେଖି ସେ ଆନନ୍ଦିତ ହୋଇ ଉଠିଲେ । ମନକୁ ମନ ସେ କହୁଥିଲେ, 'ଠିକ୍ ପ୍ଲାନ ! ମୋ ପ୍ଲାନ ଅନୁସାରେ କାମ ଚାଲୁଛି ।'

ପାର୍ଟି ଶେଷରେ ପ୍ରଦୋଷ ଓ ଭୁବନ ପଦ୍ମାକୁ ବାହାରି ଆସିଲେ ।

ଭୁବନ କହିଲା, 'ବାବା ୧୪୪ ଧାରା ଜାରିକଲା । ମୋର ଦମ୍ ବନ୍ଦ ହେବାର ଆଶଙ୍କା ହୋଇଥିଲା, ପ୍ରଦୋଷ !'

## —ଶୋକ୍ଷ—

ବଲ୍ଲୀଶ୍ତ ଝାଙ୍ଗର ଭୂଇଁ କଟକ ଦେହରେ ମିଶି ଯାଇଛି; ମଝିରେ ମଝିରେ ଖଣ୍ଡେ ଖଣ୍ଡେ ଗାଆଁ ଚୋଥା ଉହାଡ଼ରୁ ଅବସ୍ପଷ୍ଟତା ପଲ୍ଲୀ-ବାଳା ପରି ଦେଖାଯାଉଛି ।

ଯାନ ନଈ ଖଣ୍ଡେ; ଦୁଇକୂଳରେ ଦୁଇ ବଡ଼ ବଡ଼ ଅତଡ଼ା; ବାଲି ଶେଯ ଉପରେ ତାର ଷୀଣସ୍ରୋତ ସ୍ୱରର ଜରବାଚ୍ଛିନ୍ନ ମୂର୍ଚ୍ଛନା ପରି ସ୍ୱଳିତ ନିରବଚ୍ଛିନ୍ନ ଗତିରେ ।

କୂଳର ଅତଡ଼ା ଉପରେ ଗାଆଁ ଖଣ୍ଡେ;ତା ଭିତରୁ ଗୋଟାଏ ବଡ଼ ଦୋତାଲା କୋଠା ଗାଁର ସାଧାରଣ ଘରଗୁଡ଼ାକୁ ବ୍ୟଙ୍ଗ କଲାପରି ଆକାଶ ଦେହକୁ ଉଠି ଯାଇଛି । ସ୍ବର୍ଣ୍ଣକୋଣ ଅବାନ୍ତର ଲୋକେ ଏ ସୌଧ ପ୍ରତି ଅଙ୍ଗୁଳି ଦେଖାଇ କହନ୍ତି—'ସାଆନ୍ତଙ୍କ ଭଆସ ।' ନଈ-କୂଳ ଉପରେ ଭଆସ; ତାର ଦୁଇ ପଟରେ ଯେତେଦୂର ଆଖି ଯାଏ ଆମ୍ବ ପଣସର ତୋଟା ।

ବୁଢ଼ା ନାଏବ ବାବୁ ଅଚକ୍ଷୁକମାନଙ୍କୁ କହୁଥାଆନ୍ତି, 'ସାଆଁନ୍ତାଣୀ ଯାଇଥିଲେ, ଭଆସରୁ ଆନନ୍ଦ ଉତ୍ସବ ସବୁଗଲା; ସାଆନ୍ତେ ଗଲେ ତା ସଙ୍ଗତ ଭଆସର ଭଆସପଣିଆ ଗଲା; ପୋଇଲି ପରିବାଙ୍କ ଗଲେ, ଭିତର ଭଆସରେ ଆଉ କଲେଇ କୁଆଁଟିଏ ମଧ୍ୟ ନାହିଁ ।'

ଛିଡ଼ାଏ ରହି ପୁଣି ବୁଢ଼ା ପୁଣି କହନ୍ତି, "ସାନ ବାବୁ—ମଣିଷ ନୁହଁ, ଦେବତା—ସ୍ୱର୍ଗର ଦେବତା । କ ଙ୍କୁ ଧରୁଛି ତାଙ୍କୁ, କହନ୍ତି 'ଦାଦ, ଗରିବର ରକ୍ତରେ ଏ ସବୁ ଛଆରି । ଏତେବଡ଼ ଘର ଛଆଣି କରିବାପାଇଁ କେତେ ଗରିବର ସ୍ନାୟୁର ରକ୍ତ ଖରଚ ହୋଇଥିବ, କେତେ ଗରିବ ମୁଠାଏ ଖାଇବାକୁ ନ ପାଇ ମରିଥିବେ, କେତେ ଗରିବର ପିଲାକବିଲା ଦାଣ୍ଡରେ ଛିଡ଼ା ହୋଇଥିବେ । ତୁଏତ ବୁଢ଼ା ସାଆନ୍ତେ ଏ ସବୁ ଜାଣି ନ ଥିଲେ, ବୁଝି ନ ଥିଲେ । ଏ ଘରେ ରହିଲେ ମୋତେତ ବାସ୍ନାପରି ଲାଗୁଛି, ଦାଦ ।' ଟ୍ରେନ୍ ପଡ଼ିଛନ୍ତି, ବଡ଼ ପାସ କରିଛନ୍ତି, କେଉଁ ବହିରେ ଏ ସବୁ ଲେଖାଥିବ—ତାଙ୍କ ମୁଣ୍ଡକୁ

ଧରିଛି । ଘରକୁ ଗୋଟିଏ ବୋହୂ, ସାଆନ୍ତାଣୀ ଅସନ୍ତେ, ପୁଣି ସବୁ ବଦଳି ଯାଆନ୍ତା, ପୁଣି ବୁଢ଼ୀଅଡ଼େ ଘାପ କଳ ଉଠନ୍ତା ।'

ବୋଝା ଭିତରେ ନଈକୁ ବାଟ । ଏ ବାଟରେ ଗାଆଁର ଲୋକେ ଗାଧୋଇ ଯାଆନ୍ତି, ଗାଆଁର ସ୍ତ୍ରୀଲୋକମାନେ ପାଣି ଆଣନ୍ତି ।

ପ୍ରଦୋଷ କିଛିଦିନ ହେଲା ଗାଆଁକୁ ଆସିଛି । ତାର ବାପଙ୍କ ସମ୍ପତ୍ତିର ଭାର ନାଏବ ବାବୁଙ୍କ ଉପରେ । ସେ କହନ୍ତି, 'ବାପ, ଏ ସମ୍ପତ୍ତି ମୋର ନୁହେଁ-ପରିବାମାନଙ୍କର, ତାଙ୍କର କାମରେ ଲଗାଇବା ପାଇଁ ଏହା କେବଳ ମୋ ପାଖରେ ରଖାହୋଇଛି । ମୋର ଯାହା ଖରଚ ତାହା ସେଥିରୁ ନେବି—ଏଇଟା ହେଲା ମୋର ମଜୁରି, ତା ଛଡ଼ା ବାକିତକ ସବୁ ତାଙ୍କର । ସେଇଥିପାଇଁ ତ କହୁଛି, ଯାହା ନ୍ୟାଯ୍ୟ, ଯାହା ଠିକ୍ ସେହି ଅନୁସାରେ ଆମେ ଚଳିବୁ; ତାହାର ଉପରେ ଅନ୍ୟାୟ ବା ଜୁଲମ କରିବା କାହିଁକି ?'

ସେ ଯେ ଜମିଦାରି କାମକୁ ବୁଝିବାକୁ ଆସିଛି, କେବଳ ତାହା ନୁହେଁ; ନିଜଠାରୁ ନିଜେ ଟିକିଏ ଛୁଟି ନେବା ତାର ପ୍ରଧାନ ଉଦ୍ଦେଶ୍ୟ । ଏଇ ଦୁଇ କିଛିଦିନ ଭିତରେ ସେ ବୁଝିପାରିଛି, ସହରର କୋଳାହଳ ଭିତରେ ନିଜକୁ ହଜାଇ ଦେଇ ଭୁଲି ରହିବା ସହଜ; କିନ୍ତୁ ଗାମର ଶାନ୍ତି ଭିତରେ ନିଜେ ନିଜକୁ ନେଇ ଚଳିବା, ନିଜ ପାଖରେ ନିଜେ ସବୁବେଳେ ହାଜର ରହିବା ଅତି ଭୀଷଣ କଥା । ନିଜର ଭାର ନିଜ କାନ୍ଧକୁ ଯେ ଏତେ ବେଶୀ ପୀଡ଼ାଦିଏ, ତାହା ଏହି କିଛିଦିନ ଭିତରେ ସେ ମର୍ମେ ମର୍ମେ ବୁଝିପାରିଛି । ଅନ୍ଧାର ରାତି, ଦୁଇପ୍ରହର । ଗାଆଁ ଆରପାଖ ବୁଦ୍‌ବୁଦ୍‌କିଆ ଜଙ୍ଗଲ ଭିତରୁ ବିଲୁଆ ହାକି ଉଠିଲେ । ବୁଢ଼ୀଅଡ଼ ନିଶୂନ, ନିସ୍ତବ୍ଧ, ନିଦ୍ରାମଗ୍ନ । ହଠାତ୍ ପ୍ରଦୋଷ ନିଦରୁ ଉଠି ସୀତାର ବଜାଇବା ଆରମ୍ଭ କରିଦେଲା; ତାହାର ଝଙ୍କାର ଗ୍ରାମର ଘରେ ଘରେ ଖେଳି ବୁଲିଲା । ସେତେବେଳେ ଯେଉଁମାନେ ନିଦରୁ ଉଠିଥିଲେ କହିଲେ, 'ପଡ଼ିଆ ଉପରେ ସାଆନ୍ତ ଘର ସାନ ବାବୁ ଯନ୍ତ୍ର ବଜାଉଛନ୍ତି ।' ପୂର୍ବଦିଗରେ ସୁନାସୁ ଫାଟିବା ଉପରେ, ଗାଆଁର କୁଳବଧୂମାନେ ନଈକୁ ଗାଧୋଇ ଯାଉ ଯାଉ ଦେଖିଲେ,

ସାନବାବୁ ତୋଷା ଭଳି ଧରି କୁଅଣ୍ଡେ ବୁଲୁଛନ୍ତି । ଯେଉଁଦିନ ଯାନା ଘାଣର ଓ ବୁଅ ପୁଅକୁ ସେ ଡାକେଇ ନିଜ ଘରକୁ ନେଇ ଆସିଲେ, ସେ ଦିନ ଗାଆଁର ଏ ମୁଣ୍ଡ ସେମୁଣ୍ଡ ଗୋଟାଏ ଚହଳ ପଡିଗଲା । ଗାଆଁର ବୁଢ଼ା ପୁରୋହିତ କହିଲେ 'ସାନ ବାବୁ ସାହେବ ଜାତିରେ ମିଶି ଗଲେଣି ।'

ସକାଳୁ ଡେଢଘଣ୍ଟା ଜମିଦାରୀ କଚେରୀରେ ନାଏବ ବାବୁଙ୍କ ସହିତ ମିଛରେ କାଗଜପତ୍ର ଘାଣ୍ଟି, ଉପଦେଶ ବାଣ୍ଟି ଘଣ୍ଟାଏ ସେ କୌଣସି ମତେ; ତାପରେ ସାରାଦିନର ନିଃସଙ୍ଗ ନୀରବତା ଜେଲଖାନାର ଠଣ୍ଡା ଗାରଦ ପରି ତାକୁ ଘେରିଆସେ ଚୁପିଧରେ । ତାର ଅବସରର ଅଖଣ୍ଡତା ନାଗପାଶ ପରି ତାକୁ ଅଷ୍ଟେପୃଷ୍ଠେ ଭିଡି ବାନ୍ଧି ପକାଏ । ତାର ନିଜ ଜୀବନର ଓଜନ ହିମାଳୟ ବୋଝ ପରି ତାକୁ ମାଡି ବସେ । ସେ ଭାବେ, ପୃଥିବୀରେ ହଠାତ୍ ଯଦି ବାୟୁମଣ୍ଡଳ ଉଭେଇଯାଏ, ତେବେ ପ୍ରତି ମଣିଷର ଓଜନ ତା କାନ୍ଧରେ ଦଶ ମହଣ ବୋଝପରି ମାଡି ବସିବ; ଠିକ୍ ସେହିପରି ମଣିଷ ମନ ଭିତରର ବାୟୁମଣ୍ଡଳ କମିଗଲେ ଆଲ୍ଲାଉଦ୍ଦିନ ଗଳ୍ପର ସିନ୍ଦବାଦ ଭୂତପରି ଜୀବନର ବୋଝଟା ଅଷ୍ଟ୍ରଭୁ କାନ୍ଧରେ ଚଢ଼ି ବସେ । ମନେହୁଏ ପୁଣି ସେ ସହରକୁ ଫେରିଯିବ; କିନ୍ତୁ ଯେଉଁ କାରଣରୁ ସେ ସହରରୁ ଚାଲି ଆସିଛି ତାହାତ ଆଜିଯାଏ ଦୂର ହୋଇ ନାହିଁ । ସେ ଫେରିବ କେମିତି ?

ଜୀବନ ଗହଳି ଭିତରେ—ଏହି ଗହଳିଠାରୁ ନିଜକୁ ଦୂରରେ ରଖିବାପାଇଁ ସେ ମଦ୍ୟପାନର ଠାକୁରମୂର୍ତ୍ତି ସ୍ଥାପନ କରିଥିଲା; ନିଜର କ୍ଷତବିକ୍ଷତ ଆତ୍ମାର ଯନ୍ତ୍ରଣାଟାକୁ ବୁଡାଇଦେବା ପାଇଁ ସେ ସୁରାର ଆଶ୍ରୟ ନେଇଥିଲା—ଠିକ୍ ଯେପରି ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଥିବା ରୋଗୀକୁ ମରଫିଆ ଇଞ୍ଜେକ୍ସନ ଦିଆଯାଏ, ସେହି ଭଳିରେ । ସେ କୌଣସି ଦିନ କୌଣସି ଈଶ୍ୱର ବା ଦେବତା ବିଶ୍ୱାସ କରୁ ନ ଥିଲା । ଏହି ଦୁନିଆର ବାସ୍ତବ ଯାହା ତାହାହିଁ ଥିଲା ତା ପକ୍ଷରେ ସତ୍ୟ—ଦୁନିଆ ବାହାରେ ଥିବା ଅପାର୍ଥିବ ବସ୍ତୁକୁ ଖୋଜିବା, ତାକୁ ନେଇ ସମୟ କଟାଇବାର ଇଚ୍ଛା ତାର ନ ଥିଲା, ନା

ଥିଲା ସମସ୍ତ । ସେ କହେ, ଲକ୍ଷ କୋଟି ମାଇଲ ଦୂରରେ ମହା-ବ୍ୟୋମରେ ସେଇ ଯେ ଜ୍ୱାଳାମୟ ନୀହାରିକା ମଣ୍ଡଳ ଅଗଣିତ ସୌର ଜଗତର ମହାଭ୍ରୂଣ ପରି ଭାସି ବୁଲୁଛି, ତାହାର କି ରହସ୍ୟ ଜାଣୁ ଆମେମାନେ ? ସେଇ ଯେ ଶୁକ୍ର—ଆମର ଏ ପୃଥିବୀର ନିକଟତମ ପ୍ରତିବେଶୀ—ନିତି ସଞ୍ଜ ସକାଳର ଶେଷ ପ୍ରହର କୁହୁଁ ତାରା ହୋଇ ଆମର ଆଖିରେ ସ୍ୱପ୍ନସୃଷ୍ଟିର କାଉଁରୀ ମନ୍ତ୍ର ଛୁଆଁଇ ଦିଏ, ତା ବିଷୟରେ କଅଣ ଆମେ ଜାଣୁ ? ଅଥଚ ଆମେ ସମସ୍ତେ ଏହି ଗୋଟାଏ ବିଶ୍ୱର ଲୋକ, ଅଥଚ ଏହି ମାଟିର ପୃଥିବୀ ସହିତ ସେମାନଙ୍କର ସମ୍ପର୍କ ରହିଛି । ଏହି ଯେ ନୈଶ ଆକାଶରେ ଅଗଣିତ ତାରା ଦେଖାଯାଆନ୍ତି, ସେମାନେ ତ କଳ୍ପନାତୀତ ବେଗରେ ଧାଇଁଛନ୍ତି ମହାଶୂନ୍ୟରେ; ସେମାନଙ୍କର କିଛି ଖବର ଆମେ ଜାଣୁ କି ? ସେ ସବୁ ଛାଡି ଦିଅ । ଏହି ମନୁଷ୍ୟ; ବାର ହଜାର ବର୍ଷ ପୂର୍ବେ ଏମାନେ କେଉଁ ଜାତିର ଜୀବ ଥିଲେ—ବାର ହଜାର ବର୍ଷ ପୂର୍ବେ ଆମ ପୂର୍ବପୁରୁଷ କଅଣ ଥିଲେ ସେ ଯୁଗର ଦୁନିଆରେ ? ବାଦ୍ ଦିଅ ସେ କଥା । ଆମ ଗୋଡ଼ତଳର ଘାସ ଖଣ୍ଡେ: ତାର ରଙ୍ଗ କେଉଁଠୁ ଆସିଛି ? ଖଣ୍ଡେ ପଥର ନ ହୋଇ ଘାସ ହେଲା କେମିତି ? ରହସ୍ୟ—ଅନନ୍ତ ରହସ୍ୟର ଅସୀମ ଭଣ୍ଡାର ଆମ ଚାରିପାଖେ ପୂରି ରହିଛି; ଆଉ ଏ ସବୁକୁ ଛାଡି ଆମେ ଯାଉଛୁ ଈଶ୍ୱର, ସ୍ୱର୍ଗ, ତପ, ଜପ କରିବାକୁ । ବାଦେ—ଯେତେ ସବୁ ବାଜେ କଥା । ସେ କହେ, 'ଆରେ ତୋ ମନ ଭିତରେ ଯେତେ ଗଳି କନ୍ଦି ଅଛି, ସେ ସବୁର ଖବର ତୁ ରଖିଛୁ ? ତୋ ମନର ସବୁ କାମର କାର୍ଯ୍ୟକାରଣ ତୁ ବୁଝିପାରୁ ? ମନୁଷ୍ୟ ଜୀବନଟା କଅଣ, ସେ ବିଷୟରେ ତୋର ଧାରଣା ଅଛି ? ସେଇଥିପାଇଁ ତ ମୁଁ ଆଖିକାନ ବୁଜି ଧରି ନେଇଛି, ମଣିଷଠାରୁଁ ମୋର ଅନୁସନ୍ଧାନର ବିଷୟ । ମୁଁ ମଣିଷ, ମୁଁ ମୋତେ ନେଇ ପରୀକ୍ଷା କରି ପାରିବି, ତୁ ମଣିଷ ତୋତେ ନେଇ ପରୀକ୍ଷା କରି ପାରିବୁ । ମୋର ଏ ପରୀକ୍ଷାର ଲକ୍ଷ୍ୟ, ସାରା ମନୁଷ୍ୟ ଜାତି ପାଇଁ ଅସରନ୍ତି ଆନନ୍ଦ, ଅଖଣ୍ଡ ସ୍ୱାଧୀନତା, ଅସୀମ ମୁକ୍ତିର ବ୍ୟବସ୍ଥା ।'

ଏହାହିଁ ପ୍ରଦୋଷର ଜୀବନର ଦର୍ଶନ ନୀତି; ଏହାରି ଉପରେ ସେ ତାର ସାରା ଅସ୍ତିତ୍ୱଟାକୁ ପ୍ରତିଷ୍ଠିତ କରିଛି ।

ସେଦିନ ସେ ତାଙ୍କ ଗାଆଁର ଛୋଟା ଈଶ୍ୱରର ଯୋଡ଼ାଏ ଟଙ୍କମୂଳେ ବସିଥିଲା । ବଡ଼ ଛୋଟା; ଗଛ ପରେ ଗଛରେ ଛୋଟା ଚଳନ୍ତା ଛାଇ ହୋଇ ରହିଥିଲା । ଅଚଡ଼ା ଢାଲୁ ପାଖର ଗଛମୂଳେ ବସି ସେ ବହି ଯାଉଥିବା ସ୍ରୋତ ଅଡ଼କୁ ଚାହିଁ ରହି ଅକାରଣେ ସ୍ରୋତର ଗତି ଲକ୍ଷ୍ୟ କରୁଥିଲା ।

ଦୁଇଟି ସ୍ତ୍ରୀ ଲୋକ ନଈକୁ ଗାଧୋଇ ସେ ବାଟେ ଗଲେ, ତା ଭିତରୁ ଗୋଟିଏ ନିତାନ୍ତ ଛିଣ୍ଡା ଲୁଗାରେ ଲଜ୍ଜା ନିବାରଣ କରିବା ଚେଷ୍ଟା କରୁଥିଲା ।

ପ୍ରଦୋଷ ସେ ଅଡ଼କୁ ଚାହିଁ ରହିଲା — ସ୍ତ୍ରୀ ଲୋକ ଅଡ଼କୁ ନୁହେଁ, ସ୍ତ୍ରୀଲୋକ ଦେହରେ ଥିବା ଛିଣ୍ଡା ଲୁଗା ଓ ତା ଭିତରୁ ଫୁଟି ଦିଶୁଥିବା ଦେହର ଅଂଶ ପ୍ରତି । ସଙ୍ଗେ ସଙ୍ଗେ ତୁଏ ତ ଅକାରଣେ ମନେ ପଡ଼ିଗଲା ହି ପାର୍ଟି ଦିନ ପ୍ରଭାତୀ, ଅରୁଣା ଆଦି ବାବୁଆଣୀମାନଙ୍କ ସାଜ-ବେଶ । ଦୀର୍ଘଶ୍ୱାସ ତାର ଛାତିକୁ ଆଲୋଡ଼ିତ କରି ବାହାରି ଗଲା ।

ଗୋଟିଏ ଗାଈଆଳ ଦୂରରେ ଛିଡ଼ା ହୋଇ ତାକୁ ଲକ୍ଷ୍ୟ କରୁଥିଲା । ପ୍ରଦୋଷ ତାକୁ ଡାକି ପଚାରିଲେ, ସେ ସ୍ତ୍ରୀଲୋକଟି କିଏ ?

ଗାଈଆଳ ପିଲା କହିଲା, 'ମାଳତୀ — ଜଗଦେବଙ୍କ ଘର ମାଳତୀ ।'

ପ୍ରଦୋଷ ପୁଣି ସେଇ ନଦୀର କ୍ଷୀଣସ୍ରୋତ ଅଡ଼କୁ ଚାହିଁ ରହିଲେ ।

ସେ ଦିନ ସନ୍ଧ୍ୟା ସମୟରେ ଗାଈଆଳ ପିଲା ଜଗଦେବଙ୍କ ଘରକୁ ଯାଇ ମାଳତୀକୁ କହିଲା, 'ମାଳ ଅପା, ସାନ ବାବୁ ତୋ ନାଆଁ ପଚାରୁଥିଲେ — ତୁ ଯେତେବେଳେ ନଈରୁ ଆସୁଥିଲୁ ।'

ମାଳତୀ କହିଲା, ଚାହିଁବ ରେ !'

— ଛଅ —

— 'ଧରଣୀ ଜଗଦେବ ଜନ୍ମ ହେବା ଦିନ ଗୋଳ ପଞ୍ଚା ପାଲି ହୋଇଥିଲା — ଅଜ ମଧ୍ୟ ଲୋକେ କହନ୍ତି । ତାଙ୍କ ଘର ଗୋରୁପଲ

ଗୋଠକୁ ବାହାରିଲେ ଗାଆଁ ଭାଣ୍ଡରେ ବାଟ ବନ୍ଦ ନ ଥିଲା । ଆଜି ତାର ଅବସ୍ଥା ଏମିତି ଯେ ଦ ଓଳିରେ ଓଳିଏ ମୁଠେ ନାହିଁ ।'

—'ତାର ଜମି କେତେ ?' ଚକିତ ଭାବରେ ପ୍ରଦୋଷ କହିଲା ।

—'ଜମି ଅଛି ଦୁଇ ମାଣେ ଖଣ୍ଡେ ପଛ । ବାପ ଝିଅର ଛଅମାସ ଚଳେ ।' ନାଏବ ବାବୁ କହିଲେ ।

—'ଅଚ୍ଛା ବାବୁ, ଆମ ନିଜ ଖେତରୁ କିଛି ତାଙ୍କୁ ଭାଗ ଦେଲେ ହୁଅନ୍ତା ନାହିଁ ?'

—'ବୁଢ଼ାର ନିଜ ଖେତ ତ ନିଜେ କରି ପାରୁ ନାହିଁ ବୋଲି ଭାଗ ଦେଇଛି, ଆମ ଜମି ଚାଷ କରିବ କିଏ ?'

ପ୍ରଦୋଷ ଗମ୍ଭୀର ଭାବରେ ବସି ରହିଲା ।

ସକାଳର ସୂର୍ଯ୍ୟ ସେତେବେଳକୁ ମୁଣ୍ଡ ଉପରକୁ ଉଠି ନ ଥିଲେ । କଚେରି ଘରେ ନାଏବ ଓ ପ୍ରଦୋଷ ଭିତରେ କଥାବାର୍ତ୍ତା ଚାଲିଥିଲା ।

ଛୋଟା ଭିତରେ ନଈକୁ ଯେଉଁଆଡ଼େ ମାଳତୀ ଓ ତା ଦେହର ଛିଣ୍ଡା ଲୁଗାକୁ ଦେଖିଲାଠାରୁ ପ୍ରଦୋଷ ଭିତରେ ଗୋଟାଏ ପ୍ରଶ୍ନ ଜାଗ୍ରତ ହୋଇ ରହିଛି—ଏମାନଙ୍କୁ କିପରି ସାହାଯ୍ୟ କରାଯାଇ ପାରେ । ପ୍ରଶ୍ନଟା ନାନା ଭାବରେ ଘୂରି ଫେରି ପୁଣି ଉପସ୍ଥିତ ହେଉଛି ତାର ଆଗରେ ଏବଂ ପ୍ରତିଥର ଗୋଟାଏ ଲେଖା ନୂଆ ଉତ୍ତର ପ୍ରଦୋଷ ଠିକ୍ କରି ନେଉଛି ତା ପାଇଁ; କିନ୍ତୁ କୌଣସିଟାରେ ତାର ମନ ସନ୍ତୁଷ୍ଟ ଭାବରେ ମାନୁ ନାହିଁ; ସବୁବେଳେ ମନେ ହେଉଛି—ଏହା ଯେପରି ଯଥେଷ୍ଟ ନୁହେଁ । ମାଳତୀ ଦେହର ଛିଣ୍ଡା ଲୁଗା ତା ନିକଟରେ, ଦୁନିଆ ନିକଟରେ ଯେଉଁ ନ୍ୟାୟ ଦାବୀ କରୁଥିଲା, ତାହାର ସମାଧାନ ତ କେବଳ ତାହାରି ସମ୍ଭବ ନୁହେଁ—ଧନୀ-ଦରିଦ୍ର ପ୍ରଶ୍ନର ସମାଧାନ ଭିତରେ ତାର ସମାଧାନ ରହିଛି । ପ୍ରଦୋଷ ଇଚ୍ଛା କଲେ ତ ଏହା କରି ପାରିବ ନାହିଁ; କରି ପାରିବ କେବଳ ସାରା ପୃଥିବୀର ପ୍ରଦୋଷ ପରି ଲୋକଙ୍କର ବୈପ୍ଳବିକ ଶକ୍ତି । ମାର୍କସ୍, ଲେନିନ ପ୍ରଭୃତି, ଅର୍ଥନୀତି ବିଷୟରେ ଯଥେଷ୍ଟ ଧାରଣା ରଖି ସେ ଏ କଥା ଜାଣେ । ପ୍ରଶ୍ନ ହେଉଛି, ଜଣେ ମନୁଷ୍ୟ ହିସାବରେ, ଜଣେ ବ୍ୟକ୍ତି ଭାବରେ, ଧନୀର ପୁଅ ହିସାବରେ

ସେ ତାର କ'ଣ ଉତ୍ତର ଦେବ ? ଏ ପୃଥିବୀରେ ଅନେକ ଲୋକ କହନ୍ତି ବୋଲି ସେ ମନେ ମନେ ଠିକ୍ କରିଥିଲା, ଅନେକ ଲୋକ କରିବାଦ୍ୱାରା ସେ ଆନନ୍ଦ ଲାଭ କରିବ, ଅନ୍ୟକୁ ଆନନ୍ଦ ବିତରଣ କରିବ, ଏହାହିଁ ଥିଲ ତାର ଜୀବନର ଲକ୍ଷ୍ୟ, ଏହାର ପ୍ରତି ଅନୁରକ୍ତ ଥିଲା ତା ଜୀବନର ମେରୁଦଣ୍ଡ—ଏବଂ ସେଥିପାଇଁ ସେ ନିଜକୁ ନେଇ ପରୀକ୍ଷା ଚଳେଇଥିଲା, ଅପରକୁ ମଧ୍ୟ ନିଜର ପରୀକ୍ଷା ଅନୁସାରେ ଯାଚି ପରୀକ୍ଷା କରୁଥିଲା । ମାଳତୀର ଛିଣ୍ଡା ଲୁଗା ଏ ସବୁ ପଛ ଏକ ବଡ଼ ପ୍ରଶ୍ନ ନ । ତାର ଜୀବନ ସ୍ୱପ୍ନର ମୂଳନୀତି ପ୍ରତି ମୃଦୁ ଆଘାତର ସୂଚନା । ପ୍ରତ୍ୟେକ ଏହି ଭାବରେହିଁ ସମ୍ପ୍ରଦାୟ ପଣ୍ଟଠାକୁ ଗ୍ରହଣ କରିଥିଲା ।

କୋଠାରେ ବସି ସେ ନିଜ ସହିତ ନାନା ଅନେକ ମୁକ୍ତି କଷି ଦେଖିଥିଲା, ମାଳତୀ ନିକଟରେ ଗୋଟାଏ ଦୋକାନର ଲୁଗା ଥୋଇ ଦେଲେ ତ ତାର ଛିଣ୍ଡା ଲୁଗାର ପ୍ରଶ୍ନ ମେଣ୍ଟିବ ନାହିଁ, ଏ ପୃଷ୍ଠା ତ ଦୁନିଆ ଭିତରେ ଏକା ମାଳତୀର ନୁହେଁ—ମାଳତୀ ପରି କୋଟି କୋଟି ମନୁଷ୍ୟର; ସେ କଥା ବାଦ୍ ଦେଲେ ମଧ୍ୟ ମାଳତୀର ନେବାର କ୍ଷମତା ଥିବା ଦରକାର ତ । ଆଜି ତ ପୃଥିବୀରେ ଲୁଗାର ଅଭାବ ନାହିଁ; ତଥାପି ମାଳତୀ ପାଇ ନାହିଁ କାହିଁକି, ଅଥଚ ପ୍ରଦୋଷ ତ କୌଣସି ଦିନ ଛିଣ୍ଡା ପିନ୍ଧି ନାହିଁ । ମାଳତୀର ନେବାର କ୍ଷମତା ନାହିଁ, ତାର ଅଛି ଏହି ମାତ୍ର ପ୍ରଭେଦ । ଯାହାର ଯାହା ଦରକାର ସେ ତା ନେବ, ସେ ତା ପାଇବ—ଏହାହିଁ ହେଉଛି ମୂଳକଥା; ଅଥଚ ନେବା ଓ ପାଇବାକୁ ଅର୍ଥନୀତି ଦେଇ ଯୋଡ଼ିଦେଇ ସବୁ ଗଣ୍ଡଗୋଳ ସୃଷ୍ଟି କରାଯାଇଛି । ଯାହାର ନେବାର କ୍ଷମତା ଯେତେ ବେଶୀ ସେ ସେତେ ଧନୀ, ଯାର ନେବାର କ୍ଷମତା ଯେତେ କମ ସେ ସେତେ ଗରିବ । କାଳକ୍ରମେ ଏ ବ୍ୟବଧାନ ଏତେ ବେଶୀ ହୋଇଛି ଯେ ଧନୀଶ୍ରେଣୀ ଠିକ୍ କରି ଦେଉଛନ୍ତି ଗରିବ ଶ୍ରେଣୀର ନେବାର କ୍ଷମତା କେତେ ରହିବ । ଫଳ ଏହାହିଁ ହୋଇଛି ଯେ, ଧନୀର ଦରକାର ଉପରେ ସମ୍ପ୍ରଦାୟ ଗରିବର ଅସ୍ତିତ୍ୱ ନିର୍ଭର କରୁଛି । ଧନୀ ସଂଖ୍ୟା ପୃଥିବୀରେ ଖୁବ କମ୍; ଗରିବ ସଂଖ୍ୟା ତାର ବହୁଗୁଣ, ତେଣୁ ଧନୀ

ପରଦ୍ରବ୍ୟର ଜୋରପୂର୍ବକ କାଢ଼ିନେବା ମୁହିଁକୁ ଅନ୍ୟାୟ ଭାବରେ ନିଜକୁ ରକ୍ଷା କରିବାପାଇଁ ରହିଛି ପୁଲିସ, କଷ୍ଟସଲଷ୍, ଜେଲ — ଆଉ ସୈନ୍ୟ । ଆଉ ଦୁନିଆରେ ସେଥିପାଇଁ ଯାହାର ଯାହା ଦରକାର ସେ ତାହା ନେଇ ପାରୁନାହିଁ, ପ୍ରତ୍ୟେକ ନେବା ପଥରେ ରହିଛି ଦୁର୍ଲଙ୍ଘ୍ୟ ଆଇନଗତ ବାଧା । ଏହି ନେବା କ୍ଷମତା, ପାଇବା ଅଧିକାର ଭିତରେ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ କରିବାହିଁ ବର୍ତ୍ତମାନ ପୃଥିବୀର ସବୁଠାରୁ ବଡ଼ ପ୍ରଶ୍ନ ।

କିନ୍ତୁ ଏସବୁ ମୂଳ କଥାରୁ ଅନେକ ବାଟ ଭୁଲିଆସି ସେ ଭାବିଲା, ବ୍ୟକ୍ତି ହିସାବରେ ମାଳତୀ ପ୍ରତି ତାର କର୍ତ୍ତବ୍ୟ କଅଣ ? ଖଣ୍ଡେ ଲୁଗା, ଦୁଇଖଣ୍ଡ ଲୁଗା ଦେଲେ ତ ତାର ଛିଣ୍ଡା ଲୁଗା ସମସ୍ୟାର ସମାଧାନ ହେବ ନାହିଁ — ଏ ଲୁଗା ପରିବା ସଙ୍ଗେ ସଙ୍ଗେ ପୁଣି ତା ଦେହରେ ଛିଣ୍ଡାଲୁଗା ଦେଖାଦେବ । ତେବେ ?

ଏହିଠାରେହିଁ ସବୁ ଗଣ୍ଡଗୋଳ । ଆଉ ଗୋଟାଏ ପ୍ରଶ୍ନ ଉଠୁଛି; ସେ ଧନୀ, ମାଳତୀକୁ ଦେବାର କ୍ଷମତା ତାର ଅଛି, କିନ୍ତୁ ତାର ଏହି କ୍ଷମତା ସମ୍ପୂର୍ଣ୍ଣ ଭାବରେ ମାଳତୀ ନେବା ଉପରେ ନିର୍ଭର କରୁଛି । ଗ୍ରହଣର କଥା ଯେଉଁଠାରେ ନାହିଁ, ଦାନର କଥା ସେଠାରେ ଉଠିହିଁ ପାରେ ନା । ସେ ଦେବାକୁ ପ୍ରସ୍ତୁତ; କିନ୍ତୁ ମାଳତୀର ନେବା ପ୍ରଶ୍ନ ତ ଅଲଗା କଥା ।

ତାର ଚିନ୍ତାର ଅନ୍ତ ରହିଲା ନାହିଁ । ଏଥିରୁ ଆତ୍ମରକ୍ଷା କରିବା ପାଇଁ ସନ୍ଧ୍ୟା ପରେ ପରେ ସେ ସୀତାର ଧରି ବସିଲା; ରାଗିଣୀ ପରେ ରାଗିଣୀ ଆଳାପ କରି ସେ କ୍ଳାନ୍ତ ହୋଇ ପଡ଼ିଲା । ସୀତାର ରଖି ଦେଇ ଉଠି ସେ ନିଜ ପାଖରେ ଗୋଟାଏ କୈଫିୟତ ଦେବାପାଇଁ ସେ ଠିକ୍ କରି ନେଲା ଯେ, ମାଳତୀ ପାଖକୁ ସେ ଯୋଡ଼ାଏ ଲୁଗା ପଠାଇ ଦେବ ।

ତହିଁ ଆରଦିନ ସା ଅନ୍ତଃପୁର ଭିତର ଯାଇ ମାଳତୀକୁ ଦୁଇଖଣ୍ଡ ଖୁବ୍ ଭଲ ଶାଢ଼ୀ ଦେଇ ଆସିଥିଲା । ସେତେବେଳେ ଜଗଦେବ ବୁଢ଼ା କଉଆଡ଼େ ବୁଲି ଯାଇଥିଲା ।

କିନ୍ତୁ ପ୍ରଦୋଷ ପକ୍ଷରେ ତ ଏହା ଏହିଠାରେ ଶେଷ ନୁହେଁ, ସେ ଏ ପ୍ରଶ୍ନ ମୁହଁରୁ କୌଣସି ମତେ ଅବ୍ୟାହତି ପାଇ ନାହିଁ । ସେ ଠିକ୍ କଲା, ନାଏବ ବାବୁ ସହିତ କଥାବାର୍ତ୍ତା ହେବା ପରେ ସେ ଏ ବିଷୟରେ ଯାହାକିଛି ହେଉ ଗୋଟାଏ ସ୍ଥିର କରି ନେବ ।

ବୁଢ଼ାର ସୂତ କରିବାରେ ଅକ୍ଷମତା କଥା ଶୁଣି ସେ ଗମ୍ଭୀର ଭାବରେ ବସି ରହିଲା କିଛିକ୍ଷଣ ।

ତା ପରେ ଗୋଟାଏ ସମ୍ଭାବନା ତା ମନ ଭିତରେ ଚମକି ଗଲା, 'ଅଚ୍ଛା, ବୁଢ଼ା ତା ଝିଅକୁ ବାହା ଦେଉ ନାହିଁ କାହିଁକି ? ତାର ବିବାହ ବୟସ କ'ଣ ହୋଇନାହିଁ ?'

ନାଏବ ବାବୁ ଖଣ୍ଡେ ଖାତା ଆଡକୁ ଦୃଷ୍ଟି ଦେଇ କହିଲେ, 'କିଏ ବାହା ହେବ, ବୁଢ଼ାର କ'ଣ ଅଛି ଯେ, କିଏ ବାହା ହେବାକୁ ଆସିବ ? ମାଳତୀ ବୟସର ଝିଅ ଆମ ଗାଆଁରେ ଆଉ ବେଶୀ ନାହାନ୍ତି, କିନ୍ତୁ ଆହୁରି ଗୋଟାଏ କଥା ଅଛି,—ମାଳତୀ ଗଲେ ବୁଢ଼ା ଚଳିବ କିମିତି ?

ପ୍ରଦୋଷ ଗମ୍ଭୀର ଭାବରେ ବସି ରହିଲା ।

—'ବୁଢ଼ାକୁ ଆଜିକାଲି ବସ୍ବର ରୋଗ ହେଉଛି । ବୁଢ଼ା ଶରୀର, ଏସବୁ ତ ହେବ । ତା ଉପରେ ଆଜିକାଲି ଦିନକାଳ ଯେମିତି, ବୁଢ଼ାର ଚଳିବା ଖୁବ କଷ୍ଟ ହେଉଛି ।' ନାଏବ ବାବୁ ଖାତା ଆଡ଼କୁ ଦୃଷ୍ଟି ଦେଇ କହି ଯିବାରେ ଲାଗିଲେ ।

ଚାରିଆଡ଼େ ଦୁର୍ଭିକ୍ଷର ପ୍ରେତମୂର୍ତ୍ତି ଯେତେବେଳେ ନାଚୁଛି ସେତେବେଳେ ଧରଣୀ ଜଗଦେବ ବୁଢ଼ା ଯେ କେଉଁ ଅବସ୍ଥାରେ ଅଛି ତାହା ଅନୁମାନ କରିବା ପ୍ରଦୋଷ ପକ୍ଷରେ କଷ୍ଟକର ହେଲା ନାହିଁ ।

ସେ କହିଲା, 'ଅଚ୍ଛା ଦାଦା, ବୁଢ଼ା ଘରକୁ କିଛି ଧାନ ଆଉ ଟଙ୍କା ପଠାଇଦେଲେ ହୁଅନ୍ତା ନାହିଁ ?'

—'ହେବନାହିଁ କାହିଁକି ? ତୁମର ଚିଠି ଅନୁସାରେ ବଡ଼ ଧାନଘର ଫିଟାଇ ଗାଆଁର ସବୁ ଲୋକଙ୍କୁ ଧାନ କରଜ ଦେଲି । ଯାହାର ଯାହା ଦରକାର, ସେ ତାହା ନେଲେ; କିନ୍ତୁ ଜଗଦେବ

ବୁଡା ଆସିଲା  ନାହିଁ ବା ନେଲା ନାହିଁ ।  ଗାଆଁର ସ୍ୱଧି ସାହୁ ତାକୁ କହିବାକୁ ଚାହିଁଲା, ଦେଇ ତ ପାରିବ ନାହିଁ, ନେବ କାହିଁକି ? ପରଧନ କଣଣ ଗୁହମୁଆଁ ହୋଇଛି ଯେ ନେଇ ଖାଇଦେବ ?'

ଅଭାବର ନିରବଛିନ୍ନ ତାଡ଼ନା,  କ୍ଷୁଧାର କରୁଣ ଦୃଷ୍ଟି ସତ୍ତ୍ୱେ ଜଗଦେବ ବୁଢ଼ା ସାଧୁତାର ଧାରଣା ବଶବୃତ୍ତରେ ଯେ ନିଷ୍ଠା ଦେଖା-ଇଲା, ତାହା ତଥାକଥିତ ଭଦ୍ର ସମାଜରେ କେତେ ଜଣଙ୍କର ଅଛି ? ସନ୍ଦେହ ଲାଗିଲା ।

ସେ ସ୍ଥିର କଲା, ତାର ସାଧ୍ୟ ଅନୁସାରେ ସେ ଜଗଦେବ ବୁଡାକୁ ସାହାଯ୍ୟ କରିବ — ଆଉ ଚନ୍ଦ୍ରଧର  ଜୀବନକୁ ଯେପରି ଭାବରେ ଚେନ କରି ଏକ ଜନ୍ମଗତର ବାଟରେ ପରିଚାଳିତ କରିଛି, ମାଲତୀକୁ ସେଇପରି  ଭାବରେ ସେ ଗଢି ନେବ । ଏହାହିଁ  ହେବ ତାର ବ୍ୟକ୍ତିଗତ ସାମର୍ଥ୍ୟଦ୍ୱାରା ମାଲତୀର ସବୁ ପ୍ରଶ୍ନର ସମାଧାନ ।

ନାଏବ ବାବୁ ଖାତା ରଖିଦେଇ  ଡାକିଲେ, 'ଜମାଦାର, ଜମାଦାର ।'

ଜମାଦାର ଆସି ଛିଡ଼ା ହେଲା ।

ସେ ହୁକୁମ ଦେଲେ, 'ଛମୁକରଣକୁ କହ, ସୁଜଣ ଦୌଣୀ ଧାନ ଓ ୧୦ଟା ଟଙ୍କା ଆଜି  ଧରଣୀ ଜଗଦେବ ଘରକୁ ପଠାଇ ଦେଇ ସେଜଡରେ ଲେଖି ରଖିବ । ରସିଦ୍ ଲେଖି ମୋ ପାଖକୁ ପଠାଇ ଦେଲେ ମୁଁ ଦସ୍ତଖତ୍ କରିଦେବି । ହୁକୁମନାମା ବହିରେ ବାବୁଙ୍କ ଏ ହୁକୁମ ଲେଖି ତାଙ୍କ ଦସ୍ତଖତ୍ ପାଇଁ ପଠାଇ ଦେବ ।'

ଜମାଦାର ଚାଲିଗଲା ।

---

## — ଅଠର —

ସେ ଦିନ ମାଲତୀ ସାନବାବୁ ପଠାଇଥିବା ଶାଢୀ ଦୁଇଖଣ୍ଡ କମ୍ପିତ ହସ୍ତରେ ଧରିଲା, କିନ୍ତୁ ଏହାକୁ ନେଇ ସେ କଣଣ କରିବାକୁ ହେବ ସେ ବୁଝିପାରିଲା ନାହିଁ — ଲୁଚାଇ ରଖିଲା । ତାର ଦେହରେ ରହିଲା ସେଇ ଛିଣ୍ଡା ଲୁଗାଖଣ୍ଡ ।

ଏଣ୍ଡିକରେ ଯଦି ସବୁ କଥା ଛିଣ୍ଡି ଯାଇଥାଆନ୍ତା, ତେବେ କୌଣସି କଥାହିଁ ନ ଥିଲା । ମଣିଷର ଜୀବନଟା ଏପରି ଅଡୁଆ ସୂତର ଯେ କୌଣସି ଗୋଟାଏ ସୂତା ଛିଣ୍ଡିଲେ ସବୁ ଶେଷର ସବୁ ଅଡ଼ ଛିଡ଼ିଯାଏ ନାହିଁ । ସବୁବେଳେ ତା ମନ ଭିତରେ ଜଡ଼ି ରହିଥିଲା ସେ ଶାଢ଼ୀ ଦୁଇଖଣ୍ଡ । ସାନବାବୁ ଏଗୁଡ଼ାକୁ କାହିଁକି ପଠାଇଲେ ? ସେ ସାନ ବାବୁଙ୍କୁ କୌଣସି ଦିନ ଡାକି ନାହିଁ । ସେ ଦିନ ନଈକୁ ଫେରି ଯେବେଳେ ଓଢ଼ଣା ଆବରଣରୁ ମୁହୂର୍ତ୍ତିକ ପାଇଁ ତାଙ୍କୁ ଦେଖିବା ଛଡ଼ା କୌଣସି ଦିନ ସେ ତାଙ୍କୁ ଦେଖିନାହିଁ ; ସାନବାବୁ ମଧ୍ୟ କୌଣସି ଦିନ ତାକୁ ଦେଖିବା କଥା ତା ମନେ ପଡ଼ିଲା ନାହିଁ—ଦେଖିବା ମଧ୍ୟ ସମ୍ଭବ ନୁହେଁ । ତାର ଲୁଗା ଅଛି କି ନା, ସେ କଥା ସେ ଜାଣିଲେ କିମିତି ? ତାର ଲୁଗା ନାହିଁ ବୋଲି କିଅଣ ଯେ ଏ ଶାଢ଼ୀ ଦୁଇ-ଖଣ୍ଡକୁ ନେବ ?—ସେତ ଭିକାରି ନୁହେଁ । ସାନ ବାବୁ ଏ ଲୁଗା ଦୁଇଖଣ୍ଡ ପଠାଇ ତାକୁ କଅଣ ଅପମାନ ଦେଇଛନ୍ତି ? କାହିଁକି ଦେବେ ? ସେ ତାଙ୍କର କଅଣ ଦୋଷ କରିଛି ? ସେ ଏତେବଡ଼ ଲୋକ, ଆଉ ମାଲଣ୍ଡି ଏତେ ଗରିବ ଘର ଝିଅ, ସାନବାବୁଙ୍କ ମନରେ ତା ଦଶା କାହିଁକି ସ୍ମରଣ ହେବ ଯେ ସେ ତାକୁ ଅପମାନ ଦେବେ ? ନା ତା ନୁହେଁ, ତେବେ ? ସେ ସେମିତି ଦେଇଛନ୍ତି ? ଗାଆଁରେ ତ ଆଉ ବହୁତ ଝିଅ ଅଛନ୍ତି, ଆଉ କାହାରିକୁ ଦେଇନାହାନ୍ତି, ଏକା ତାକୁ ଦେଲେ କାହିଁକି ? ସେ କିଛି ବୁଝିପାରିଲା ନାହିଁ ।

ହଠାତ୍ ତା ମନେପଡ଼ିଲା, ଗାଈଆଳ ଟୋକା କଥା । ଟୋକାଟା କହୁଥିଲା, ସାନବାବୁ ତାର ନାଆଁ ପଚାରୁଥିଲେ । କାହିଁକି ? ସେ ପୁଣି ତା ଆସିବା ପରେ ପରେ ?

ମାଲଣ୍ଡି କିଛି ବୁଝିପାରିଲା ନାହିଁ ; ଏତିକି ଠିକ୍ କରି ନେଲା, ଏ ଶାଢ଼ୀ ଦୁଇଖଣ୍ଡ ସେ ପିନ୍ଧିବ ନାହିଁ ; ପିନ୍ଧି ପାରିବ ନାହିଁ—ତା ବାପା, ଗାଆଁର ଆଉ କେତେ ଲୋକ କେତେ କଅଣ ପଚାରିବେ । ସେତ ଏ ସବୁର କିଛି ଜବାବ ଦେଇପାରିବ ନାହିଁ । ଲୋକେ କଅଣ ମନେ କରିବେ ? ଏତିକି ଭାବିବାକୁ ଯାଇ ଲଜ୍ୟାରେ ତାର ମୁଖମଣ୍ଡଳ

ଆରକ୍ତ ହୋଇଗଲା । ସେ ଲୁଗା ଦୁଇଖଣ୍ଡ ପେଡ଼ି ତଳେ ଲୁଚାଇ ରଖିଲା ।

ଚୁଲିରେ ଭାତହାଣ୍ଡି ବସାଇ ଜାଳ ଦେଉଛି, ତା ବାପା ବିଲରୁ ଫେରିଲେ ଖାଇବ । ମନେ ପଡ଼ିଲା ସେଇ ଶାଢ଼ୀ କଥା — ସାନବାବୁ କଥା । ସେ କାହିଁକି ପଠାଇଲେ ଏ ଶାଢ଼ୀ ? ସେ କାହିଁକି ତାର ନାଆଁ ପଚାରୁଥିଲେ ? ସେ କେଉଁଠି କେବେ ତାକୁ ଦେଖିଛନ୍ତି ? ଚୁଲି ଭିତରର ଖଣ୍ଡେ ରକ୍ତିମ ମେଘ ତାର ମୁହଁ ଉପରେ ଝଲସିଗଲା ! ସେ ଏକ ଦୃଷ୍ଟିରେ ଚାହିଁ ରହିଲା, ଚୁଲିରେ ଜଳୁଥିବା ଉପ ଫିଡ଼ାସିଡ଼ାକ-ଅଗ୍ନିକୁ !

ସବୁ ଦିନ ଏହି ସେ ନଈକୁ ଗାଧୋଇ ଯାଏ, ସାନବାବୁ ଯେଉଁ ଗଛଟା ତଳେ ବସିଥିଲେ ସେଆଡ଼କୁ ଚାହିଁବା ପାଇଁ ତାର ଅନ୍ତରାତ୍ମା ଅସ୍ଥିର ହୋଇପଡ଼େ, କିନ୍ତୁ ସାହସ ହୁଏ ନାହିଁ — କାଳେ କିଏ ଦେଖିବ କାଳେ କିଏ କଅଣ ମନେକରିବ । ଥରେ ଥରେ ସ୍ୱପ୍ନରେ ପଲକାରେ ବୀଣାର ବାଜି ଉଠେ, ସେ ଅନ୍ଧାର ଭିତରେ ଝରଣାରେ ପଡ଼ି ପଡ଼ି ଶୁଣେ, ଆଉ ଭାବେ, ସାନବାବୁ ଖୁବ୍ ଭଲ ଲୋକ ।

ମାଆଙ୍କ ଘର ଦ୍ୱାରରେ ଯେତେବେଳେ ଶାଢ଼ୀ ଦୁଇଖଣ୍ଡ ମାଳତୀକୁ ଦେଇଗଲା, ସେତେବେଳେ ସେ ଗାଆଁରେ କେହି ନ ଥିଲେ, ଏପରି ନୁହେଁ; ସାହିର ଯେଉଁ ଜଣେ ଦୁଇଜଣ ସ୍ତ୍ରୀ ଲୋକଙ୍କ ଆଖିରେ ତାହା ପଡ଼ିଥିଲା; ତାଙ୍କଠାରୁ ଗାଁ ମଧ୍ୟରେ ପ୍ରଚାରିତ ହୋଇ ପଡ଼ିଲା ଯେ ସାନବାବୁ ମାଳତୀକୁ ଶାଢ଼ୀ ଦୁଇଖଣ୍ଡ ପଠାଇଛନ୍ତି । ଏହା ନେଇ ଗ୍ରାମରେ ଗୋପନରେ ଏକ ଆନ୍ଦୋଳନ ସୃଷ୍ଟି ହୋଇଛି । ପଲ୍ଲୀର ଜନସାଧାରଣଙ୍କ ପକ୍ଷରେ ଏହା ଏକ ଅତି ସାଧାରଣ କଥା ଯେ, କୌଣସି କଥାର ପ୍ରକୃତ କାରଣ ସେମାନେ ଖୋଜନ୍ତି ନାହିଁ, କାରଣଟା ନିଜ ଇଚ୍ଛାନୁରୂପ କଳ୍ପନା ଅନୁସାରେ ଯୋଗାଇ ନିଅନ୍ତି, ସେଇଟାହିଁ ସେମାନଙ୍କ ପକ୍ଷରେ ଅକାଟ୍ୟ ପ୍ରମାଣ ହୋଇପଡ଼େ । କୌଣସି ବସ୍ତୁର ବସ୍ତୁର ଭଲ ଗୁଣଥିବାର ବା ଗୁଣଥିବା ତାହାର କେହି ସେମାନଙ୍କ ଉପରେ ଦେଇ ନ ଥିଲେ ମଧ୍ୟ ସେମାନେ ନିଜେ ନିଜେ ବସ୍ତୁର

କରିବାକୁ ବସି ଯାଆନ୍ତି—ଯେଉଁ ବିଷୟଟା ବସ୍ତୁର କରିବାରେ ସେମା-ନଙ୍କର ଅଧିକାର ଯେତିକି ଅଳ୍ପ ସେମାନେ ସେ ବିଷୟ ଉପରେ ସୁଯୁକ୍ତି ଦେବା ପାଇଁ ସେତିକି ତତ୍ପର ହୋଇ ପଡ଼ନ୍ତି—ଆଉ ସବୁ କ୍ଷେତ୍ରରେ ବାଦୀ ପ୍ରତିବାଦୀ ଦୁଇପକ୍ଷକୁ ବାଦ ଦେଇ ବିଷୟ ଛୁଏ ଏବଂ ସେ ବିଷୟର ନିଷ୍ପତ୍ତି ମଧ୍ୟ ତୃତୀୟ ପକ୍ଷଙ୍କଠାରୁ ଅତି ଯତ୍ନରେ ଲୁଚାଇ ରଖାଯାଏ । ପଲ୍ଲୀର ଅନ୍ଧକାରମୟ ଶିକ୍ଷାଙ୍ଗନ ଭିତରେ ଏହା ଠାରୁ ଅଧିକ କିଛି ଆଶା କରାଯାଇ ପାରେନା ।

ଗ୍ରାମର ଯେଉଁମାନଙ୍କ କାନରେ ମାଳତୀକୁ ଧାନ ବାବୁ ଶାଢ଼ୀ ପଠାଇଥିବା ଖବର ପଡ଼ିଲା ସେମାନେ ଏକ ମତ ହୋଇ ଏକତରଫା ନିଷ୍ପତ୍ତି କରି ନେଲେ ଯେ, ଏହାର ଗୋଟାଏ ଗୁପ୍ତ କାରଣ ରହିଛି । 'ହଁ, ବଡ଼ଲୋକ ପିଲା !

ଏହି କୁତ୍ସିତ ଧାରଣା ବଳବତ୍ତର ହୋଇ ଉଠିଲା ଗାଆଁ ପୁରୋହିତ ପଦନ ମିଶ୍ରଙ୍କ ପାଣ୍ଡିତ୍ୟ ଫଳରେ ।

ଗାଆଁ ଭାଗବତ ଘରେ ଗାଣ ଗୋଟେଇଁ ଅଛନ୍ତି କି ନା, ପ୍ରତି ଦିନ ସନ୍ଧ୍ୟା ସମୟରେ ପଦନ ମିଶ୍ରେ ଅଧ୍ୟାୟେ ଭାଗବତ ପଢ଼ନ୍ତି ଆଉ ଶିକାରେ ଝୁଲା ହୋଇଥିବା ହାଣ୍ଡିରୁ ଦୁଇମୁଠା ଖଇ ଖଣ୍ଡେ ପିତଳ ଥାଳିଆରେ ରଖି ଖାଇ ମାରି ଦିଅନ୍ତି । ଏହି ମହୋତ୍ସବରେ ଗାଆଁର ବୁଢ଼ାଳିଆ ଲୋକମାନେ ବିଶେଷତଃ ଯେଉଁଦିନ ଯାହାର ଯେଉଁ କଥା ପଡ଼ାଇବାର ଥାଏ ବା ତାକୁ ନେଇ କଳି କରିବାର ଥାଏ, ସେପରି ମାତବର ଲୋକମାନେ ସ୍ୱତଃମତ ଉପସ୍ଥିତ ହୋଇ ଥାଆନ୍ତି । କଣ୍ଟ୍ରୋଲ କାଣ୍ଡ ଯୋଗୁଁ ଗାଆଁ ଗଣ୍ଡାରେ କିରୋସିନ ଦେଖିବା ସ୍ୱପ୍ନ, ଜଡ଼ା-ତେଲର ଦାମ ମଧ୍ୟ ଦୁଇଅଣା, ଭାଗବତ ଅଧ୍ୟାୟକ ଗଢ଼େଇ ଦେବା ପର୍ଯ୍ୟନ୍ତ ମିଟି ମିଟି ହୋଇ ଦୀପ ଜଳେ, ପଦନ ମିଶ୍ରେ ଶୁଦ୍ଧ ଅଶୁଦ୍ଧ ଘୁରାଇ ଗାଇ ଦିଅନ୍ତି, ତା ପରେ ଦୀପ ଲିଭେ, ଅନ୍ଧାର ଭିତରେ ବୈଠକ ଚାଲେ—ସମସ୍ତ ସମୟରେ ତାହା ଆଂଶିକ ଭାବେ ଆଲୋକିତ ହୋଇଥାଏ ଗଞ୍ଜେଇ ଚିଲମ ଟାଣିବା ଆଲୋକରେ । ପଦନ ମିଶ୍ରେ ଏକେ ଗାଆଁ ପୁରୋହିତ, ତା ଉପରେ ଭାଗବତର ପାଠକ, ତାଙ୍କର

ମତହିଁ ଏ ସବୁ ବିଷୟରେ ଚୂଡ଼ାନ୍ତ ହେବାକୁ ବାଧ୍ୟ । ତାହା ନ ହୋଇବା ଉପାୟ ନାହିଁ । ତାଙ୍କ ମତର ଅନ୍ୟଥା କଲେ ବା ତାହାର ପ୍ରତିବାଦ କଲେ ତାଙ୍କୁ ଜବତ କରିବାପାଇଁ ମିଶ୍ରଙ୍କ ହାତରେ ଅନେକ ଅସ୍ତ୍ର ଅଛି । ସେ ଲୋକ ଘରେ ଷଠୀଚଉଠୀ ମଙ୍ଗଳବାରଠାରୁ ପିଣ୍ଡ ପଡ଼ିବା, ବାଲ ଚୂଡ଼ା ପର୍ଯ୍ୟନ୍ତ ସବୁ କାମ—ଏକାଏକ ଏକା ହାତରେ ସେ ବସ୍ତିରର ଅଧିଦୈବିକ ବ୍ୟାପାରରେ ଅଚଳ ଅବସ୍ଥା ସୃଷ୍ଟି କରନ୍ତି । ଲୋକଟା ଯଦି ଏତେ ପାଷଣ୍ଡ ହୁଏ ଯେ, ଏଥିରେ ମଧ୍ୟ ତାର ଜ୍ଞାନ ଜନ୍ମେ ନାହିଁ—ତେବେ ଧୋବା ଭଣ୍ଡାରୀ ବନ୍ଦ, ଗାଆଁ ଛୁଆଁ ବାସନ୍ଦ, ଗାଆଁ ଲୋକଙ୍କ ଦ୍ୱାରା ବାସନ୍ଦ, ଏ ସବୁ ବ୍ୟବସ୍ଥା ପୁରୋହିତ ପଣ୍ଡିତେ କରିଥାଆନ୍ତି । ଠିକ୍ ହେଉ ଭୁଲ ହେଉ, ଗାଆଁ ଲୋକଙ୍କ ପକ୍ଷରେ ପୁରୋହିତଙ୍କ କଥାକୁ ଅମାନ୍ୟ କରିବାର ଉପାୟ ନାହିଁ । ସେ ସେମାନଙ୍କ ଘରେ ଜଳେଇବା ମଧ୍ୟ ବନ୍ଦ କରି ଦେଇପାରନ୍ତି ଏ ଭୟ ସେମାନଙ୍କର ସବୁବେଳେ ଥାଏ । ତେଣୁ ରୋମାନ୍‌କ୍ୟାଥଲିକ୍ ଜଗତରେ ପୋପଙ୍କ ପରି ଗାଆଁ ପୁରୋହିତମାନଙ୍କର ସବୁବେଳେ ଅପ୍ରତିମ ପ୍ରଭାବ ।

ସେ ଦିନ ଭାଗବତ ଘର ବୈଠକରେ ଗାଆଁର ଅନେକ ଲୋକ ଯୋଗ ଦେଇଥିଲେ, ଆଗଭଳି ବିଷୟଟା ଖୁବ୍ ମୁଖରୋଚକ ହେବ କି ନା, କେତେ ଲୋକ ତାହା ଉପଭୋଗ କରିବା ଲୋଭ ସମ୍ବରଣ କରି ପାରନ୍ତି ?

ନାରାୟଣଂ ନମସ୍କୃତ୍ୟଂଠାରୁ ଏକ ଅଧ୍ୟାୟ ଶ୍ରୀମଦ୍ଭାଗବତ ଏକାଦଶ ସ୍କନ୍ଧ ପାଞ୍ଚ ମିନିଟ ଭିତରେ ସମାପ୍ତ ହୋଇ ମୁନିରଃପି ମତିଭ୍ରମଃ ଯଦି ଶୁଦ୍ଧମଶୁଦ୍ଧଂ ବା ମମଦୋଷ ନ ବିଦ୍ୟତେ ହୋଇଗଲା ।

ପବନ ମିଶ୍ରେ ଚରମ ସଙ୍ଗାତ୍ ସଙ୍ଗାତ ଆରମ୍ଭ କରିଦେଲେ, ଆଉ କାଳ ହେଉ ନାହିଁ—ଆଉ ହେବ ନାହିଁ । ସେଇଥିପାଇଁ ପଣ୍ଡ ମାଗିବା ଡାକୁଛି—ଜଗତ ଥିବ ତେଏରଙ୍କୁ, ଚଉଦ ପନ୍ଦର ହେଉ ନ ରହିବେ ସବୁ ଭସ୍ମୀଭୂତ ସତରଙ୍କୁ ।'

ପଧାନେ ସେଥିରେ ମୁର୍ଚ୍ଛନା ଦେଲେ, 'ମାଳିକା—ହେବେ ଭୁଲ ହେବ !'

ପବନ ମିଶ୍ରେ କଥାଟା ଠିକ୍ ଶୁଣି ପାରିଲେ ନାହିଁ, ଚିଡ଼ିଯାଇ କହିଲେ, 'କଅଣ କହିଲ ପଧାନେ ? ଭୁଲ ? ମାଳିକା ଲେଖିବା ଲୋକ କଣ୍ଟି ଗଞ୍ଜେଇ ଖାଇ ଲେଖି ନ ଥିଲେ । ତରକି ଥିବ ତେଣେଇକୁ— ନାହିଁ, ଏ କଥା ମିଛ ? ହରେ ଆମର ଆଖି ଆଗରେ ପଦ୍ମ ସଆନ୍ତ ଘରି ସାନ ବାବୁ ପାଣ ପିଲାଟାକୁ ହାଣ କରି ଉଆସରେ ପଶିଲେ । ଆଉ ଜାଣ ରହିଲା କଅଣ ? କଅଣ ରହିଲା କହ ?'

ଗୋଷେଇ ଦ୍ୱାରେ ପାଣି ଧରିଲାପରି କହିଲା, 'ହୁ, କଅଣ ରହିଲା ଆଉ ? ଜାତି ପାଞ୍ଚ, କର୍ମଧର୍ମ ସବୁ ବୁଡ଼ିଲା, ଆଉ ରହିଲା କଅଣ ?'

ମିଶ୍ରେ କହି ଉଠିଲେ; 'ହରେ ବୁଝିବ ନାହିଁ ? ଛତିଶ ପର୍ଷ୍ଟରେ ରଜା ବ୍ରାହ୍ମଣ ତାକୁ ପଚାରିବ ନାହିଁ, ତାକୁ ପାଟକୁ ଡାକିବ ନାହିଁ, ଆଉ ଧର୍ମକର୍ମ କଅଣ ରହିବ ? ବୁଢ଼ା ସଆନ୍ତେ ଯେତେବେଳେ ଥିଲେ, ନିତି ଉଆସକୁ ଯାଇ ସିଂହାସନ ପଢ଼େ, କାର୍ତ୍ତିକ ମାସରେ କାର୍ତ୍ତିକ ମାହାତ୍ମ୍ୟ ପଢ଼େ, ଭଲମନ୍ଦ ହେଲେ ସେ ପଚାରନ୍ତି । ସେ ସବୁ ଗଲା । ନାଏବ ବାବୁ ଅଛନ୍ତି ବୋଲି ଏତିକି ସେତିକି ଜଣାଏ ରହୁଛି, ସେଥିପାଇଁ ରଥଠୀ ମଙ୍ଗଳବାରରେ ମୁଁ ଯାଇ ଉଆସର ଇଷ୍ଟାଳରେ ବର୍ତ୍ତିଟାଏ ଜାଳି ଦେଇ ଆସୁଛି, କାଳିଟାଏ ମାରୁଛି । ତାଙ୍କ ପରେ ସବୁ ବୁଡ଼ିବ ସବୁ ଯିବ । ବଂଶ ବୁଡ଼ିଲା ବେଳକୁ……!'

କଥାଟା କହୁ କହୁ ଅନେକ ଦୂର ବାହାରି ଆସି ସେ ଅଟକିଗଲେ ।

ପଧାନେ ଏମିତି ଖାଣି ଦେଇ ଟିକିଏ ଆଖି ବୁଜି ଦେଇଥିଲେ, ଠିକ୍ କହୁଛନ୍ତି ମିଶ୍ରେ ଆପଣେ, ବଂଶ ବୁଡ଼ିଲା ବେଳକୁ ଏମିତିଟାଏ, ତାକୁ ମଧ୍ୟ ବୁଢ଼ା……

ମିଶ୍ରେ ଚେଇଁ ଉଠିଲେ, 'ଆରେ କାହା କଥା କହୁଛ ?'

ପଧାନେ ସୁଦ୍ଧିଗଲେ; କହିଲେ, 'କାହିଁକି କାଳକୋଟ ଘର କଥା ! ହଁ; ମନେ କରୁଛ; ମୋତେ ନିଶା ଧରୁଛି—ନା; ଚାଲନ୍ତେ ଯାଉଁ, ଏତେଇମ ନୁହେଁ—ବସ ବସ ଚାଲମ……'

ମିଶ୍ର ବ୍ୟସ୍ତ ହୋଇ ପଚାରିଲେ—'ଆରେ ଜଗଦେବ ଘରକଥା କିଏ କହୁଥିଲା ?'

ପଧାନେ ଆହୁରି ଗରଜିଗଲେ—'ମାର ମାର ଭଣ୍ଡାଟିଆକୁ ମାର । କହୋ ଆଜି ଦପ୍ତରର ସାଙ୍ଗ ମଣିଷକୁ ଟିକିଏ ଶୋଇବାକୁ ଦେଲ ନାହିଁ । 'ଜଗଦେବ କଥା ପଡିବ, ଜଗଦେବ କଥା ପଡିବ, କହୁ ବର୍ତ୍ତମାନ କହୁଛ ସେ କଥା କିଏ କହୁଥିଲା ? ଗାଆଁ ଲୋକେ ପଣସ ଖାଇଲେ ବାଇକ ମୁଣ୍ଡରେ ଅଠା । କଥା ପକେଇଲ ତମେ, ଦୋଷ ହେଲା ମୋର ! କାଲି ଯେତେବେଳେ ଭିତରକୁ ତଲବ ହେବ, ଧର ଲଇସ ପଧାନକୁ—ଆଉ ନାକେ ସଫା ଭଲ ଲୋକ ।'

ମିଶ୍ର ଅଗ୍ନିଶର୍ମା ହୋଇଉଠିଲେ—'ଶୁଣ ଏ ମୂର୍ଖଟା କଥା ! କହୋ ସାନବାବୁ ବଡ଼ଲୋକ ପିଲା; ଜଗଦେବର ଝିଅ ତାଙ୍କ ଆଖିକୁ ଭଲ ଲାଗିଲା, ସେ ତାଙ୍କୁ ଯୋଡ଼ାଏ ଶାଢ଼ୀ ପଠାଇ ଦେଲେ—ସେଥିରେ ତମର କଅଣ ଗଲା, ମୋର କଅଣ ଗଲା ? ଯା ବୋଝ ତା ମୁଣ୍ଡକୁ । ସିଏ ଯାହା କରୁଛି, ସିଏ ତାହା ସମ୍ଭାଳିବ । ସେଥିରେ ମୋର କଅଣ ଗଲା ? ଶୁଣୁଛନା ଲାଇଗା କଥା । ମୋ ମୁଣ୍ଡରେ ଅଠା ବୋଲୁଛି । ଆରେ ଜାଣିଥା, ମୋ ଗୋଡ଼ ଯେଉଁଠି ପଡିବ ତୋ ମୁଣ୍ଡ ସେଠି ଥାଇବ ନାହିଁ ।'

ପଧାନେ ମଧ୍ୟ ଛାଡ଼ି ଉଠିଲେ । ଅଗାଧୁ ପୁହାଣେ ବାଧା ଦେଇ କହିଲେ, 'ରହ, ରହ, କଥାଟା କଅଣ ବୁଝିବା । ଆମେ ପଞ୍ଚପରମେଶ୍ବର ଏଠି ବସିଛୁ । କଥାଟା ବୁଝା ହେବା ଆଗରୁ ସ୍ୱପକ୍ଷ କାହିଁକି ? କଥାଟା କଅଣ ମିଶ୍ରେଅପଣେ କହିବା ହେଉନ୍ତୁ ।'

ମିଶ୍ର ସେତେବେଳକୁ ମଧ୍ୟ ପଞ୍ଚମରୁ ଓହ୍ଲାଇ ନ ଥିଲେ; କହିଲେ, 'କିଏ ଜାଣେ ହୋ କଥା କଅଣ ? ଖଇଗାରତ ମୁହିଁ ଖର ଉପରକୁ ହୋଇଗଲାଣି ! ହଉ ଶୁଣ—ସାଆନ୍ତ ଘର ସାନବାବୁ ଧରଣୀ ଜଗଦେବ ଝିଅ ମାଳତୀ ପାଖକୁ ଚାକର ହାତରେ ଶାଢ଼ୀ ଯୋଡ଼ାଏ ପଠାଇ ଥିଲେ । ଗାଈଆଳ ପିଲା ଦେଖୁଥିଲା, ସେମାନେ ବସ୍ତିର ଟୋକା ଭିତରେ ଦେଖା ଶୁଣା କଥାବାର୍ତ୍ତା ହୁଅନ୍ତି । ଗୁରୁବାସି ସ୍ୱାଇଁ

ଝିଅ ଧରୁଥିଲା, ସାନବାବୁ ଜଗଦେବ ବୁଢ଼ା ଘରକୁ ଆସିବା ସେ
ଦେଖିଛି । ନିଶା ସ୍ୱରରେ ସାନବାବୁ ତମ୍ବୁରା ବଜାଇଲେ ଜଗଦେବର
ଝିଅ କୁଆଡ଼େ ଲୁଚି ଲୁଚି ଉଆସ ଭିତରକୁ ଯାଏ, ଏ କଥା ଗାଆଁ
ମାଇପେ କହୁଥିଲେ ମୁଁ ଶୁଣିଛି । ପଧାନକୁ କହୁଛି, ଏ କଥା ସ୍ୱଗତତ
ଘରେ ପକାଇବା ! ଭରେ ଭଲାକୁଅଥ ନୁହେଁ କାଳଙ୍କ ଲୁଣଅ !
ଆମେମାନେତ ସୁଣି ପିଲାଟୁଆ ନେଇ ଘର କରୁଛୁ ! ହେଲେ ବା
ସେ ବଡ଼ ଲୋକ ! ଏଥିରେ ମୋର ଦୋଷ କଅଣ କହ ?'

ଅଗାଧୁ ବେହେରା ତାଙ୍କ ଜୀବନରେ ୮।୧୦ ଥର କଚେରି ଦେଖି-
ଛନ୍ତି, ଥରେ ହାଇକୋର୍ଟର ଦ୍ୱାର ପର୍ଯ୍ୟନ୍ତ ଯାଇ ଅଙ୍କଳୀଙ୍କୁ ଦେଖି
ଭୟରେ ପଳାଇ ମଧ୍ୟ ଆସିଛନ୍ତି । ସେ ନିଜକୁ ବଡ଼ ମାମଲତକାର
ମନେକରନ୍ତି, ଗାଆଁ ଭିତରେ ସେ ସବୁଠୁଁ ବୁଦ୍ଧିଆ ବୋଲି ମଧ୍ୟ
ପରିଚିତ । ସେ କହିଲେ, 'ଏଥିରେ ଦୋଷ କଅଣ ? ଆପଣ ଯେତେ
ହେଲେ ଗାଆଁର ମୁରବିଙ୍କ । ଆପଣ ଏ ସବୁ କଥା ନ ବୁଝିଲେ
ବୁଝିବ କିଏ ? ପଧାନେ, ତମର ଷୋଳଅଣା ଭୁଲ !'

ପଧାନେ ଗର୍ଜି ଉଠିଲେ, 'କଅଣ ମୋର ଭୁଲ, ହେଉ ଏ
ବାଷ୍ଟରେ ଗରେଇ ନିଶାପ ! ମୋର ଭୁଲ ? ପଦାନା ମିଶ୍ର କେତେ
ଠିକ୍ ଲୋକ ବୁଝିବା !'

ପଦାନ ମିଶ୍ର ଆଉ ସମ୍ଭାଳି ହୋଇ ପାରିଲେ ନାହିଁ, ଚିତ୍କାର କଲେ
'ଭରେ ଚଷା ଟୋକା ତୋର ଏଡ଼େ ବଡ଼ ମୁହଁ ! ଭରେ ତୁ ମୋତେ
ପଦନା କହୁଛୁ ! ! ହଇରେ ମୁଁ ପଦନା ! !'

ପଧାନ ମଧ୍ୟ ହେଲୁଥରୁ ତାର ସ୍ୱରରେ ଚିତ୍କାର ଆରମ୍ଭ କରି
ଦେଲା । ଆଉ ସମସ୍ତେ ମଧ୍ୟ ସଙ୍ଗେ ସଙ୍ଗେ ଏ ପକ୍ଷ ସେ ପକ୍ଷ ନେଇ
ତା ଦୁହିଁଙ୍କୁ ବୁଝାଶୁଝା କରିବାପାଇଁ ପାଟୁପର୍ଯ୍ୟନ୍ତ ବଡ଼ ପାଟି କରିବାରେ
ଲାଗିଲେ ।

ସ୍ୱଗତତ ଘରର ଅନ୍ଧାର ଭିତରଠାରେ ଗୋଟାଏ ଭୀଷଣ କୁରୁ-
କ୍ଷେତ୍ର ଆରମ୍ଭ ହୋଇଗଲା ବୋଲି ଲୋକେ ଭାବିଲେ, ସେ ଘରୁ ଯେ
ଯୁଆଡ଼େ ପଳାଇଲେ । ଏତେବେଳେ ଅନ୍ଧାର ଭିତରେ ମୁଣ୍ଡ ଫାଟିବା ଭୟ,

ସେଥିରୁ ସୁର୍ଯ୍ୟସୁବୁଦ୍ଧଙ୍କ ସୁକୃତରୁ ରକ୍ଷା ପାଇଲେ ସାକ୍ଷୀ ହୋଇ କଚେରୀକୁ ଶୋଷଣ ହେବା ଜନ୍ୟ । ଏଥିରେ ଜ ଗାଆଁର ଅସୀମ ସାହସୀ ଲୋକେ ରହିପାରନ୍ତି—ପଳାଇବା ଛଡ଼ା ଆଉ ସେମାନେ କଅଣ କରନ୍ତେ ?'

ତହୁଁ ଆରଦିନ ଗାଁ ଭିତରେ ପ୍ରଚାରିତ ହୋଇପଡ଼ିଲା ଯେ, ଗତ ସ୍ୱପ୍ନରେ ଭଗବତ ଘରେ ପଦ୍ମାସୃତ ହୋଇଥିଲା; ଜଗଦେବ ଝିଅ ମାଳତୀ କଥା ପଡ଼ିଲା, ତାଆଁ ଲୋକେ ଆଉ ତାକୁ ଦେଖି କଞ୍ଚ କଥା କହିବେ ନାହିଁ ବୋଲି ସାସ୍ତ ହେଲା ।

ମାଳତୀ ଯାହା ଆଗରୁ ବୁଝେ, ଦେଖି ତାକୁ କଥା କହନ୍ତି ନାହିଁ । ଗାଧୋଇ ଗଲାବେଳେ ସେ ଓ ଚମ୍ପା ଦୁହେଁ ସାଙ୍ଗ ହୋଇ ଯାଆନ୍ତି; ସବୁ ଦିନ ପରି ସେ ଦିନ ସେ ଚମ୍ପା ଘରକୁ ଗଲା । ଚମ୍ପା କିଛି କହିଲା ନାହିଁ ତା ବଉ କହିଲା, 'ଝିଅ, ତୋ ଲାଗି କଅଣ ଆମଘର ଧୋବା ଭଣ୍ଡାରି ବନ୍ଦ ହେବେ ? ତୁ ଆଉ ଆମ ଘରକୁ ଆସିବୁ ନାହିଁ ।'

ମାଳତୀ କିଛି ବୁଝି ପାରିଲା ନାହିଁ ; ସ୍ତମ୍ଭୀଭୂତ ହୋଇ ଗଲା; କିଛି ପଚାରିବା ଏପରି ସାହସ ତାର ହେଲା ନାହିଁ । ଏକୁଟିଆଟି ନଈକୁ ଯାଇ ଏକୁଟିଆ ଫେରିଲା ।

କାଲି ଆଗେ ଜଗଦେବଙ୍କ ସହିତ ମିଶ୍ରଙ୍କର ଦେଖା ହେଲା ।

ମିଶ୍ରେ କହିଲେ, 'ସାନ ବାବୁ ଆସି ଥିଲେ ତମ ଘର ଆଡ଼କୁ ?'

ଜଗଦେବ ଆଶ୍ଚର୍ଯ୍ୟ ହେଲା; କହିଲା, 'କଉ ସାନ ବାବୁ ? ସାଆନ୍ତ ଘର ସାନ ବାବୁ ? ସେ ଆମ ଗରିବ ଘରକୁ ଆସିବେ କାହିଁ କି ?

—'ଆରେ ହଁ ଆସିଥିଲେ, ମୁଁ ଭଲେ ଜାଣେ, ମାଳତୀକୁ ସେ ଯୋଡ଼ାଏ ଶାଢ଼ୀ ଦେଇଛନ୍ତି ।'

ଏ ଇଙ୍ଗିତରେ ଜଗଦେବ ବୁଢ଼ାର ଧମନୀର ରକ୍ତ ତାତି ଉଠିଲା; କହିଲା, 'ମିଶ୍ରେ ମୁହଁ ସମାଳ କଥା କହ । ବୁଢ଼ା ବୋଲି ଏବେ ଏତେ ଦେଖାଉଛ ।'

—'ହଁ, ହଁ, ବିଗିଡ଼ କାହିଁକି ? ଆଗେ ଘର ବୁଝ, ଆଗେ ଘର ବୁଝ ।'

## ଭିକ୍ଷେଇଶ—

ଧରଣୀ ଜଗନ୍ନାଥଙ୍କର ସବୁ ଯାଇଛି—ସମ୍ପତ୍ତି ବାଡ଼ି, ବଳ ବୟସ, ସ୍ତ୍ରୀ ପୁତ୍ର—ସବୁ, ରହିଛି କେବଳ ଜରାଜୀର୍ଣ୍ଣ ଶରୀର, ମାତ୍ର ଦୁଇ ଜମି, ମାଳତୀ, ଅଭାବ ଅନଟନର ନିରବଚ୍ଛିନ୍ନ ହାହାକାର—ଆଉ ଅନିଦ୍ରିଷ୍ଟର ଅଭିମାନ। ବାର୍ଦ୍ଧକ୍ୟ ନ ନେଇ ଛିଡ଼ା ହେବା ଶକ୍ତି ତାର ନାହିଁ, କିନ୍ତୁ ତାର ଧମନୀରେ ସେ ଅଦମ୍ୟର କ୍ଷୀରର। ଧାଉଁଛି ଏବଂ ସେ ଜୀବନର କୌଣସି ମୁହୂର୍ତ୍ତି ଭୁଲି ପାରି ନାହିଁ, ଦେହର ମାଂସପେଶୀ ଏପରି ଦୁର୍ବଳ ହୋଇ ପଡ଼ିଛି ଯେ, ସବୁବେଳେ ନିଜ ମୁଣ୍ଡକୁ ଟେକି ରଖିବା ଶକ୍ତି ନାହିଁ ବୁଢ଼ାର, କିନ୍ତୁ ମୁଣ୍ଡ ନୋଇଁ ନ ଦେବା ମନୋଭାବ ଦରପାସୋରି ସ୍ୱପ୍ନ ପରି ତା ଭିତରେ ଚେଇଁ ରହିଛି।

ଦୁନିଆର ଜୀବିତ ମନୁଷ୍ୟ ଭିତରେ ଅବଶିଷ୍ଟ ରହିଛି ତାର ଏକ ମାତ୍ର ଆତ୍ମୀୟ—ତାର ନାତି ମାଳତୀ। ଅନ୍ଧାର ରାତିରେ ଝଡ଼ର ପ୍ରଳୟ ନୃତ୍ୟର ଧ୍ୱଂସ ସ୍ତୂପ ଭିତରେ ଯେଉଁ ଦୀପଶିଖାଟିଏ ଚେଇଁ ରହିଥାଏ, ମନୁଷ୍ୟ ତାର ସମୁଦାୟ ହୃଦୟ ଦେଇ ସେଇଟିକୁ ଧରି ରଖିବାକୁ ଚାହେଁ। ସେହିପରି ବୁଢ଼ା ତାର ସମୁଦାୟ ହୃଦୟ ଦେଇ ମାଳତୀକୁ ଦେଖି ପାରେ। କ୍ଷୁଧା ଓ ଅଭାବର ହାହାକାର ପୂର୍ଣ୍ଣ କୋଳାହଳ ଭିତରେ ଧରଣୀ ଜଗନ୍ନାଥ ମାଳତୀର ମୁହଁକୁ ଚାହେଁ, ତାର ହୃଦୟରେ ଶାନ୍ତିର ଛାୟା ଓହ୍ଲାଇ ଆସେ, ସେ ମନେ କରେ ଏ ପର୍ଯ୍ୟନ୍ତ ଏ ଦୁନିଆରେ ଖାସ ନିଜର ସାମଗ୍ରୀ ରହିଛି—ସବୁ ସରି ଯାଇ ନାହିଁ। ସମୟ ସମୟରେ ତାର ଦୁର୍ବଳ ଚକ୍ଷୁ ମାଳତୀ ଉପରେ ପଡ଼େ—ଆଉ ତା ମନ ଭିତରେ ଗୋଟି ଗୋଟି ହୋଇ ଜାଗି ଉଠେ ଅନେକ ଦିନର ପାସୋରି ପୂର୍ବ ସ୍ମୃତି—ତାର ସ୍ତ୍ରୀ, ତାର ପୁତ୍ର, ତାର ଘୋଡ଼ା, ତାର ସମ୍ପତ୍ତି—ସେ ସବୁହିଁ ସୁଖର ଆଲୋକରେ ଅଲଙ୍କୃତ।

ମାଳଣୀ ଏ ସବୁ ଜାଣେ—ସେ ବୁଢ଼ାଠାରୁ ଅନେକ ଥର ଏ କଥା ଶୁଣିଛି; ସେଥିପାଇଁ ସେ କୌଣସି ଦିନ ତାର ବାପ ମନରେ କଷ୍ଟ ଦିଏ ନାହିଁ । ଦୁଇ ଓଳି ଉପାସ—ବୁଢ଼ା ଆଗରେ ତା ମୁହଁରେ ହସ ଥାଏ; ଲୁଗା ନାହିଁ—ସେ ବୁଢ଼ା ଆଖିରୁ ଲୁଗାର ଛିଣ୍ଡା ଅଂଶତକ ଲୁଚାଇ ରଖେ । ଘରେ ତେଲ ନାହିଁ, ବୁଢ଼ା ବ୍ୟସ୍ତ ହୋଇ ପଡ଼େ; ମାଳଣୀ କହେ, 'ଟିକିଏ ତେଲ ଥିଲା, ତରକାରୀରେ ଦେଇଛି; ଆଉ କଅଣ ହେବ ? ମୁଁ ତ ସେମିତି ଗାଧୋଇ ପଡ଼ିବି । ଖୁବ ଗରମ !'

ସଜାଗ ଛନ୍ଦିସୂତ୍ର ଯୋଗୁଁ ଜଗଦେବ ଗାଆଁ ଭିତରେ ଥାଇ ମଧ୍ୟ ସମସ୍ତଙ୍କଠାରୁ ଅଲଗା । ସେ କାହାର ପାଖରେ ବସେ ନାହିଁ, ବିନା ଦରକାରରେ କାହାର ସହିତ କଥା କହେ ନାହିଁ, ଗାଆଁର ଭଲ ମନ୍ଦ କଥାରେ ସେ ନ ଥାଏ । ସେଥିପାଇଁ ଗାଆଁର ଲୋକେ ତାକୁ ଦେଖି ପାରନ୍ତି ନାହିଁ ।

ସେ ଦିନ ହାଟରୁ ଫେରୁ ଫେରୁ ମଦନ ମିଶ୍ରଙ୍କଠାରୁ ମାଳଣୀ ବିଷୟରେ ଏକ କୁତ୍ସିତ ଇଙ୍ଗିତ ପାଇ ବୁଢ଼ା ଜଳି ଉଠିଲା—ମାଳଣୀ ଉପରେ ନୁହେଁ, ମିଶ୍ର ଉପରେ । ମାଳଣୀ ତାର ଝିଅ; ସେ ତାକୁ ଜାଣେ ନା । ସେ ଜଗଦେବର ଝିଅ, କୌଣସି ଦିନ ସେ ଏପରି କାମ କରିବ ନାହିଁ, ଯାହାଦ୍ୱାରା ତା ନିଜ ମୁଣ୍ଡ ବା ତା ବାପ ମୁଣ୍ଡ ତଳକୁ ହେବ । ମଦନ ମିଶ୍ରଙ୍କୁ ସେ ଆଉ ଚିହ୍ନି ନାହିଁ—ଚିହ୍ନିଛି ପିଲା ଦିନୁଁ । ମିଥ୍ୟାବାଦୀ—ସମ୍ପୂର୍ଣ୍ଣ ମିଥ୍ୟାବାଦୀ ଲୋକଟା । ଘରକୁ ଫେରି ବୁଢ଼ା ମାଳଣୀକୁ କିଛି କହିଲା ନାହିଁ । କହିବା ପରି କଥା ଯେ, ସେ କହନ୍ତା ! ମାଳଣୀ ଉପରେ ତାର ଅଖଣ୍ଡ ବିଶ୍ୱାସ । ସେ ଯଦି ତା ମନରେ କଷ୍ଟ ଦିଏ, ତେବେ ତାର ବୋଉ ଅଛି କି ତାକୁ ବୁଝାଇବ ? ଆହା ପିଲାଟା ! ଜଗଦେବର ଶୁଷ୍କ ଛାତି ଭିତରୁ ଉଠିଲା ଗୋଟାଏ ଦୀର୍ଘଶ୍ୱାସ ।

ସେ ଦିନ ଘରେ ଷେରେ ଚାଉଳ ମଧ୍ୟ ନ ଥିଲା । ମାଳଣୀ ଅନ୍ୟ ସାଇପଡ଼ିଶା ଘରକୁ ଯାଏ ନାହିଁ । ଯାହା ବା ଚାଉଳ ଉଧାର କରି

ଅଣନ୍ତା, ସେ ବାଟ ବନ୍ଦ। ସକାଳେ ବୁଢା ଜମିର ସୁଖୀ ଘରକୁ ଯାଇଥିଲା; ଅଗତା ଫସଲ ମୁଣ୍ଡକୁ ସେମାନେ ସନ୍ଧ୍ୟାବେଳକୁ ଗୋଟିଏ ସୁଭଲ ନେଇ ଆସିବେ ବୋଲି କହିଛନ୍ତି। ବୁଢ଼ା ଘରେ ହେଁସ ଖଣ୍ଡେ ପାରି ଶୋଇ ପଡିଲା, ମାଳଙ୍କ ପିଣ୍ଡାରେ ବସି ମଧ୍ୟାହ୍ନ ଆକାଶକୁ ଚାହିଁ ରହିଲା।

ସାଆନ୍ତଙ୍କ କଚେରିର ଜମାଦାର ଆସି ଡାକିଲା।

ବୁଢ଼ା ଦାଣ୍ଡପିଣ୍ଡାକୁ ଗଲା।

ଜମାଦାର ସାଙ୍ଗରେ ଆସିଥିଲା ଦୁଇଜଣ ଭରୁଆ, ଭାରରେ ଦୁଇଭାର ଧାନ।

ବୁଢାକୁ କହିଲା, 'ସାନବାବୁ ପଠାଇଛନ୍ତି, ୪୦ ଗୌଣି ଧାନ ଆଉ ୧୦୦ଟା ଟଙ୍କା। ନିଅ'।

ବୁଢ଼ାର ନିଷ୍ପ୍ରଭ ଆଖି ଦୁଇଟା ହିଂସ୍ରପଶୁର ଆଖି ପରି ଜଳି ଉଠି ପୁଣି ନିଷ୍ପ୍ରଭ ହୋଇଗଲା। ସେ ବ୍ୟଙ୍ଗ ସ୍ୱରରେ କହିଲା, 'ତମର ସାନବାବୁ ଖୁବ ଭଲ ଲୋକ। ତାଙ୍କର ଏ ଅନୁଗ୍ରହଟା କେବଳ ମୋ ଉପରେ ନା ଗାଆଁର ଆଉ ସମସ୍ତଙ୍କ ଉପରେ?'

ଜମାଦାର ଚିଡିଗଲା, କହିଲା, 'ହେ ବୁଢ଼ା'

ବୁଢା ସେ ଆଡ଼କୁ ଦୃଷ୍ଟି ନ ଦେଇ କହିଲା, 'ବଡ଼ ଲୋକ କି ନା, ଖିଆଲ ଯାହା ଇଚ୍ଛା ତାହା କରିପାରିବ! ଏ ବୁଢା ଏ ପର୍ଯ୍ୟନ୍ତ ଜୀଇଛି, ଏପର୍ଯ୍ୟନ୍ତ ଏହା ଶିରାରେ ରକ୍ତ ଅଛି।'

ଜମାଦାର କିଛି ବୁଝି ପାରିଲା ନାହିଁ।

ଜଗଦେବ ନିଜ ଉତ୍ତେଜନାରେ ନିଜେ ସଚେତ ହୋଇ ଉଠିଲା। କଣ୍ଠସ୍ୱର ରଖି କହିଲା, 'ଜମାଦାରେ, ଏସବୁ ଜିନିଷ ଫେରାଇ ନିଅ; ସାନବାବୁଙ୍କୁ କହିବ, ସେ ବଡ଼ଲୋକ; ଏହା ବୋଲି କଅଣ ସେ ତାଙ୍କର ଧାନ ଧନ ଦେଖାଇ ଗରିବଙ୍କୁ ଅପମାନ ଦେବେ? ଆମେ ଗରିବ, ଆମେ ଖାଇବାକୁ ପାଉ ନା—ସତ, କିନ୍ତୁ ଆମେ ତ ଭିଖାରି ନୋହୁଁ ଯେ ତାଙ୍କର ଦାନ ନେଇ ପେଟ ପୋଷିବୁ। ଗରିବଙ୍କୁ ଏପରି ଅପମାନ ଦେଲେ, ଗରିବ ତ ନିଃସହାୟ ସେ ସହିବ, ଧର୍ମ ସହିଲେ ହୁଏ।'

ଜମାଦାର ସ୍ତମ୍ଭୀଭୂତ ହୋଇ ଛିଡ଼ାହୋଇ କହିଲା, 'ତେବେ ତମେ ନେବ ନାହିଁ !'

ବୁଢ଼ା ଧୀରେ ଧୀରେ ପୁଣି କହିଲା, 'ତୁମେ ଜାଣ ନା ଜମାଦାରେ, ହିନ୍ଦୁ କେବେ କାହାର ହାତଟେକା ଦାନ ନିଏ !'

ମାଳତୀ ପିଣ୍ଡାରେ ବସି ଆକାଶକୁ ଚାହିଁ ଚାହିଁ ସବୁ ଶୁଣୁଥିଲା, ତାର ମନେ ହେଉଥିଲା, ଏ ପୃଥିବୀଟା ଯଦି ଶୂନ୍ୟରେ ମିଳାଇ ଆକାଶର ସେହି ନୀଳ ଶୂନ୍ୟତା ସହିତ ମିଶି ଯାଆନ୍ତା, ତେବେ ଭଲ ହୁଅନ୍ତା ।

ଜମାଦାର ଖବୁଆମାନଙ୍କୁ ସାଙ୍ଗରେ ନେଇ ଫେରିଗଲା ।

ଜଗକୈବ ବୁଢ଼ା ଘର ଭିତରୁ ଫେରିଲା, ତାର ମୁହଁ ଅଷାଢ଼ ଆକାଶ ପରି ଗମ୍ଭୀର ।

ମାଳତୀ ପାଖରେ ଛିଡ଼ା ହୋଇ ଗମ୍ଭୀର ସ୍ୱରରେ କହିଲା, 'ମାଳ, ସାଆନ୍ତ ଘର ସାନବାବୁ ଯେଉଁ ଲୁଗା ଦେଇଥିଲେ ତତେ, କାହିଁ ?'

ମାଳତୀ ନିସ୍ତବ୍ଧ ହୋଇ ବସି ରହିଲା । ଚମ୍ପା ଯେ କାହିଁକି ତା ସହିତ ଗାଧୋଇ ନ ଯାଏ, କେହି ଯେ କାହିଁକି ତା ସହିତ କଥା କହନ୍ତି ନାହିଁ, ବିଜୁଳି ଚମକ ପରି ତା ଆଖି ଆଗରେ ସେ ସବୁ ସ୍ପଷ୍ଟ ହୋଇଗଲା ।

ସେ ଧୀରେ ଧୀରେ ଉଠିଯାଇ ପେଡ଼ି ଭିତରୁ ଶାଢ଼ୀ ଦୁଇଖଣ୍ଡ ଆଣି ବୁଢ଼ା ଆଗରେ ଧରିଲା ।

ବୁଢ଼ାର ଆଖି ଦୁଇଟା ହିଂସ୍ର ଜନ୍ତୁ ପରି ପୁଣି ଜଳି ଉଠିଲା । ସେ କହିଲା, 'ତୁ କହୁ ନ ଥିଲୁ କାହିଁକି ? ସେ କେବେ ଆମ ଘରକୁ ଆସିଥିଲା ?'

ମାଳତୀ ବଜ୍ରାହତ ପରି ସ୍ତମ୍ଭିତ ହୋଇ ରହିଲା; ବୁଢ଼ା ମୁହଁର ଏଇ କଥାଗୁଡ଼ାକ ତୀର ପରି ତାର ଛାତିକୁ ଭେଦ କଲା । ସେ କିଛି କହି ପାରିଲା ନାହିଁ ।

ବୁଢ଼ା କ୍ରୋଧରେ, ଘୃଣାରେ, ଅପମାନରେ ଉନ୍ମତ୍ତ ପରି ହୋଇଗଲା । ତାର ମୁଣ୍ଡ ଦୁଇ କଡ଼ର ଶିରା ଦୁଇଟା ଛିଡ଼ା ହୋଇ ରହିଲା ।

ସେ ଭଲ ନ କହୁ କଟେହୁଏ ଖଣ୍ଡ ଭିତରକୁ ବାହାର ପଡ଼ିଲ ଗଲୁ ।

ମାଳତୀ ସେଇଠାରେ କେତେକ୍ଷଣ ଠିଆ ହୋଇ ରହିଲା । ତାର ବୁକୁଅନ୍ଦେ ଘରକ୍ଷାର, ଗଛପତ୍ରଗୁଡ଼ାକ ଧାଇଁ ବୁଲୁଛନ୍ତି; ମନେହେଲା, ତାର ମୁଣ୍ଡ ଭିତରେ ଘଳସୁବାଲର ସବୁଯାକ ଝଡ଼ ଏକାଠି ମିଶି ନାଟ ଲଗାଇ ଦେଇଛନ୍ତି ।

ତାର ଛିଡ଼ା ହେବାର କ୍ଷମତା ରହିଲା ନାହିଁ । ସେ ସେଇଠାରେ ବସି ପଡ଼ିଲା ।

ଦ୍ୱିପହରର ସୂର୍ଯ୍ୟ ପଶ୍ଚିମଆଡ଼କୁ ଅନେକ ଦୂର ଖସି ଯାଇଥିଲେ ସେ ଯେ କେତେବେଳ ସେହିପରି ବସିଥିଲା ତାର ମନେ ନାହିଁ ।

'ମାଳ !' ଦ୍ୱାର ପାଖରୁ ବୁଢ଼ା ଡାକିଲା ।

ନୂଆ ଶାଢ଼ୀ ଦୁଇଖଣ୍ଡ ସେତେବେଳଯାଏ ସେହିପରି ପିଣ୍ଡାରେ ପଡ଼ିଥିଲା ।

ମାଳତୀ ବୁଢ଼ା ଆଡ଼କୁ ନିଃସହାୟ ଦୃଷ୍ଟିରେ ଚାହିଁ ପିନ୍ଧିଥିବା ଛିଣ୍ଡା ଲୁଗା କାନରେ ଆଖି ପୋଛିଲା ।

---

## ଦୋଷଏ

ବୈଶାଖର ଉତ୍ତପ୍ତ ମଧ୍ୟାହ୍ନରେ ଦକ୍ଷିଣା ବାୟୁର ଶୀତଳ ସ୍ପର୍ଶର ସ୍ନିଗ୍ଧ ପରି ସବୁ ଦୁଃଖ ଦୁର୍ଦ୍ଦଶା ଭିତରେ ମାଳତୀ ମନରେ ଜାଗି ରହିଲା ଗୋଟାଏ କଥା—ସାନବାବୁ ତାର ଏସବୁ ପାଇଁ ଦାୟୀ । ସାନବାବୁଙ୍କ ଯୋଗୁଁ ଗାଆଁର ସମସ୍ତେ ତା ମୁହଁକୁ ଚାହୁଁ ନାହାନ୍ତି, ସାନବାବୁଙ୍କ ଯୋଗୁଁ ତାର ବାପାର ମୁଣ୍ଡ ଅଦାଲତରେ ତଳକୁ ହୋଇଛି, ସେହି ସାନବାବୁଙ୍କ ଯୋଗୁଁ ସେମାନଙ୍କ ଜୀବନ ଅଭିଶପ୍ତ ହୋଇ ପଡ଼ିଛି । ସେ ତ ତାଙ୍କ ସହିତ କେବେ କଥା କହୁ ନାହିଁ, ତାଙ୍କୁ କେବେ ପାଖରେ ପାଇନାହିଁ, ସ୍ୱପ୍ନରେ କୁହେଳି ଭିତରେ ମୁହୂର୍ତ୍ତକ ପାଇଁ ଦେଖିଲା ପରି ସେଇ ସେଦିନ ନଈରୁ ଆସିବାବେଳେ ଓଢ଼ଣାର

ଆବରଣ ଉହ୍ଲାଡ଼ରୁ ସେ ତାଙ୍କୁ ଯେତିକି ଦେଖିଛି ସେତିକି; କିନ୍ତୁ ସେଇତକ ଦେଖିବାକୁ ତା ପକ୍ଷରେ ଯଥେଷ୍ଟ, ସେଇତକହିଁ ଏ ଦୁଃଖଦୁର୍ଦ୍ଦଶା ଭିତରେ ତାର ସାନ୍ତ୍ୱନା, ସମାଜର ଏ ଅତ୍ୟାଚାର ଭିତରେ ଆଶା ଓ ଆଶ୍ୱାସନାର ସ୍ଥଳ ।

ଘରର ଅଖଣ୍ଡ ନିସ୍ତବ୍ଧ ଭିତରେ ସେ ତାଙ୍କର ସ୍ପର୍ଶ ପାଏ; ସାଇର ଲୋକେ ଯେତେବେଳେ ତା ଆଡ଼କୁ ହାସ୍ୟଭରା ଦୃଷ୍ଟିରେ ଚାହାନ୍ତି, ସେ ତାଙ୍କର ସାନିଧ୍ୟ ଲାଭକରେ; ସବୁ ଅଭାବ ଅନାଟନ ଭିତରେ ଦେବତାର ଆବିର୍ଭାବ ପରି ଫୁଟିଉଠେ ସାନ ବାବୁର ଆଖି ଦୁଇଟି—ଅବଶ୍ୟ ସେ କେବେ ତାଙ୍କର ଆଖି ଦେଖିନି ବା ଆଖିକୁ ଚାହିଁନି, ତାହାନୁହେଁ; ତାର କଳ୍ପନା ତା ମନ ଭିତରେ ଦୁଇଟି ଦୟା ଓ ପ୍ରେମପୂର୍ଣ୍ଣ ଆଖି ଦୁଇଟି ଗଢ଼ିଦିଏ । ତାର ସବୁ ଯନ୍ତ୍ରଣା ଆନନ୍ଦର ସ୍ପର୍ଶରେ ଆନନ୍ଦମୟ ହୋଇଯାଏ । ଦୁଃଖ ଭିତରେ ମାଳତୀ ତାଙ୍କୁ ପାଏ ବୋଲି, ସେ ତାର ମନପ୍ରାଣ ଦେଇ ତାଙ୍କୁ ଧରି ରଖିବାକୁ ଚାହେଁ ।

ଯେଉଁଦିନ ତାର ବାପା ସାନବାବୁଙ୍କ ପଠାଇଥିବା ଧାନ ଓ ଟଙ୍କା ଫେରାଇ ଦେଲା, ସେଦିନ ତା ଛାତି ଭିତରଟାରେ ଅଭିମାନ ଫୁଲି ଫୁଲି ଉଠିଲା । ଯେଉଁ କଥାଟା ଅନ୍ତରର ଗୋପନତମ ପ୍ରଦେଶରେ ରହିବାକୁ ଶୋଭନୀୟ, ତାକୁ ସେ କାହିଁକି ଏପରି ଭାବରେ ପଦାରେ ପକାଇ ଦେଲା ? ଘରର ଗମ୍ଭୀର ଭିତରେ ଯେଉଁ ଦେବତାର ସିଂହାସନ ସ୍ଥାପିତ; ତାକୁ ଦାଣ୍ଡର ଧୂଳିରେ ଗଡ଼ାଇ ଦେବା ଠିକ କି ? ଯେଉଁ କଥାଟି ଅକୁହା ରହିବା ଠିକ ତାକୁ ସଙ୍ଗୀତର ମଧୁରତମ ସ୍ୱରରେ କହିଲେ ମଧ୍ୟ ତ ତାହା ଠିକ ରହେନାହିଁ; ଯେଉଁ ଛବିଟିର ମହିମା ଅଦେଖାରେହିଁ ପ୍ରକାଶ ପାଏ, ଦେବତାର ପୂଜା ଫୁଲରେ ସଜାଇ ତାକୁ ଦେଖିଲେ ମଧ୍ୟ ତାର ମହିମା ତ ରହେ ନାହିଁ । ପାଞ୍ଚ ଜଣଙ୍କ ଆଗରେ ପ୍ରକାଶିତ ହୋଇ ପଡ଼ିବାରୁ ମାଳତୀର ଯେଉଁ ବସ୍ତୁଟି ତାର ଖାସ ହୃଦୟର ଜଳଣ, ତାର ଜାଗରଣର ସ୍ୱପ୍ନ, ସୁଷୁପ୍ତିର ସଙ୍ଗୀ ହୋଇ

ଥିଲା, ଆଉ ତ ତାହା ରହିଲା ନାହିଁ । ମାଳତୀର ହୃଦୟ ଅଭିମାନରେ ଲୁଣ୍ଠିତ ହୋଇ ପଡ଼ିଲା ।

ସେ ଯେତିକି ଭାବିଲା, ତାର ଅଭିମାନ ସେତିକି ବଢ଼ିଗଲା । ସେ କାହିଁକି ତାଙ୍କ ଘରକୁ ଏ ଧାନ ଆଉ ଟଙ୍କା ପଠାଇଲେ ? ସେମାନେ ଗରିବ, ଏକଥାତ ତାଙ୍କୁ ଅଜଣା ନୁହେଁ; କିନ୍ତୁ ଗରିବ ବୋଲି ହାତ ଟେକା ଦାନ ଦେଇ ତାଙ୍କୁ ଅପମାନିତ କରିବା ଠିକ ! ସେମାନେ ତ କୌଣସି ଦିନ ପ୍ରାର୍ଥନାର ଭିକ୍ଷାଝୁଲି ଧରି ତାଙ୍କ ଦ୍ୱାର ପାଖରେ ପହଞ୍ଚି ନାହାନ୍ତି, ସେମାନେ କୌଣସି ଦିନତ ଗରିବ ବୋଲି ଭିକ୍ଷାରୂପେ କାହାର ସାହାଯ୍ୟ ଗ୍ରହଣ କରି ନାହାନ୍ତି । ସେମାନେ ଉପାସ ରହୁଛନ୍ତି, ଛିଣ୍ଡା ପିନ୍ଧୁଛନ୍ତି , ଶତ ସହସ୍ର ଅଭାବର ତାଡ଼ନାରେ ବ୍ୟତିବ୍ୟସ୍ତ ହୋଇଛନ୍ତି; କିନ୍ତୁ କୌଣସି ଦିନତ କାହାର ପାଖରେ ମୁଣ୍ଡ ନୁଆଁଇ ନାହାନ୍ତି । ଧନରେ ଯଦି ଗର୍ବ କରିବାର କିଛି ଥାଏ, ଦାରିଦ୍ର୍ୟରେ ଗର୍ବ କରିବାର କଅଣ କିଛି ନାହିଁ ? ଧନ ବାହ୍ୟ ପ୍ରକାଶରେ ସମ୍ମାନ ଥାଏ ବୋଲି ଦାରିଦ୍ର୍ୟର ଅନ୍ତର୍ନିହିତ ସଂଯମରେ କଅଣ କିଛି ସମ୍ମାନ ନାହିଁ ? ଧନୀର ଧନ ବିଷୟରେ ଅଭିମାନ ଥାଏ ବୋଲି, ଦରିଦ୍ରର ଦାରିଦ୍ର୍ୟରେ ନ୍ୟାଯ୍ୟସଙ୍ଗତ ଅଭିମାନ ରହିବା କଅଣ ଅନୁଚିତ ? ସେମାନେ ଗରିବ କିନ୍ତୁ ସେମାନେ ତ ମନୁଷ୍ୟ— ମନୁଷ୍ୟର ମନ, ମନୁଷ୍ୟର ଚିନ୍ତାଶକ୍ତି ତ ସେମାନଙ୍କର ଅଛି; ସେମାନେ ମଧ୍ୟ ମାନ ଅପମାନ ଅନୁଭବ କରି ପାରନ୍ତି ତ ! ସେମାନେ ଅନ୍ନର କାଙ୍ଗାଳ, ବସ୍ତ୍ରର କାଙ୍ଗାଳବୋଲି ମନର କାଙ୍ଗାଳତ ନୁହନ୍ତି ! ସେମାନେ ଦୁଃଖରେ ଥିଲେ ଭଲ; କିନ୍ତୁ ତାହାତ ଦେହର ଦୁଃଖ ପେଟର ଦୁଃଖ — ଆଉ ସେ ବିଷୟରେ ମନର ଦୁଃଖ; କିନ୍ତୁ ସେ ହାତଟେକା ଦାନ ପଠାଇ ଦେଇ ତାଙ୍କ ମନ ଉପରେ ଆଘାତ କଲେ ନାହିଁକି ? ଦେହଟା ଆଖିକୁ ଦିଶେ ବୋଲି ସତ; ମନଟା ଦିଶେ ନାହିଁ ବୋଲି କଅଣ ତାର ଅସ୍ତିତ୍ୱ ନାହିଁ ? ମାଳତୀର ହୃଦୟରେ ଅଭିମାନର ଅଭିଯୋଗ ପୁଞ୍ଜିଭୂତ ହୋଇ ଉଠିଲା । ସେ ପ୍ରସ୍ତରମୂର୍ତ୍ତି ପରି ବସି ରହିଲା । ପଡ଼ି ରହିଲା ତାପାଖରେ ସାନବାବୁ ପଠାଇଥିବା ଶାଢ଼ୀ ଯୋଡ଼ାକ ।

ତାର ଭାବନାର ଅନ୍ତ ନାହିଁ; ନିଜ ସହିତ ନିଜେ ଯୁଦ୍ଧ କରି କ୍ଷତ ବିକ୍ଷତ ହୋଇ ସେ କ୍ଳାନ୍ତ ହୋଇ ପଡ଼ିଲା । ସେମିତି ଶୂନ୍ୟ ଆଡ଼କୁ ଚାହିଁ ବସି ରହିଲା ।

ଗୋଟାଏ ଅସ୍ପଷ୍ଟ ଅସଂଖ୍ୟ ଘାତର ଜମାଟ ପରି ତାର ସାରା ଶରୀରରେ ମାଡ଼ି ଯିବାରେ ଲାଗିଲା । ସେ ଯେ ସାନବାବୁ ପ୍ରତି ନ୍ୟାୟ କରି ନାହିଁ, ତାଙ୍କ ପ୍ରତି ଅଭିମାନର ଆକ୍ରୋଶକୁ ମନରେ ସ୍ଥାନ ଦେଇ ନିଜ ପ୍ରତି ଅନ୍ୟାୟ କରିଛି, ତାହା ସେ ଅନୁଭବ କଲା । ତାର ସମୁଦାୟ ଦୃଷ୍ଟିର ଭଙ୍ଗି ଫେରିଗଲା ଆଉ ଗୋଟାଏ ଦିଗକୁ ; ଆଉ ଗୋଟାଏ ଚକ୍ରବାଳ ତାର ଦୃଷ୍ଟି ଆଗରେ ଜାଗି ଉଠିଲା । ସେ ଭାବିଲା ନା, ସାନବାବୁ ତ ସେମାନଙ୍କୁ ଅପମାନିତ କରିନାହାନ୍ତି । ତାଙ୍କଠାରୁ ମାଳତୀର ବେଶୀ ମଙ୍ଗଳାକାଂକ୍ଷୀ କିଏ ଯେ, ସେ ମାଳତୀ ଓ ତାର ବାପାକୁ ଅପମାନିତ କରିବେ, ମନରେ କଷ୍ଟ ଦେବେ ? ନା, ତାହା ନୁହେଁ । ହୁଏତ ସିଏ ସେମାନଙ୍କର ଖବର ଭିତର ରଖୁଛନ୍ତି, ହୁଏତ ଅତି ଆପଣାର ଲୋକ ପରି ସେ ଆତ୍ମୀୟତାର ହାତ ବଢ଼ାଇ ଦେଇଥିଲେ ମାଳତୀ ଆଡ଼କୁ; ହୁଏତ ସେମାନଙ୍କ ପ୍ରତି ଅସୀମ ସହାନୁଭୂତିରେ ତାଙ୍କ ହୃଦୟ ପୂର୍ଣ୍ଣ; ହୁଏତ ଆତ୍ମୀୟତାର ଅଧିକାରରେ ସେ ସବୁ ତାଙ୍କ ପାଖକୁ ପଠାଇ ଥିଲେ । ତାଙ୍କର କଅଣ ସେ ଅଧିକାର ନାହିଁ ? ମାଳତୀ କଅଣ ତାଙ୍କୁ ସେ ଅଧିକାରରୁ ବଞ୍ଚିତ କରିବାକୁ ଚାହେଁ? —ତାର ଅନ୍ତରାତ୍ମା ଚିତ୍କାର କରି ଉଠିଲା—ନା, ନା !

ମାଳତୀ ଭାବୁଛି; ଅତି ଅସରନ୍ତି ତାର ଭାବନା; କିନ୍ତୁ ତାର ଅଭିମୁଖ୍ୟ ତ ସେଇ ଗୋଟାଏ ଦିଗରେ । ସେ ଶତବାର, ସହସ୍ର ବାର ନିଜକୁ କହୁଛି, ହଁ, ସାନବାବୁ ତାର ଆତ୍ମୀୟ, ନିଶ୍ଚୟ ଆତ୍ମୀୟ; ହୃଦୟର ପ୍ରତି ସ୍ତର, ଜୀବନର ପ୍ରତି ମୁହୂର୍ତ୍ତକୁ ଯେ ଆବୃତ କରି ରଖିଛି, ସେ ଆତ୍ମୀୟ ନୁହେଁତ ଆତ୍ମୀୟ କିଏ; ସେ ଆପଣାର ନୁହେଁତ ଆପଣାର କିଏ ? ନା, ସେ ତାଙ୍କ ପ୍ରତି ଅନ୍ୟାୟ କରିଛି—ଘୋର

ଅନ୍ୟାୟ; ଜୀବନରେ ତ ଏତ ମରଣରେ ମଧ୍ୟ ଏ ଅନ୍ୟାୟର ଶେଷ ନାହିଁ ।

ଫେର ଭାବିଲା, ଲୋକେ କଅଣ ଏହା ତାକୁହିଁ ବ୍ୟଙ୍ଗ ବିଦ୍ରୂପ-ପୂର୍ଣ୍ଣ ଦୃଷ୍ଟିରେ ଦେଖୁଛନ୍ତି ? ଏହା କଅଣ ତାକୁ ଘୃଣାଦୃଷ୍ଟିରେ ଦେଖୁଛନ୍ତି ? ଏଥିରେ କଅଣ ତାଙ୍କର କିଛି ଯାଉ ନାହିଁ ? ଏଥିରେ କଅଣ ତାଙ୍କ ମନରେ ଆଘାତ ହେଉ ନାହିଁ, ସେ ଦୁଃଖ ଅନୁଭବ କରୁ ନାହାନ୍ତି ? ସେ ଯେତିକି ଭାବିଲା, ତାର ଅନ୍ତରାତ୍ମା ସେତିକି ହାହାକାର କରି ଉଠିଲା । ସେତ ବଡ଼ଲୋକର ପିଲା; ମାଳତୀତ ତାଙ୍କର ପୋଇଲୀ-ପରିବାର ହେବାର ଉପଯୁକ୍ତ ନୁହେଁ; ତଥାପି ତାହାରି ଯୋଗୁଁ ତାଙ୍କୁ ତ ସବୁ ସହିବାକୁ ପଡ଼ୁଛି: ତାହାରି ଯୋଗୁଁ ତ ତାଙ୍କର ମୁଣ୍ଡ ତଳକୁ ହୋଇ ପଡ଼ୁଛି । ମାଳତୀର ଅନ୍ତରର ଅନନ୍ତ ସହାନୁଭୂତି ପ୍ରଦୋଷ ଉଦ୍ଦେଶ୍ୟରେ ଅମୃତଧାରା ବର୍ଷଣ କରିଗଲା ।

ପୁଣି ତାର ଦୃଷ୍ଟିଆଗେ ଖେଳି ବୁଲିଲା ଅନନ୍ତ ମଳୟ, ପୁଣି ତାର ହୃଦ୍‌ଆଗେ ଫିଟିଗଲା ସୁନେଲୀ ସ୍ୱପ୍ନର ଅମରନ୍ତ ଦ୍ୱାର, ପୁଣି ତା ଦୃଷ୍ଟିରେ ସ୍ୱପ୍ନଘେରା ଜୀବନ ପୃଷ୍ଠରେ ବିମଣ୍ଡିତ ହୋଇ ଉଠିଲା । ସେ ଭୁଲିଗଲା ତାର କ୍ଷୁଧା, ତାର ଅପମାନ, ତାର ଅଭିମାନ, ଅତୀତ ଓ ଭବିଷ୍ୟତ୍ କଳ୍ପନାର ଅସୀମ ରାଜ୍ୟରେ ନିଜର ଅସ୍ତିତ୍ୱକୁ ହଜାଇ ଦେଇ ସେ ବସି ରହିଲା ।

ଜଗଦେବ ବୁଢ଼ା ଯେତେବେଳେ ଦେହର ବଳର ଛାୟା-ହୀନ ଖାଲି ଭିତରେ ବୁଝି ବୁଲି ନିଜ ସନ୍ତାନ ମୁଖ କରୁଥିଲା; ତାର ଝିଅ ମାଳତୀ କଦାପି ତାର ମୁଣ୍ଡ ତଳକୁ କରିପାରେ ନା ବୋଲି ଯେତେବେଳେ ତାର ବିଶ୍ୱାସକୁ ଦୃଢ଼ କରିବା ପାଇଁ ସବୁ ସପକ୍ଷ ଯୁକ୍ତି ବାଛି ନେଉଥିଲା; ଏସବୁ ଗ୍ରାମବାସୀଙ୍କ ଚକାନ୍ତ ବୋଲି ଯେତେ-ବେଳେ ସେ ସ୍ଥିର କରୁଥିଲା, ସେତେବେଳେ ମାଳତୀ ନିଜର ସ୍ୱପ୍ନରେ ନିଜେ ବିଭୋର ହୋଇ ରହିଥିଲା । ସାଆନ୍ତ ଘର ସାନବାବୁ ବିଷୟ ସେ ବେଶୀ ଜାଣି ନଥିଲା; କିନ୍ତୁ ତାଙ୍କର ଅଭାବ କଅଣ ଯେ ବୁଢ଼ାହାଡ଼ର ଅଣ୍ଟାବାଡ଼ି ଉପରେ ସେ ଦୃଷ୍ଟି ପାହାର ଦେବେ ?

ନା, ନା, ଏସବୁ ମିଛ, ଏସବୁ ପଦନ ମିଶ୍ରର ଚାରଣାଦ, ଏସବୁ ଗ୍ରାମବାସୀଙ୍କର ଦୁର୍ବୁଦ୍ଧି ।

ହଠାତ୍ ତାର ମନେ ପଡ଼ିଲା ତାର ଝିଅଟା। ଏତେବେଳ ଯାଏ ଅବ୍ୟକ୍ତ ରହିଛି; ସେ ତା ମନରେ ଆଘାତ ଦେଇ ଆସିଛି । ହୁଏ ତ ଖେଳିଲା ପେଟରେ ସେ ସେହି ପିଣ୍ଡାରେ ପଡ଼ି କାନ୍ଦୁଥିବ; ହୁଏତ ସେ ପେଟର ଜ୍ୱାଳା ମନର ଦୁଃଖରେ ଜଳି ଯାଉଥିବ ! ଏପରି କେହି ନାହିଁ ଯେ, ତାର ଲୁହ ପୋଛିଦେବ, ତାକୁ ସାନ୍ତ୍ୱନା ଦେବ ।

ବୁଢ଼ା ଫେରିଲା ।

ତାର ମୁହଁରେ ସ୍ନେହ ସହାନୁଭୂତି-ବୋଳା ସ୍ୱରରେ ସେ ଡାକିଲା —'ମାଳ !' ସ୍ୱପ୍ନୋତ୍ଥିତା ପରି ମାଳତୀ ତା ଆଡ଼କୁ ଚାହିଁଲା ।

---

## ଏକୋଇଶ

କୃଷ୍ଣଶଙ୍କରଙ୍କ ଗ୍ରାମରେ ଚବିଶ ପ୍ରହରୀ । ନିରବଚ୍ଛିନ୍ନ ଭାବରେ କୀର୍ତ୍ତନ ଲାଗିଛି — ତା ସାଙ୍ଗେ ସାଙ୍ଗେ ଲାଗିଛି ପାଖରେ କାଣ୍ଟିଘେର ହୋଇ ଛଉଣି ହୋଇଥିବା ସେପେଇ ଘରେ ନିରବଚ୍ଛିନ୍ନ ସେପେଇ । ଗୋଟାଏ କାଠଉଁଚୌରି ଉପରେ ଫୁଲ ପତ୍ର, ପତାକା ଭାଗବତରେ ସଜ୍ଜିତ କରି ରଖାଯାଇଛି । କୀର୍ତ୍ତନବାଲାମାନେ ଗାଉଛନ୍ତି ଆଉ ସେ ପଠ ଚାରି ପାଖରେ ବୁଲିବୁଲି ଅଦ୍ଭୁତ ଝଙ୍କାର ଧ୍ୱନି ସହିତ ଝାଞ୍ଜ ମୃଦଙ୍ଗ ପିଟୁଛନ୍ତି । କି ଦିନ କି ରାତି କି ସକାଳ କି ସଞ୍ଜ ଏହି ବ୍ୟାପାର ଚାଲିଛି ।

କୃଷ୍ଣଶଙ୍କର ଗାଁକୁ ଆସିଛନ୍ତି, ସେ ଏ ଚବିଶ ପ୍ରହରର ମହନ୍ତ ଆସନ ମାଡ଼ି ବସିଛନ୍ତି କହିଲେ ଚଳେ । ତାଙ୍କର ଶରୀର—ଏ ଉତ୍ସବରେ କପାଳ ସହିତ ପେଟ ଛାତି ଓ ବାହୁ ଯୁଗଳକୁ ମଧ୍ୟ ଅତିକ୍ରମଣ କରିଛି; ବେକର କୁଣ୍ଡରପଟିଆ ମାଳା ଗୁଡ଼ିକ ଜୋର ଛାଏ ଘେରରେ ପରିଣତ ହୋଇଛି । ସେ ବେଳେବେଳେ ଦୁଇବାହୁ ଟେକି ସ୍ୱରବର୍ଜିତ ସ୍ୱରରେ ଚିତ୍କାର କରି କୀର୍ତ୍ତନ ସଙ୍ଗେ ସଙ୍ଗେ

ଭୁଲୁଛନ୍ତି, କେତେବେଳେ ଶେଷ ଘରେ ବନ୍ଧୁ ନେଉଛନ୍ତି, କେତେ-ବେଳେ ଅଗନ୍ତୁକ କୀର୍ତ୍ତନଦଳସହିତ କଥାବାର୍ତ୍ତା ହେଉଛନ୍ତି । ଏପରି ଅଖଣ୍ଡ ଚିତ୍କାର ଓ ଭୋଜନ,ଭୋଜନ ଆଉ ଚିତ୍କାରର ହୈହୈ ରୈରୈ ବ୍ୟାପାରରେ ସେ ଗାଁର ଲୋକ ମାତି ଉଠିଛନ୍ତି; କୃଷ୍ଣଚନ୍ଦ୍ରଙ୍କ ପୁଅ କଟକର ଜଣେ ଓକିଲକୁ ପାଇ ସେମାନଙ୍କ ଉତ୍ସାହ ଦ୍ୱିଗୁଣ ବଢ଼ି ଯାଇଛି । ଏ ଚବିଶପ୍ରହରୀ କଥା ଏପରି ଭାବରେ ପ୍ରଚାରିତ ହୋଇପଡ଼ିଛି ଯେ, ଦଶକୋଶ ଆଖପାଖର ଭକ୍ତିମନ୍ତ । ନିଷ୍ଠାମୀ, ଉତ୍ସବପ୍ରିୟ ଲୋକେ କେହି ବା କୀର୍ତ୍ତନଶ୍ରବଣ କେହି ବା ପ୍ରସାଦ ସେବନ ଲୋଭରେ ଆକୃଷ୍ଟ ହୋଇ ସେଠାରେ ଉପସ୍ଥିତ ହେଉଛନ୍ତି, ସେ ଗାଁର ଲୋକେ ଗର୍ବର ସହିତ ଓକିଲ ବାବୁଙ୍କୁ ଦେଖାଇ କହୁଛନ୍ତି, 'ଗତ ଆଠ ପ୍ରହର ଭିତରେ ତାଙ୍କ ଠାରେ ତିନିବାର 'ଆବେଶ ହୋଇ ଗଲାଣି'—ଅର୍ଥାତ୍ କୀର୍ତ୍ତନ ଭିତରେ ସେ ତିନିଥର ମୂର୍ଚ୍ଛିତ ହୋଇ ପଡ଼ିଲେଣି ! ଆଗନ୍ତୁକ ଲୋକେ ଓକିଲଙ୍କ ଧାର୍ମିକତାର ଏ ଅବ୍ୟର୍ଥ ପ୍ରମାଣ ପାଇଁ ଧନ୍ୟ ଧନ୍ୟ କରୁଛନ୍ତି । ଆଉ କୃଷ୍ଣଚନ୍ଦ୍ରଙ୍କର ଠିକ ଭୁଇଁ ପାଉଛି, ବିନା ପଇସାରେ ତାଙ୍କର ବ୍ୟବସାୟର ଚମତ୍କାର ବିଜ୍ଞାପନ ହେଉଛି, ତାଙ୍କ ମକ୍କେଲ ସଂଖ୍ୟା ବଢ଼ୁଛନ୍ତି ! 'ଜୟ ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ !'

ପ୍ରଦୋଷର ଗାଁ ନିକଟରେ ତ କୃଷ୍ଣଚନ୍ଦ୍ରଙ୍କର ଗ୍ରାମ—ମଝିରେ ଅଧ ମାଇଲ ବିଲର ବ୍ୟବଧାନ । ରାତି ବାରଟା ହେବ, ସବୁଆଡ଼ ନୀରବ ନିସ୍ତବ୍ଧ; ଉପର ମହଲାରେ ଥିବା ତାର ଶୋଇବା ଘରେ ବିଛଣାରେ ବେଭରିଜ ସ୍କିମ୍‌କୁ ତନ୍ନ ତନ୍ନ କରି ଆଲୋଚନା କରୁଥିଲା, ଆଉ ଭାବୁଥିଲା ଯୁଦ୍ଧପରେ ଇଂଲଣ୍ଡକୁ ଅବଶ୍ୟମ୍ଭାବୀ ସାମ୍ୟ-ବାଦ ମୁଖରୁ ରକ୍ଷାକରିବା ପାଇଁ ପୁଞ୍ଜିବାଦୀମାନେ କିପରି କୂଟ ବ୍ୟବସ୍ଥା କରି ପାରନ୍ତି । ଏ ସ୍କିମ୍‌ର ଅର୍ଥନୈତିକ ମାରପେଞ୍ଚ ଦେହରେ କସରତ କରିବା ପରେ ସେ ବହି ବୁଜି ଶୋଇବାର ଚେଷ୍ଟାକଲା । ସେତେ-ବେଳେ ଚବିଶପ୍ରହରୀଠାରେ ପୂର୍ଣ୍ଣ ଉଦ୍ଦଣ୍ଡ କୀର୍ତ୍ତନ । ସେଠାରୁ ଏପରି ଶବ୍ଦ ପ୍ରବାହ ଚତୁର୍ଦ୍ଦିଗକୁ ବିସ୍ତୃତ ହେଉଥିଲା ଯେ, ପ୍ରଦୋଷର

ମନେହେଲା, କେଉଁଠାରେ ବୋଧହୁଏ ଘର ପୋଡ଼ିଯାଉଛି । ସ୍ୱରଅଡ଼କୁ ଦୃଷ୍ଟି ଦେଇ ଦେଖିଲା ଦୂରରେ ଦୁଇ ତିନୋଟି ଆଲୁଅ ଦେଖା ଯାଉଛି । ଆଉ ଯାହା କିଛି ହେଉ ଏହା ଘରପୋଡ଼ି ନୁହେଁ ବୋଲି ସେ ସ୍ଥିର କରି ଶୋଇବାର ଚେଷ୍ଟାକଲା; କିନ୍ତୁ ଏ ଶବ୍ଦ-ନାଦ ଏପରି ଭାବରେ ତାର ମସ୍ତିଷ୍କକୁ ଆକ୍ରମଣ କରିବାରେ ଲାଗିଲା ଯେ, ସୁପ୍ତି ଓ ଜାଗରଣ ଭିତରେ ଦ୍ୱନ୍ଦ୍ୱ ଯୁଦ୍ଧ ଲାଗିଗଲା । ପ୍ରଦୋଷ କିଂକର୍ତ୍ତବ୍ୟ ହୋଇ ତାରି ଭିତରେ ପଡ଼ି ରହିଲା ।

ସକାଳେ ସେ ତରୁଣ ପ୍ରହରୀ କଥା ସଙ୍ଗେ ସଙ୍ଗେ କୃଷ୍ଣଭଞ୍ଜଙ୍କର ନିଜ ଗ୍ରାମକୁ ଆଗମନବାର୍ତ୍ତା ଶୁଣିଥିଲା । ତରୁଣ ପ୍ରହରୀ ଭିତରେ ତାଙ୍କର ଅଭିନବ ଦର୍ଶନ ଓ ତାଙ୍କ ସହିତ ବାକ୍ୟାଳାପ କରିବା ଲୋଭ ସେ ସମ୍ବରଣ କରି ପାରିଲା ନାହିଁ । ତେଣୁ ଶଙ୍ଖ ବାଜିବା ସଙ୍ଗେ ସଙ୍ଗେ ସେ ବାଡ଼ି ଖଣ୍ଡେ ହାତରେ ନେଇ କୃଷ୍ଣଭଞ୍ଜଙ୍କର ଗ୍ରାମ ଅଡ଼କୁ ବୁଲି ବାହାରିଲା ।

ଅଦମ୍ୟ କାହାଳି ବାଜୁଛି । ସାଙ୍ଗୋପାଙ୍ଗପରିବୃତ ହୋଇ କୃଷ୍ଣଭଞ୍ଜଙ୍କର ଖଣ୍ଡେ ସତରଞ୍ଜି ଉପରେ ଉତ୍ତରର ସର୍ବଶ୍ରେଷ୍ଠ ମନୁଷ୍ୟ ରୂପେ ବିରାଜିତ ହୋଇଛନ୍ତି; ପ୍ରଦୋଷ ଯାଇ ପହଞ୍ଚିଗଲା । ସେ ଗାଁର ମୁଖିଆ ଲୋକ କେତେଜଣ ସାନବାବୁ ଆସିଛନ୍ତି ବୋଲି ବ୍ୟସ୍ତ ହୋଇ ପଡ଼ିଲେ । ସେ ସେମାନଙ୍କର ଜମିଦାର । ସେ ଯେତେବେଳେ ଆସିଛନ୍ତି, ତାଙ୍କୁ ଯଥାଯୋଗ୍ୟ ଅଭ୍ୟର୍ଥନା କରିବାକୁ ହେବ । ଦଣ୍ଡବତ ଓ ଅଭ୍ୟର୍ଥନାର ଗୋଟାଏ ଜୁଆର ଉଠିଗଲା । କୃଷ୍ଣଭଞ୍ଜଙ୍କର ମନେକଲା ପ୍ରଦୋଷ ନିକଟରେ ସେ ନିଷ୍ଠୁର ହୋଇ ପଡ଼ିଲେ—ମନେ ମନେ ବିରକ୍ତ ହେଲା; କିନ୍ତୁ ବିରକ୍ତ ପ୍ରକାଶ କରିବାର ଉପାୟ ନାହିଁ —'ଆସନ୍ତୁ ଆସନ୍ତୁ, ବୋଲି ଅଭ୍ୟର୍ଥନା କଲା । ପୁଣି ଜୋରରେ କାହାଳି ବାଜିଲା ।

ତରୁଣ ହୃଦୟର ପ୍ରଥମତେ ପ୍ରଦୋଷର କପାଳରେ ଚନ୍ଦନ ବୋଳି ଫୁଲମାଳ ଦେବାପାଇଁ ଯେତେବେଳେ ଜଣେ ଲୋକ ଆସେ ସେତେବେଳେ ସେ କହିଲା, 'କୃଷ୍ଣଭଞ୍ଜଙ୍କର ବାବୁଙ୍କୁ ପଚାରିଛ ?'

ଲୋକଟା ବୋକା ପରି ତାଙ୍କୁ ସ୍ପର୍ଶ କରୁଥିଲା ।

କୃଷ୍ଣଶଙ୍କରଙ୍କର ମନେ ହେଲା, ଏ ବୋଧହୁଏ ମଦ ପିଇଛି । କୀର୍ତ୍ତନର ସେ ଦିନର ଘଟଣା ପରେ ପ୍ରବୋଧ ଯେ ଚବିଶ ଘଣ୍ଟା ମଦ୍ୟରେ ବୁଡ଼ି ରହୁଥାଏ ବୋଲି ଗୋଟାଏ ଧାରଣା ତାଙ୍କ ମନରେ ହୋଇଯାଇଥିଲା ।

ପ୍ରବୋଧ ତାଙ୍କୁ କହିଲା, 'ଆସନ୍ତୁ ଟିକିଏ କଥାବାର୍ତ୍ତା ହେବା; ମୁଁ କୀର୍ତ୍ତନ ଦେଖିବାକୁ ଆସିନାହିଁ, ଆପଣଙ୍କ ସହିତ ଟିକିଏ କଥାବାର୍ତ୍ତା ହେବାକୁ ଆସିଛି ।'

କୃଷ୍ଣଶଙ୍କର ମନେ କଲେ ଏ ଏକ ବିପଦ; କିନ୍ତୁ ଜମିଦାରଙ୍କ ସହିତ ବନ୍ଧୁ ଭାବରେ ଆଳାପ କରିବାରେ ତ ପଲ୍ଲୀର ଲୋକଙ୍କ ଦୃଷ୍ଟିରେ କମ୍ ଗୌରବର କଥା ନୁହେଁ ! ସେ ଦୁହେଁ ସାମନାରେ ଥିବା ଗୋଟାଏ ତକିଆ ଉପରେ ଯାଇ ବସିଲେ ।

ପ୍ରବୋଧ କହିଲା, 'ଏଇ ଯେଉଁ ବ୍ୟାପାର ଲାଗିଛି, ଏହାର ଅର୍ଥଟା କଅଣ କହନ୍ତୁ ତ । ଏତେ ପରିଶ୍ରମ, ଏତେ ଶକ୍ତି ମିଛରେ ବ୍ୟୟ କରି ଲାଭ କଅଣ ? ଅର୍ଥର କଥା ମୁଁ ବାଦ୍ ଦେଲି ।'

କୃଷ୍ଣଶଙ୍କରର ଧାରଣା ହେଲା, ନିଶ୍ଚୟ ଏ ମଦ ପିଇଛି । ସଂକ୍ଷେପରେ କହିଲେ, 'ଧର୍ମ !'

—'ଝାଞ୍ଜ ମୃଦଙ୍ଗ ବଜାଇ ଚିତ୍କାର କଲେ ଧର୍ମ ।'

କୃଷ୍ଣଶଙ୍କର ବିରକ୍ତ ହୋଇ ଉଠିଲେ, 'ଚିତ୍କାର ନୁହେଁ—ନାମ କୀର୍ତ୍ତନ ।'

—'ନାମ କୀର୍ତ୍ତନ ବା ଗୁଣକୀର୍ତ୍ତନ ଯାହା ହେଉ, ଏଥିରେ କି ଲାଭ ଅଛି ? ଏଥିରେ କାହାର କ'ଣ ଉପକାର ହେବ ? ଚବିଶ ପ୍ରହର ଧରି ଚବିଶ ବର୍ଷ ନିରବଚ୍ଛିନ୍ନ ଭାବରେ ନାମ କୀର୍ତ୍ତନ କଲେ ଗୋଟାଏ କଷି ମଧ୍ୟ କଅଁଳି ପାରିବ ନାହିଁ ।'

କୃଷ୍ଣଶଙ୍କର ବଡ଼ ବିଭ୍ରାଟରେ ପଡ଼ିଲେ । ସେ ଏ ଉତ୍ସବର ମହନ୍ତରୂପେ ନିଜକୁ ଧରି ନେଇଛି । ଏହି ନାସ୍ତିକ ଲୋକଟାକୁ ଯଦି ଏହାର କାରଣ କିଛି ବୁଝାଇ ନ ପାରେ ତେବେ ତାର ମହନ୍ତପଣ

ବୃଥା; କିନ୍ତୁ ଏହାର ସେ କି ଉତ୍ତର ଦେବ ? କହି ପକାଇଲା, ଅର୍ଥାତ୍ —ତେବେ ଏ ସବୁର ବ୍ୟବସ୍ଥା ଅଛି କାହିଁକି ?

—'ମୁଁ ଠିକ୍ ସେଇ କଥାହିଁ ପଚାରୁଛି । ଏସବୁର ବ୍ୟବସ୍ଥା ଅଛି କାହିଁକି ? କୃଷ୍ଣକାନ୍ତଙ୍କରକୁ କିଛି ଉତ୍ତର ମିଳିଲା ନାହିଁ; କହିଲା, 'ଆପଣ ବୁଝି ପାରୁ ନାହାନ୍ତି ।'

ପ୍ରଦୋଷ ହସି ହସି କହିଲା, 'ଠିକ୍, ମୁଁ ବୁଝିପାରୁ ନାହିଁ ।'

କୃଷ୍ଣକାନ୍ତଙ୍କର ଆରମ୍ଭ କଲା, 'ଧର୍ମ ଶାସ୍ତ୍ର.......... ।'

—'ଦେଖନ୍ତୁ ଧର୍ମଶାସ୍ତ୍ର ମୁଁ ପଢ଼ିନାହିଁ; ନିଜ ବସ୍ତୁର ବୁଦ୍ଧିରେ ଯାହା ଠିକ୍ ନ ହେବ ଧର୍ମଶାସ୍ତ୍ର ଗ୍ରନ୍ଥ ବେଦ କହିଲେ ମଧ୍ୟ ମନୁଷ୍ୟ ହିସାବରେ ତାହା ମୁଁ ମାନିବାକୁ ରାଜି ନୁହେଁ । ସେପରି କଲେ ମନୁଷ୍ୟର ମନୁଷ୍ୟତା ପ୍ରତି, ମନୁଷ୍ୟର ବୁଦ୍ଧିବୃତ୍ତି ପ୍ରତି ଅପମାନ କରାଯିବ । ମୁଁ ଗୋଟାଏ କଥା ପଚାରୁଛି, ଭଲ ଦେଖନ୍ତୁ ନା—ଧରନ୍ତୁ, ଏଇ ଯେତେ ଲୋକ ଅକାରଣେ ସେ ଛୁଣଟା ସ୍ତୂପ ପାଖରେ ନେଇଗଲା ସ୍ତୂପ ପାଖର ବଜାର ପରି ଘୂରି ବୁଲୁଛନ୍ତି, ସେମାନେ ସେ ଭଳି ଟଙ୍କାର ଭଡ଼ା ସଙ୍ଗେ ସଙ୍ଗେ ଯଦି ଅହରହ ଏଥି ତିନି ଦିନ ଯତ୍ନ କାଟନ୍ତେ, ତେବେ ସେଠା ପଇସାରେ ଅନ୍ତତଃ ଦଶ ଜଣ ଗରିବ ଲୋକ ବର୍ଷକର ଲୁଗା ପାଆନ୍ତା ତ ? ଲମ୍ବା ମୁହଁରେ ଗାଣ୍ଠିଲ ଗାଇବା ସଙ୍ଗେ ସଙ୍ଗେ ସେମାନେ ଯଦି ଗାଆଁର ସେଇ ଭଙ୍ଗା ବାଲିଠାରେ ଟୋକେଇଏ ଲେଖା ମାଟି ପକାନ୍ତେ, ତେବେ ଅନ୍ତତଃ ଶହେ ଭରଣ ଧାନ ବଢ଼ି ମୁହଁବ୍ର ରଖା ପାଆନ୍ତା । ଶହେ ଜଣ ଲୋକର ବର୍ଷକର ଆହାର ଯୁଟନ୍ତା ନାହିଁକି ? ମୁଁ ଏଇ ଭାବରେ ପ୍ରଶ୍ନଟା ପଚାରୁଛି । ମୋର ଆପତ୍ତି ହେଉଛି, ଏତେ ସୁଦ୍ଧାଏ ମାନବ ଶକ୍ତି—human energyକୁ ବୃଥାରେ ଖରଚ କରିବା ଉଚିତ କି ?'

କୃଷ୍ଣକାନ୍ତଙ୍କର ଚେଷ୍ଟିତ ମସ୍ତିଷ୍କରେ ପ୍ରଶ୍ନଗୁଡ଼ାକ ଏପରି ଭାବରେ କେବେ ପ୍ରବେଶ କରି ନଥିଲା । ସେ କିଛି ଉତ୍ତର ଦେଇ ନ ପାରି କହିଲା, 'ଏ ସବୁ ପାର୍ଥିବ କଥା ।'

—'ଠିକ୍ । ମନୁଷ୍ୟ ବି ତ ପାର୍ଥିବ ଜୀବ ।'

ଏହି ସମୟରେ କୃଷ୍ଣବାବୁଙ୍କର ଘର ଚାକର ଟୋକା ଆସି ଡାକିଲା, 'ଆପଣଙ୍କୁ ସାଆନ୍ତାଣୀ ଡାକୁଛନ୍ତି ।'

କୃଷ୍ଣବାବୁଙ୍କର ଆଗ୍ରହର ସହିତ କହି ଉଠିଲେ, 'ମତେ ?'

ଚାକର ଟୋକା କହିଲା, 'ଜମିଦାର ବାବୁଙ୍କୁ ସାଆନ୍ତାଣୀ ଡାକିଦେବାକୁ କହିଲେ ।'

ହୈମବତୀ ଦୂରରୁ ପ୍ରଦୋଷଙ୍କୁ ଦେଖିଥିଲା ।

ଚାକର ଟୋକାର କଥାରେ କୃଷ୍ଣବାବୁଙ୍କର ଭ୍ରୂକୁଞ୍ଚିତ ହୋଇଗଲା । ହେବା କଥା ମଧ୍ୟ । ଇଞ୍ଜିନ ପଛରେ ରେଲଗାଡ଼ି ଯେପରି ଟାଣି ହୋଇ ଆସେ, ହୈମବତୀ ପଛେ ପଛେ ସେ ସେହିପରି ଟାଣି ହୋଇ ଆସିଛନ୍ତି ଗାଁ ପର୍ଯ୍ୟନ୍ତ । ସେ ଖଳ ଲକ୍ଷଣରୁ ଫେର ସେ ଦେଖେ, ହୈମବତୀ ଗାଆଁକୁ ଯିବା ପାଇଁ ସବୁ ଠିକ କରି ବାହାରି ବସିଛି । କୌଣସି ଖଳ ସ୍ତ୍ରୀକୁ ଲଢ଼ି ପାରିବା କୃଷ୍ଣବାବୁଙ୍କର ନିସ୍ତାର ପାଏ ନାହିଁ; ତେଣୁ ତାଙ୍କୁ ଦୃଷ୍ଟି କରିବା ସାହସ ମଧ୍ୟ ଅନେକ ଖଳ ହେଲା କୃଷ୍ଣବାବୁଙ୍କଠାରୁ ଲୁପ୍ତ ହୋଇଛି । ସେ ଅନ୍ଦାଜରେ ବୁଝିଲେ, କେବଳ ଚାକର ଟୋକାହିଁ ତାଙ୍କ ସାଙ୍ଗରେ ଯିବାର ବ୍ୟବସ୍ଥା ହୈମବତୀ କରିଛି ।

କୋଟ ବୋତାମ ଫିଟାଇ ଫିଟାଇ କୃଷ୍ଣବାବୁଙ୍କର ନିଜ ମନକୁ ମନ କହିଲେ, 'ଆଜିକାଲି ରେଲରେ ଯେପରି ମିଲିଟାରୀ ଭିଡ଼, ସେଥିରେ ସ୍ତ୍ରୀଲୋକମାନଙ୍କ ଯିବା ମୁସ୍କିଲ—ହୁଁ ଏକଦମ, ମୁସ୍କିଲ । ମୋତେ ଯିବାକୁ ପଡ଼ିଲା—ଗାଆଁ ଯାଏ । ହୁଁ, ସବୁ କୃଷ୍ଣଚୈତନ୍ୟଙ୍କ ଇଚ୍ଛା ।'

ଜଳଣି ଜଳ ହେବାକୁ ଯେ ଖତ ହେବ ତାହା ସ୍ୱତଃ ସେ ଅନୁଭବ ହେଲେ; କିନ୍ତୁ ହୈମବତୀର ଇଚ୍ଛା ଅନୁସାରେ କାମକଲେ ହୁଏତ ତାଙ୍କର କିଛି ଅନୁଗ୍ରହ ଲାଭ ହେବ, ଏତିକି ଆଶା ପୋଷି ସେ ବାହାରି ପଡ଼ିଥିଲେ ।

ଚାକର ଟୋକାର କଥା ଶୁଣି ପ୍ରଦୋଷ କହିଲା, 'ମତେ ? ହଉ । ଚାଲନ୍ତୁ କୃଷ୍ଣବାବୁଙ୍କର ବାବୁ ।'

କୃଷ୍ଣବାବୁଙ୍କର ବାବୁଙ୍କ ମସ୍ତିଷ୍କରେ ବିଭ୍ରମ ଭାବ ହୋଇଗଲା । ହୈମବତୀର ଏମା ଆହ୍ୱାନରେ ଯଦି ସେ ସାମନ୍ତ ତ, ପ୍ରଦୋଷ

ସମ୍ମୁଖରେ ଏକ ଲଙ୍କାକାଣ୍ଡ ଘଟିବାର ଆଶଙ୍କା, ଯଦି ନ ଯାଆନ୍ତି ତେବେ ଭଦ୍ରଲୋକ ସମ୍ମୁଖରେ ମାନ ରହିବ ନାହିଁ । ତା ଉପରେ ଯେତେହେଲେ ହୈମବତୀ ତାଙ୍କର ସ୍ତ୍ରୀ, ଏଇ ପ୍ରଦୋଷ ··· । ସେ ଆଉ କିଛି ଭାବି ପାରିଲେ ନାହିଁ; କହିଲେ, 'ଅର୍ଥାତ୍ ଆପଣ ବୁଝନ୍ତୁ; ମୁଁ ଏଆଡ଼ର ଟିକିଏ ବ୍ୟବସ୍ଥା ଦେଖି ଯାଉଛି ।'

ପ୍ରଦୋଷ କୃଷ୍ଣଭକ୍ତଙ୍କର ଘରେ ପହଞ୍ଚିବା ସଙ୍ଗେ ସଙ୍ଗେ, ହୈମବତୀ ଆସି ତାଙ୍କୁ ଭୂମିଷ୍ଠ ଦଣ୍ଡବତ୍ କଲା । ପ୍ରଦୋଷ ପିଣ୍ଡାରେ ବିଛା ହୋଇ-ଥିବା ଖଣ୍ଡେ ଆସନରେ ବସିବା ପରେ, ହୈମବତୀ କହିଲା, 'ଚିହ୍ନି ପାରୁ ନା ମତେ, ପଦ ଭାଇ ?'

ପ୍ରଦୋଷ ତା ଆଡ଼କୁ ଚାହିଁ ରହିଲା ।

ହୈମବତୀ କହିଲା, 'ପିଲ୍ଲଦିନେ ତମେ ଯେତେବେଳେ ମାଉସୀ ଘରକୁ ଯାଉଥିଲ······ସେଇ କାମସ୍ପେଲ ଗଛ······।'

ସ୍ମୃତିରାଜ୍ୟରୁ ଖସି ଆସିଲା ପରି ଗୋଟିଏ ବାଳିକାର ଚେହେରା ତା ସ୍ମୃତି ଭିତରକୁ ଖସି ଆସିଲା । ସେ ହଠାତ୍ କହି ପକାଇଲା, 'ହେମ—ଲୁ ! ଅରେ ତୁ ଏଡ଼େ ବଡ଼ କେବେ ହେଲୁ ! ଅରେ ମୁସ୍କିଲ କଥା ! ମୁଁ ତ ତୋତେ ଆଦୌ ଚିହ୍ନି ପାରୁ ନାହିଁ !'

—'ମୁଁ କଅଣ ତମକୁ ଚିହ୍ନି ପାରୁ ଥିଲି ? ତମେ କ ବଡ଼ ହୋଇ ଯାଇଛ ? ଶୁଣେ ପ୍ରଦୋଷ ବାବୁ, ପ୍ରଦୋଷ ବାବୁ; ଭାବେ, କିଏ ମଦୁଆଟାଏ ହୋଇଥିବ ? ତମେ ଯେ ପଦ ଭାଇ, ଆଜ ଦେଖି ଜାଣିଲି ସିନା !'

—'ତେବେ ମୁଁ ମଦୁଆ ବୋଲି ଜାଣିଛୁ । ନା'ରେ ହେମ ?' ହସି ହସି ପ୍ରଦୋଷ କହିଲା । ହେମ ଗମ୍ଭୀର ଭାବରେ କହିଲା, 'ଖୋଲ ସେଣିକି ? ଆହୁରି ଅନେକ କଥା ।'

—'ଓଃ, ତା ହେଲେ ସବୁ ଶୁଣିଛୁ ।'—ସେ ପିଲ୍ଲଦିନର ହେମଂଝାକୁ ହୈମବତୀ ଭିତରୁ ଖୋଜି ବାହାର କରୁଥିଲା । ତାର ମାଉସୀ ଘରକୁ ଲାଗି ହେମର ବାପ ଘର । ମାଉସୀ ଘରକୁ ଗଲେ ହେମ ତାର ବଡ଼ ସାଙ୍ଗ । ଅନେକ ଦିନ ତଳେ ସେ ଯେବେ ମାଉସୀ ଘରକୁ

ଥରେ ଯାଇଥିଲା, ସେତେବେଳେ ପିଲା ମନର ହେମ ସଦ୍ୟ ପ୍ରସ୍ଫୁଟିତ ଫୁଲ ପରି ଲଜ୍ଜା ଗର୍ଭରେ ନିଜେ ସଙ୍କୁଚିତ ହୋଇ ରହୁଥିଲା । ଅତୀତର କେଉଁ ଏକ ବାସନ୍ତୀ ସନ୍ଧ୍ୟାର ଅସ୍ତରାଗ ଭିତରେ ଶୁଣିଥିବା ବଂଶୀ-ସ୍ୱର ପରି ତାର ମନ ଭିତରେ ଘୁରି ବୁଲୁଥିଲା । ଏହି ହେମକୁ ନେଇ ଯୌବନର ପ୍ରଥମ ପ୍ରଭାତରେ ସେ କଳ୍ପନାର ସ୍ୱପ୍ନମୟ ରାଜ୍ୟ ସୃଷ୍ଟି କରିଥିଲା । ସେ ସବୁ ଆଜି କେଉଁଆଡ଼େ ଉଡ଼ିଯାଇଛି ! ବିସ୍ତୀର୍ଣ୍ଣ ସମୁଦ୍ରର ଅବପାହରେ ଥିବା ବେଳାଭୂମି ପରି, ତାହା ତରଙ୍ଗମାଳ ବକ୍ଷରେ ଲୁପ୍ତହୋଇ ଯାଇଛି; ରହିଛି ବ୍ୟର୍ଥତାର ଦୀର୍ଘଶ୍ୱାସ ପରି ଗୋଟାଏ ସ୍ମୃତିର ଗୋଟାଏ କ୍ଷୀଣରେଖା ।

ପ୍ରବୋଧ ଅନ୍ୟମନସ୍କ ହୋଇ ପଡ଼ିଥିଲା ।

'ତେବେ ପଢ଼ ଭାଇ, ତମେ ମଦ ଖାଅ'—ହେମ ମୁହଁରେ ସେହି ପିଲା ମନର ସରଳ ହାସ୍ୟ ।

—'ମଦ ଖାଏ ନାହିଁରେ ପିଏ—ଏଇ ଗ୍ଲାସ୍ ଗ୍ଲାସ୍, ବୋତଲ ବୋତଲ !'

—'କାହିଁକି ପିଅ ସେ ସବୁ ? ଦେହ ଖରାପ ହେବ !'

ଏବେ ଭିନ୍ନ ଏମିତି ଜୀବନରେ ତ କେହି ତାକୁ କଥା କହୁନାହାନ୍ତି, ତା ପାଇଁ କାହାରି କଥାରେ ତ ଚିନ୍ତାର ସାମାନ୍ୟ ପ୍ରକାଶ ପାଇ ନାହିଁ, ତା ଉପରେ ଅଭିଯୋଗର କୁଙ୍କୁମ ଚାପି ଦେବା ସାହସ ତ କାହାରି ହୋଇନାହିଁ । ପ୍ରବୋଧର ଛାତି ଭିତରେ ଆଷାଢ଼ର ଖଣ୍ଡେ କଳା ମେଘର ଉଷ୍ମ ସ୍ପର୍ଶ ଭାସି ବୁଲିଲା । ସେ କହିଲା, 'ଏ ଦେହ ଖରାପ ହେବାର ନୁହେଁ ରେ ! ଖରାପ ହେଲେ ବା କାହାର କଅଣ ଯାଏ ? ମୋ ଛଡ଼ା ତ ଏହା ଉପରେ କାହାରି ଅଧିକାର ନାହିଁ !'

ହେମର ଆଖି ସଜଳ ହୋଇ ଆସିଲା ।

ସେ ନିଜର ଆବେଗ ସମ୍ବରଣ କରି ଟିକିଏ ହସିଦେଇ କହିଲା, 'ସିଦ୍ଧେଶ୍ୱର ବାବୁଙ୍କ ଝିଅ ସାଙ୍ଗରେ ତ..........!'

ପ୍ରବୋଧ ହସି ପକାଇଲା ଉଚ୍ଚ ସ୍ୱରରେ; କହିଲା, 'ତେବେ ତ ତୋ ପାଖକୁ ଖବର ଅଛି ନାହିଁ !'

ଏ ମାଲତୀଟା ଆଉ ତା ସ୍ତ୍ରୀ ଭିତରେ କ କଥାବାର୍ତ୍ତା ହେଉଛି ବୋଲି କୃଷ୍ଣକାନ୍ତଙ୍କର ବାଣ୍ଡଘରେ ଛିଡ଼ା ହୋଇ କାନପାରି ଶୁଣୁଥିଲା। ପ୍ରଥମ କଥାବାର୍ତ୍ତା ପରେ ଅସି ଚାହିଁଛ, ଏମାନଙ୍କ ଭିତରେ ଯେ ଏତେ ଆତ୍ମୀୟତା କେମିତି ହୋଇଗଲା, ତାହା ଭବି ସେ ଆଶ୍ଚର୍ଯ୍ୟ ହେଲା। ହଠାତ୍ ତାଙ୍କର ମନେ ପଡ଼ିଲା—ଓଃ ମିଛ କାହିଁ! ମଦ୍ୟପାୟୀମାନେ ସହଜରେ ମହିଳାମାନଙ୍କ ସହିତ ମିଶି ପାରନ୍ତି। ଏ ନୂତନ ତଥ୍ୟ ସେ ଛିଡ଼ା ହୋଇ ହୋଇ ଆବିଷ୍କାର କରି ପକାଇଲେ; କିନ୍ତୁ ଏମାନଙ୍କ ଘନିଷ୍ଠତା ର ତା ସ୍ତନଭିତରେ ଈର୍ଷାର କୃଶାନଳ ଜଳି ଉଠିଲା। ସେ କାନ ପାରି ଶୁଣିବାରେ ଲାଗିଲା।

ଅନେକ କଥାବାର୍ତ୍ତା ଚାଲିଲା। ପ୍ରଦୋଷ ଉଠିବାକୁ ଯିବାରୁ ହେମ କହିଲା, 'ଫେର ଆସିବ କେବେ, ପଦ୍ମଜ?'

—'ବେଳହେଲେ ନିଶ୍ଚୟ ଆସିବରେ। ତୋତେ କହିଲି ସବୁ। ଏ ଛନ୍ନଛଡ଼ା ଜୀବନରେ କାହାକୁ ଜବାବ ଦେବାର ସାହାସ ତ ମୋର ନାହିଁ। ଭଲ କଥା—ସେ ଗଧଟା ଏତେବେଳଯାଏ କୁଆଡ଼େ ରହିଲା।'

କୃଷ୍ଣକାନ୍ତଙ୍କର ମନେହେଲା, ତାରି ଘରେ, ତାରି ସ୍ତ୍ରୀ ସମ୍ମୁଖରେ, ପ୍ରଦୋଷ ତାଙ୍କୁ ଏହି ମୁହୂର୍ତ୍ତରେ ଅପମାନ କଲା। ସେ ଦ୍ୱାରଦେଶ ରେ ଅଗଣା ଭିତରକୁ ପଶି ଆସିଲା।

ପ୍ରଦୋଷ ହସି ହସି କହିଲା, 'ଏଇ ଆସିଲେ ସ୍ୱସକ ସ୍ୱକ।'

ହେମଲତାର ମୁହଁ ଆଷାଢ଼ ଆକାଶ ପରି ଗମ୍ଭୀର ହୋଇଗଲା।

କୃଷ୍ଣକାନ୍ତ ଟିକିଏ ତୀକ୍ଷ୍ଣ ସ୍ୱରରେ କହିଲା, 'ଅର୍ଥାତ୍ ସ୍ୱସକସ୍ୱକ ଅର୍ଥ?'

—'ଅର୍ଥ ଗର୍ଦ୍ଦଭରାଜ, ଲମ୍ବକର୍ଣ୍ଣ ପ୍ରବର'; ପ୍ରଦୋଷ ହସି ହସି କହି ହେମ ଆଡ଼କୁ ଇଙ୍ଗିତ କଲା।

କୃଷ୍ଣକାନ୍ତଙ୍କର ଆପାଦମସ୍ତକ ଜଳିଗଲା; କହିଲା, 'ମୋ ଘରେ...!'

—'ସାବଧାନ, ହେମ ଘରେ।'

କୃଷ୍ଣଚନ୍ଦ୍ରଙ୍କର ମନେହେଲା ହୈମବତୀର ଅଣ୍ଟି ଦୁଇଟାକୁ କାହିଁ ବାହାର ହେବାର ଉପକ୍ରମ ହେଉଛି । ଦୁଷ୍ଟବୁଦ୍ଧି ଦେଇ ପଳାଇବା ଚେଷ୍ଟା ପ୍ରବୃତ୍ତି ଅଛନ୍ତି ।

ପ୍ରଦୋଷ ଚଦାମ୍ଭ ନେଇ ଯିବା ପରେ କୃଷ୍ଣଚନ୍ଦ୍ରଙ୍କର ମହାଚଣ୍ଡ ତୃସ୍ୱର ବକ୍ଷବାରେ ଆରମ୍ଭ କରି ଦେଲେ—'ଏଇ ପ୍ରଦୋଷ ବାବୁ । ଗୋଟାଏ ଦୁଷ୍ଟ ମଣୁଆ—ମାତାଲ, ମାତାଲ; ତାର ଗୋଟାଏ ବେଶ୍ୟା ଅଛି—କୁହନ୍ତି ବେଶ୍ୟା ଅର୍ଥାତ୍ ସ୍ତ୍ରୀଲୋକ । ସେ କାହିଁକି ଧର୍ମକର୍ମ ମାନବ ? ନାସ୍ତିକ—ତାହା ନାସ୍ତିକ । କହିଲି ଆଜିକ ଭଲ୍ଲୁକ କାର୍ଯ୍ୟକ, ସୁତାକାଠ ମାଟି କୁହ । ମୁଁ ନ ଚିହ୍ନ କଥା ଦେଉଛି—ଆଉ କମେ ଟଙ୍କାଙ୍କ ଚଣ୍ଡିଚଟି ମଦପିଅ, ବେଶ୍ୟା ରଖ ।

ଘୂରିଆଡ଼େ ବସିଥିବା ଶିଷ୍ୟବୃନ୍ଦଙ୍କ ସ୍ତମ୍ଭିତସ୍ୱରତ ଶବ୍ଦ ଶୁଣାଯାଉଥିଲା ।

ଘରେ ପହଞ୍ଚି ବାଣ୍ଡ ଘରେ ସେ ପ୍ରଦୋଷ ବାବୁଙ୍କରେ କଷୋଦ୍ଧାର ଆରମ୍ଭ କରିଦେଲା ହୈମବତୀଙ୍କୁ ଶୁଣାଇ—'ମାତାଲ ! ବେଶ୍ୟାସକ୍ତ ! ମୋ ଘରେ ମତେ ଅପମାନ ! ମୋ ଘରେ ମଦୁଆ ପଣ……'

ଭିତରୁ ହୈମବତୀର ତୀକ୍ଷ୍ଣକଣ୍ଠରେ ଶୁଭିଲା, 'ଆରେ, ଖବରକାଗଜ ପହଞ୍ଚିଥା କେଉଁଠି ରଖିଲୁ ?'

କୃଷ୍ଣଚନ୍ଦ୍ରଙ୍କର ନୀରବ ହୋଇଗଲେ; ଦୀର୍ଘଶ୍ୱାସଟାଏ ଛାଡ଼ି କହିଲେ—'କୃଷ୍ଣଚୈତନ୍ୟ ।'

—ଦ୍ୱାଦଶ—

ସିଦ୍ଧେଶ୍ୱର ବାବୁ ଗୃହିଣୀଙ୍କ ପାଖରେ ସେ ଦିନ ଘୋଷଣା କଲେ, 'ବୁଝିଲ, ଠିକ୍ ପ୍ଲାନ ଅନୁସାରେ କାମ ଚାଲିଛି ।'

ବନପ୍ରିୟ ବାବୁଙ୍କ ନିଷ୍ଠାରେ ପ୍ରଦୋଷ ଓ ପ୍ରତିମାର ଆଳାପ ପରିଚୟ ପରେ ସେ ମନେ କରିଥିଲେ ଯେ, ଏ ଦୁହିଁଙ୍କ ବିବାହ

ଟୁମଣା ବେଗ୍‌ନ ବାହାରିବ ଅପୂର୍ବ ସୁଗନ୍ଧ ଛୁଟିଆସୁ । ଏ ବଗିଚା ଉନ୍ନତି ପାଇଁ ଲାଗି ଯଥେଷ୍ଟ ଚାଷ, ଭଗ୍ନିନୀ, ମଇଳା, ଅଣ୍ଡା ଓ ସୁଜା ମିଶାଇ ସେ ଖେତରେ ଭରଷ୍ଟେଲ ଉପେନ୍ଦ୍ର ଅତ୍ୟନ୍ତ ହିଂସ ଦେଖାଯୁଣ୍ଡ କୁଣ୍ଢେଇ ଦେଲେ—ଆଜ ଧରିବର ସେମାନେ ନେଇ ବେସି ଓ ଗୁଣାଙ୍କର ଇଚ୍ଛେ ଭୁଲ୍ ମନରେ ସ୍ଥାନରେ ଲକ୍ଷ୍ୟ କରିପାରେ ଦେଖିଲୁ । ସେ ଦେଖିଲେ, ଫୁଲଗୁଛ ଦୋଠରର ଫୁଲରା ଆଗଭଳି ଅଧିକାଂଶ ସମସ୍ତେ ଖୋଲି ଥାଏ—ସମସ୍ତ ସମୟରେ ସଉକି ମଧ୍ୟ ସେ ଫୁଲଭା ଦାନରେ ଦେଖାଯାଏ । 'ଫର୍ଗେଟ୍ ମି ନଟ୍ ଫ୍ଲାଓ୍ୱାର୍'—ଏହା, ସେ ଠିକ୍ ବୁଝିପାରିଲେ ଯେ, ତାଙ୍କ ଫୁଲ ଉଦ୍ୟାନରେ ଏହା ନାହିଁ—ଆଉ ତୃଷ୍ଣା ଗବେଷ ସହଜରେ ସେ ଫୁଲ । ସୁଦର୍ଶିଙ୍କ ଆଗରେ ସେ ଦେବାକୁ ଯୋଗ୍ୟ ହୋଇଥିଲେ ।

ପ୍ରଦୋଷର ଘରେ ସେ ନ ଥିଲେ ମଧ୍ୟ ସେ ଫୁଲର ଅଧିକାଂଶ ସମୟ ସେ ଅଦ୍ଭୁତ ଫୁଲଭା ଖୋଲିଥାଏ, ଏ ସମ୍ଭାବନା ସିଦ୍ଧେଶ୍ୱର ବାବୁଙ୍କ ମନରେ ସ୍ଥାନ ପାଇ ନ ଥିଲା । ଅଥଚ ଏହା ଠିକ୍ ତାଙ୍କୁ ଘୋଟିଥିଲା । ଯେଉଁ ଘରେ ଯେଉଁ ପ୍ରଦୋଷ ସାମନ୍ତ ବୁଲି ଯାଇଥିଲା, ତା ଘରର ଉପର ମହଲଟାରେ ଜଣ ମନୁଷ୍ୟର ଦର୍ଶନ ମିଳିବା କଠିନ ହୋଇ ଯାଇଥିଲା; ସେ ସବୁ ଘରେ ଯାଇଥିଲା ସୁଦ—ଆଉ ଅଧିକ ସବୁବେଳେ ତଳକୁଆ ତାଲା ପିନ୍ଧାଇ ଘରଗୁଡ଼ାକୁ ଫୁଲ ଦେଇଥିଲା । ବର୍ତ୍ତମାନ ସେ ଘରେ ଫୁଲଦାନ୍ତ ଭଲଭାବେ ଖୋଲି ଦେଲା ଅନେକ ଓ ନାସ୍ତର ଅବାଧ ଚଳିପାରେ । ସମସ୍ତ ସମୟରେ ଯେ ସେଥିପାଇଁ ସୁର୍ଯ୍ୟ ପ୍ରଦୋଷର କଥା ତା ମନେ ନ ପଡ଼େ ତାହା ନୁହେଁ, କିନ୍ତୁ ରଙ୍ଗମଞ୍ଚ ଉପରେ ଦୃଶ୍ୟ ଅଭିନେତାମାନଙ୍କର ଅଭିନୟର ସୌନ୍ଦର୍ଯ୍ୟ ଦୃଶ୍ୟ ଶେଷ ହେଲେ ଦର୍ଶକମାନଙ୍କ ମନରେ ଯେପରି ସୁଖ ଅନୁଭୂତି ଭଳି ଥାଏ—ଏହା ଠିକ୍ ସେହି ଧରଣର ମନେ ହେବ ।

...ଙ୍କ ମନରେ ପ୍ରଦୋଷର ଯେପରି ଦେଖାଯାଉ କଳ୍ପନାରେ, ତାହା ନୁହେଁ; କିନ୍ତୁ ତାହା ସୌନ୍ଦର୍ଯ୍ୟର ଉଜ୍ଜ୍ୱଳ ରଙ୍ଗରେ ରଞ୍ଜିତ

ଟେଷ୍ଟ—ମେଥିରେ ଥିଲା ଷ୍ଟୁରହ୍ୟର ବନ୍ଧୋବସ୍ତ । ପ୍ରଦୋଷ ପ୍ରତି ରେଭେନ୍ସର ଥିଲା ସ୍ନେହ; ତାର ବ୍ୟକ୍ତିତ୍ୱ ନିକଟରେ ସେ ନିଜକୁ ଛୋଟ ବୋଲି ଅନୁଭବ କରୁଥିଲେ; ସେଠାରେ ନ ଥିଲା ସମାନତାର ସାନ୍ନିଧ୍ୟ, ଘନିଷ୍ଠତାର ଆକର୍ଷଣ, ଅନ୍ତରଙ୍ଗତାର ଅନ୍ୱେଷଣ । ପ୍ରତିଭା ପୂର୍ଣ୍ଣତାକୁ ଥିଲା, ପ୍ରଦୋଷକୁ ଘୃଣା କରାଯାଇପାରେ, ଦେବତା ପରି ପୂଜା କରାଯାଇ ପାରେ; କିନ୍ତୁ ତାକୁ ନେଇ ଘର କରାଯାଇ ପାରେ ନା । ଉପନ୍ୟାସର ନାୟକ ନାୟିକାର ଯେଉଁ ଧାରଣା ତା ମନରେ ସଦା ଜାଗ୍ରତ ରହୁଥିଲା, ପ୍ରଦୋଷ ବିଷୟରେ ସବୁ ବେଳେ ତାହା ପଦେ ପଦେ ବାଧା ଦେଉଥିଲା । ତେଣୁ ପ୍ରଦୋଷ ତାର ମନରେ ଯେ ଶ୍ରଦ୍ଧା ଆକର୍ଷଣର ସ୍ଥାନ ପାଇଥିଲା, ତାହା ନୁହେଁ ।

ତାର ବାପା ତାକୁ ପ୍ରଦୋଷ ସହିତ ବିବାହ ଦେବାପାଇଁ ସ୍ଥିର କରିଥିଲେ, ଏହା ସେ ଜାଣେ ଏବଂ ଜାଣେ ବୋଲି କହେ । ଅଧିକାଂଶ ଉପନ୍ୟାସରେ ଯେପରି ହୋଇଥାଏ, ହଠାତ୍ ଘଟଣା ଚକ୍ରର ପରି-ବର୍ତ୍ତନ ହୋଇଗଲା—ଆଉ ସେ ତାର କଳ୍ପନାର ସ୍ୱପ୍ନମନ୍ତ୍ରମୁଗ୍ଧ ସେ ତାର ଆଶାନୁରୂପ ସ୍ୱାମୀ ଲାଭ କଲା ।

ଯେଉଁଦିନ ଜିତେନ୍ଦ୍ର ବାବୁ ବାହାରୁ ଖବର ପାଇଲେ ଯେ, ପ୍ରଦୋଷ ଗ୍ରାମକୁ ଫେରିଯାଇଛି, ସେଦିନ ଦେଖାଗଲେ ତାହିଁ ତାଙ୍କ ମନେହେଲା ଯେ ତାଙ୍କ ସ୍ଥାନରେ ଗୋଟାଏ ଗୋଲମାଲ ହୋଇଗଲା । ସବୁ ବିଷୟ ଜାଣିବାପାଇଁ ସେ ଝିଅର ପାଖରେ ଉପସ୍ଥିତ ହୋଇ-ଥାଇଥିଲେ । ସେ ଜାଣନ୍ତି ଝିଅର ପ୍ରଦୋଷର ଅନୁରାଗ ବନ୍ଧୁ, ତାଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିବାଦ୍ୱାରା ସେ ପ୍ରଦୋଷ ସହିତ ସମ୍ପର୍କ ଅକ୍ଷୁଣ୍ଣ ରଖିପାରିବେ । ତାହାହେଲେ ସ୍ଥାନ ଅନୁସାରେ ସ୍ୱଭାବରେ ବଡ଼ ଅସୁବିଧା ହେବ ନାହିଁ । ଡେପୁଟି ଅଫିସରେ ଜଣେ ଦଶିଆର ପରମିଟ ପାଇଁ ବ୍ୟବସ୍ଥା କରିସାରିଲା ପରେ ଏ ପ୍ରସଙ୍ଗ ଧରି କହିଥାଏ ତେବେ ଦଶଟି ଲୋକରେ ମୁହଁ ଦେଖାଇବାର ଆଉ ସ୍ଥାନ ରହିବ ନାହିଁ—ସେ ଜଣେ ସିନିୟର ଡେପୁଟି ମାଜିଷ୍ଟ୍ରେଟ ଏଣ୍ଡ ଡେପୁଟି କଲେକ୍ଟର ତ ନା !

ଯେମିତି ଯେ ଭୁବନ କ୍ରମେ କ୍ରମେ ସିଦ୍ଧେଶ୍ୱର ବାବୁଙ୍କ ହୃଦୟର ଅନେକାଂଶ ଅଧିକାର କରି ବସିଲା, ସେ କଥା ଭୁବନ ଜାଣେ ନାହିଁ, ସିଦ୍ଧେଶ୍ୱର ବାବୁଙ୍କୁ ମଧ୍ୟ ଅଗୋଚର—ଏପରିକି ଅନ୍ତଃପୁର ଗୃହିଣୀ ମଧ୍ୟ ଭୁବନକୁ ନିଜ ପୁତ୍ରପରି ମନେ କରିବାରେ ଆନନ୍ଦ ଲାଭ କଲେ । ଏହି ଭୁବନର ସାରଲ୍ୟ, ନମ୍ରତା, ସତ୍ୟପ୍ରିୟତା ଏଥିପାଇଁ କେତେକାଂଶରେ ଦାୟୀ ହୋଇ ପାରନ୍ତି, କିନ୍ତୁ ଅନ୍ଧ କଥା କହିବାକୁ ଅବକାଶ ଯେ ଏହାର ଅନ୍ୟତମ କାରଣ ନୁହେଁ; ତାହା ମଧ୍ୟ ସତ୍ୟ ହେବ ନାହିଁ । ଭୁବନ ଯେ କେମିତି ବା କେତେବେଳେ ସିଦ୍ଧେଶ୍ୱର ବାବୁଙ୍କ ପରିବାରରେ ଅସ୍ଥାୟୀଭାବେ ଆସନ ପାଇ ଯାଇଥିଲା ତାହା ସିଦ୍ଧେଶ୍ୱର ବାବୁ, ତାଙ୍କ ଗୃହିଣୀ, [illegible] ବା ନିଜେ ଭୁବନ ମଧ୍ୟ ଜାଣି ପାରି ନ ଥିଲେ ।

ସେଦିନ ସନ୍ଧ୍ୟାବେଳେ ଘର ଭିତରେ ସିଦ୍ଧେଶ୍ୱର ବାବୁ ଓ ଭୁବନ କଥାବାର୍ତ୍ତା ହେଉଥିଲେ, ଅନ୍ତଃପୁର ଗୃହିଣୀ ମଧ୍ୟ ଖଟ ଉପରେ ବସି ସେ ସବୁ ଶୁଣୁଥିଲେ, ମଝିରେ ମଝିରେ ମଧ୍ୟ ସେଥିରେ ଯୋଗ ଦେଉଥିଲେ ।

ସିଦ୍ଧେଶ୍ୱର ବାବୁ କହିଲେ, 'ଦେଶାତ୍ମ—ଅର୍ଥାତ୍ ଜାତୀୟ ଆତ୍ମହତ୍ୟା ଭବନଷ୍ଟାତ...'

ଭୁବନ କହିଲା, 'ତାହାତ ଦୃଷ୍ଟ ନାହିଁ । ସାଧୁ ମନୁଷ୍ୟ ଜାତୀୟର ଦୁଃଖ ଦୁର୍ଦ୍ଦଶାର ବୋଝ ଯେପରି ପ୍ରତ୍ୟେକ ଉପରେ ଲଦି ଦେଇଛି, ସେପରି ଏହାର ପ୍ରତିକାର ଦାୟିତ୍ୱ କରିବାକୁ ହେବ, ଏହା ଆଜି ସମସ୍ତେ ଅନୁଭବ କରେ । ଏଇଥିପାଇଁ ସେ ନିଜକୁ ହିତଏ ଚିନ୍ତା ଛଏ ନାହିଁ । ଜନସେବାର ଅଧିକାଂଶ ସମୟ ସେ ପଢ଼େ, ପଢ଼େ ସେ ସବୁ ବହି ଯେଉଁଥିରେ ମନୁଷ୍ୟର ଦୁଃଖ ଦୁର୍ଦ୍ଦଶା ଦୂର କରିବାର କୌଣସି ବ୍ୟବସ୍ଥା—କୌଣସି ଯୋଜନା...'

ସିଦ୍ଧେଶ୍ୱର ବାବୁ ଉତ୍ସାହର ସହିତ କହି ଉଠିଲେ, '—କୌଣସି ପ୍ଲାନ୍ । ଠିକ୍, ଏକଦମ ଠିକ୍ ! କଥା ହେଉଛି, ଏପରି ଲୋକରେତ ବେଶୀ ଦିନ ଚଳି ହେବ ନାହିଁ । ତାର ଉପାୟ କଣ କଏ ?'

—'କଏ ଯତ୍ନ ନେବାକୁ ଅଛି ତାର ? ତାର ବାପଙ୍କର ଯେତେବେଳେ ତାଳ ଛୁଏ, ପ୍ରଦୋଷ ସ୍କୁଲରେ ପଢ଼ନ୍ତି । ତାର ବାପା ବାବୁ ସମ୍ଭ୍ରାନ୍ତ ଜୀବନ କେଉଁ କଥା ପାଉଥିଲେ, କିନ୍ତୁ ଏକ ବଶ୍ୟା ସମ୍ପର୍କି ହୋଇଥିଲେ ସେ ଏହା ଚାତରେ; ପ୍ରଦୋଷ ବାପଙ୍କର ମୃତ୍ୟୁ ପରେ ସେହି ନିଶା ତାଙ୍କୁ ଧରିଲା ବେଶୀ । ସେ ବା ପ୍ରଦୋଷର ଯତ୍ନ ନିଅନ୍ତେ କିପରି ? ତାଙ୍କ ଭିତରେ ଅଭାବ ନାହିଁ; ପୁଅ ହାତରେ ଟଙ୍କା ଗଣ୍ଡା ସ୍ୱତର ରଖି ବୁଢ଼ା ସାଙ୍ଗରେ ସନ୍ତୁଷ୍ଟ ହୋଇଥିଲେ । ପ୍ରଦୋଷ ତାଙ୍କ ନିଜ ଯତ୍ନରେ ନିଜ ଇଚ୍ଛା ଅନୁସାରେ ବଢ଼ି ଉଠିଲା ।'

କପୋଷ୍ଟ ଗୃହିଣୀ ଦୀର୍ଘଶ୍ୱାସ ପକାଇ କହିଲେ, 'ହଁ, ମାଆ ନ ଥିଲେ ପିଲାଙ୍କ ଭାବ ଏମିତି ଅଜାଡ଼ି ହୁଅନ୍ତି । ବାପ ଯେତେ ଧନୀ ହେଲେ କଅଣ ହେବ, ପୁରୁଷ ମଣିଷଟ...'

ସିଦ୍ଧେଶ୍ୱର ବାବୁ ମନେ କଲେ ତାଙ୍କର ପିତୃତ୍ୱ ଗର୍ବ କଥାଟି ଭଗ୍ନ ହେଉଛି; ଦୀର୍ଘ ପକାଇଲେ, 'ଆଉ ମାଆମାନେ ଯେତେ ସ୍ନେହ-ଶୀଳା ହେଲେ କଅଣ ହେବ, ସ୍ତ୍ରୀଲୋକଟ, ସେମାନେ ପିଲାଙ୍କୁ ବଢ଼ାଇ ଜାଣନ୍ତି ? ଆମର ସଂସାର... ।'

ଗୃହିଣୀ ବିରକ୍ତ ହୋଇ କହିଲେ, 'ଶୁଣିଛ ଭୁବନ, ବାବୁଙ୍କ କଥା ଶୁଣିଛ । କପୋଷ୍ଟ ହୋଇଲେ...!'

ସିଦ୍ଧେଶ୍ୱର ବାବୁ ଦେଖିଲେ ସାଙ୍ଗମାନେ ଗୋଟାଏ ପାରିବାରିକ ଯୁଦ୍ଧ ଆରମ୍ଭ ହେବା ଉପରେ; କଥାଟାକୁ ଫେରାଇ ଦେବାପାଇଁ ପଚାରିଲେ, 'ସେ ମଦ ପିଏ ନାହିଁ ତ ? ମାତାଲ ହୁଏ ନାହିଁ ତ ?'

ଭୁବନ ହସିଲା, କହିଲା; 'ମଦ ପିଏ କିଏ ? ପ୍ରଦୋଷ ? ସେ ଯେଉଁଭଳି ମାତାଲ ମୁଁ ସେଭଳି ମାତାଲ । ମଦ ତ ସେ ପିଏ ନାହିଁ— କରବାର ପଣରେ ଘର ଭିତରେ ମଦ ବୋତଲ ରଖେ । ବୃଦ୍ଧଙ୍କର ଶିକ୍ଷକଠାରୁ ଯାହା ଶୁଣିଥିଲି ତ ! ସେ ଦିନ ସେ ଯେଉଁଭଳି ମାତାଲ ଥିଲା, ମୁଁ ଅଣିମାନ ସେତିକି ମାତାଲ । ବୃଦ୍ଧଙ୍କର ବାବୁଙ୍କୁ ଭୁଲାଇବାକୁ ଏ କଥାଟି ଠିକ ଲଗି ହେବାପାଇଁ ସେ ମାତାଲର ଅଭିନୟ କରୁଥିଲା ।'

—'ଆରେ ମୁଁ ତ ଠିକ୍ ବୁଝିଲି କଥାଟା । ସେଦିନ ମନେ କରୁଥିଲି ସେମିତି କଥା କୃଷ୍ଣଚନ୍ଦ୍ରଙ୍କୁ କହୁଥିଲି । ତାଙ୍କୁ ମାରିବା ବେଳେ ସେକ୍ସପିୟର, ଗୀତା ଅନୁସ୍ଥି କରୁଥିରେ ? ଅସମ୍ଭବ — ଏକଦମ୍ ଅସମ୍ଭବ, ସିଲପୁର...।' କହୁ କହୁ ସିଦ୍ଧେଶ୍ୱର ବାବୁ ସମ୍ଭାଳି ଯାଇ କହିଲେ, 'ତା ପର '

ସୁନ୍ଦରୀ ଉଚ୍ଚାରିଲେ, 'ଖାଲି କପୋଟ ଅଉ କପୋଟ — ପରେ କପୋଟ କରିବାରେ କ...।'

—'ଅରେ ତୁମେ ଶୁଣିବ ନାହିଁ, ଖାଲି ଗୋଳମାଳ କରୁଛ । ହଁ ଭୁବନ ବାବୁ, ତା ପରେ ?'

ଭୁବନ କହି ଚାଲିଲା, 'ମୁଁ ତ ଆପଣଙ୍କୁ କହିଛି, ମନୁଷ୍ୟର ସବୁ ଦୁଃଖ ଦୁର୍ଦ୍ଦଶା ପାଇଁ ସେ ସମାଜର ବଡ଼ଲୋକ, ଧନୀ — ଉପର ସ୍ତରର ଲୋକମାନଙ୍କୁ ଦାୟୀ କରିଛି ମନେ ମନେ । ସେତ ନିଜେ ଧନୀ, ନିଜେ ବଡ଼ଲୋକ, ନିଜେ ଉପର ସ୍ତରର ଲୋକ । ଏମାନେ ଯାଇ ତାଙ୍କୁ ନିଜ ଉଚ୍ଚରୁ ଠେଲିଦେବ, ଏଥିପାଇଁ ସେ ମଦ ଖୋଜିଲେ ଗୋଟାମୁଣ୍ଡ ଆପଣା କଲି । ସେ କହନ୍ତି, ଏ ବଡ଼ଲୋକମାନଙ୍କ, ସମାଜର ଉପର ସ୍ତରର ଲୋକମାନଙ୍କର ଅଣ୍ଟିର ବ୍ୟବହାର, ସତ ମତ — ଜୀବନର ସମୁଦାୟ ପଣ ଉଣ୍ଡାମୀରେ ଭରା । ଏମାନେ ମଦ ପିଅନ୍ତି, ଗୁପ୍ତରେ ଅପକର୍ମ କରନ୍ତି, କିନ୍ତୁ ତାକୁ ଚାପି ରଖି ନିଜକୁ ଭଦ୍ରବୋଲି ଦେଖାନ୍ତି । ଆଉ ସମାଜର ନିମ୍ନସ୍ତରର ଲୋକେ ମଦ ପିଅନ୍ତି, ବା ସେହିପରି ଆଉ ସବୁ କାମ କରନ୍ତି ପ୍ରକାଶ୍ୟରେ । ଭଦ୍ର ସମାଜ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବାପାଇଁ ପ୍ରକାଶ୍ୟ କୁକର୍ମକୁ ଇତରର କର୍ମ ବୋଲି ଧରନେଇଛି । ତମେ ତମ ଘରେ ପ୍ରକାଶ୍ୟରେ ମଦ ବୋତଲ ରଖ ସେମାନେ ତୁମକୁ ପାଷଣ୍ଡ ବୋଲି କହିବେ, ତୁମର ପ୍ରତିମା ମାନିବେ ନାହିଁ । ଅନୁ-ଗୋପନର ଏ ଗୋଟାଏ ଉପାୟ ଦେବେନ୍ଦ୍ରର କାମ ଦେଇଛ, ତାଙ୍କ ନିଜେ ଆପଣମାନେତ ଜାଣନ୍ତି ।'

—'ଠିକ୍, ଠିକ୍ ସେହି କଥା । ମୁଁ ଆପଣଙ୍କୁ କହେ । ସିଲପୁର...' ଦେଖ ସେ ଅଦୌ ମଦ ପିଏ ନାହିଁ, ଅଥଚ ଲୋକେ ତାକୁ ମଦ୍ୟପ

ବୋଲି ଭାବନ୍ତୁ ! ତାଙ୍କ ମତରେ ଡେଭିସ୍‌ର ଏକ୍ସ ହେବା ଉଚିତ୍, ଲେଲୁ ଦିଲୀପ୍‌ର ଡେପୁଟି ମାଜିଷ୍ଟ୍ରେଟ ନ ହେଲେ ଏ ସବୁର ଠିକ୍ ଉତ୍ତର ମିଳେ ନାହିଁ ।' କଥାଟା କହି ସିଦ୍ଧେଶ୍ୱର ବାବୁ ସୁହାସିନୀଙ୍କ ଆଡ଼କୁ ଚାହିଁଲେ ।

ସୁହାସିନୀ ଆରମ୍ଭ କରିଦେଲେ, 'କାହିଁକି ନ ହେବେ ଡେପୁଟି ବୃତ୍ତି ଗାରରେ ନାହିଁ ? ଆଉ ମୁଁ ! ମୁଁ ଉଚିତ...!'

ସିଦ୍ଧେଶ୍ୱର ବାବୁ ବାଧା ଦେଇ କହିଲେ, 'ତା ପର — କହ ଭ୍ରମର ବାବୁ, ତା ପର !'

ଭ୍ରମର ଗମ୍ଭୀର ସ୍ୱରରେ କହିଲା, '"ଆପଣମାନଙ୍କ ମନରେ ବୋଧ-ହୁଏ ଧାରଣା ହେଉଛି ଯେ ପ୍ରତୋଷ ତା ଜୀବନରେ କଦାପି ମଦ ପିଇ ନାହିଁ । ତାହା ମଧ୍ୟ ଠିକ୍ ନୁହେଁ । ଆପଣଙ୍କୁ କହୁଛି, ତାର ଜୀବନର ଏକମାତ୍ର ଉଦ୍ଦେଶ୍ୟ ଆନନ୍ଦ ଉପଭୋଗ କରିବା — ସମୁଦାୟ ମନୁଷ୍ୟ ସମାଜରେ ଆନନ୍ଦ ବିତରଣ କରିବା । ଏ ଆନନ୍ଦଟା ଯେ କିପରି, ତାହା ସେ ବହୁତ ଠିକ ବୁଝି ପାରିଲା । ସେ ବୁଝିଲା, ଯେଉଁ ଆନନ୍ଦ ଶରୀରରେ ଟାଣି ଥାଏ, ସେ ଆନନ୍ଦ ଆନନ୍ଦ ନୁହେଁ, ସେ ବୁଝିଲା ତ୍ୟାଗର ଉପଭୋଗହିଁ ପ୍ରକୃତ ଆନନ୍ଦ ଉପଭୋଗ । ନିଜ ଉପରେ ପରୀକ୍ଷା କରି ସେ ଏ ସବୁ ଠିକ୍ କଲା, ବୌଦ୍ଧଧର୍ମ ଉପନିଷଦ, ଶାସ୍ତ୍ରପୁରାଣ, ବାଇବେଲ ତାଙ୍କ ପରୀକ୍ଷାରେ ସେ କେବେ ପଛରେ ପଡ଼େ ନାହିଁ । ପରେ ଓମର ଖୟାମ ପଢ଼ି, ପଢ଼ି, ବୁଝିଲା ଯେ ମଦ୍ୟପାନରେ ଆନନ୍ଦ ଅଛି । ଲୋକେ ଭାରତର ଅଗାଧ ପାଣ୍ଡିତ୍ୟ; ବୈଦିକ ଯୁଗରେ ଆର୍ଯ୍ୟମାନେ ସୋମରସ ପାନ କରୁଥିଲେ , ପୁରାଣ ଯୁଗରେ ତାଡ଼ି ମଦ ପାନ କରୁଥିଲେ ତାଙ୍କୁ ଆରମ୍ଭ କରି ପୃଥିବୀର ଇତିହାସର ସମୁଦାୟ ଅଧ୍ୟାୟ ସେ ମନେ ମନେ ଖେଳାଇଗଲା, କହିଲା— 'ମିଶରର ଲୋକେ ପିରାମିଡ ଯୁଗରେ, ବାବିଲର ଲୋକେ କାଲଡିଆ ସଭ୍ୟତା ଯୁଗରେ, ପାରସ୍ୟ, ଗ୍ରୀସ, ରୋମ ଏ ସବୁ ସଭ୍ୟ ଦେଶରେ ଲୋକେ ମଦ୍ୟପାନ କରୁଥିଲେ । ଆର୍ଯ୍ୟମାନେ ଆସିବା ପୂର୍ବରୁ ଏହି ଭାରତବର୍ଷର ମହେଞ୍ଜୋଦାରୋ, ହରପ୍ପାର ଲୋକେ ମଦ୍ୟପାନ କରୁ-

ଥିଲେ । ଏ ସବୁ ସ୍ଥାନର ମହତ୍ତ୍ୱ ଜାଣି ସବୁରେ ମଦ୍ୟପାନ ସବୁ ମିଳୁଛି । ଆମର ଏଇ ଭାରତବର୍ଷର ଇତିହାସ ଦେଖ । ବୈଦିକ ଯୁଗରେ ମଦ, ପୁରାଣ ଯୁଗରେ ମଦ, ହିନ୍ଦୁ ଯୁଗରେ ମଦ, ମୁସଲମାନ ଯୁଗରେ ମଦ, ତା'ପରେ ଏହି ପରାଧୀନତା ଯୁଗରେ ମଦ ରହିଛି ।' ଏ ସବୁ ଗବେଷଣା ମୋ ଆଗରେ ପ୍ରକାଶ କରି ଓମର ଖୈୟାମ ସାଧନା ପାଇଁ ଜିନିଷେ ମଦ ଚଳାଇ ବେହୋସ୍ ହୋଇ ପଡ଼ିଲା । ତା ପରଦିନ କହିଲା—'ମଦ୍ୟପାନରେ କେଉଁଠି ଯେ କିଏ ଆନନ୍ଦ ଉପଭୋଗ କରୁଥିଲେ ବୁଝିପାରୁ ନାହିଁ, ମୁଁ ତ ଏଥିରୁ କିଛି ଆନନ୍ଦ ପାଇଲି ନାହିଁ, ବରଂ ମୋ ଭିତରଟାକୁ ବର୍ତ୍ତମାନ ଯେଉଁ ଗ୍ଲାନି ମାଡ଼ି ବସିଛି, ନରହତ୍ୟା କଲେ ବୋଧହୁଏ ଏପରି ଗ୍ଲାନି ହୁଏ ନାହିଁ । କଥାଟା କଅଣ ଜାଣ ? ଆତ୍ମହତ୍ୟା କରିବା ଯାହାର ଦରକାର, କେବଳ ସେହି ଲୋକ ମଦ ପିଇପାରେ । ମଦ୍ୟପାନ କରିବା ମାନେ ଆସ୍ତେ ଆସ୍ତେ ମରିବା, ତାର ଅର୍ଥ ତ ସାମୟିକ ଆତ୍ମହତ୍ୟା ।' ଏ କଥା ଠିକ୍ କରିନେଲା ସେ ନିଜ ଅଭିଜ୍ଞତାରୁ । ତା ପର ଥରେ ଦୁଇଥର ଏପରି ଘଟଣା ଘଟିଛି ଯେତେବେଳେ ଅସ୍ୱସ୍ତି ର ଅବସାଦରେ ହିଁ କେବଳ ସେ ମଦ ପିଇଛି । ସେ କହେ, 'ମୋର ତ ଆଉ ଉପାୟ ନାହିଁ । ଆଖି ଆଗରେ ଦେଖୁଛି, ଭାରତ ଏ ନିଃସ୍ୱ, ଅଧଃପ, ସ୍ୱାଧୀନତାର ଉପାସକମାନଙ୍କୁ ଧରି ଜେଲ୍ ଭରୁଛନ୍ତି, ଜନସାଧାରଣର ଘରଦ୍ୱାର ନିଲାମରେ ପୋଡ଼ି ଯାଉଛି । ମନୁଷ୍ୟ ଭାବରେ ମୋର କର୍ତ୍ତବ୍ୟ ମୁଁ ଜାଣେ, ଏ ଅତ୍ୟାଚାରରେ ବାଧା ଦେଇ ଅତ୍ୟାଚାରୀମାନଙ୍କୁ ଶେଷ କରିବା ବା ନିଜେ ଶେଷ ହୋଇଯିବା । ଏହା ଭିତରୁ କୌଣସିଟା ପାଇଁ ମୋର ସାଧନା ନାହିଁ—ଯୋଗ୍ୟତା ମଧ୍ୟ ନାହିଁ । କିନ୍ତୁ ଏ ସବୁ ଦେଖିବା ଅସହ୍ୟ, ଜାଣିବା ଅସହ୍ୟ । ମନେହୁଏ ମୁଁ ପାଗଳ ହୋଇଯିବି ।' ସେ ଅବସ୍ଥାରେ ସେ ମଦ ପିଇ ନିଜକୁ ବେହୋସ କରି ଦେଉଛି, ପାଗଳ ହୋଇଯିବା ଭୟରେ ନିଜର ପାଗଳପଣରୁ ଅବ୍ୟାହତି ଦେଇ ଆସିଛି । ଏହାକୁ କଅଣ ମଦ୍ୟପାନ କହିବ ? ଦୁନିଆର କୌଣସି ବିଚାରକ ଦଣ୍ଡ ଦେଇପାରିବ ତା ଉପରେ

ଛୁଟା ମାରିଦେଇ ହେବନି ନାହିଁ—ବ୍ୟବହାର ସେଇ ଜନ୍ମଗତ ଭଲ ବା ଖରାପ ହୁଏ।"

ଚିତ୍ତେ ଏ ସବୁ କଥା ଆରପାଖ ଘରେ ଲୁଚି ରହି ଶୁଣୁଥାନ୍ତି।

ସିଦ୍ଧେଶ୍ୱର ବାବୁ କହିଲେ, 'ଲୋକଙ୍କୁ ତ ବୁଝିବା ମୁସ୍କିଲ, ଚିହ୍ନିବା କଷ୍ଟ।'

ଭୁବନ କହିଲା, 'ଯେତେବେଳେ ଗୋଟାଏ ଲୋକ ଏପରି ସବୁ କାମ କରୁଛି ଯେ, ତାର ଉଦ୍ଦେଶ୍ୟ ଲୋକେ ତାକୁ ଚିହ୍ନି ନ ପାରନ୍ତି; ସେତେବେଳେ ତାକୁ ଚିହ୍ନିବା ନିଶ୍ଚୟ କଷ୍ଟକର। କିନ୍ତୁ ଯେତେବେଳେ ଅତି ସରଳ, ଉଦାର, ଅମାୟିକ ଆଉ ସ୍ନେହଶୀଳ ଲୋକ ଏ ଦୁନିଆରେ କେଉଁଠି ନାହାନ୍ତି ବୋଲି ମନେହୁଏ।'

—'ଅସ୍ତୁ, ତାର ଜନନୀଟି କେଉଁଠି ରହୁଛି।'

ଭୁବନର ଭ୍ରୂକୁଞ୍ଚିତ ହୋଇଗଲା; ସେ କଥାଟା ବୁଝି ପାରିଲା ନାହିଁ—'ତାର ତ କେହି ଜନନୀ ନାହାନ୍ତି? ଓଃ ମନେ ପଡ଼ିଲା, ସେ ଦିନ ତାଙ୍କ ଘରକୁ ଯେଉଁ ସ୍ତ୍ରୀଲୋକଟି ଆସିଥିଲା ସେ କଥା? ହଁ ସେ ଚନ୍ଦ୍ରା—ଗୋଟିଏ ବାଣ୍ଡ-ଧର୍ମ ମାଉସୀ ପାଉଥିବା ଭଉଣୀ।'

ସିଦ୍ଧେଶ୍ୱର ବାବୁ ଗମ୍ଭୀର ସ୍ୱରରେ କହିଲେ, 'ତେବେ ସେ ବେଶ୍ୟା?'

ଭୁବନ ଧୀର ସ୍ୱରରେ କହିଲା, 'ବେଶ୍ୟା ଘରେ ସେ ବଢ଼ିଛି; କିନ୍ତୁ ସେ ବେଶ୍ୟା ନୁହେଁ। ସେ ଦୁର୍ଗେଶର ଭଉଣୀ, ମୋର ସୁଧା ଭଉଣୀ। ଆମ ଦୁହିଁଙ୍କର ଯାହାର ଭଉଣୀ ନାହିଁ; ଥିଲେ ଚନ୍ଦ୍ରାଠାରୁ ସେ ଯେ ଅଧିକ ହୁଅନ୍ତା, ତାହା ନୁହେଁ।'

ତା ପରେ ଗମ୍ଭୀର ସ୍ୱରରେ ସେ କହିଲା,'ଚନ୍ଦ୍ରା ମଧ୍ୟ ଦୁର୍ଗେଶର ଏକ ସମସ୍ୟାର ଜୀବନ୍ତ। ଯେଉଁ ଘରେ ଜନ୍ମ ସେଠାରୁ ନାମ କରନ୍ତି ବୋଲି ଆମର ଗୋଟାଏ ଧାରଣା ଅଛି। ଚାଷୀଘର ଲୋକ ଚାଷ କରେ, ବ୍ରାହ୍ମଣ ଘର ଲୋକ ବ୍ରାହ୍ମଣ ଏବଂ ବ୍ୟବହାର କରନ୍ତି; ତାର ଶିକ୍ଷା, ଦୀକ୍ଷା, ଜୀବନ ଅତିବାହିତ କରିବା ପ୍ରଣାଳୀ ସେ ଅନୁସାରେ ହେବ ବୋଲି ଆମର ବିଶ୍ୱାସ। ମନୁଷ୍ୟ ଜଗତରେ ଏହି ଯେଉଁ ସବୁ ଅସ୍ୱାଭାବିକ

ଶ୍ରେଣୀ ବହୁତ ଅଛି, ତାଙ୍କୁ ଆମେ ସ୍ୱାଭାବିକ ବୋଲି ମନେ କରୁ—ଓ ପ୍ରକୃତର ଶ୍ରେଣୀ ବନ୍ଧନରେ ଯୋଉଁ ବଳିଷ୍ଠ ସହଜାତ ପ୍ରବୃତ୍ତି ଦେଖା-ଯାଏ, ମନୁଷ୍ୟ ସେହିପରି ଶ୍ରେଣୀର ଜୀବ ହୋଇଥିଲେ ସେମାନଙ୍କ ଭିତରେ ଅନ୍ତର୍ନିହିତ ତାରଣାକୁ ମୁକ୍ତ କରାଇଥାନ୍ତା ଏକ ଅପ୍ରାକୃତିକ ଶ୍ରେଣୀ ବନ୍ଧନରେ ଆଜି ଆମେମାନେ ପ୍ରାକୃତିକ ନିୟମକୁ ଅବହେଳିତ କରି ସେହିପରି ଭାବରେ ଶ୍ରେଣୀଗୁଡ଼ିକୁ ଧରି ନେଇଥାଉ। ହଂସ ଛୁଆ ତମ୍ଭ ଚାଲୁଥିବା ପରେ ସହେ ପାଣିରେ ପହଁରି ପାରେ, ହେଲେହେଁ ଜନ୍ମ ହେବା ପରେ ପରେ ଧାଇଁ ପାରେ, ଆଖି ଫିଟିଲେ ବିଲେଇ ଛୁଆ ସାନ ସାନ ଶିକାର ଧରି ପାରେ, ଏ ସବୁ ସେମାନଙ୍କୁ ଶିଖିବାକୁ ହୁଏ ନାହିଁ। ଏ ସବୁ ସେମାନଙ୍କର ସହଜାତ ପ୍ରବୃତ୍ତି; ଅତଏବ ଆମେମାନେ ଠିକ୍ ସେହି ନିୟମଟାକୁ ମନୁଷ୍ୟର ଅପ୍ରାକୃତିକ ଶ୍ରେଣୀ ଭିତରକୁ ଆଣି ଦେଇ ଥାଉ—ହାଡ଼ି ପିଲା କେବଳ ହାଡ଼ିର କାମ କରି ପାରିବ, ଭଲ ଲେଖାପଢ଼ି ପାରିବ ନାହିଁ। କରଣ ପିଲା ଭଲ ଲେଖି ପାରିବ, କିନ୍ତୁ ଭଲ ପୂଜାପୂଜି କରି ପାରିବ ନାହିଁ; ବ୍ରାହ୍ମଣ ପିଲା ଭଲ ପୂଜାପୂଜି କରିବା ଶିଖିବ; କିନ୍ତୁ ଭଲ ମେହେନ୍ତରର କାମ କରି ପାରିବ ନାହିଁ।—ଅର୍ଥାତ୍ ଗୁଣ ଓ କର୍ମରେ ପଞ୍ଚାଶଟା ଲୋକର ବାଛିବା ଶ୍ରେଣୀରେ ଜନ୍ମ ହେବା ଯୋଗୁଁ ଘଟିଥାଏ। ଏହି କାରଣଟାକୁ ସ୍ୱୀକାର କରିନେଲେ ସବୁ ମଣିଷ ଯେ ସମାନ—ଅର୍ଥାତ୍ ସବୁ ମନୁଷ୍ୟ ଏକ ଶ୍ରେଣୀର ଜୀବ, ସମସ୍ତ, ଶିକ୍ଷା ଓ ସୁବିଧା ପାଇଲେ ସବୁ ମନୁଷ୍ୟ ଏକା-ପ୍ରକାର ସାଧାରଣ ଉନ୍ନତିର ସ୍ତର ପାଏ କରିପାରନ୍ତି,—ଏକଥା ସ୍ୱୀକାର କରିବାକୁ ହେବ ଏବଂ ଏହା ସ୍ୱୀକାର କଲେ ପ୍ରତି ମନୁଷ୍ୟ ପାଇଁ ସମାନ ସୁଯୋଗ, ସୁବିଧା ସମାନ ଉନ୍ନତିର ବ୍ୟବସ୍ଥା—ସମାଜ ଭିତରେ ଆନନ୍ଦ ବାତାବରଣ ଯଥା ଏ ସବୁରହିଁ ମୂଳପ୍ରଶ୍ନ ଉଠିପଡ଼େ। ଘୋଷର ଧାରଣା ସବୁ ମନୁଷ୍ୟ ସମାନ, ସବୁ ମନୁଷ୍ୟ ଏକ ସ୍ତରର ଅଧିକାରୀ; କେହି ପ୍ରକୃତର ସ୍ୱଭାବ କେହି ବଡ଼ ବା କେହି ସାନ ହୁଅନ୍ତି। ଯେଉଁମାନଙ୍କୁ ଅପରକ୍ଷଣରେ ଛୋଟ ସାନ ବୋଲି କହନ୍ତି, ସେମାନଙ୍କଠାରୁ ବଡ଼ ହେଲେ ସବୁ ସୁବିଧା ଭୋଗ ନେଇ ତାଙ୍କୁ

ଘୃଣା କରି ଆସନ୍ତି ଓ ତାପରେ ଘୃଣ୍ୟ ବୋଲି ଡାକନ୍ତି । ଏହା ଘୋର ଅନ୍ୟାୟ, ମନୁଷ୍ୟତା ପ୍ରତି ଘୋର ଅବମାନନା । ପ୍ରଦୋଷ ସେଥିପାଇଁ ଏ ବିଷୟରେ ପତ୍ରିକା ଆରମ୍ଭ କରି ଦେଇଛି ଚନ୍ଦ୍ରାକୁ ନେଇ । ବେଶ୍ୟା ଗୃହର ପାପପଙ୍କିଳ ବାତାବରଣ, ଲାଳସା ଉଦାସର ହୃଦୟ-ହୀନମନ୍ଦ ଅର୍ଜନ । ମନୁଷ୍ୟତା ପ୍ରତି ଅବମାନନାର ବ୍ୟବସାୟ ଭିତରେ ସେହି ବ୍ୟବସାୟ କରିବା ଉଦ୍ଦେଶ୍ୟରେ ଆବାଲ୍ୟ ଶିକ୍ଷା ଲାଭ କରିଥିବା ଲୋକଙ୍କୁ ମଧ୍ୟ ଯଥେଷ୍ଟ ସୁଯୋଗ, ସୁବିଧା ଯୋଗାଇ ଦେଲେ ସେ ସମାଜର ଶୀର୍ଷସ୍ଥାନକୁ ଉଠିବାର ଯୋଗ୍ୟତା ଲାଭ କରି ପାରେ, ଚନ୍ଦ୍ରାଦ୍ୱାରା ପ୍ରଦୋଷ ଏହାହିଁ ଦେଖାଇବାର ଚେଷ୍ଟା କରୁଛି । ଅବଶ୍ୟ ଶେଷରେ ଚନ୍ଦ୍ରା ଯେପରି ଭାବରେ ଲଢେଇ କରୁଛି, କରି ପାରୁଛି, କରିପାରେ, ତେବେ ଲେଖକ ଭଦ୍ରଘରର ଝିଅ ତାହା ପାରନ୍ତି, ତାହାହିଁ ମୁଁ କହୁଛି । ପ୍ରଦୋଷର ଏପରି ମତ ମୁଁ ଜାଣି ପାରେ ନାହିଁ; କିନ୍ତୁ ମୋର ଏ ମତ ଦୃଢ଼ ଧାରଣାରେ ପରିଣତ ହୋଇଛି ଯେ, ଯେଉଁମାନଙ୍କୁ ସମାଜର ଯେତେ ନିମ୍ନସ୍ତରରେ ଯେତେ ନିର୍ଯ୍ୟାତିତ ଭାବରେ ରଖାଯାଇଛି, ସୁଯୋଗ ଓ ସୁବିଧା ପାଇଲେ ସେମାନେ ସେତେ ଉଚ୍ଚସ୍ତରକୁ ଯାଇପାରିବେ ।'

ତଥାପି ସିଦ୍ଧେଶ୍ୱର ବାବୁ ଓ ତାଙ୍କ ଗୃହିଣୀଙ୍କୁ ଭଲ ଲାଗିଲା ନାହିଁ, ନେପଥ୍ୟରେ କ୍ଷଣକ ନିତାନ୍ତ ନୀରବ ହୋଇପଡ଼ିଲେ ।

ସିଦ୍ଧେଶ୍ୱର ବାବୁ ଗମ୍ଭୀର ସ୍ୱରରେ କହିଲେ, 'ତେବେ ପ୍ରଦୋଷର ଜୀବନର ଲକ୍ଷ୍ୟ କଅଣ ବୋଲି ମନେକର?'

—'ସେ କହେ, ତା ଜୀବନର ବା କି ଲକ୍ଷ୍ୟ ଥାଇପାରେ? ବାସନ୍ତୀ ସନ୍ଧ୍ୟାରେ ଫୁରଫୁର ବହି ଆସୁଥିବା ଦକ୍ଷିଣ ପବନ ପରି ସେ ତାର ଜୀବନକୁ ମନେକରେ, ଯାହା ଚାହିଁ ସେ ତାକୁ ଅଟକାଇ ରଖିବାକୁ ଚାହେଁ । ତେଣୁ ସେ ଯାହାକୁ ଭଲ ପାଏ ତାର ସମ୍ପଦାରୁ ଅନ୍ତିମ ଉତ୍ସର୍ଗ କରି ଭଲ ପାଏ । ସତ୍ୟରେ ଭଲପାଏ ସେ ତାହାକୁ ଜାଣନ୍ତି? ଯେ ତାର ଭଲ ପାଇବା ଫେରାଇ ଦେଇ ପାରିବ ନାହିଁ, ଅଥଚ ତାହା ଉଦ୍ଦେଶ୍ୟରେ ଅସୀମ ପ୍ରେମର ପୁଷ୍ପାଞ୍ଜଳି ଦେଇଦେବ ।

ଏହିପରି ଗୋଟିଏ ଜୀବନ୍ତ ଦେବୀକୁ ସେ ଖୋଜି ପାଉଛି—ଆମର ଏଇ ଜନନୀ ଭାରତବର୍ଷ। ପ୍ରଦୋଷ ତାକୁ ନିଜର ଜୀବନଠାରୁ ଭଲପାଏ। ଭାରତବର୍ଷ ତା ପକ୍ଷରେ ଗୋଟାଏ ଦେଶ ନୁହେଁ—ତାହା ତାର ଆପଣା ମାଆ—ତାର ନିଜର ଜନନୀ—ତାର ଦେବୀ। ତାହାର ଚରଣ ଉଦ୍ଦେଶ୍ୟରେ ପ୍ରଦୋଷର ସବୁ ସ୍ନେହ, ସବୁ ପ୍ରେମ, ସବୁ ସାଧନା, ସବୁ ତପସ୍ୟା ଉତ୍ସର୍ଗିତ। ପ୍ରଦୋଷତ ଖୁବ୍ ବଡ଼ ପଣ୍ଡିତ ଲୋକ, ବଡ଼ ଦାର୍ଶନିକ ଲୋକ; ସେ ଯେ ଏ ଦେଶଟାକୁ ଏତେ ଅନ୍ଧ ଭାବରେ କିପରି ଭଲ ପାଏ, ତାହା ମୁଁ ଅନେକ ସମୟରେ ବୁଝି ପାରେ ନାହିଁ; ତଥାପି ମୋର ମୁଣ୍ଡ ନଇଁ ପଡ଼େ ଭକ୍ତର ଏହି ସାଧନା ଆଗରେ।'

ଏ ସବୁ ବଡ଼ ବଡ଼ କଥାର ସୀମାନ୍ତ ବାଟେ କଦାପି ପିତେଶ୍ୱର ବାବୁ ଯାଇନାହାନ୍ତି, ସେ ଜିଲ୍ଲାର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବ ନା, ପେନାଲ କୋଡ଼, ଅର୍ଡିନାନ୍ସ ରୁଲ ଓ I have the honour to be, Sir, Your most obedient servant ହେଲେ ଧାମ ସବୁଲ୍। ଅବଶ୍ୟ ସେ କେତେକ କଂଗ୍ରେସ-ୱାଲାଙ୍କର ଶସ୍ତର ତର୍ ପୁଲିସ ସାହେବଙ୍କ ଇସାରା ମୁତାବକ ସେମାନଙ୍କୁ ଜେଲକୁ ଠେଲି ଥିଲେ। ସେଇମାନେହିଁ ଦେଶ କଥାକୁ ଭଲ ପାଇବା ଅପରାଧ କରୁଥିଲେ। ତା ଛଡ଼ା ଦେଶଟା ଯେ କେବେ ପୂଜ୍ୟ ବା ଭକ୍ତିର ଯୋଗ୍ୟ ଏ କଥା ସେ କେବେ ସ୍ୱପ୍ନ ମଧ୍ୟ ଦେଖି ନାହାନ୍ତି। ସେ କଣ ବୁଝି ପାରିଲେ ନାହିଁ।

ଏପୋଷି ବୃଦ୍ଧଣୀ ଗୋଟାଏ ଦୀର୍ଘନିଶ୍ୱାସ ଛାଡ଼ି କହିଲେ, 'ହଁ, ମାଆ ଯାର ନାହିଁ ନାଆଁ ତାର ନାହିଁ।'

ଛିଡ଼ା ଏରଦା ଉପରୁ ବ୍ରତନ ଆଡ଼କୁ ଘୁଞ୍ଚି ଗଲା।

—ତେଇଶ—

'ବୁଢ଼ା ହେଲଣି, ତାହାର ଲାଜ ଶରମ କରିବାକୁ ମୁଁ କହେଁ ନାହିଁ। କିନ୍ତୁ ମୋର ସାଆନ୍ତଙ୍କ ପୁଅ, ମୋ ମୂଳତ ନାମରେ ଯେ ଦିନରେ ବଦନାମ ହେବ, ସେ ମୋ ମୁହଁକୁ ଚାହିଁବ ନାହିଁ। ଏ କଥା ତମେମାନେ ଭଲରୂପେ ଜାଣି ରଖ'—ନାଏବ ବାବୁ ଧୀର ଗମ୍ଭୀର ସ୍ୱରରେ କହିଲେ।

ମଦନ ମିଶ୍ର କହିଲେ, 'ଉଚିତ କଥା। ସାନ ବାବୁଙ୍କ ପଢ଼ ଲେଖ, ତାଙ୍କ ଯେ ଆଁରେ ପୁଣି କଳଙ୍କ! ଧର୍ମ ସହିବ? ଛତ୍ର ପାଟିଶିଳ, ଛାଡ଼ ଦେସି ହେଲା। କେବେ ସେ ଗାଁର ଜମିଦାର୍ ପଦନ ହେଇ ନାହିଁ ନା? ବୁଝିଲେ ନାଏବ ବାବୁ, ଏ ସବୁ କେତେବେଳେ ବୁଦ୍ଧାମୁଣ୍ଡା କରିବାର କାମ!'

ଉପସ୍ଥିତ ଥିବା ଗାଁର ମୁଖିଆ ମୁଖିଆ ଲୋକେ ଏ କଥା ମାନିଲେ; ସେ କଥା ମୁହଁକୁ ସୁହାଁଲେ।

ଗୁରେଇ ପ୍ରଧାନ ମନେକଲା, ମଦନ ମିଶ୍ର କାଲେ ଖସିଯାଇ, ନାଏବ ବାବୁଙ୍କ ପାଖରେ ଭଲେଇ ହୋଇ ତାଙ୍କ ପାଖରେ ପଶାଇ-ବାକୁ ଚେଷ୍ଟା କରୁଛି। ସେ କହିଲା, 'ଧୋବଧାଉଳିଆ ଲୁଗା ପିନ୍ଧି, ଲକ୍ଷଣୀ ଦେଖିଲେ ମାର ଚୋରାନ୍ତ। କହୁନା ସାଙ୍ଗେ, କହୁନା ଲେଖହେବ। ସବୁକଥା କହିବାକୁ ଡରନ୍ତି କାହିଁକି? କହୋ ଆମେ ଏ ସବୁ କଥା କହିଣ ପାରିବୁ? କେମେ ସାପ ହୋଇ ଦଂଶିଲ, ଆଉ ଗୁଣିଆ ହୋଇ ଝାଡ଼ୁଛ? କହୋ ତ ଲେଖିହେବ!'

ଅଗାଧୁ ଚେଷ୍ଟା ମନେକଲି, ଏଥର ସବୁ କଥା ବାହାରି ପଡ଼ିବ। ଆଉ ରକ୍ଷା ନାହିଁ, କହିଲି, 'ହଁ, ସେଇଟା ତୁମେ ଆଉ କହିଣ? ଆମେ କହିଣ ଜାଣୁ? କେବଳ ଲୁଚିବ ଘରେ ତମେତ ସବୁ କହୁଛ?'

ଗାଁର ଆଉ ଯେଉଁମାନେ ଉପସ୍ଥିତ ଥିଲେ, ସେମାନେ ଅନୁଭବ କଲେ ଯେ ଏଥର ନାଏବ ବାବୁଙ୍କ କୋପଦୃଷ୍ଟି ସେମାନଙ୍କ ଉପରେ ପଡ଼ିବ, ସାନବାବୁ ସେମାନଙ୍କୁ ଶେଷ ଅବସ୍ଥା ନ କରି

ଛାଡ଼ିବେ ନାହିଁ । ପାଣିରେ ପଙ୍କ ବାନ୍ଧି କୁମ୍ଭୀର ସହିତ ବାଦ କରି କେତେଦିନ ଚଳି ହେବ ? ସେମାନେ ଯିବା କାଗଜେଇବ ଆଉ ତାଙ୍କ ଉପରେ ଦାଉ ସାଧୁ ଥିଲେ, ସେମାନଙ୍କର ଲୁଚକର କଥାକୁ ନେଇ ହିଁ ଏ ଅମୋଦ ଉପଭୋଗ କରୁଥିଲେ; କିନ୍ତୁ ମାତ୍ର ଭିତରେ ଯେ ମାତ୍ର ଅର୍ଥ, ସେ କଥାଟା ତାଙ୍କୁ ଜଣା ନାହିଁ; ଅଳ୍ପ ଖୋଳି ଖୋଳି ଯେ ମନ୍ତଃଦେବ ବାହାରିଲେ, ସେମାନେ ତାଙ୍କୁ ନେଇ କରିବେ କଅଣ ? ପବନ ମିଶ୍ର ଯେ ଏ ସବୁର ମୂଳ ଏଥିରେ ତ ସେମାନଙ୍କର ସନ୍ଦେହ ନାହିଁ । ଜଗଦେବ ବୁଢ଼ା ବାର ବାପାର ଶ୍ରାଦ୍ଧ ଦିନ ମିଶ୍ରଙ୍କୁ ଖଣ୍ଡେ ଲୁଗା ଦେଇ ପାରି ନ ଥିଲା । ସେଥିପାଇଁ ମିଶ୍ରେ ଶ୍ରାଦ୍ଧ ଉପରୁ ଉଠି ଆସିଥିଲେ । ଅଭିମାନଭରା ଦିନଦାନ ଯେମିତି ବୁଢ଼ା ଲୁଗା ଖଣ୍ଡେ ପାଅନ୍ତା କୁଆଡ଼ୁ ? ସେ ଛିଣ୍ଡା ପିନ୍ଧିଛି, ବା ସେଇ ଛିଣ୍ଡା ପିନ୍ଧିଛି, ସମସ୍ତେ ଆଖିରେ ଦେଖୁଛନ୍ତି; ସେ କଅଣ ଘରକୁ ଶତ ମିଶ୍ରଙ୍କୁ ଲୁଗା ଖଣ୍ଡେ ଦଅନ୍ତା ? ହେଲା, ତାଙ୍କ ଉପରେ ଦମର ସ୍ୱର ହେଲା, ତା ବୋଲି ଗାଆଁ ଲୋକଙ୍କୁ ସାଙ୍ଗରେ ବାନ୍ଧି ତାଙ୍କ ଉପରେ ଦାଉ ସାଧିବ ? ବର୍ତ୍ତମାନ ଏ ବିପତ୍ତି ପଡ଼ିଲା, ସମ୍ଭାଳିବ କିଏ ? ଗ୍ରାମବାସୀଙ୍କର ସବୁ କ୍ରୋଧ ପଡ଼ିଲା ମିଶ୍ରଙ୍କ ଉପରେ । ସେମାନେ ମନେ ମନେ ଠିକ୍ କରି ନେଲେ; ଜମିଦାରର ସାହାଯ୍ୟ ପାଇ ସେମାନେ ପବନ ମିଶ୍ରଙ୍କୁ ଉଚିତ ଦଣ୍ଡ ଦେବେ । ସେମାନେ ମନେ ମନେ ସୁରେଇ ପଧାନଙ୍କୁ ସମର୍ଥନ କଲେ ।

ନାଏବ ବାବୁ ଗମ୍ଭୀର ସ୍ୱରରେ ବସି ବସି ସବୁ ଲକ୍ଷ୍ୟ କରୁଥିଲେ ।

ପବନ ମିଶ୍ରେ ଜଳି ଉଠିଲେ ପଧାନ ଉପରେ । ସେ ତାଙ୍କୁ ଧରି ପକାଇଲୁ ବୋଲି ମନେକଲା । ନାଏବ ବାବୁଙ୍କୁ କହିଲା, 'ବୁଝିଲେ ବାବୁ, ଏବୁଡ଼ାଟା ଗଣ୍ଡ—ଦୁଷ୍ଟ ଗଣ୍ଡ । ଏଇ ଦୁଷ୍ଟଟା ବଡ଼ ମେଳିଆ ହୋଇ ବାହାରିଛି, ପ୍ରଜାଙ୍କୁ ମତାଉଛି, ଖଜଣା ଦଅନା ବୋଲି କହୁଛି । ଏଇଟାକୁ ଉଚିତ୍ ନ କଲେ ଗାଆଁର ମଙ୍ଗଳ ନାହିଁ । କରେ, ରାଜା ପ୍ରଜା ସମ୍ପର୍କ; ଚନ୍ଦ୍ର ସୂର୍ଯ୍ୟ ଯେତେଦିନ ଅଛନ୍ତି, ଏ ସମ୍ପର୍କ ରହିବ । ତମେ ଏଥିରେ ହାତ ଦେଉଛ, ବଂଶରେ ବତି ଦେବାପାଇଁ କେହି ରହିବ ନାହିଁ — ବତି ଦେବାକୁ କେହି ରହିବ ନାହିଁ ।'

ନାଏବ ବାବୁ ହଠାଏ ମାନ ହୁଇଲେ ।

ସୁରେନ୍ ପଧାନର ଚିତ୍ତ ଉଦଗନ୍ଧ ଛଡ଼ା ହୋଇ ପଡ଼ ଗଉ ଡଣ୍ଡ ଡହଲ, 'ଏ ପବନା, ଦେନା—ଡର ଲଗି ପଡ଼ବ, ଲାଜ ଲଗି ପଡ଼ବ । ତରେ ମୁଁ କେଉଁଠି ? ମୁଁ ତୋ ବାପା, ତା ବାପାର ବଡ଼ ବହୁତ—ମୁଁ କେଉଁଠି ? କେଉଁଠି ମୁଁ ନା ହୁ । ସେଦିନ ଦନସାହ ମତେ ଶିଖେଇଲୁ—'ଅଭ ଜଣଙ୍କେବ ଡଥା ଖଉବ, ଭଣଙ୍କେବ ଡଥା ଖଉବ ।' ସ୍ଵରରେ ମେ କଥା ଲୁ ଲଦେଭ ପଦେଭଲୁ । ଜମିଦାରର ଦଣ୍ଡ ହୁଭ ଗଡ଼ ବୋଲି ଡହୁଲୁ । ଭଟଙ୍କେବ ସିଂଥରୁ ଷାନ ବାବୁ ଲୁଗା ଦେଲେ ବୋଲି କହିଲୁ, କ୍ଷେତ୍ର ଭୋଇଲେ ଭଗଙ୍କେବ ସିଂଥ ଲଗା ସ୍ଵରରେ ଲଫାଫ ଯ ଏ ବୋଲି ଡହିଲୁ, ଅମେ ଏଡ଼ରୁ ଡଡ ଭାଷିଥିଲୁ, ସୁଣି ଦେଲୁ । ଡଜୁ ନା ପାଞ୍ଚ, ବେବୁଷଏ ?'

ଅଦାଲ୍ଡ ଦେବ୍ଲେଷ୍ଵ ଭଡାବରେ ସାକ୍ଷୀ ଦେବା ଲାଗରେ ନାଏବ ବାବୁଙ୍କୁ କୌଣ୍ଟ ଡର ଡହଲ, 'ହୁଜୁର, ସ୍ଵପବଭ ଘରେ, ସବୁ ସାଙ୍ଗ-ବାଲଙ୍କ ଅଗରେ ପଡ଼ଜ ମିଥ୍ ଏ ସବୁ ଡହଲା ଏ ଡଥା ସଭ । ତରେ ସୁଜଥ ଷଇ ଡଜୁ ନାହିଁ ।'

ନାଏବ ବାବୁଙ୍କ ଅଖି ହଠାତ୍ ନଅଁ ପଡ଼ ଲଲ ହୋଇଗଲା । ସେ ଗମ୍ଭୀର ସ୍ଵରରେ କହିଲେ, 'ମୁଁ ସବୁ ଜାଣିଛି, ସବୁ ଭାଷିଛି । ସେଇଥି ପାଇଁ ସମସ୍ତଙ୍କୁ ଡାକିଲି ଅଣିଥିଲି । ମୁଁ ତମମାନଙ୍କୁ କହୁ ଅଛି, ଏ ବିଷୟରେ ଦୋଷୀ ଯେ, ସେ ମୋ ହାତରୁ ରକ୍ଷା ପାଇବ ନାହିଁ । ବୁଢ଼ା ସାଅନ୍ତେ ନାହାନ୍ତି, କିନ୍ତୁ ତାଙ୍କ ଭଲମ ମୋ ପାଖରେ ମଧ୍ୟ ଅଛି କଲ ବଳ । ଗାଁର ଦାନ୍ତାଖ ଭଲ ଡରବ, ସେଇଭ ତମ ଦାନ୍ତ ହୋଇ ପାରିବ ନାହିଁ, ତମେ ଡରବ ଯେତେ ଖରୁଚ । ଧରଣୀ ଜଣଙ୍କେବ ବୁଢ଼ାଟା, ତା ସାଙ୍ଗରେ ଲଢ଼ି ତମେ କ ପଣ ପାଇବ । ତା ସିଂଥଟି ଭାଙ୍ଗିଥି, ତମେ ଘରେ ଭଅଣ ସିଂଥ ନାହିଁ, ତାକୁ ଦେଖି ତମର ଦୟା ହେଲା ନାହିଁ, ତା ନାଅଁରେ ତମେ ମିଛ କହୁଛ ? ଲୁଚିଥାଅ ! ୧ଥର ଦଣ୍ଡ ଦେବାର ସ୍ଵର ମୁଁ ଠାକୁରଙ୍କ

ହାତକୁ ଛାଡ଼ି ଦେଉଛ, ଆଉ ଥରେ ସେପରି ଏସବୁ କଥା ମୋ କାନକୁ ନ ଆସେ ।'

ସାଆଁ ଲୋକେ ଦରଜାକୁ ଫେରିଲେ । ସାନ ବାବୁ ବଇଠକ ଉପରେ ବୁଲି ବୁଲି ଟହଲୁ ଥିଲେ, ତାଙ୍କୁ ଦେଖି ଏମାନେ 'ଜୁହାର' କଲେ ।

ବଡ଼ ପାହାଚ ଚାରି ପାଞ୍ଚ ପ୍ରଦୋଷ ଦରଜା ଉପରକୁ ଉଠି ଗଲା । ବାହ୍ୟାଡ଼ମ୍ବର ଶୂନ୍ୟ ହେବା ପରେ ସମସ୍ତ ସେପରି ଶତରଞ୍ଜ, ମସ୍ତରଙ୍ଗ, ପଲଙ୍କର ତୋଲିଆ, ନାଏବ ବାବୁ ସେଥିପରି ବସି ଥିଲେ ।

ପ୍ରଦୋଷ କହିଲା, 'ଏମାନେ କୁଆଡ଼େ ଆସି ଥିଲେ, କାକା ?'

ନାଏବ ବାବୁ ହସିବାର ଚେଷ୍ଟା କରି କହିଲେ, 'ଏଇ ଜମିଦାରର କାମ ଯୋଗୁଁ ବେଳେ ବେଳେ ସେମାନେ ଦରଜାକୁ ଆସନ୍ତି, ସେମିତ ଆସିଥିଲେ । ଏ ସ୍ୱଭାବ ଅଛି ତ ନା, ବେଳେବେଳେ ଏମାନଙ୍କୁ ବୁଝାଇ ସୁଝାଇ, ବେଳେବେଳେ ନାଲି ଆଖି ଦେଖାଇ ଏମାନଙ୍କଠାରୁ କାମ ଆଦାୟ କରିବାକୁ ହୁଏ । ବସ, ବାବା !'

ପ୍ରଦୋଷ ଖଣ୍ଡେ ଚୌକିରେ ବସିଲା ।

ନାଏବ ବାବୁ କହିଲେ, ଏମାନେ ମଣିଷ, କିନ୍ତୁ ଏମାନଙ୍କୁ ମଣିଷ କହିଲେ ଭୁଲ ହେବ । ମଣିଷ ଯାହାକୁ ନେଇ ମଣିଷ—ହୃଦୟ, ବୁଦ୍ଧି ବୃତ୍ତି, ଦୟା, କ୍ଷମା—ଏ ସ୍ୱଭାବ ଯେମିତି କେଉଁ ପିଶାଚ ଅଲକ୍ଷିତରେ ଶୋଷି ପିଇ ଯାଉଛି । ଏମାନେ ଅଧିକାଂଶ ଗରିବ; କିନ୍ତୁ ଦାରିଦ୍ର୍ୟର ଗୌରବ ନାହିଁ ଏମାନଙ୍କ ଠାରେ—ଅଛି ଦାରିଦ୍ର୍ୟର ସମସ୍ତ ଦୋଷ, ସମସ୍ତ ହୀନତା, ସମସ୍ତ ଆବର୍ଜନା । ଏତେ ହୀନତା ଏମାନଙ୍କ ଭିତରେ ପୂରି ରହିଛି ଯେ, ଦେଖିଲେ ତମର ନିଜ ଉପରୁ ମଧ୍ୟ ବିଶ୍ୱାସ ତୁଟି ଯିବ । ଏମାନେ ଦୟା, କ୍ଷମା, ସ୍ନେହ, ସହାନୁଭୂତିକୁ ଅତି ଦୁର୍ବଳ ଭାବରେ ବୁଝନ୍ତି ବା ଆଦୌ ବୁଝି ପାରନ୍ତି ନାହିଁ; ସେମାନେ ବୁଝନ୍ତି—ବଳକୁ, ଉଦ୍ଧତ ପାଶବ ବଳକୁ—

ତେତୁଳର ବଳ, ଧନର ବଳ । ତାଙ୍କ ସ୍ତ୍ରୀ ଯେ ଯେତେ ଭଲ ହୋଇ ଥାଉ, ସେମାନଙ୍କ ଦୃଷ୍ଟିରେ ସେ ସେତେ ତୁଚ୍ଛ; କିନ୍ତୁ ସେମାନଙ୍କ ଉପରେ ଯେ ଥାଇ ଯେତେ ଅତ୍ୟାଚାର କରିବା ଶକ୍ତି ଅଛି, ଜବରଦସ୍ତି କରିବା କ୍ଷମତା ଅଛି, ସେମାନେ ତାକୁ ସେତେ ମାନନ୍ତି ସେତେ ଡରନ୍ତି ।'

ପ୍ରଦୋଷ ମନେକଲା ବାଉ ରୋଗ ବନ୍ଧୁ ଯେପରି ସମୁଦାୟ ମାଛି ଘୁଞ୍ଚେଇ ଯାଉଛି; ଯେଉଁ ଘର ଉପରେ ଛୁଟି ଚାଲି ସେ ଜୀବନ ପରିଚାଳନା କରୁଛି, ନାଏବ ବାବୁଙ୍କ କଥାକୁ ଯଦି ସ୍ୱୀକାର କରାଯାଏ, ତେବେ ତାହାର କୌଣସି ପ୍ରତିଷ୍ଠା ରହିବ ନାହିଁ । ସେ ଅବଶ୍ୟ ପଦେ କହିଲା, 'ଠିକ୍ ତ ।'

ନାଏବ ବାବୁ ହସି ହସି କହିଲେ, 'ଠିକ୍ ନା; କିନ୍ତୁ ଏହାହିଁ ବାସ୍ତବ ଶାସ୍ତ୍ରକଥା । ସୁଦୀର୍ଘ ବର୍ଷ ଧରି ଏମାନଙ୍କ ସହିତ ମିଶି ମୁଁ ଏଇ କଥାଟା ଖୁବ୍ ଭଲ ଭାବରେ ବୁଝିଛି ।'

ସେ ଦିନ ଜମିଦାର ସ୍ଥାନ ଓ ଟଙ୍କା ଫେରାଇ ଦେବା ବିଷୟ ନାଏବ ବାବୁ ପ୍ରଦୋଷଙ୍କୁ ଉପଦେଶରେ କହୁଥିଲେ, 'ହଁ, ଦିଆ ଦେଲ, ବାବୁଙ୍କ ଘରେ ଥିଲେ ଯାହା ମୋ ଘରେ ଥିଲେ ସେହିତା । ବର୍ତ୍ତମାନ ଚାଲି ଯାଉଛି । ଏସବୁ ରହିଲେ ଖରଚ ହୋଇଯିବ ।'

—ଚଉଦ—

ନଈ କୂଳରେ ବୁଲୁ ବୁଲୁ ପ୍ରଦୋଷ ଗୋଟାଏ ଗଛ ମୂଳରେ ଯେ କିପରି ହୋଇ ବସିଛି, ତାହା ତାକୁ ଜଣା ନାହିଁ ।

ନିଜ ମନ ଭିତରେ ସୁନ୍ଦର କର୍ମର ସୂତ୍ର । ନା, ନାଏବବାବୁଙ୍କ ମତକୁ ତ ଅବଶ୍ୟ କହିବାର କିଛି କାରଣ ନାହିଁ । ଏଇ ପଲ୍ଲୀର ଲୋକେ—ଏମାନେ ତ ଭାରତର ସାତ ଲକ୍ଷ ଗାଁରେ ପୂରି ରହି ଛନ୍ତି; ଏମାନେ ତ ପ୍ରକୃତ ଭାରତର ଅଧିବାସୀ । ଏମାନେ ମନୁଷ୍ୟ-ତାକୁ ବୁଝନ୍ତି ନାହିଁ ? ଏମାନେ ଦୟା, କ୍ଷମା ଆଦି ମନୁଷ୍ୟର ଉଚ୍ଚତର

ପ୍ରବୃତ୍ତି ସ୍ଫୁରଣ ଚଳି ପାରନ୍ତି ନାହିଁ ? ଏମାନଙ୍କ ଭିତରେ ହୀନତା ସ୍ଥିର ରହିଛି ? ଏ କଥା ସତ ବୋଲି ମାନିବାକୁ ପଡ଼ିବ; କିନ୍ତୁ ଏହା ସତ ହେଲେ ଏହାର କାରଣ କଅଣ, ଏହାର ପ୍ରତିକାର କଅଣ ? ମନୁଷ୍ୟ ସ୍ୱଭାବତଃ ଚିରକାଳ ଉନ୍ନତର ପ୍ରବୃତ୍ତିର ଉପାସକ; ସଭ୍ୟତାର ପନ୍ଥାର ଅନ୍ୱେଷଣ କରିବା, ଉନ୍ନତରୁ ଉନ୍ନତତର ହେବାର ଚେଷ୍ଟା କରିବା ତ ମନୁଷ୍ୟର ସହଜାତ ପ୍ରବୃତ୍ତି । ଏଇଥିପାଇଁ ତ ତା ଭିତରେ ନୈସର୍ଗିକ ଅସନ୍ତୋଷର ଅଗ୍ନି ଜୀବନର ଉତ୍ତାପ ପରି ସବୁବେଳେ ଜଳୁଛି । ତେବେ ସେ ଏତେ ହୀନ, ଏତେ ନୀଚ କାହିଁକି ? କଳ୍ପନାର ଚମକ ପରି ତା ଆଗରେ ଗୋଟାଏ କଥା ଖେଳିଗଲା—ଏ ସବୁର କାରଣ ପରାଧୀନତା । ପରାଧୀନତାର ଦୁର୍ଭେଦ୍ୟ ପ୍ରାଚୀର ଦେହରେ ମୁଣ୍ଡ ପିଟି ପିଟି ଯେତେବେଳେ ମନୁଷ୍ୟର ସମସ୍ତ ଆଶା, ଆକାଙ୍କ୍ଷା, ଅଗ୍ରଗମନର ଚେଷ୍ଟା ବିଫଳ ହୋଇପଡ଼େ, କ୍ଳାନ୍ତ ଅବସନ୍ନ ହୋଇ ପଡ଼େ, ସେତେବେଳେ ସେ ଲେଉଟି ପଡ଼େ ସେହି ପ୍ରାଚୀର ମୂଳରେ ଅକ୍ଷମତାର ସମସ୍ତ ଅବସାଦକୁ ଛାତିରେ ଚାପିଧରି । ତା ଭିତରେ ଜାତ ହୁଏ ହତାଶା; ତା ଭିତରେ ଜଳୁଥିବା ଆକାଙ୍କ୍ଷାର ଦୀପ ଶିଖା ଲିଭିଯାଏ, ଅକ୍ଷମତା ଗ୍ଳାନିରେ ତାହାର ଚତୁର୍ଦ୍ଦିଗ ଅନ୍ଧକାର-ମୟ ହୋଇଯାଏ । ସେ ପରାଧୀନତାକୁ ଦୁର୍ଭେଦ୍ୟ, ଦୁଶ୍ଛେଦ୍ୟ, ଅଦମ୍ୟ ପ୍ରାକୃତିକ ଅବସ୍ଥା ବୋଲି ମାନି ନିଏ । ତାହାରି ଫଳରେ ତାର ସମସ୍ତ ଦୃଷ୍ଟିଶକ୍ତି ଫେରି ବୁଲେ ଅବନତିର ଅନ୍ଧକାରମୟ ଗଭୀର ଗହ୍ୱର ଆଡ଼କୁ । ତା ଭିତରେ ସହଜାତ ପ୍ରବୃତ୍ତି ରୂପେ ଜାଗ୍ରତ ଥିବା ଉନ୍ନତର ପ୍ରବୃତ୍ତି ସ୍ଫୁରଣ ଅନୁଶୀଳନ ଅଭାବରେ ଅକର୍ମଣ୍ୟ ହୋଇ କ୍ରମେ କ୍ରମେ ମରି ଯାଏ—ସେ ହୋଇପଡ଼େ ହୀନ, ନୀଚ, ଅକର୍ମଣ୍ୟ – କେଣ୍ଟୁ ଈର୍ଷ୍ୟାନ୍ୱିତ, ପରଶ୍ରୀକାତର, ଘୃଣାଜନକ ଭାବରେ ସ୍ୱାର୍ଥପର । ପ୍ରଦୋଷ ସ୍ତମ୍ଭୀଭୂତ ହୋଇ ଛିଡ଼ା ହୋଇ ରହିଲା । ତାର ଚିନ୍ତାର ଧାରା ସହଜ ପଥରେ ଗତି କଲା ।

ସେ ଦେଖିଲା, ପରାଧୀନତାର ଏକମାତ୍ର ପ୍ରତିକାର ସ୍ୱାଧୀନତା । ସ୍ୱାଧୀନତାର ସୂର୍ଯ୍ୟ ଉଦୟାଚଳରେ ଦେଖା ଦେବା ମାତ୍ରେ ଶତାବ୍ଦୀ

ବ୍ୟାପୀ ସୂଚୀଭେଦ୍ୟ ଅନ୍ଧକାର ଅପସାରିତ ହୋଇଯିବ; ଆସିବ ଆଶା, ଆକାଂକ୍ଷା, କର୍ମମୟ ଦିନ । ଆସିବ ଉତ୍ସବ, ଆନନ୍ଦର ସମୟ । ପୁଣି ମଳୟ ବହିବ, ପୁଣି ବୃକ୍ଷଅଙ୍ଗେ ଫୁଲ ଫୁଟିବ, ପୁଣି ଜନ୍ମଭୂମିର କୁଞ୍ଜେ କୁଞ୍ଜେ ପକ୍ଷୀ ଗୀତ ଗାଇବେ । ଆଉ କି ହୀନତା, ଦୀନତା ରହି ପାରେ ? ଆଉ କି ମନୁଷ୍ୟର ମନୁଷ୍ୟତା ପ୍ରତି ଚରମ ଅପମାନ ମୁଣ୍ଡ ଟେକି ପାରେ ? ସ୍ୱାଧୀନ ଭାରତର ଗରିମାମୟ ଛବି ପ୍ରଦୋଷର ଆଖିଆଗରେ ନାଚି ଉଠିଲା । ସେହିପରି ନିସ୍ତବ୍ଧ ଭାବରେ ଛିଡ଼ା ହୋଇ ସେ ତାହା ଉପଭୋଗ କରିବାରେ ଲାଗିଲା ।

ଧୀରେ ଧୀରେ ସେ ଘର ଆଡ଼କୁ ଫେରିଲା । ତୋଟା ଭିତର ସେଇ ବାଟ । ସେଠିରେ ଛିଡ଼ା ହୋଇ ରହିଥିଲା ଜଣେ ସ୍ତ୍ରୀ ଲୋକ; ତା ଦେହରେ ଖଣ୍ଡେ ଛିଣ୍ଡା ଲୁଗା । ପ୍ରଦୋଷର ଦୃଷ୍ଟି ସେ ଆଡ଼କୁ ଗଲା; କିନ୍ତୁ ପର ମୁହୂର୍ତ୍ତରେ ତାର ଭଦ୍ର ଅନ୍ତଃକରଣ ତାର ଦୃଷ୍ଟିକୁ ଅନ୍ୟ ଆଡ଼କୁ ଫେରାଇ ଦେଲା । ସେ ବାଟ କଟାଇ ଆଗକୁ ଚାଲିଲା ।

ତାର ମନେ ହେଲା, ସ୍ତ୍ରୀ ଲୋକଟି ଯେପରି ତାକୁହିଁ ଅପେକ୍ଷା କରି ଛିଡ଼ା ହୋଇଛି । ସେ ପଛ ଫେରି ଚାହିଁଲା, ଦେଖିଲା ଯେ ବାଟ କଡ଼ରେ ସେହିପରି ଭାବରେ ଛିଡ଼ା ହୋଇଛି ।

ପ୍ରଦୋଷ ଫେରିଲା, ତା ପାଖରୁ ଖଣ୍ଡେ ଦୂରରେ ଛିଡ଼ା ହୋଇ କହିଲା, 'ତମେ ମତେ ଅପେକ୍ଷା କରିଛ ?'

ସ୍ତ୍ରୀଲୋକଟି ମୁଣ୍ଡ ହଲାଇ ସମ୍ମତି ଜଣାଇଲା ।

—'ତମେ କଅଣ କହିବାକୁ ଚାହଁ ? ତମେ କିଏ ?'

ସ୍ତ୍ରୀଲୋକଟିର ସର୍ବାଙ୍ଗ କମ୍ପି ଉଠିଲା ବୋଲି ପ୍ରଦୋଷର ମନେ ହେଲା । ସେ ଧୀରେ ଧୀରେ କହିଲା, 'ମୁଁ ମାଳତୀ—ଜଗଦେବଙ୍କ ଝିଅ ।'

ନିଃସ୍ପୃହ ଭାବରେ ପ୍ରଦୋଷ କହିଲା, 'କଅଣ କହୁଛ ତମେ ?'

ତାର ଦୃଷ୍ଟି ମାଳତୀର ମଳିନ ମୁଖର କେତେକାଂଶ ଉପରେ ବୁଲୁଥିଲା ।

ମାଳତୀ ତା ଆଡ଼କୁ ଚାହିଁଲା; ସମୁଦାୟ ବିଶ୍ୱବ୍ରହ୍ମାଣ୍ଡର ଅଭିଯୋଗ ସେ ଚାହାଣୀ ଭିତରୁ ଫୁଟି ବାହାରୁ ଥିଲା । ସେ କହିଲା, 'ମୁଁ ଆପଣଙ୍କୁ ଗୋଟାଏ କଥା ପଚାରୁଛି । ଆମେ ଗରିବ ବୋଲି ଆମକୁ ଅପମାନ ଦେଇ ଆପଣ କି ଲାଭ ପାଇଲେ ? ଆଗରୁ ଦୁଃଖ ଦୁର୍ଦ୍ଦଶାରୁ ଜଳନ୍ତା ନର୍କ ଭିତରକୁ ଠେଲି ଦେଇ ଆପଣଙ୍କର କି ଉପକାର ହେଲା ? ଗାଆଁରେ ସମସ୍ତେ ଆମକୁ ଛି, ଛି, କରୁଛନ୍ତି, ଆମ ମୁହଁ କେହି ଚାହୁଁ ନାହାନ୍ତି । ମୋର ବାପାଙ୍କ ମୁହଁକୁ ଚାହିଁ ମୋ ଛାତି ଫାଟି ଯାଉଛି । ଆପଣ ଏସବୁ ଖବର ରଖି ଥିବେ କି । ଆପଣ ବଡ଼ ଲୋକ ବୋଲି ଆମେ ନିରୀହ ଗରିବ ଦୁଇଟାକୁ ଏ ଅବସ୍ଥା ଭିତରକୁ ଠେଲି ଦେଇ କି ସୁଖ ପାଉଛନ୍ତି, କହିଲେ ?'

ଗୋଟାଏ ଜ୍ୱାଳାମୟ ଅଗ୍ନିଶିଖା ହାଉଇ ବାଣକୁ ଯେପରି ଊର୍ଦ୍ଧ୍ୱଶ୍ୱାସରେ ଉପରକୁ ଉଠାଇ ନେଇ ଯାଏ, ଏହା ନିଃଶ୍ୱାସରେ ମାଳତୀ ତାର ରକ୍ତାକ୍ତ ଅଭିଯୋଗ ଗୁଡ଼ାକ କହି ପକାଇ ସ୍ତବ୍ଧ ହୋଇଗଲା । ତା ଆଖିରୁ ବୋହି ପଡ଼ିଲା ଦୁଇଧାର ଅଶ୍ରୁ ।

କେତେ ଦୁଃଖ, କେତେ ଯନ୍ତ୍ରଣା ଯେ ତାର ଏହି ଅଭିଯୋଗ ଭିତରେ ପୂରି ରହିଛି, ତା ଅନ୍ତର୍ଯ୍ୟାମୀ ଜାଣନ୍ତି । ସେ ଯେଉଁ ଦେବତା-ଟିକୁ ସିଂହାସନରେ ସ୍ଥାପନ କରି, ତାରି ଉଦ୍ଦେଶ୍ୟରେ ନିଜର ସର୍ବସ୍ୱ ଉତ୍ସର୍ଗ କରି ଦେଇଥିଲା, ତା ଉପରେ ପ୍ରଚଣ୍ଡ ଆଘାତ ପରେ ପ୍ରଚଣ୍ଡ ଆଘାତ ପଡ଼ୁଛି; କିନ୍ତୁ ମାଳତୀ ନିଜର ବକ୍ଷ ପତାଇ ଆଘାତର ସେ ସବୁ ପ୍ରଚଣ୍ଡତା କାଢ଼ି ନେଉଛି, ରଖିଛି ଦେବତା ଉଦ୍ଦେଶ୍ୟରେ ଅଞ୍ଜଳିବଦ୍ଧ ନମସ୍କାର । ତାର ସ୍ୱପ୍ନଟି ଯେତେବେଳେ ବାସ୍ତବତାର କ୍ରୂର ଆଘାତରେ ଚୂର୍ଣ୍ଣୀଭୂତ ହୋଇଯିବାକୁ ବସିଛି, ସେତେବେଳେ ତାର ହୃଦୟ ଧୂଳିରେ ଲୁଣ୍ଠିତ ହୋଇ ପଡୁଛି; କିନ୍ତୁ ସେହି ଧୂଳି ମୁଠାକୁ ଧରି ସେ ଗଠନ କରୁଛି ନୂତନ ସ୍ୱପ୍ନର ଦୁର୍ଭେଦ୍ୟ ଆବରଣ । କ୍ରୋଧ ଓ ଅବିଶ୍ୱାସର ଝଞ୍ଜା ଯେତେବେଳେ ପ୍ରଳୟଙ୍କର ବେଗରେ ବହି ଯାଉଛି ତା ମନ ଭିତରେ, ସେତେବେଳେ ତାର ସମୁଦାୟ ଅନ୍ତସ୍ତଳରେ ସେ ନିଜର ଅଶାନ୍ତିକୁ ଅବରୁଦ୍ଧ କରି ରକ୍ଷା କରୁଛି ତାକୁ

ଝଡ଼ର ଅବକାଶ ମୁଖରୁ । ଯାତନାର ମହାଶ୍ମଶାନ ଭିତରେ ସେ ଆସନ ପକାଇ ରଖିଛି, ଫୁଲଡାଲି ସଜାଡ଼ି ରଖିଛି ତାର ଦେବତାଙ୍କର ଆଗମନ ଅପେକ୍ଷାରେ । ସନ୍ଧ୍ୟାର ଶଙ୍ଖଧ୍ୱନିପୂର୍ଣ୍ଣ ଅନ୍ଧକାର ଭିତରେ ସେ ଦୀପଟିଏ ଜାଳି ମନ୍ଦିରଦ୍ୱାର ଖୋଲି ରଖିଛି । ସେ ସହୁ ଯାଉଛି—ମୁହଁବୁଜି ସବୁ ସହୁ ଯାଉଛି । ସମାଜର ବଦ୍ରୂପ ହାସ୍ୟ, କୁତ୍ସାର ଇଙ୍ଗିତ, ସଙ୍କେତ, ପ୍ରଶ୍ନାକୁଳ ଅବସ୍ଥାରେ ନିର୍ଦ୍ଦୟ ନିଷ୍ପୀଡ଼ନ ତ ତାକୁ ବ୍ୟଥିତ କରି ନାହିଁ, ତାକୁ ନିବୃତ୍ତ କରି ପାରି ନାହିଁ; ତାର ଦେବତାଙ୍କୁ ସେ ଦୁଃଖର ବେଶରେ, ଯାତନାର ନିପୀଡ଼ନ ଭିତରେ ପାଇଛି ବୋଲି ତ ଅତି ନିବିଡ଼ କରି ପାଇଛି, ଅତି ଆପଣାର କରି ପାଇଛି । ଏହି ପାଇବା ଯେ କେତେ ବଡ଼ ପାଇବା, ତାହା ମାଳତୀ ନିଜର ଅନ୍ତରରୁ ସହଜ ଅନୁଭବ କରୁଥିଲା । ସେଥିପାଇଁ ବେଳେ ବେଳେ ତାର ମନେ ହେଉଥିଲା, ଏହି ପାଇବାର ଭାରରେ ସେ ଭାଙ୍ଗି ପଡ଼ିବ, ଏହି ପାଇବାର ସ୍ପର୍ଶରେ ସେ ଚୂର୍ଣ୍ଣୀଭୂତ ହୋଇଯିବ । ତା ଭିତରେ ସଞ୍ଚିତ ହୋଇଥିବା ମୂକ ସ୍ୱରର ମୂକ ଭାଷା ମୁଖର ହୋଇ ଉଠିଲା, ଚଞ୍ଚଳ ହୋଇ ଉଠିଲା, ବାଣୀରୂପେ ଆତ୍ମପ୍ରକାଶ କରିବା ପାଇଁ ତାହାର ବକ୍ଷର ରୁଦ୍ଧ ଦ୍ୱାରରେ ଅନବରତ କରାଘାତ କରୁଛି । ସେ ଅପେକ୍ଷା କରି ରହୁଛି ।

କିନ୍ତୁ ଆଉ ତ ସେ ଅପେକ୍ଷା କରି ପାରୁ ନାହିଁ, ତାର ଅପେକ୍ଷା କରିବା ଶକ୍ତି ଯେପରି କ୍ରମେ କ୍ରମେ କମି ଆସୁଛି ବୋଲି ସେ ଅନୁଭବ କରୁଛି, ସବୁ କଥା ବୋଧହୁଏ ଅକୁହା ରହିଗଲା, ସବୁ ପୂଜା ବୋଧହୁଏ ଦାଣ୍ଡର ଧୂଳିରେହିଁ ସାଙ୍ଗ ହେଲା ବୋଲି ତାର ମନେ ହେଲା । ସେ ଅସ୍ଥିର ହୋଇ ପଡ଼ି; ସେହି ଅସ୍ଥିରତାର ସୁଯୋଗରେହିଁ ତା ମନ ଭିତରେ ଅଭିଯୋଗ ପରେ ଅଭିଯୋଗ ପୁଞ୍ଜିଭୂତ ହୋଇ ଉଠିଲା ।

ମାଳତୀକୁ ଦୁଇଦିନ ହେଲା ଜ୍ୱର; କିନ୍ତୁ ସେ କାହାରିକୁ ସେ କଥା ଜାଣିବାକୁ ସୁଯୋଗ ଦେଇ ନାହିଁ । ସେ ଆଗ ପରି ଏକା ଗାଧୋଇ ଯାଏ ନଈକୁ, ଘର କାମ କରେ, ଚୁଲି ଲଗାଇ ଯାହା ମିଳିଲା ସଙ୍ଗେ, ବୁଢ଼ାକୁ ଖାଇବାକୁ ଦିଏ, ଜ୍ୱରର ଉତ୍ତପ୍ତ ମସ୍ତିଷ୍କ

ନେଇ ଆକାଶ ପାତାଳ ଖାଲି ଖାଲି ପଣ ରହେ । ଗାଧୋଇ ଗଲା-ବେଳେ ସେ ଗଛମୂଳକୁ ଚାହେଁ ଆଜି ତାର ବକ୍ଷ ଭେଦ କରି ଉଠେ ଏକ ଦୀର୍ଘଶ୍ୱାସ ।

ସେଦିନ ସେ ନଈରୁ ଫେରୁଥିଲା । ଦୂରରେ ମାନବାବୁଙ୍କୁ ଦେଖି ଯନ୍ତ୍ରଚାଳିତ ପରି ଛିଡ଼ା ହୋଇଗଲା; ତା ଭିତରେ ଜମାହୋଇ ରହିଥିବା ଅଭିଯୋଗ ତାକୁ ଠେଲି ପେଲି ସେଠାରେ ଛିଡ଼ା କରାଇ ରଖିଥିଲା । ମାନବାବୁ ତାକୁ ବାଟ କଟାଇ ଗଲେ, ତାକୁ ଚିହ୍ନି ପାରିଲେ ନାହିଁ । ଏଥିରେ ତାର ଭଲ ପାଇବାର ସମସ୍ତ ଶକ୍ତି ଉଦ୍‌ଭ୍ରାନ୍ତ ହୋଇଗଲା; ସେ ତାର ଅଭିଯୋଗରେ ଆକ୍ରୋଶର ସମସ୍ତ ଜ୍ୱାଳା ମିଶାଇ ପ୍ରଦୋଷକୁ ଦଂଶନ କଲା; ପରମୁହୂର୍ତ୍ତରେ ନିଜର ଦୁର୍ବଳତାରେ ନିଜେ ଭାଙ୍ଗି ପଡ଼ିଲା ।

ପ୍ରଦୋଷ ଏସବୁ କିଛି ବୁଝି ପାରିଲା ନାହିଁ, ସେ ମୂକ ପରି ଚାହିଁ ରହିଲା ମାଳତୀ ଆଡ଼କୁ ।

ମାଳତୀ ଧୀରେ ଧୀରେ ଚାଲିଗଲା ।

ପ୍ରଦୋଷ ଅନେକ ସମୟ ସେଇଠାରେ ଛିଡ଼ା ହୋଇ ସ୍ୱର୍ଗମର୍ତ୍ତ୍ୟ ଭାବିବାରେ ଲାଗିଲା । ଥରେ ତାର ମନେ ହେଲା, ମାଳତୀର ଆକ୍ରୋଶ-ଭରା ଦୃଷ୍ଟି ଭିତରୁ ମଧ୍ୟ ଅମୃତର ସ୍ପର୍ଶ ଧାଇଁ ଆସୁଥିଲା ତାହା ଆଡ଼କୁ; କିନ୍ତୁ ତାହା ନିମିଷକ ପାଇଁ । ପରକ୍ଷଣରେ ତାର ସମ୍ମୁଖସ୍ଥ ଦୃଶ୍ୟକୁ ଆଲୋଡ଼ିତ କରି ଉଠିଲା, ମାଳତୀର ଶୀର୍ଣ୍ଣ, ମଳିନ ମୂର୍ତ୍ତି । କେତେ ଦୁଃଖ, କେତେ ଜ୍ୱାଳା ସେ ତାହାର ଚକ୍ଷୁରେ, ମୁଖରେ—ଶରୀରର ପ୍ରତି ପରମାଣୁରେ ସେମାନଙ୍କର ପଦଚିହ୍ନ ଅଙ୍କିତ କରି ଯାଇଛନ୍ତି । ତାହା ଦେଖି ପ୍ରଦୋଷର ସ୍ନାୟୁ ଶିରା ରକ୍ତାକ୍ତ ହୋଇଗଲା । ତାର ମନେହେଲା, ଯୁଗ ଯୁଗ ଧରି ପ୍ରପୀଡ଼ିତ ମାନବ—ବ୍ୟଥା ବୋଧହୁଏ ମାଳତୀର ମୂର୍ତ୍ତି ଗ୍ରହଣ କରି ତାରି ଉଦ୍ଦେଶ୍ୟରେ ଅଭିଯୋଗର ଅଙ୍ଗୁଳି ନିର୍ଦ୍ଦେଶ କରୁଛି; ବୋଧହୁଏ ଏହାହିଁ ପ୍ରଳୟଙ୍କର ମହାଶକ୍ତି ଉଦ୍ଦେଶ୍ୟରେ ଅଛି ପ୍ରପୀଡ଼ିତର ଶାଶ୍ୱତ ନିବେଦନ, ବୋଧହୁଏ ଏହାହିଁ ପୃଥିବୀ ବୁକୁରେ ମାଡ଼ିବସିଥିବା ଅନ୍ୟାୟ ବିରୁଦ୍ଧରେ ଗଭ ଓ

ଅନାଗତରେ ତରୁଣ ଅହ୍ୱାନ, ପ୍ରଦୋଷ ବ୍ୟସ୍ତ ହୋଇ ପଡ଼ିଲା, ବିବ୍ରତ ହୋଇ ପଡ଼ିଲା; ତାର ସହାନୁଭୂତି ଶତବାହୁ ବିସ୍ତାର କରି ମାଳତୀ ଉଦ୍ଦେଶ୍ୟରେ ଧାଇଁଗଲା ।

ଗୋଟାଏ ପ୍ରଶ୍ନ ତା ମନରେ ଉଠିଲା, ଗାଁର ଲୋକେ ତା ଯୋଗୁଁ ମାଳତୀକୁ ଛି ଛି କରିବେ କାହିଁକି? ସେ ଯେ ସେମାନଙ୍କର ଦୁଃଖ ଦୁର୍ଦ୍ଦଶାର କାରଣ ହେଲା କିପରି? ସେ ସେମାନଙ୍କର ତ କିଛି ଭଲ କରି ପାରି ନାହିଁ, ତାଙ୍କ ଆଖିରୁ ଲୁହ ପୋଛି ଦେବାର ଶକ୍ତି ନାହିଁ ତାର; କିନ୍ତୁ ସେ ଯେ କେବେହେ ସେମାନଙ୍କର ଦୁଃଖର କାରଣ ହୋଇପାରେ, ଏ କଥା ତ ସେ ସ୍ୱପ୍ନରେ ଭାବି ନାହିଁ ।

ସେ ଭାବିଲା, ସେଇ ଶାଢ଼ୀ ଭୁଇଁଖଣ୍ଡି! ଏହାର କୁତ୍ସିତ ଇଙ୍ଗିତ ରକ୍ତାଗ୍ନିଶିଖା ପରି ତାର ଗୋଡ଼ତଳୁ ଉଠି ମସ୍ତିଷ୍କ ଭେଦ କରି ଚୁଲିଗଲା ।

କିଛିକ୍ଷଣ ପରେ ଦୀର୍ଘଶ୍ୱାସ ସହିତ ତାର ଆଖି ଆଗରେ ଭାସି ଉଠିଲା—ସେଇ ଛିଣ୍ଡାଲୁଗା ଖଣ୍ଡି ।

## ପଚଶ

ସନ୍ଧ୍ୟାବେଳୁ ପ୍ରଦୋଷ ମାଳତୀର ମୁଣ୍ଡ ପାଖରେ ବସିଛି ।

କରୁଣ ଦୃଷ୍ଟିରେ ମାଳତୀ ତାଙ୍କ ମୁହଁକୁ ଚାହିଁଲା, ତାଙ୍କର ଡାହାଣ ହାତଟାକୁ ନିଜ ଦୁଇହାତ ଭିତରେ ଚାପିଧରି କହିଲା, 'ତମେ ଯାଅନାହିଁ—ମୋ ପାଖରେ ବସ ।'

ପ୍ରଦୋଷ ଧୀରେ ଧୀରେ କହିଲା, 'ହଁ, ମୁଁ ଯାଉନାହିଁ କୁଆଡ଼େ; ଏଇଠି ବସିଛି । ତମେ ଶୋଇପଡ଼ ।'

ମାଳତୀର ହାତ ମୁଠା ଭିତରେ ପ୍ରଦୋଷର ହାତ ରହିଲା; ସେ ଆଖି ବୁଜିବାର ଚେଷ୍ଟା କଲା ।

ଡକ୍ଟର ଗୋଟାଏ ଇଞ୍ଜେକ୍‌ସନ ସଜାଡ଼ୁ ସଜାଡ଼ୁ କହିଲା, 'ଡେଲିରିୟମ ଟିକିଏ କମି ଆସୁଛି । କ୍ରାଇସିସ୍ କ୍ରମେ ନିକଟ ହୋଇ ଆସିଲା ।'

ପ୍ରଦୋଷ ତା ଆଡ଼କୁ ଚାହିଁ ରହିଲା ।

ସେଇ ଯେ ମାଳତୀକୁ ଜ୍ୱର ହୋଇଥିଲା, ତାହା ନିଉମୋନିଆରେ ପରିଣତ ହେଲା । ମାଳତୀ ବିଛଣା ଧରିଲା । ଗାଁଆରେ ତ ଡାକ୍ତର ନାହିଁ, ଡାକ୍ତରଖାନା ନାହିଁ, ବୁଢ଼ା ଜଗଦେବର କି ସମ୍ବଳ ଅଛି ଯେ ଝିଅର ଚିକିତ୍ସା କରିଇ ପାରିବ ।

ପ୍ରଦୋଷ ପାଖରେ ଖବର ପହଞ୍ଚିଲା ଗାଆଁ ଭିତରୁ । ସେ ଭୁବନକୁ ଡକାଇ ଆଣିଲେ । ନିଜେ ଜଗଦେବର ଘରକୁ ଯାଇ ଚିକିତ୍ସାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରି ଦେଲେ । ରୋଗିଣୀ ପାଖରେ ବସି ଆଶ୍ୱାସନା ଦେଲେ ।

ଆଜି ସକାଳୁ ମାଳତୀର ଅବସ୍ଥା ଖରାପ ଆଡ଼କୁ ଯାଉଛି । ଦିପହରବେଳେ ଭୁବନ ଡେଲିରିୟମ ଆରମ୍ଭ ହୋଇଯାଇଥିବା କଥା ପରୀକ୍ଷା କରି କହିଲା । ସଞ୍ଜବେଳକୁ ରୋଗିଣୀର ଶ୍ୱାସକଷ୍ଟ ଖୁବ ବଢ଼ି ଗଲା । ପ୍ରଦୋଷ ମାଳତୀର ମୁଣ୍ଡ ପାଖରେ ବସି ରହିଲା ।

ନାଏବ ବାବୁ ବାରମ୍ବାର ଆସି ଦେଖି ଯାଉଥିଲେ । ଗାଆଁର ଲୋକେ ମାଳତୀର ଚିକିତ୍ସାର ଏପରି ବ୍ୟବସ୍ଥା ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ; ପଧାନ ମିଶ୍ରେ ମୁରବିପଣିଆ ଦେଲେ ।

ମାଳତୀର ଶ୍ୱାସକଷ୍ଟ ବେଶୀ ବଢିଲା, ପୁଣି ସେ ବକାବକା ଆରମ୍ଭ କଲା—'ଲୋକ ଏମିତି କୁଆଡ଼େ । ଏମିତି କହେଇ କି ଲାଭ ପାଉଛ ? ନା, ନା, ମୁଁ ତମ ଦୋଷ ଦେଉ ନାହିଁ,—ଆମର ସେ ଗାଈଟା—କିଏ ଦେଇ—ଖାଇଣା । ହଉ, ତମ ଇଚ୍ଛା—ତମ ଯୋଗୁ ସିନା ସାରା ମୋତେ ଦେଖି ହସୁଛି । ପଚାରିଲେ ତମ ମାନ ତଳେ ପଡ଼ି ଯାଆନ୍ତା' ? ତମେ ବଡ଼ଲୋକ···ବାପା , ସେ ହଳାଟା,.ମୂଷା ଖାଇଗଲା । ବଉ—ବଉ— ।"

ଛାତି ଭିତରଟାରେ ନିଃଶ୍ୱାସ ପବନସ୍ରୋତ ଯେପରି ଅଟକି ଅଟକି ଯାଉଥିଲା, ପ୍ରଦୋଷର ସେମିତି ମନେ ହେଲା ।

ନିସ୍ତବ୍ଧ ପଡ଼ି ମାଳତୀ ପଡ଼ି ରହିଲା ।

ରାତି ବେଶୀ ହେଲା । ବିଲୁଆଗୁଡ଼ାକ ଭୁକି ଉଠିଲେ, ଗାଆଁର କୁକୁରଗୁଡ଼ାକ ଅଶାନ୍ତ ହୋଇ ଚିତ୍କାର ଆରମ୍ଭ କରିଦେଲେ । ଗାଆଁ ଭିତର ଗୋଟାଏ ଗଛର ଖୁଣ୍ଟା ଡାଳରେ ବସି ପେଚା ଦୁଇଟା ଡାକୁଥିଲେ ।

ମାଳତୀ ପୁଣି କରୁଣ ଦୃଷ୍ଟିରେ ପ୍ରଦୋଷ ଆଡ଼କୁ ଚାହିଁଲା ; ସେ ଯେମିତି କାହାକୁ ଖୋଜୁଛି, କିଏ ଖୋଜୁଛି—ସେହିପରି ଭାବ ଫୁଟି ଉଠିଲା ତାର ଦୃଷ୍ଟିରେ । ସେ ଧୀରେ ଧୀରେ କହିଲା, 'ମଲେ କଣ ତମକୁ ଦେଖି ପାରିବ ନାହିଁ ?'

ପ୍ରଦୋଷ ଅନ୍ୟମନସ୍କ ପରି କହିଲା, 'ତମେ ଭଲ ହୋଇଯିବ, କିଛି ଭୟ ନାହିଁ ।'

ଭୁବନ ଗୋଟାଏ ଆଉନ୍‌ସ ଗ୍ଲାସରେ କିଛି ଔଷଧ ତା ମୁହଁରେ ଦେଲା । ମାଳତୀ ତା ଆଡ଼କୁ ଚାହିଁ କହିଲା, 'ମତେ ଭଲ କରି ଦିଅ ।'

ଭୁବନ ଡାକ୍ତର, ତଥାପି ତାର ଚକ୍ଷୁ କୋଣରେ ଦୁଇଟୋପା ଲୁହ ଦେଖାଦେଲା । ମନୁଷ୍ୟର ଜୀବନ ରଖିବା ପାଇଁ କେତେ ଅକ୍ଷମ ତାର ଡାକ୍ତରି ବିଦ୍ୟା । ସେ ତାହା ଆଜି ଅତି ତୀବ୍ର ଭାବରେ ଅନୁଭବ କଲା ।

ରାତି ବଢ଼ିଲା । ମାଳତୀ ବେହୋସ ହୋଇ ପଡ଼ିଲା । ଭୁବନ ଇଂରାଜୀରେ କହିଲା, 'The last moment is approaching.'

ପ୍ରଦୋଷ ପ୍ରସ୍ତର ମୂର୍ତ୍ତି ପରି ସେହିଠାରେ ବସି ରହି ମାଳତୀର ଲୁଣ୍ଠିତ କେଶ ଉପରେ ହାତ ବୁଲାଉ ଥିଲା ।

ହଠାତ୍ ମାଳତୀ ପ୍ରଦୋଷ ମୁହଁ ଆଡ଼କୁ ଚାହିଁଲା । ତା ପରେ ସବୁ ଶେଷ ।

ତୋଟା ଆର ପାଖ ମଶାଣିରେ ଚିତାନଳ ଜଳି ଉଠିଲା ।

ପ୍ରଦୋଷ ଆଉ ଭୁବନ ଅଳ୍ପ ଦୂରରେ ଗୋଟାଏ ଗଛ ମୂଳେ ବସି ସେଇ ଆଡ଼କୁ ଚାହିଁ ରହିଥିଲେ ।

ପ୍ରଦୋଷର ମନ ଭିତରେ ଉଚ୍ଛୃଙ୍ଖଳ ଝଡ଼ ତାଣ୍ଡବ ଲୀଳା ଲଗାଇ ଥିଲା । ଅତି ଆକସ୍ମିକ ଭାବରେ କିଏ ଯେ କୁଆଡ଼େ ହୋଇଗଲା

ସେ କିଛି ବୁଝି ପାରୁ ନ ଥିଲା; ଖାଲି ଆର୍ତ୍ତ ହାହାକାର କରି ଉଠୁଥିଲା ତାର ଅନ୍ତରାତ୍ମା । ସେ ଖାଲି ମନେ କରୁଥିଲା, ତା ଭାଗ୍ୟରେ ଦେବତାର ଅଲକ୍ଷ୍ୟ ଆଶୀର୍ବାଦ ପରି ଯାହା ଓହ୍ଲାଇ ଆସିଥିଲା, ତାକୁ ଚହ୍ନିବା ପୂର୍ବରୁ; ଜାଣିବା ପୂର୍ବରୁ ସେମିତି ଅପରିଚିତ ଭାବରେ ମହାଶୂନ୍ୟରେ ଉଭେଇ ଗଲା ।

ପୂର୍ବ ଚକ୍ରବାଳ କୋଳରେ ଲାଲର ରେଖାର ଆଗମନୀ ସ୍ପର୍ଶ ଫୁଟି ଉଠିଲା; ଗୋଟାଏ ବଡ଼ ତାରା ଆକାଶର ଝାପଳ ପରି ଦେଖା ଯାଉ ଥିଲା ।

ବୁଢ଼ା ଜଗଦେବ ମାଲଣୀର ବନ୍ଧଣାର ମୂର୍ତ୍ତ ପାଖରୁ ନୂଆ ଶାଢ଼ୀ ଦୁଇ ଖଣ୍ଡ କାଢି ଚିତା ଭିତରକୁ ପକାଇ ଦେଇ ଆଖି ପୋଛିଲା ।

—ଛବିଶ—

ପ୍ରଦୋଷ ଉପସ୍ଥିତ ବ୍ୟକ୍ତିମାନଙ୍କ ଅଭ୍ୟର୍ଥନା କରିବା, ସେମାନଙ୍କ ଚର୍ଚ୍ଚା ବୁଝିବାରେ ବ୍ୟସ୍ତ ।

ଭୁବନର ଘରେ ବିବାହ ଭୋଜି । ସହରର ପ୍ରକୃତ ଗଣ୍ୟମାନ୍ୟ ଲୋକେ ଉପସ୍ଥିତ ଥିଲେ ।

ପ୍ରଦୋଷର ମଧ୍ୟସ୍ଥତାରେ ପ୍ରଣତି ସହିତ ଭୁବନର ବିବାହ ହୋଇ ଯାଇଛି । ଏଥିରେ ସିଦ୍ଧେଶ୍ୱର ବାବୁ, ତାଙ୍କ ଗୃହିଣୀ ସମସ୍ତେ ଆନନ୍ଦିତ ।

ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ଭିତରେ କୃଷ୍ଣବାଙ୍କର ଅନ୍ୟତମ । ପ୍ରଦୋଷକୁ ଦେଖି ସେ କହିଲେ, 'ଅର୍ଥାତ୍ ଠିକ ହେଲା ନା ?'

ପ୍ରଦୋଷ ହସି ହସି କହିଲା, 'ଅର୍ଥାତ୍ ବୁଝି ପାରିଲି ନାହିଁ ।'

କୃଷ୍ଣଭଙ୍କର ଟିକିଏ ଅପ୍ରତିଭ ହେଲେ, କହିଲେ—'ଏହି ବିବାହ । ଠିକ୍ ନା ?'

ପ୍ରଦୋଷ କହିଲା, 'ନିଶ୍ଚୟ ଠିକ; ଏଥିରେ ସନ୍ଦେହ ଅଛି ?'

କୃଷ୍ଣଭଙ୍କର ଗୋଟାଏ ସୁବିଧା ପାଇଲେ, 'ଅର୍ଥାତ୍ କୃଷ୍ଣଚୈତନ୍ୟଙ୍କ ଇଚ୍ଛା !'

—'ନିଶ୍ଚୟ, ନିଶ୍ଚୟ ! ଅର୍ଥାତ—'

—'ଆପଣ କେବେ କୃଷ୍ଣଚୈତନ୍ୟଙ୍କୁ ମାନନ୍ତି ?'

—'ଆରେ ଭଲ କଥା ! ମୁଁ ଆପଣଙ୍କୁ ମାନେ ଆଉ କୃଷ୍ଣ-ଚୈତନ୍ୟଙ୍କୁ ମାନେ ନା' କୃଷ୍ଣଭକ୍ତଟିର ବିମର୍ଷ ହୋଇ ପଡ଼ିଲା, କହିଲା, 'ଆପଣ ଥଟ୍ଟା କରୁଛନ୍ତି ।'

—'ଆପଣ ଯେ ଥଟ୍ଟାର ମଣିଷ !'

ସେତେବେଳେ ଉତ୍ସବର ବାଦ୍ୟ ନୀରବ ହୋଇ ଯାଇଥିଲା; ଅତିଥିମାନେ ବିଦାୟ ଗ୍ରହଣ କରୁଥିଲେ । ତଥାପି ପ୍ରଦୋଷର ଅବସର ନାହିଁ । ସେ ତଥାପି ବାକି ଲୋକମାନଙ୍କ ଖାଇବା ବିଷୟ ବୁଝୁ ଥିଲା । ଯେପରି କି ଆଜି ତାକୁ କାମର ନିଶା ଧରିଛି; ଯେପରି କି ଆଜି ତାକୁ ସବୁ କାମ ଶେଷ କରିବାକୁ ହେବ ।

ଭୁବନ ଆସି ଡାକିଲା, 'ତୁ ଟିକିଏ ଫୁରସତ୍ ନେବୁ ନାହିଁ ?'

ପ୍ରଦୋଷ ମିଠେଇ ହାଣ୍ଡିଟି ତଳେ ଥୋଇ ଦେଇ କହିଲା, 'ଫୁରସତ୍ ? ଆଉ ଟିକିଏ କାମ ଅଛି; ତା ପରେ ଫୁରସତ୍—ପୂରା ଫୁରସତ୍, ପୂର୍ଣ୍ଣ ବିଶ୍ରାମ । ଚାଲ ଯିବା ଘର ଭିତରକୁ ।'

ଘର ଭିତରକୁ ପଶୁ ପଶୁ ପ୍ରଦୋଷ ଡାକିଲା, 'ପ୍ରତିଭା ଦେଈ କାହୁଁରେ ।'

ପ୍ରତିଭା ଆସି ତାକୁ ଭୂମିଷ୍ଠ ନମସ୍କାର କଲା ।

'ଉଠ, ଉଠ । ଆରେ ସାନ ଭଉଣୀଟା ଏମିତି ନମସ୍କାର କଲେ ଯେ, ମୋର ପରମାୟୁ କ୍ଷୀଣ ହେବ !'

ତା ପରେ କାମିଜ ପକେଟରୁ ବଡ଼ ଏକ କାଗଜ କାଢ଼ି ସେ ପ୍ରତିଭା ହାତକୁ ଦେଇ କହିଲା, 'ନେ ! ତୋର ଉପରେ ଏହି ହତଭାଗା ଭୁବନ ଆଉ ମୋର ହତଭାଗିନୀ ଭଉଣୀ ଚନ୍ଦ୍ରାର ସମୁଦାୟ ଭାର ଦେଇଗଲି । ତୁ ସେମାନଙ୍କୁ ଚଳାଇବୁ । ସେମାନଙ୍କୁ ମଣିଷ କରି ଗଢ଼ିବୁ । ମୋର ସମୁଦାୟ ସମ୍ପତ୍ତି ମୁଁ ଭୁବନକୁ ଲେଖି ଦେଉଛି, ସେଥିରୁ ଚନ୍ଦ୍ରା ଝର୍ ଭଲ ଭାବରେ ଚଳିବାର ଯଥେଷ୍ଟ ବ୍ୟବସ୍ଥା

କରୁଛି । ଏ ଭାର ଏତେ ଦିନକେ ମୋ ମୁଣ୍ଡରୁ ଓହ୍ଲାଇବାକୁ ମତେ ଯେ କେଡ଼େ ହାଲୁକା ଲାଗୁଛି, କହିପାରିବି ନାହିଁ ।

ଭୁବନ ନିର୍ବାକ୍ ହୋଇ ଛିଡ଼ା ହୋଇଥାଏ ।

ପ୍ରଦୋଷ ହସି ହସି କହିଲା, 'ତୁ ଏ ସବୁଥିଁ କଅଣ କରିବୁ ଭାବୁଛୁ ତ ! ଦେଶ ସ୍ୱତନ୍ତ୍ର ହେଉ, ତାରବାଦ ଭୁବନଟାର ବୟସ୍ ବୁଦ୍ଧି ଖୁବ୍ କମ୍ । ତୁ କଅଣ କରିବୁ, ଏଇତ ? ତୁ ଏ ସମ୍ପତ୍ତି ଖର୍ଚ୍ଚକରି ଗୁଡ଼ାଏ ମଣିଷ ପରି ମଣିଷ ଗଢ଼ିବୁ, ସେମାନଙ୍କର ଦେହହେବ ଇସ୍ପାତ୍‌ଠାରୁ ଟାଣ, ମନ ବଜ୍ରଠାରୁ କଠିନ, ସେମାନେ ହେବେ ଦେଶର ସ୍ୱାଧୀନତାର ସୈନିକ; ସେମାନଙ୍କର ଜୀବନ, ମନ, ସମୁଦାୟ ଅସ୍ତିତ୍ୱ ଦେଶପାଇଁ ଉତ୍ସର୍ଗିତ ହୋଇଥିବ । ସେମାନଙ୍କ ସମ୍ମୁଖରେ କେବଳ ଗୋଟାଏ ମନ୍ତ୍ର, ଏକ ନିଦ୍ରା, ଏକ ଜାଗରଣ ସବୁବେଳେ ରହିଥିବ— 'ସ୍ୱାଧୀନତା ବା ମରଣ ।' ଲିଓନିଡ଼ାସ୍ ଯେପରି ସ୍ପାର୍ଟାନ ବୀରମାନଙ୍କୁ ଗଢ଼ିଥିଲେ, ଏମାନଙ୍କୁ ସେହିପରି ପିଲାଦିନୁଁ ବଜ୍ରକଢ଼ ଶିକ୍ଷାପଦ୍ଧତି ଅନୁସାରେ ଗଢ଼ିବାକୁ ହେବ । ଭାରତର ସ୍ୱାଧୀନତା ଲାଭ ପରେ— ସେମାନେ ସ୍ୱାଧୀନତା ରକ୍ଷାପାଇଁ ଜୀବନ ଉତ୍ସର୍ଗ କରିବେ । ତୋଠାରୁ ଏ ଦାୟିତ୍ୱ ବେଶୀ କିଏ ପାରିବ ? ତୋଠାରୁ ଏ ଦାୟିତ୍ୱରେ ବେଶୀ କିଏ ଯୋଗ୍ୟ ? ଏତେଦିନ ଯେଉଁ ସ୍ୱପ୍ନ ମୁଁ ଦେଖିଥିଲି; ତାକୁ ରୂପ ଦେବାର ଭାର ତୋରି ହାତରେ ଅର୍ପଣ କରି ଦେଇଗଲି ।'

ତା ପରେ ଟିକିଏ ରହି କହିଲା, 'ମୁଁ ଜାଣେ, ରଞ୍ଜା ତୋତେ ଏ କାମରେ ସାହାଯ୍ୟ କରିବ; ସେ ମଧ୍ୟ ମନୁଷ୍ୟ ଗଠନ କାମକୁ ଜୀବନର ବ୍ରତ କରି ନେବ । ସେ ଯେତେଦିନ ପଢ଼ୁଛି ପଢ଼ୁ, ତା ପରେ ସେ ଆସି ତୋର ପାଖରେ ଛିଡ଼ା ହେବ ।'

ଭୁବନର ଚକ୍ଷୁ ଅକାରଣେ ବାଷ୍ପାକୁଳିତ ହୋଇ ଆସିଲା, ପ୍ରଭାତ କାଗଜ ଖଣ୍ଡିକ ଧରି ମୂକପରି ଛିଡ଼ା ହୋଇ କହିଲା 'ଭାଇ...!'

—'ଆଜି ଗୋଟିଏ ଭଉଣୀ ମିଳିଲାରେ ଭୁବନ, ଆଉ ଗୋଟାଏ ଭଉଣୀ ! ଏଥର ମୋର ଅବସର, ଏଥର ମୋର ଛୁଟି, ଏଥର ମୋର ଫୁରସତ୍ !'

## — ସବେଭଣ —

ହରଦ୍ୱାରର ଗଙ୍ଗାକୂଳରେ ଖଣ୍ଡେ ସାନ କୁଟୀର ।

ଘର ଭିତରେ ଗୋଟିଏ ସାନ ସିଂହାସନ । ତା ଉପରେ ପୂଜା ଫୁଲରେ ସଜ୍ଜିତ ଭାରତବର୍ଷର ଖଣ୍ଡେ ମାନଚିତ୍ର ।

ଘରର ଗୋଟାଏ କଣରେ ଖଣ୍ଡେ ପୀଡାର ।

ସ୍ଥାନଟି ଜନଶୂନ୍ୟ—ଜନକସନ୍ତଠାରୁ ଦୂରରେ ।

ଦୂର ଦେବାଳୟରେ ସନ୍ଧ୍ୟା ଆରତିର ଘଣ୍ଟାଧ୍ୱନି ବାଜି ଉଠିଲା ।

କୁଟୀର ଭିତରୁ ଉଠିଲା. ଗମ୍ଭୀର ନାଦରେ ସ୍ତବ ଗୀତ —

ବନ୍ଦେ ମାତରମ୍

ସୁଜଳାଂ ସୁଫଳାଂ ମଳୟଜ ଶୀତଳାଂ
ଶସ୍ୟ ଶ୍ୟାମଳାଂ ମାତରଂ ।

ବନ୍ଦେ ମାତରମ୍ ।

ସ୍ତବ ଧ୍ୱନି ଶବ୍ଦ ତରଙ୍ଗରେ ନାଚି ନାଚି କ୍ଷୀଣରୁ କ୍ଷୀଣତର ହୋଇ କାଞ୍ଚନଜଙ୍ଘା, ଗୌରୀଶଙ୍କରର ତରତୁଷାର ଦେହରେ ନିଜର ସ୍ପର୍ଶ ଅଙ୍କିତ କଲା ।

ପଶ୍ଚିମ ଆକାଶରେ ପୂର୍ଣ୍ଣିମାର ଚନ୍ଦ୍ର ଦୀପକ ଜାଳୁଥିଲା ।